- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

BHUBANESWAR | ◆VOLUME- 43 ◆ISSUE-43 ◆WEDNESDAY ◆6 AUGUST 2025 ◆PAGE-12 ◆₹ 6.00

◆ବର୍ଷ-୪୩ ◆ସଂଖ୍ୟା-୪୩ ◆ବୁଧବାର ◆୬ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦





# ଭାସିଗଲା ଅନେକ ଗାଁ

## ୧୨ ମୃତ, ଶତାଧିକ ନିଖୋଜ

■ **ନୂଆଦିଲ୍ଲୀ, ୫।୮ (ଏଜେନ୍ସି):** ଉତ୍ତରାଖଣ୍ଡରେ ବାଦଲଫଟା ବର୍ଷା ଓ ବନ୍ୟାର ତାଣ୍ଡବ । ଅଚାନକ ପ୍ରବଳ ବର୍ଷା ଯୋଗୁଁ ଉତ୍ତରକାଶୀର ଉଚ୍ଚ ପାହାଡ଼ିଆ ଅଞ୍ଚଳରେ ବନ୍ୟା ଆସିବାରୁ ଅନେକ ଗାଁ ଭାସିଯିବା ସହିତ ଶହ ଶହ ଘର ଧ୍ୱଂସ ହୋଇଯାଇଛି । ଏଭଳି ଭୟଙ୍କର ପ୍ରାକୃତିକ ବିପର୍ଯ୍ୟରେ ଅତିକମରେ ୧୨ ଜଣ ବ୍ୟକ୍ତି ପ୍ରାଣ ହରାଇଥିବା ବେଳେ ଶତାଧିକ ନିଖୋଜ ଅଛନ୍ତି । ରିଲିଫ ଓ ଉଦ୍ଧାର କାର୍ଯ୍ୟ ଲାଗି ସେନାବାହିନୀକୁ ନିୟୋଜିତ କରାଯାଇଛି ।

**ନବୀନଙ୍କ ଶୋକ**

ସରକାରୀ ସୂତ୍ରରୁ ପ୍ରକାଶ ଯେ ଆଜି ଅପରାହ୍ଣରେ ଉତ୍ତରକାଶୀ ଓ ଧରାଲି ପାର୍ବତ୍ୟ ଅଞ୍ଚଳରେ ଅଚାନକ ପ୍ରବଳ ବର୍ଷା ହୋଇଥିଲା । ଏହାଯୋଗୁଁ ବନ୍ୟାପାଣି ତଳିଆ ଅଞ୍ଚଳକୁ ପ୍ରବଳ ବେଗରେ ମାଡ଼ି ଆସିଥିଲା । ଫଳରେ ଅନେକ ଗାଁରେ ବନ୍ୟା ପାଣି ପଶି ଶତାଧିକ ଘରକୁ ଭସାଇ ନେଇଥିଲା । ପ୍ରାଣ ବିକଳରେ ଲୋକେ ଦୌଡ଼ି ପଳାଉଥିବା ବେଳେ ସେମାନେ ମଧ୍ୟ ଏଥିରେ ଭାସିଯାଉଥିବାର ଭୟଙ୍କର ଦୃଶ୍ୟ ଦେଖିବାକୁ ମିଳିଥିଲା । ସରକାରୀ ଭାବେ ମୃତ୍ୟୁସଂଖ୍ୟା ୪ କୁହାଯାଉଥିବା ବେଳେ ସ୍ଥାନୀୟ ଲୋକେ କହୁଛନ୍ତି ଯେ ଅତିକମରେ ୧୨ ଜଣଙ୍କ ମୃତଦେହ ମାଟିତଳେ ପୋତି ହୋଇରହିଛି । ଆହୁରି ଶତାଧିକ ଲୋକ ନିଖୋଜ ଥିବା ସେମାନେ ଅଭିଯୋଗ କରିଛନ୍ତି । ଗଙ୍ଗୋତ୍ରିକୁ ଯିବା ରାସ୍ତାରେ ଧରାଲି ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ । ପର୍ବତର ଉଚ୍ଚସ୍ଥାନରେ ଅବସ୍ଥିତ ଏହି ଅଞ୍ଚଳରେ ଅନେକ ଗାଁ ରହିଛି । କେବଳ ଏତିକି ନୁହେଁ, ଏହି ଅଞ୍ଚଳରେ ପର୍ଯ୍ୟଟକମାନଙ୍କ ପାଇଁ ୨୦ରୁ ୨୫ଟି ହୋଟେଲ ଓ ହୋମଷ୍ଟେ ରହିଛି । ଏଗୁଡ଼ିକ ମଧ୍ୟ ବର୍ଷା ଓ ବନ୍ୟାରେ ଭାସିଯାଇଛି । ଖବର ମିଳିବା ପରେ କ୍ଷତିଗ୍ରସ୍ତ ଅଞ୍ଚଳକୁ ସେନାର ଯବାନମାନଙ୍କୁ ପଠାଯାଇଛି । ସେମାନେ ରିଲିଫ ଓ ଉଦ୍ଧାର କାର୍ଯ୍ୟରେ ଲାଗିଛନ୍ତି । ଉଦ୍ଧାର ଅଭିଯାନ ▶ପୃଷ୍ଠା-୭

### ୟୁପିରେ ଭୟଙ୍କର ବନ୍ୟା

## ପାଣି ଘେରରେ ୩୦୦ ଗାଁ

■ **ନୂଆଦିଲ୍ଲୀ, ୫।୮ (ଏଜେନ୍ସି):** ଉତ୍ତର ପ୍ରଦେଶର ଉତ୍ତର ଭାଗରେ ପ୍ରବଳ ବର୍ଷା ଯୋଗୁଁ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ବର୍ଷା ଯୋଗୁଁ ଗଙ୍ଗା ଓ ଜମୁନା ନଦୀର ଜଳସ୍ତର ବଢ଼ିବାରେ ଲାଗିଛି । ନଦୀ ପାର୍ଶ୍ୱ ଅଞ୍ଚଳରେ ବନ୍ୟା ଯୋଗୁଁ କେବଳ ପ୍ରୟାଗରାଜ ଜିଲ୍ଲାରେ ୩୦୦ରୁ ଅଧିକ ଗାଁ ପାଣି ଘେରରେ ରହିଥିବା ବେଳେ ୫ ଲକ୍ଷ ଲୋକ କ୍ଷତିଗ୍ରସ୍ତ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୧୨ ହଜାର ଲୋକଙ୍କୁ ନିରପଦ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି । ଉଦ୍ଧାର କାମରେ ଏନଡିଆରଏଫ୍‌ର ୬୦୦ ଯବାନଙ୍କୁ ନିୟୋଜିତ କରାଯାଇଛି । ୨୦୧୩ ରେ ଏହାସବୁ ଠାରୁ ଭୟଙ୍କର ବନ୍ୟା ବୋଲି କୁହାଯାଉଛି ।

### ପୁଣିଥରେ ଭାରତକୁ ଟ୍ରମ୍ପଙ୍କ ଧମକ

# ୨୪ ଘଣ୍ଟାରେ ଲାଗିବ ଅଧିକ ଶୁଳ୍କ

- ଆଉ ଭଲ ବାଣିଜ୍ୟ ସହଯୋଗୀ ରହିନାହିଁ ଭାରତ
- ରୁଷରୁ ତେଲ କିଣିବା ଯୁଦ୍ଧ ଯନ୍ତ୍ରକୁ ଇନ୍ଧନ ଦେବା ଭଳି
- ଭାରତ ସମର୍ଥନରେ ଋଷ




■ **ନୂଆଦିଲ୍ଲୀ, ୫।୮ (ଏଜେନ୍ସି):** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ବିରୁଦ୍ଧରେ ଏକ ବଡ଼ ବୟାନ ଦେଇଛନ୍ତି । ସେ ଆଜି ଭାରତକୁ ଶୁଳ୍କ ପ୍ରସଙ୍ଗରେ ପୁଣି ଥରେ ଧମକ ଦେଇଛି । ଯଦି ଭାରତ ରୁଷରୁ ତେଲ କିଣିବା ବନ୍ଦ ନ କରେ, ତେବେ ଆଗାମୀ ୨୪ ଘଣ୍ଟା ମଧ୍ୟରେ ଭାରତରୁ ଆସୁଥିବା ସାମଗ୍ରୀ ଉପରେ ଅତ୍ୟଧିକ ଶୁଳ୍କ ଲାଗୁ କରାଯିବ । ସେ କହିଛନ୍ତି ଯେ ଭାରତ ଆଉ ଆମେରିକାର ଏକ ଭଲ ବାଣିଜ୍ୟ ସହଯୋଗୀ ହୋଇ ରହିନାହିଁ ।

ଏହା ପୂର୍ବରୁ ସୋମବାର ଟ୍ରମ୍ପ ଭାରତ ବିରୋଧରେ ବିଷୋଦ୍‌ଗାର କରିଥିଲେ । ସେ କହିଥିଲେ ଯେ ଭାରତ ଋଷ ଠାରୁ ତେଲ କିଣି ଖୋଲା ବଜାରରେ ଏହାକୁ ବିକ୍ରି କରି ଭଲ ଲାଭ କମାଉଛି । ଋଷର ଯୁଦ୍ଧ ମେସିନ ଦ୍ୱାରା ୟୁକ୍ରେନରେ କେତେ ଲୋକ ମରୁଛନ୍ତି ତାହା ସେମାନଙ୍କୁ ଚିନ୍ତା ନାହିଁ । ଏଥିପାଇଁ ଆମେ ଭାରତ ଉପରେ ଲଗାଯାଇଥିବା ଶୁଳ୍କକୁ ଯଥେଷ୍ଟ ବୃଦ୍ଧି କରିବୁ । ସେ ଆହୁରିମଧ୍ୟ କହିଛନ୍ତି ଯେ, ଭାରତ ଆମେରିକାଠାରୁ ଅଧିକ ଦ୍ରବ୍ୟ କିଣି ନ ଥାଏ । ଯେତେବେଳେ ଆମେ ଭାରତଠାରୁ ଅଧିକ ସାମଗ୍ରୀ କିଣୁ । ଆଜି ଟ୍ରମ୍ପ ଏକ ଗଣମାଧ୍ୟମକୁ ସାକ୍ଷାତକାର ଦେବା ସମୟରେ ଏହି ବୟାନ ଦେଇଛନ୍ତି । ତାଙ୍କର ଏହି ବୟାନ ଏପରି ସମୟରେ ଆସିଛି ଯେତେବେଳେ ଗୋଟିଏ ଦିନ ପୂର୍ବରୁ ସେ କହିଥିଲେ ଯେ ଭାରତ ଉପରେ ଭାରୀ ଅର୍ଥାତ୍ ବହୁତ ଉଚ୍ଚ ଶୁଳ୍କ ଲାଗୁ ହେବାକୁ ଯାଉଛି । ଟ୍ରମ୍ପଙ୍କ ବାରମ୍ବାର ଆକ୍ରମଣ ପରେ ଭାରତ ସମର୍ଥନରେ ବାହାରିଛି ଋଷ । ରୁଷ କହିଛି ସବୁ ସାର୍ବଭୌମ୍ୟ ରାଷ୍ଟ୍ରଙ୍କର ସ୍ୱାଧୀନ ଭାବେ ବ୍ୟବସାୟ କରିବାର ଅଧିକାର ରହିଛି । ଧମକ ଚମକ ଦେଇ ଆମେରିକା ଋଷର ବାଣିଜ୍ୟ ସହଯୋଗୀଙ୍କଠାରୁ ତା'ର ସମ୍ପର୍କ ଛିନ୍ନ କରିବାକୁ ଚାହୁଁଛି । ଆମେରିକା ବେଆଇନ ଭାବେ ଏଭଳି ଟାର୍ଗେଟ୍ କରୁଛି ବୋଲି ଋଷ ପ୍ରବକ୍ତା ଦିମିତ୍ରି ପେସ୍‌କୋଭ କହିଛନ୍ତି । ଅପରପକ୍ଷେ ଆମେରିକାର ଏହି ଚେତାବନୀର ଭାରତ କଡ଼ା ▶ପୃଷ୍ଠା-୭

# ରାଜ୍ୟସଭାରେ 'ସିଆଇଏସ୍‌ଏଫ୍' ହଙ୍ଗାମା

### ବିରୋଧୀଙ୍କ ଅଭିଯୋଗକୁ ସରକାରଙ୍କ ଖଣ୍ଡନ



- ଖଡ଼ଗେଙ୍କ ମନ୍ତବ୍ୟକୁ ନେଇ ହଟ୍ଟଗୋଳ
- ହଟ୍ଟଗୋଳ ପରେ ଲୋକସଭା ବି ମୁଲତବୀ

■ **ନୂଆଦିଲ୍ଲୀ, ୫।୮ (ଏଜେନ୍ସି):** ବିହାରରେ ବିବାଦୀୟ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନକୁ ନେଇ ସଂସଦ ଆଜି ମଧ୍ୟ ଅଚଳ ରହିଛି । ଏହି ପ୍ରସଙ୍ଗରେ ମୁଲତବୀ ଆଲୋଚନା ପାଇଁ ବିରୋଧୀ ଦଳଙ୍କ ଦାବିକୁ ଅଗ୍ରାହ୍ୟ କରି ଦିଆଯିବାରୁ ଉଭୟ ଲୋକସଭା ଏବଂ ରାଜ୍ୟସଭାରେ ହଙ୍ଗାମା ହୋଇଥିଲା । ତେବେ ରାଜ୍ୟସଭାରେ ସିଆଇଏସ୍‌ଏଫ୍ ଯବାନଙ୍କୁ ନେଇ ପ୍ରବଳ ହଟ୍ଟଗୋଳ ହୋଇଥିଲା । ଏହି ପ୍ରସଙ୍ଗରେ ବିରୋଧୀଙ୍କ ଅଭିଯୋଗକୁ ସରକାର ଖଣ୍ଡନ କରିଥିବା ବେଳେ ବିରୋଧୀ ଦଳର ନେତା ମଲ୍ଲିକାର୍ଜ୍ଜନ ଖଡ଼ଗେଙ୍କ ଏକ ମନ୍ତବ୍ୟକୁ ନେଇ ଗୃହରେ କିଛି ସମୟ ପାଇଁ ଅଶାନ୍ତ ପରିବେଶ ସୃଷ୍ଟି ହୋଇଥିଲା ।

ଆଜି ରାଜ୍ୟସଭା ବୈଠକ ଆରମ୍ଭ ହେବାମାତ୍ରେ ବିରୋଧୀ ଦଳର ନେତା ମଲ୍ଲିକାର୍ଜୁନ ଖଡ଼ଗେ ଅଭିଯୋଗ କରିଥିଲେ ଯେ ଗୃହରେ ବିରୋଧୀ ଦଳଙ୍କ ସ୍ୱରକୁ ଚାପିବା ଲାଗି ସଶସ୍ତ୍ର ସିଆଇଏସ୍‌ଏଫ୍ ଯବାନଙ୍କୁ ମୁତୟନ କରାଯାଇଥିଲା । ସେ କହିଲେ ଯେ ଗୃହରେ ପ୍ରତିବାଦ କରିବା ଲାଗି ରାଜନୈତିକ ଦଳଙ୍କର ଗଣତାନ୍ତ୍ରିକ ଅଧିକାର ରହିଛି । କିନ୍ତୁ ସରକାର ସିଆଇଏସ୍‌ଏଫ୍ ଯବାନ ମୁତୟନ କରି ଭୁଲ ପରମ୍ପରା ସୃଷ୍ଟି କରୁଛନ୍ତି । ତେବେ ଉଭୟ ଉପାଧ୍ୟକ୍ଷ ହରବଂଶ ସିଂହ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ଏହାକୁ ଅସ୍ୱୀକାର କରିଥିଲେ । ସେମାନେ କହିଥିଲେ ଯେ ଗୃହରେ ସିଆଇଏସ୍‌ଏଫ୍ ନୁହେଁ, ମାର୍ଶଲ (ସଂସଦ ସୁରକ୍ଷା ବାହିନୀ)ଙ୍କୁ ମୁତୟନ କରାଯାଇଥିଲା । ଏସଂପର୍କରେ ବିଭ୍ରାନ୍ତି ସୃଷ୍ଟି କରୁଥିବାରୁ ଖଡ଼ଗେଙ୍କର ସମାଲୋଚନା କରିଥିଲେ ରିଜିଜୁ । ଏସଂପର୍କରେ ଗୃହର ଉପାଧ୍ୟକ୍ଷଙ୍କୁ ଖଡ଼ଗେ ଯେଉଁ ଚିଠି ଲେଖିଥିଲେ, ତାହା ପ୍ରକାଶ କରିବାରୁ ଉପାଧ୍ୟକ୍ଷ ଏହାକୁ ନାପସନ୍ଦ କରିଥିଲେ । ସିଆଇଏସ୍‌ଏଫ୍ ପ୍ରସଙ୍ଗ ନେଇ ହଟ୍ଟଗୋଳ ଚାଲିଥିବା ବେଳେ ଖଡ଼ଗେ ପ୍ରଶ୍ନ କରିଥିଲେ, ଏ ଗୃହ ଚଳାଉଛି କିଏ? ଉପାଧ୍ୟକ୍ଷ ▶ପୃଷ୍ଠା-୭

### ସରିବାକୁ ବସିଲାଣି ଶ୍ରାବଣ

# ଚାଷୀଙ୍କୁ ମିଳୁନି ସାର




■ **ଭୁବନେଶ୍ୱର, ୫।୮ (ସମିସ):** ଶ୍ରାବଣ ସରିବାକୁ ବସିଲାଣି, ରାଜ୍ୟ ସରକାର ଖରିଫ ଋତୁ ପାଇଁ ଯୋଜନା ପ୍ରସ୍ତୁତ କଲେଣି; ହେଲେ ଚାଷ ପାଇଁ ଜରୁରୀ ଆବଶ୍ୟକତା ଥିବା ସାର ଏଯାଏ ମିଳିପାରୁ ନାହିଁ । ସରକାରୀ କେନ୍ଦ୍ରରେ ସାରର ଅଭାବ ଯୋଗୁଁ ଚଢ଼ା ଦରରେ ସାର କିଣୁଥିବା ଚାଷୀଙ୍କ ମନରେ ଏଥିପାଇଁ ତୀବ୍ର ଅସନ୍ତୋଷ । ଯାହାକୁ ନେଇ ବିଭିନ୍ନ ସ୍ଥାନରେ ଆନ୍ଦୋଳନ ଦାନା ବାନ୍ଧୁଥିବା ମଧ୍ୟ ଦେଖାଯାଇଛି ।

ଚଳିତ ବର୍ଷ ଖରିଫ ଚାଷର ଆବଶ୍ୟକତାକୁ ଦୃଷ୍ଟିରେ ରଖି ରାଜ୍ୟକୁ ଏବେ ସୁଦ୍ଧା ପାଖାପାଖି ୮ ଲକ୍ଷ ମେଟ୍ରିକ୍ ଟନ୍ କେନ୍ଦ୍ରରୁ ମିଳିସାରିଛି । ଆଗକୁ ଆଉ ଦେଢ଼ ଲକ୍ଷ ମେଟ୍ରିକ୍ ଟନ୍ ଆସିବ ବୋଲି କୁହାଯାଉଛି । ପୂର୍ବରୁ ରବି ବେଳର ବଳକା ୪ ଲକ୍ଷ ମେଟ୍ରିକ୍ ଟନ୍ ବିଭିନ୍ନ ଜିଲ୍ଲାରେ ରହିଛି । ମୋଟ ସାରରୁ ପ୍ରାୟ ୬ ଲକ୍ଷ ମେଟ୍ରିକ୍ ଟନ୍ ବିକ୍ରି ଶେଷ ହୋଇଥିବା କୃଷି ବିଭାଗ କହୁଛି । ମାତ୍ର ସରକାରୀ ପରିସଂଖ୍ୟାନ ଓ ଚାଷୀଙ୍କ ଚାହିଦାକୁ ଦେଖିଲେ ଉଭୟ ମଧ୍ୟରେ ଆକାଶପାତାଳ ଫରକ । ସର୍ବାଧିକ ଚାହିଦା ଥିବା କଂପ୍ଲେକ୍ସ ସାର ଚାଷୀଙ୍କୁ ସରକାରୀ ଖୁଚୁରା ଓ ପାଇକାରୀ ବିକ୍ରେତା କେନ୍ଦ୍ରରେ ମିଳୁନି । ସେହି ସାର ଲୋକମାନେ ବାହାରୁ ଉଚ୍ଚା ଦାମ୍‌ରେ କିଣୁଛନ୍ତି । ସରକାରୀ ସ୍ୱୀକୃତିପ୍ରାପ୍ତ ଦୋକାନରେ ରିହାତି ଦରରେ ସାର ମିଳୁନଥିବାବେଳେ ବାହାରେ ବ୍ୟବସାୟୀମାନେ ଚଢ଼ା ଦରରେ ବିକ୍ରି କରୁଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ଏପରିକି ଏ ସଂକ୍ରାନ୍ତରେ ବ୍ଲକ୍ କୃଷି ଅଧିକାରୀଙ୍କଠାରୁ ଆରମ୍ଭ କରି ଜିଲ୍ଲା କୃଷି ଅଧିକାରୀଙ୍କ ନିକଟରେ ଅଭିଯୋଗ କଲେ ମଧ୍ୟ କିଛି ସୁଫଳ ମିଳୁନି ।

ଚାଷର ପ୍ରାରମ୍ଭିକ ପର୍ଯ୍ୟାୟରେ କଂପ୍ଲେକ୍ସ ସାରର ସର୍ବାଧିକ ଚାହିଦା ରହିଥାଏ । ଏବେ ଲୋକମାନେ ରୁଆ ବେଉଷଣ ଶେଷ କରିଥିବାବେଳେ ସାର ନ ପାଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । କେବେ ଆସିବ ବୋଲି ପଚାରିଲେ ବି କୌଣସି ସଠିକ ଉତ୍ତର ମିଳୁନି । ବିଶେଷକରି ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ମାତ୍ରାଧିକ ସାର ▶ପୃଷ୍ଠା-୭

### ବ୍ରହ୍ମପୁରରେ ଚାଞ୍ଚଲ୍ୟ

# ଘରୁ ଡାକି ଆଣି ବ୍ୟବସାୟୀଙ୍କୁ ଗୁଳି



**ବେକରୁ ଛିଡ଼ାଇ ନେଲେ ହୀରା ଅଳଙ୍କାର**

■ **ବ୍ରହ୍ମପୁର, ୫।୮ (ସମିସ):** ଘରୁ ଡାକି ଆଣି ବ୍ୟବସାୟୀଙ୍କୁ ଗୁଳି । ବ୍ରହ୍ମପୁର ବଡ଼ବଜାର ଥାନା ଅନ୍ତର୍ଗତ ଉତ୍କଳ ସିନେମା ହଲ୍ ଛକ ନିକଟ ଶାସ୍ତ୍ରୀନଗରରେ ଆଜି ସଂଧ୍ୟାରେ ଏପରି ଏକ ଆପରାଧିକ ଘଟଣା ଘଟିଛି । ଏଥିରେ ବ୍ୟବସାୟୀ ଏସ. ରୁନା ଆଚାରୀ (୪୭) ଗୁରୁତର ଆହତ ହୋଇଛନ୍ତି । ଗୁରୁତର ଅବସ୍ଥାରେ ତାଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଛି । ତାଙ୍କ କାନ୍ଧରେ ଗୋଟିଏ ଗୁଳି ବାଜିଛି । ଦୁର୍ବୃତ୍ତମାନେ ତାଙ୍କୁ ଗୁଳି କରିବା ପରେ ତାଙ୍କ ବେକରୁ ଏକ ହୀରା ଅଳଙ୍କାର ଛିନ୍‌ତାଇ କରିଥିବା ଜଣାଯାଇଛି । ଅପରପକ୍ଷେ, ଘଟଣାକୁ ଗୁରୁତ୍ୱର ସହ ନେଇ ପୁଲିସ୍ ତଦନ୍ତ ଆରମ୍ଭ କରିଛି । ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବକେ ଏମ୍ ମଧ୍ୟ ଏମ୍‌କେସିଜି ମେଡିକାଲରେ ପହଞ୍ଚି ତଦନ୍ତ ଚଳାଇଛନ୍ତି । ପୂର୍ବ ଶତ୍ରୁତା ଓ ବ୍ୟବସାୟକୁ କେନ୍ଦ୍ର କରି ଏହି ଗୁଳିମାଡ଼ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି । ସୂଚନାନୁସାରେ, ରୁନା ମଙ୍ଗଳବାର ସନ୍ଧ୍ୟାରେ ନିଜ ଘରେ ଥିବା ବେଳେ ୩ ଜଣ ଦୁର୍ବୃତ୍ତ ଏକ ବାଇକ୍ ଓ କାର୍‌ରେ ଆସି ସାହିରେ ପହଞ୍ଚିଥିଲେ । ଦୁର୍ବୃତ୍ତମାନେ ରୁନାଙ୍କୁ ବାହାରକୁ ▶ପୃଷ୍ଠା-୭

### ବ୍ୟବସାୟୀ ସୋମନାଥ ହତ୍ୟାକାଣ୍ଡର ପର୍ଦ୍ଦାଫାସ୍

# ହତ୍ୟା କରି ମଶାଣିରେ ପୋତିଥିଲେ

- ୩ ମାସ ପରେ ଉଦ୍ଧାର ହେଲା ନରକଙ୍କାଳ
- ୩ ଅଭିଯୁକ୍ତ ଗିରଫ

■ **ନନ୍ଦପୁର/ରାୟଗଡ଼ା, ୫।୮ (ସମିସ):** କୋରାପୁଟ ଜିଲ୍ଲା ନନ୍ଦପୁର ପୁଲିସ୍‌କୁ ଆଜି ଏକ ବଡ଼ଧରଣର ସଫଳତା ମିଳିଛି । ଆଳୁ ଖୋଳୁଖୋଳୁ ମହାଦେବ ବାହାରିବା ଭଳି ଏକ ନିଖୋଜ ମାମଲାର ତଦନ୍ତ କରୁକରୁ ପୁଲିସ୍ ଜଣେ ବ୍ୟବସାୟୀଙ୍କ ଜଘନ୍ୟ ହତ୍ୟାକାଣ୍ଡର ପର୍ଦ୍ଦାଫାସ୍ କରିଛି । ମୃତ ବ୍ୟବସାୟୀଜଣଙ୍କ ହେଲେ, କୋରାପୁଟ ଜିଲ୍ଲା ନନ୍ଦପୁର ଥାନା ଅଧୀନ ଉମ୍ବେଲ ପଞ୍ଚାୟତର ମେଡିପୁଟ ଗ୍ରାମର ସୋମନାଥ ଜାନି (୩୧) । ସେ ୩ ମାସ ହେଲା ନିଖୋଜ ଥିଲେ । ନନ୍ଦପୁର ପୁଲିସ ଆଜି ରାୟଗଡ଼ା ଥାନା ହାଲୁଆ ଗାଁ ଶ୍ମଶାନ ନିକଟରୁ ମାଟି ତଳୁ ତାଙ୍କ ନରକଙ୍କାଳ ଉଦ୍ଧାର କରିଛି । ଏହି ଘଟଣାରେ ପୁଲିସ୍ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେମାନେ ହେଲେ, ଶଙ୍କର ଖରା, ମଙ୍ଗୁ ଗୌଡ଼, ଜିତ୍ରୁ ଗୌଡ଼ । ସୋମନାଥଙ୍କୁ ଅପହରଣ କରିବା ପରେ ସେମାନେ ହତ୍ୟା ▶ପୃଷ୍ଠା-୭

### ସୁଭଦ୍ରା ପ୍ରହେଳିକା

# କୋଟିପତି ହେବେ ଲକ୍ଷପତି ଦିଦି!

## ପ୍ରଥମେ ଲକ୍ଷପତି ଦିଦିଙ୍କ ତାଲିକା ସାର୍ବଜନୀନ କରନ୍ତୁ ସରକାର: ବିରୋଧୀ

■ **ଭୁବନେଶ୍ୱର, ୫।୮ (ସମିସ):** ସୁଭଦ୍ରା ଯୋଜନାରେ ସରକାର ୨ ବର୍ଷରେ ୫୦ ହଜାର ଦେବାକୁ ଘୋଷଣା କରି ବର୍ଷକୁ ୧୦ ହଜାର ଟଙ୍କା ଦେଉଛନ୍ତି । ଏହି ୧୦ ହଜାର ଟଙ୍କା ସହାୟତାରେ ବର୍ଷକ ମଧ୍ୟରେ ରାଜ୍ୟରେ ୧୬ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି ହୋଇଛନ୍ତି ବୋଲି ରାଜ୍ୟ ସରକାର ଘୋଷଣା କରି ନିଜ ପିଠି ନିଜେ ଥାପୁଡ଼ାଉଛନ୍ତି । ଏପରି ସମୟରେ 'ଲକ୍ଷପତି ଦିଦି'ଙ୍କୁ ବର୍ଷକ ମଧ୍ୟରେ କୋଟିପତି କରିବାକୁ ଘୋଷଣା କରିଛନ୍ତି ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶମନ୍ତ୍ରୀ ପ୍ରଭାତୀ ପରିଡ଼ା । ଯାହାକୁ ନେଇ ସାଧାରଣରେ ବିସ୍ମୟ ପ୍ରକାଶ ପାଇଛି ଓ ବିରୋଧୀ ଉପମୁଖ୍ୟମନ୍ତ୍ରୀଙ୍କୁ ନିଶାଣ କରିଛନ୍ତି । ଲକ୍ଷପତି ଦିଦିଙ୍କୁ କୋଟିପତି କରିବା ପୂର୍ବରୁ ପ୍ରଥମେ ଯେଉଁମାନେ ବର୍ଷକ ମଧ୍ୟରେ ୧୦ ହଜାର ଟଙ୍କା ନେଇ ଲକ୍ଷପତି ପାଲଟିଛନ୍ତି ସେମାନଙ୍କ ତାଲିକା ସରକାର ଘୋଷଣା କରନ୍ତୁ ଓ କେଉଁ ଫର୍ମୁଲାରେ ସେମାନେ ବର୍ଷକ ମଧ୍ୟରେ ୧୦ଗୁଣ ଲାଭ କରି ଲକ୍ଷପତି ହେଲେ ତାହାକୁ ରାଜ୍ୟ ସରକାର ସାର୍ବଜନୀନ କଲେ ଅନ୍ୟମାନେ ଉପକୃତ ହୋଇ ପାରିବେ ବୋଲି ବିରୋଧୀ କଟାକ୍ଷ କରିଛନ୍ତି ।

ରାଜ୍ୟ ସରକାରଙ୍କ ଲକ୍ଷପତି ଦିଦି ସୃଷ୍ଟି ଦାବି ଓ ଏହାର ବାସ୍ତବତାକୁ ନେଇ ରାଜନୈତିକ ଦଳଠାରୁ ବୁଦ୍ଧିଜୀବି ମହଲ ଯାଏଁ ସନ୍ଦେହ ପ୍ରକାଶ କରି ଆସୁଛନ୍ତି । ସେମାନଙ୍କ ଯୁକ୍ତି ଅନୁଯାୟୀ ୨୦୨୪-୨୫ ଆର୍ଥିକ ବର୍ଷରେ ପୂର୍ବ ବର୍ଷ ତୁଳନାରେ ମିଶନ ଶକ୍ତି ବ୍ୟୟ ବରାଦ ପାଇଁ ଅର୍ଥ କମାଇ ଦେଲେ । ସେହିପରି ସୁଭଦ୍ରା ଯୋଜନାରେ ମହିଳାଙ୍କୁ ବର୍ଷକୁ ଦୁଇଟି କିସ୍ତିରେ ୧୦ ହଜାର ଟଙ୍କା, ଅର୍ଥାତ୍ ମାସିକ ମାତ୍ର ୮୩୩ ଟଙ୍କା ମିଳୁଛି । ଏତକ ଟଙ୍କାରେ କେମିତି ଜଣେ ଲକ୍ଷପତି ଦିଦି ହୋଇପାରିବ, ତାହା ସାଧାରଣ ଲୋକଙ୍କ ମନକୁ ଆନ୍ଦୋଳିତ କରୁଛି । ବିଗତ ଏକବର୍ଷ ମଧ୍ୟରେ କେବଳ ସୁଭଦ୍ରାକୁ ଛାଡ଼ିଦେଲେ ମହିଳାଙ୍କ ଉନ୍ନତି ତଥା ଉତ୍ଥାନ ପାଇଁ ସରକାର ସେମିତି କୌଣସି ଆଖିଦୃଶିଆ ଯୋଜନା ହାତକୁ ନେଇନାହାନ୍ତି । ପୁରୁଣା କେତେକ କାର୍ଯ୍ୟକ୍ରମକୁ ରାଜ୍ୟ ସରକାର ବନ୍ଦ କରି ଦେଇଛନ୍ତି । ସୁଭଦ୍ରାରେ ଏଯାବତ୍ ୨ଟି କିସ୍ତିରେ ୧୦ ହଜାର ଟଙ୍କା ପ୍ରଦାନ କରାଯାଇଛି । ୧୦ ହଜାର ଟଙ୍କାକୁ ଉପଯୋଗ କରି କେମିତି ଓ କେଉଁ ଉପାୟରେ ବର୍ଷକ ମଧ୍ୟରେ ୧୬ ଲକ୍ଷ ୪୦ ହଜାର ଲକ୍ଷପତି ହେଲେ ସରକାର ସେ ସମ୍ପର୍କରେ ଏକ ରିପୋର୍ଟ ପ୍ରକାଶ କରନ୍ତୁ ▶ପୃଷ୍ଠା-୭

## ପ୍ରକୃତ ଭାରତୀୟ କିଏ ତାହା ସୁପ୍ରିମକୋର୍ଟ ସ୍ଥିର କରିପାରିବେନି: ପ୍ରିୟଙ୍କା ଗାନ୍ଧୀ



ନୂଆଦିଲ୍ଲୀ, ୫।୮ (ଏଜେନ୍ସି): ଭାରତୀୟ ସେନା ଉପରେ ବିବାଦୀୟ ଟିପ୍ପଣୀକୁ ନେଇ ସୁପ୍ରିମକୋର୍ଟ ସୋମବାର କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ଭର୍ତ୍ସନା କରିଥିଲେ। 'ଭାରତର ୨ ହଜାର ବର୍ଗ କିମି ଜମିକୁ ଚୀନ୍ କବ୍‌ଜା' କରିଥିବା ବୟାନକୁ ନେଇ ପ୍ରକୃତ ଭାରତୀୟ ଏଭଳି କହିପାରିବେ ନାହିଁ ବୋଲି ସୁପ୍ରିମକୋର୍ଟ କହିଥିଲେ। ଏବେ ଏହାକୁ ନେଇ କଂଗ୍ରେସ ସାଂସଦ ତଥା ରାହୁଲଙ୍କ ଭଉଣୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଟିପ୍ପଣୀ ଦେଇଛନ୍ତି। ସେ ବିଚାରପତିଙ୍କୁ ସମ୍ମାନ ଦେଉଛନ୍ତି, ମାତ୍ର ପ୍ରକୃତ ଭାରତୀୟ କିଏ ତାହାର ନିର୍ଣ୍ଣୟ ସୁପ୍ରିମକୋର୍ଟ କରିପାରିବେ ନାହିଁ ବୋଲି କହିଛନ୍ତି। ସରକାରଙ୍କୁ ପ୍ରଶ୍ନ କରିବା ବିରୋଧୀ ନେତାଙ୍କ କର୍ତ୍ତବ୍ୟ। ମୋ ଭାଇ କେବେ ବି ସେନା ବିରୋଧରେ କହିବେ ନାହିଁ। ସେନା ପ୍ରତି ତାଙ୍କ ମନରେ ବହୁତ ସମ୍ମାନ ରହିଛି। ଏହାକୁ ଭୁଲ୍ ବ୍ୟାଖ୍ୟା କରାଯାଇଛି। ମଙ୍ଗଳବାର ସଂସଦ ପରିସରରେ ପ୍ରିୟଙ୍କା ଏହି ଟିପ୍ପଣୀ ଦେଇଛନ୍ତି। ଅନ୍ୟପକ୍ଷରେ ସଂସଦ ଭବନରେ ଆଜି ଏନ୍‌ଡିଏର ସଂସଦୀୟ ଦଳ ବୈଠକ ବସିଛି। ଏଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ପ୍ରସଙ୍ଗ ଉଠାଇଛନ୍ତି। ସୁପ୍ରିମକୋର୍ଟରେ ଏହାଠାରୁ ବଡ଼ ଭର୍ତ୍ସନା ଆଉ କିଛି ହୋଇପାରେ ନାହିଁ ବୋଲି ମୋଦୀ କହିଛନ୍ତି।

'ୟୁଏନ ଟ୍ରୁପ୍ କଣ୍ଟ୍ରିବ୍ୟୁଟର ଚିଫ୍ସ କନକ୍ଲେଭ'

## ପାକିସ୍ତାନ, ଚୀନ୍‌କୁ ଡାକିଲାନି ଭାରତ



ନୂଆଦିଲ୍ଲୀ, ୫।୮ (ଏଜେନ୍ସି): ପାକିସ୍ତାନ ଏବଂ ତା'ର ଘନିଷ୍ଠ ସହଯୋଗୀ ଚୀନ୍‌କୁ ଭାରତ ବଡ଼ ଝଟ୍‌କା ଦେଇଛି। ଚଳିତ ବର୍ଷ ଅକ୍ଟୋବରରେ ଅନୁଷ୍ଠିତ ହେବାକୁ ଥିବା 'ୟୁନାଇଟେଡ ନେସନ୍ ଟ୍ରୁପ୍ କଣ୍ଟ୍ରିବ୍ୟୁଟର ଚିଫ୍ସ କନକ୍ଲେଭ'କୁ ଭାରତୀୟ ସେନା ଆୟୋଜନ କରୁଛି। ମାତ୍ର ଏହି ଚାରି ଦିନିଆ ସମ୍ମିଳନୀକୁ ପାକିସ୍ତାନ ସେନା ଓ ଚୀନର ପିଏଲଏ (ପିପୁଲ୍ସ ଲିବରେସନ୍ ଆର୍ମି )କୁ ଭାରତ ନିମନ୍ତ୍ରଣ କରିନାହିଁ। ପହଲଗାମ ଆକ୍ରମଣ ପରେ ଭାରତ ଏଭଳି କଠୋର ପଦକ୍ଷେପ ନେଇଛି। ଅନେକ ଥର ଜାତିସଂଘ ମିଶନରେ ଭାରତ ଏବଂ ପାକିସ୍ତାନ ସୈନିକ ଏକାଠି କାମ କରିଛନ୍ତି। ମାତ୍ର ପହଲଗାମ ଆକ୍ରମଣରେ ପାକିସ୍ତାନୀ ସେନା ମୁଖ୍ୟ ଅସୀମ ମୁନିରଙ୍କ ସମ୍ପୃକ୍ତି ଏବଂ ଜମ୍ମୁ-କଶ୍ମୀରରେ ଆତଙ୍କବାଦୀ ଆକ୍ରମଣ ପାଇଁ ଭାରତ ଏହି ଆଭିମୁଖ୍ୟ ଗ୍ରହଣ କରିଛି। ଆତଙ୍କବାଦୀଙ୍କୁ ପାଳୁଥିବା ଏହି ଦେଶ ସହ କୌଣସି ସମ୍ପର୍କ ରଖାଯିବ ନାହିଁ ବୋଲି ପୁଣିଥରେ ଭାରତ ସ୍ପଷ୍ଟ କରିଦେଇଛି।

ସୈନିକଙ୍କୁ ଜାତିସଂଘ ଶାନ୍ତିରକ୍ଷା ମିଶନକୁ ପଠାଉଥିବା ଦେଶମାନଙ୍କୁ ଏହି ସମ୍ମିଳନୀ ପାଇଁ ଆମନ୍ତ୍ରଣ କରାଯାଉଛି। ସବୁ ଦେଶର ସେନାମୁଖ୍ୟମାନେ ଏହି କାର୍ଯ୍ୟକ୍ରମରେ ଏକାଠି ହେବେ। କିନ୍ତୁ ତାଲିକାରେ ପାକିସ୍ତାନ ଏବଂ ଚୀନ୍‌ର ନାମ ନାହିଁ ବୋଲି ଅଧିକାରୀମାନେ କହିଛନ୍ତି। ଏବେ ବିଶ୍ୱରେ ଜାତିସଂଘର ୧୧ଟି ମିଶନ ଚାଲିଛି। ପ୍ରାୟ ୧୨୦ଟି ଦେଶର ସେନା ଏଥିରେ ଅଂଶଗ୍ରହଣ କରୁଛନ୍ତି। ଭାରତୀୟ ସେନାର ପ୍ରାୟ ପାଞ୍ଚ ହଜାର ସୈନିକ ଏବେ ଜାତିସଂଘର ୯ଟି ମିଶନରେ ନିୟୋଜିତ ଅଛନ୍ତି।

## ରାମ ରହିମଙ୍କୁ ପୁଣି ପାରୋଲ

ରୋହତକ, ୫।୮ (ଏଜେନ୍ସି): ପାରୋଲ ବାବା ତଥା ଦୁଷ୍କର୍ମ ଅଭିଯୁକ୍ତ ଗୁରମିତ ରାମ ରହିମଙ୍କ ପ୍ରତି ହରିୟାଣା ସରକାରଙ୍କ କୃପାଦୃଷ୍ଟି ପୁଣି ପଡ଼ିଛି। ଦୁଇ ଶିଷ୍ୟାଙ୍କୁ ଦୁଷ୍କର୍ମ ମାମଲାରେ ସୁନାରିୟା ଜେଲରେ ୨୦ ବର୍ଷର ଦଣ୍ଡ କାଟୁଥିବା ଡେରା ସଚ୍ଚା ସୌଦା ମୁଖ୍ୟ ଗୁରମିତଙ୍କୁ ହରିୟାଣା ସରକାର ଆଉ ୪୦ ଦିନ ପାଇଁ ପାରୋଲ ଦେଇଛନ୍ତି। ସେ ଆଜି ସକାଳ ସାଢ଼େ ୬ଟାରେ ଜେଲ୍‌ରୁ ବାହାରି ସିର୍ସାସ୍ଥିତ ଡେରା ଅଭିମୁଖେ ଯାଇଥିବା ସୂଚନା ମିଳିଛି। ପୂର୍ବରୁ ଗତ ଏପ୍ରିଲ୍ ମାସରେ ତାଙ୍କୁ ୨୧ ଦିନ ପାଇଁ ପାରୋଲ ଦିଆଯାଇଥିଲା। ଅନ୍ୟ କଏଦୀଙ୍କୁ ମୂଳରୁ ପାରୋଲ ମିଳୁ ନ ଥିବାବେଳେ ସରକାର କାହିଁକି ରାମ ରହିମଙ୍କୁ ଏତେ ଅନୁକମ୍ପା ଦେଖାଉଛନ୍ତି ବୋଲି ପ୍ରଶ୍ନ ଉଠୁଛି। ସାମ୍ବାଦିକଙ୍କ ହତ୍ୟା ମାମଲାରେ ତାଙ୍କୁ ଆଜୀବନ ଜେଲ୍‌ଦଣ୍ଡ ମଧ୍ୟ ହୋଇଛି। ଭୋଟ ପାଇଁ ସରକାର ଏହି 'ଗଡ୍‌ମ୍ୟାନ'ଙ୍କୁ ଏକାଧିକ ଥର ପାରୋଲ ଦେଉଛନ୍ତି ବୋଲି କୁହାଯାଉଛି। ଏହାକୁ ମିଶାଇ ରାମ ରହିମ ୧୪ ଥର ପାରୋଲରେ ଜେଲ୍‌ରୁ ବାହାରିଲାଣି।

## ଖଲିସ୍ତାନୀଙ୍କ ନକଲି ଦୂତାବାସ

ଓଟାୱା, ୫।୮ (ଏଜେନ୍ସି): ନୂଆ ପ୍ରଧାନମନ୍ତ୍ରୀ ନିର୍ବାଚିତ ହେବା ପରେ କାନାଡ଼ା ସହ ଭାରତର ସମ୍ବନ୍ଧ ସୁଧୁରିବାରେ ଲାଗିଛି। ଗୋଟିଏ ପଟେ କାନାଡ଼ା ଭାରତର ସହ ଦ୍ୱିପାକ୍ଷିକ ସମ୍ବନ୍ଧକୁ ନିବିଡ଼ କରିବାକୁ ଚାହୁଁଥିବାବେଳେ ଅନ୍ୟପଟେ ଭାରତ ବିରୋଧୀ ଷଡ଼ଯନ୍ତ୍ର ହେଉଛି। କାନାଡ଼ାର ବ୍ରିଟିଶ କଲମ୍ବିଆ ସ୍ଥିତ ସୁରେରେ ଖଲିସ୍ତାନୀମାନେ ଦୂତାବାସ ଖୋଲିଛନ୍ତି। ଏହାର ନାମ 'ରିପବ୍ଲିକ୍ ଅଫ୍ ଖଲିସ୍ତାନ' ରଖାଯାଇଛି। ଗୁରୁ ନାନକ ସାହିବ ଗୁରୁଦ୍ୱାରରେ ଏହା ରହିଛି। ଏହା ଦୁଇ ଦେଶର ସମ୍ବନ୍ଧକୁ ଅଧିକ ବିଗାଡ଼ି ଦେବ ବୋଲି କୁହାଯାଉଛି। ରିପୋର୍ଟ ଅନୁଯାୟୀ ଖଲିସ୍ତାନୀ ଆତଙ୍କବାଦୀ ହରଦୀପ ସିଂହ ନିଜ୍ଜର ପୂର୍ବରୁ ଏହି ଗୁରୁଦ୍ୱାରର ମୁଖ୍ୟ ଥିଲା। ତାର ହତ୍ୟା ପରେ କାନାଡ଼ା ଏବଂ ଭାରତ ସମ୍ବନ୍ଧ ବିଗିଡ଼ିବାରେ ଲାଗିଥିଲା। ଏହି ନକଲି ଦୂତାବାସରେ ଆତଙ୍କବାଦୀ ହରଦୀପର ପୋଷ୍ଟର ଲାଗିଛି।

## କୁବେରେଶ୍ୱର ଧାମରେ ଦଳାଚକଟା

ସିହୋର, ୫।୮ (ଏଜେନ୍ସି): ମଧ୍ୟପ୍ରଦେଶ ସିହୋର ସ୍ଥିତି କଥାବାଚକ ପ୍ରଦୀପ ମିଶ୍ରାଙ୍କ କୁବେରେଶ୍ୱର ଧାମରେ ମଙ୍ଗଳବାର ବଡ଼ ଅଘଟଣ ଘଟିଛି। ପ୍ରବଳ ଭିଡ଼ ଯୋଗୁଁ ଏଠାରେ ଦଳାଚକଟା ହୋଇଛି। ଏଥିରେ ୨ ଜଣଙ୍କ ମୃତ୍ୟୁ ହୋଇଛି। ୧୦ରୁ ଅଧିକ ଆହତ ହୋଇଛନ୍ତି। ୨ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବା ଜଣାପଡ଼ିଛି। ତେବେ ଆନୁଷ୍ଠାନିକ ଭାବେ ଏହାର ସୂଚନା ଦିଆଯାଇ ନାହିଁ। ସୂଚନା ଅନୁଯାୟୀ ପ୍ରଦୀପ ମିଶ୍ରା ବୁଧବାର କୁବେରେଶ୍ୱର ଧାମରୁ ଚିତାବଲିଆ ହେମା ଗ୍ରାମ ପର୍ଯ୍ୟନ୍ତ କାଉଡ଼ି ଯାତ୍ରା ବାହାର କରିବେ। ଏଥିରେ ସାମିଲ ହେବା ପାଇଁ ଦିନକ ପୂର୍ବରୁ ଲୋକେ ଭିଡ଼ ଜମାଇଛନ୍ତି। ଲୋକଙ୍କ ସଂଖ୍ୟା ଏତେ ବଢ଼ି ଯାଇଥିଲା ଯେ ଖାଇବା, ରହିବା ଏବଂ ଦର୍ଶନ ପାଇଁ ସ୍ଥାନାଭାବ ଦେଖା ଦେଇଥିଲା। ଏଥିଯୋଗୁଁ ସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲି ଯାଇଥିଲା। ଅନେକ ସ୍ଥାନରେ ଧାଁଦୌଡ଼ ସ୍ଥିତି ସୃଷ୍ଟି ହୋଇଥିଲା। ତିନି ଜଣ ତଳେ ପଡ଼ି ଯାଇଥିଲେ। ଲୋକେ ନିଜ ଜୀବନ ବଞ୍ଚାଇବା ପାଇଁ ଅନ୍ୟମାନଙ୍କୁ ଦଳି ଚାଲି ଯାଇଥିଲେ। ତେବେ ଆହତଙ୍କୁ ମେଡିକାଲକୁ ନେବାରେ ବିଳମ୍ବ ହୋଇଥିଲା।

## ୩୦୦ କୋଟି କ୍ଲବରେ 'ସୈୟାରା'

ନୂଆଦିଲ୍ଲୀ, ୫।୮ (ଏଜେନ୍ସି): ଆହାନ ପାଣ୍ଡେ ଓ ଅନୀତ ପଡ୍ଡାଙ୍କ ଅଭିନୀତ ସିନେମା 'ସୈୟାରା' ବକ୍ସ ଅଫିସ୍‌ରେ ସୁପରହିଟ୍ ସାବ୍ୟସ୍ତ ହୋଇଛି। ଏହି ସିନେମା ୩୦୦ କୋଟି ଟଙ୍କା କ୍ଲବରେ ସାମିଲ ହୋଇଛି। ମୁକ୍ତିଲାଭ କରିବାରର ୧୮ ଦିନରେ ଅର୍ଥାତ ସୋମବାର ଏହି ଫିଲ୍ମ ୩୦୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଆୟ କରିଛି। ମୋହିତ ସୂରୀଙ୍କ ନିର୍ଦ୍ଦେଶନାରେ ନିର୍ମିତ ଏହି ସିନେମା (ନୂଆ କଳାକାରଙ୍କୁ ନେଇ) ପ୍ରଥମ ଚଳଚ୍ଚିତ୍ର ଭାବେ ୩୦୦ କୋଟି କ୍ଲବରେ ସାମିଲ ହୋଇଛି। ତେବେ ଏହି ଚଳଚ୍ଚିତ୍ର ବିଶ୍ୱସ୍ତରରେ ମୋଟ ୫୦୭ କୋଟି ଟଙ୍କା ଆୟ କଲାଣି। କେବଳ ଭାରତରେ ୩୦୭ କୋଟି ଟଙ୍କା ଆୟ କରି ସାରଲାଣି। ଏହି ଧାରା ଜାରି ରହିଲେ ସୈୟାରା ଭିକି କୌଶଲଙ୍କ ଛାବା (୮୦୭କୋଟି)ର ରେକର୍ଡ କାଟି ଦେଇପାରେ।

## ନୂଆ ସାମୁଖ୍ୟ ଗଢ଼ିଲେ ତେଜପ୍ରତାପ

ପାଟନା, ୫।୮ (ଏଜେନ୍ସି): ପରିବାର ଏବଂ ଘରୁ ବିତାଡ଼ିତ ହୋଇଥିବା ଆରଜେଡି ମୁଖ୍ୟ ଲାଲୁ ପ୍ରସାଦ ଯାଦବଙ୍କ ବଡ଼ ପୁଅ ତେଜପ୍ରତାପ ଯାଦବ ବିହାର ବିଧାନସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବେ। ସେ ଏଥିପାଇଁ ୫ଟି ଦଳକୁ ନେଇ ମଙ୍ଗଳବାର ନୂଆ ସାମୁଖ୍ୟ ଗଢ଼ିଛନ୍ତି। ସେ ପ୍ରଦୀପ ନିଶାଦଙ୍କ ଦଳ ବଞ୍ଚିତ ବିକାଶ ଇନ୍ସାନ ପାର୍ଟି (ଭିଭିଆଇପି) ସହ ମେଣ୍ଟ ଘୋଷଣା ମଧ୍ୟ କରିଛନ୍ତି। ସେ କରିଥିବା ସାମ୍ବାଦିକ ସମ୍ମିଳନୀରେ ୫ଟି ଦଳର ଜାତୀୟ ଅଧ୍ୟକ୍ଷ ଉପସ୍ଥିତ ଥିଲେ। ଏହି ଦଳଙ୍କ ମଧ୍ୟରେ ଭିଭିଆଇପି, ବିଜେଏମ, ବିଜେପି, ଡବ୍ଲ୍ୟୁଏପି ଏବଂ ଏସ୍କେଭିପି ସାମିଲ ରହିଛି। କିଛି ଦିନ ତଳେ ତେଜପ୍ରତାପ ମହୁଆ ସିଟ୍ରୁ ସ୍ୱାଧୀନ ଭାବେ ଲଢିବେ ବୋଲି କହିଥିଲେ। ସେ ଉଲ୍ଲେଖ କରିଥିଲେ ଯେ ଟିମ୍ ତେଜପ୍ରତାପ ହେଉଛି ଏକ ପ୍ଲାଟଫର୍ମ। ଏହି ଟିମ୍ ନିର୍ବାଚନରେ ଯୁବ ବର୍ଗଙ୍କୁ ସମର୍ଥନ ଦେବ। ଯିଏ ଲଢ଼ିବ ତାଙ୍କ ସମ୍ପୂର୍ଣ୍ଣ ସମର୍ଥନ ମିଳିବ। ନିଜ ସାମୁଖ୍ୟରେ ସାମିଲ ହେବା ପାଇଁ ତେଜପ୍ରତାପ କଂଗ୍ରେସ ଏବଂ ଆରେଜେଡିକୁ ଅଫର ଦେଇଛନ୍ତି। ସାନ ଭାଇ ତେଜସ୍ୱୀ ଯାଦବ କେବେ ବି ମହୁଆ ଆସନରୁ ଲଢିବେ ନାହିଁ ବୋଲି ସେ ଦାବି କରିଛନ୍ତି।

# ଆମେରିକାକୁ ଜବାବ ଦେଲା ଭାରତ



**୧୯୭୧ର ଖବରକାଗଜ ପୋଷ୍ଟ କରି ଆମେରିକାକୁ ଟାର୍ଗେଟ**

**ପାକିସ୍ତାନକୁ ଦେଇଥିଲା ୨ ବିଲିୟନ ଡଲାରର ଅସ୍ତ୍ରଶସ୍ତ୍ର**

**ଆମେରିକା-ଚୀନ୍‌ର ଅସ୍ତ୍ରଶସ୍ତ୍ରରେ ଲଢ଼ିଥିଲା ପାକିସ୍ତାନ**

ନୂଆଦିଲ୍ଲୀ, ୫।୮ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଉପରେ ୨୫ ପ୍ରତିଶତ ଶୁଳ୍କ ଲଗାଇଛନ୍ତି। ଆହୁରି ଅଧିକ ଶୁଳ୍କ ଲଗାଇବାକୁ ମଧ୍ୟ ଧମକ ଦେଇଛନ୍ତି। ରୁଷଠାରୁ ତୈଳ କିଣି ଭାରତ ୟୁକ୍ରେନ ଯୁଦ୍ଧକୁ ପାଣି ଯୋଗାଉଛି ବୋଲି ଟ୍ରମ୍ପ ଅଭିଯୋଗ କରିଛନ୍ତି। ଏହାକୁ ନେଇ ଦୁଇ ଦେଶ ମଧ୍ୟରେ ସମ୍ବନ୍ଧ ଖରାପ ହେବାରେ ଲାଗିଛି। ଭାରତ ଆମେରିକାକୁ ମଧ୍ୟ ଜବାବ ଦେଇଛି। ଅନ୍ୟକୁ କହୁଥିବା ଆମେରିକା ନିଜେ ରୁଷଠାରୁ ୟୁରାନିୟମ ଏବଂ ସାର ଆଣୁଛି ବୋଲି ଭାରତ ପକ୍ଷରୁ କୁହାଯାଇଛି। ଏପରି ସମୟରେ ଭାରତୀୟ ସେନା ସାମାଜିକ ଗଣମାଧ୍ୟମରେ ୧୯୭୧ର ଏକ ଖବରକାଗଜ ପୋଷ୍ଟ କରି ଆମେରିକାକୁ କଡ଼ା ଜବାବ ଦେଇଛି। ୧୯୭୧ ଯୁଦ୍ଧ ପ୍ରସ୍ତୁତି ପାଇଁ ଆମେରିକା ପାକିସ୍ତାନକୁ ଅସ୍ତ୍ରଶସ୍ତ୍ର ଦେଇଥିଲା ଖବରକାଗଜରେ ଲେଖାଯାଇଛି।

ଏହି ଫଟୋ ସେୟାର କରି ଭାରତୀୟ ସେନା ଟ୍ରମ୍ପଙ୍କୁ ତାଙ୍କ ଅସଲ ଚେହେରା ଦେଖାଇବାକୁ ଚେଷ୍ଟା କରିଛି। ସେନାର ଇଷ୍ଟର୍ଣ୍ଣ କମାଣ୍ଡ ପକ୍ଷରୁ କୁହାଯାଇଛି ଯେ ଏହି ଦିନ ସେହି ବର୍ଷ (୧୯୭୧ ଅଗଷ୍ଟ ୫ର) ସତ୍ୟ ଜାଣନ୍ତୁ। ୧୯୫୪ରୁ ୧୯୭୧ ଯାଏଁ ଆମେରିକା ପାକିସ୍ତାନକୁ ୨ ବିଲିୟନ ଡଲାରର ଅସ୍ତ୍ରଶସ୍ତ୍ର ପଠାଇ ଥିଲା। ଟ୍ରମ୍ପଙ୍କ ଧମକର ଦିନକ ପରେ ସେନା ଏହି ପୋଷ୍ଟ କରିଛି। ସେ ସୋମବାର କହିଥିଲେ ଯେ ଭାରତ ରୁଷଠାରୁ ଶସ୍ତାରେ ତେଲ ଆଣି ଖୋଲା ବଜାରରେ ବିକ୍ରି କରୁଛି। ସେ ପୁଣି ଭାରତ ଉପରେ ଶୁଳ୍କ ବୃଦ୍ଧି କରିବେ।

ଭାରତୀୟ ସେନା ପୋଷ୍ଟ କରିଥିବା ଏହି ରିପୋର୍ଟରେ ଚୀନ୍ ସହାୟତା ବିଷୟରେ ମଧ୍ୟ ଉଲ୍ଲେଖ କରାଯାଇଛି। ଏଥିରେ କୁହାଯାଇଛି ଯେ ଯୁଦ୍ଧ ପୂର୍ବରୁ ବେଜିଂ ମଧ୍ୟ ପାକିସ୍ତାନକୁ ସହାୟତା କରିଥିଲା। ସେ ସମୟରେ ରାଜ୍ୟସଭାରେ ପୂର୍ବତନ ପ୍ରତିରକ୍ଷା ମନ୍ତ୍ରୀ ଭିସି ଶୁକ୍ଲା ଦେଇଥିବା ବିବୃତି ଆଧାରରେ ଏହି ରିପୋର୍ଟ ପ୍ରକାଶ ପାଇଥିଲା। ସେ ରାଜ୍ୟସଭାରେ କହିଥିଲେ ଯେ ପାକିସ୍ତାନକୁ ଅସ୍ତ୍ରଶସ୍ତ୍ର ଦେବା ପ୍ରସଙ୍ଗରେ ନାଟୋ ଦେଶ ଏବଂ ସୋଭିଏତ ସଂଘ ସହ ଆଲୋଚନା କରାଯାଇଥିଲା। ସୋଭିଏତ ସଂଘ ଏବଂ ଫ୍ରାନ୍ସ ପାକିସ୍ତାନକୁ ଅସ୍ତ୍ରଶସ୍ତ୍ର ଦେବାକୁ ମନା କରି ଦେଇଥିଲା। ମାତ୍ର ଆମେରିକା ସମର୍ଥନ ଜାରି ରଖିଥିଲା। ଆମେରିକା ଏବଂ ଚୀନ୍ ବହୁତ ଶସ୍ତାରେ ପାକିସ୍ତାନକୁ ଅସ୍ତ୍ରଶସ୍ତ୍ର ଦେଇଥିଲେ। ଏଥିରୁ ସ୍ପଷ୍ଟ ହେଉଛି ଯେ ଏହି ଦେଶର ଅସ୍ତ୍ରଶସ୍ତ୍ର ନେଇ ପାକିସ୍ତାନ ୧୯୭୧ରେ ଭାରତ ବିରୋଧରେ ଲଢ଼ିଥିଲା।

**କ୍ଷମତା ପରିବର୍ତ୍ତନ ଷଡ଼ଯନ୍ତ୍ର**

## ବ୍ରାଜିଲର ପୂର୍ବତନ ରାଷ୍ଟ୍ରପତି ଗୃହବନ୍ଦୀ

ରିଓ ଡି ଜେନେରିଓ, ୫।୮ (ଏଜେନ୍ସି): ବ୍ରାଜିଲର ପୂର୍ବତନ ରାଷ୍ଟ୍ରପତି ଜାର ବୋଲସୋନାରୋଙ୍କ ସମସ୍ୟା ବଢ଼ିବାରେ ଲାଗିଛି। ଏବେ ତାଙ୍କୁ ଗୃହବନ୍ଦୀ କରାଯାଇଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ଏହି ପଦକ୍ଷେପ ନିଆଯାଇଛି। ୨୦୨୨ର ସାଧାରଣ ନିର୍ବାଚନରେ ପରାଜୟ ସତ୍ତ୍ୱେ ସେ କ୍ଷମତାରେ ରହିବା ପାଇଁ ଷଡ଼ଯନ୍ତ୍ର କରିଥିଲେ। ସୁପ୍ରିମକୋର୍ଟ ଉପରେ ଆକ୍ରମଣ ଷଡ଼ଯନ୍ତ୍ର, ରାଷ୍ଟ୍ରପତି ଲୁଲା ଡି ସିଲ୍‌ଭା ଓ ବିଚାରପତିଙ୍କୁ ହତ୍ୟା ଯୋଜନା, ସେନା ମାଧ୍ୟମରେ ସରକାର ପରିବର୍ତ୍ତନ କରିବାକୁ ପ୍ରୟାସ କରିଥିଲେ ବୋଲି ଅଭିଯୋଗ ହୋଇଛି। ଏହି ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ ସୋମବାର ତାଙ୍କୁ ଗୃହବନ୍ଦୀ କରି ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ସେ ପୂର୍ବରୁ ଦିଆଯାଇଥିବା ନିର୍ଦ୍ଦେଶକୁ ମଧ୍ୟ ଉଲ୍ଲଙ୍ଘନ କରିଥିଲେ ବୋଲି କୋର୍ଟ କହିଛନ୍ତି। ସେ ନିଜର ତିନି ସାଂସଦ ପୁଅଙ୍କ ମାଧ୍ୟମରେ ସାର୍ବଜନୀନ ବାର୍ତ୍ତା ପଠାଇ ଥିଲେ। ଗତ ରବିବାର ବୋଲ୍‌ସୋନାରୋ ରିଓ ଡି ଜେନେରିଓରେ ତାଙ୍କ ସମର୍ଥକଙ୍କ ରାଲି ହୋଇଥିଲା। ସେ ନିଜ ପୁଅର ଫୋନ୍‌ରୁ ସମର୍ଥକଙ୍କୁ ସମ୍ବୋଧନ କରିଥିଲେ। ଏହା ସ୍ୱାଧୀନତାର ଲଢ଼େଇ ବୋଲି କହିଥିଲେ। ଏପରି କରି ନିଜ ଉପରେ ଲାଗିଥିବା କଟକଣାକୁ ସେ ଉଲ୍ଲଙ୍ଘନ କରିଛନ୍ତି ବୋଲି କୋର୍ଟ କହିଥିଲେ। ଏହା ପରେ ତାଙ୍କୁ ଘରେ ଗୃହବନ୍ଦୀ କରି ରଖିବାକୁ, ହାତରେ ବନ୍ଧା ଯାଉଥିବା ଇଲେକ୍ଟ୍ରୋନିକ ମନିଟର ପିନ୍ଧିବାକୁ ଏବଂ ଘରର ସବୁ ମୋବାଇଲ ଜବତ କରିବାକୁ ବିଚାରପତି ଆଲେକଜାଣ୍ଡର ଡି ମୋରେସ୍ ନିର୍ଦ୍ଦେଶ ଦେଇଥିଲେ।




**ପୂର୍ବତନ ରାଷ୍ଟ୍ରପତିଙ୍କୁ ବଞ୍ଚାଇବାକୁ ଅଧିକ ଶୁଳ୍କ ଲଗାଇଥିଲେ ଟ୍ରମ୍ପ**

ସାର୍ବଜନୀନ ଭାବେ ପୂର୍ବତନ ରାଷ୍ଟ୍ରପତି କିଛି କହିପାରିବେ ନାହିଁ ବୋଲି କୋର୍ଟ ଉଲ୍ଲେଖ କରିଛନ୍ତି। ଆମେରିକା ସହ ସହିତ ବାଣିଜ୍ୟ ଯୁଦ୍ଧର ସମ୍ମୁଖୀନ ହେଉଥିବା ବ୍ରାଜିଲରେ ଏହି ପ୍ରସଙ୍ଗର ଚର୍ଚ୍ଚାରେ ରହିଛି। ପୂର୍ବତନ ରାଷ୍ଟ୍ରପତି ବୋଲସୋନାରୋଙ୍କୁ ଟ୍ରମ୍ପଙ୍କ ଘନିଷ୍ଠ ବୋଲି କୁହାଯାଉଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବ୍ରାଜିଲ ଉପରେ ୫୦ ପ୍ରତିଶତ ଶୁଳ୍କ ଲଗାଇ ଥିଲେ। ଏହାକୁ ସେ ବୋଲସୋନାରୋଙ୍କ ବିରୋଧରେ ଚାଲିଥିବା ନ୍ୟାୟିକ ପ୍ରକ୍ରିୟା ସହ ଯୋଡ଼ି ଥିଲେ। ଡାହାଣୀ ଶିକାର ବୋଲି କହିଥିଲେ। ଏହାକୁ ନେଇ ବ୍ରାଜିଲରେ ଦେଶଭକ୍ତିର ମାହୋଲ ସରଗରମ ହୋଇଥିଲା। ସବୁ ରାଜନୈତିକ ଦଳ ଟ୍ରମ୍ପଙ୍କୁ ବିରୋଧ କରିଥିଲେ।

ବ୍ରାଜିଲର ସରକାରୀ ଓକିଲମାନେ ଅଭିଯୋଗ କରିଛନ୍ତି ଯେ ବୋଲସୋନାରୋ ଏକ ଅପରାଧିକ ସଂଗଠନର ନେତୃତ୍ୱ ନେଇଥିଲେ। ସେ ନିର୍ବାଚନ ଫଳାଫଳକୁ ପଲଟାଇବାକୁ ପ୍ରୟାସ କରିଥିଲେ। ସେହିପରି ଲୁଲାଙ୍କ ପୁଅ ଫ୍ଲୋଭିଓ କହିଛନ୍ତି ଯେ କୋର୍ଟ ଏକଛତ୍ରବାଦୀ ଆଭିମୁଖ୍ୟ ଆପଣାଉଛନ୍ତି। ବ୍ରାଜିଲ ଏବେ ଏକଛତ୍ରଶାସନ ଚାଲିଛି।

## ପୂର୍ବତନ ରାଜ୍ୟପାଳ ସତ୍ୟପାଲ ମଲ୍ଲିକଙ୍କ ପରଲୋକ

ନୂଆଦିଲ୍ଲୀ, ୫।୮ (ଏଜେନ୍ସି): ଜମ୍ମୁ-କଶ୍ମୀରର ପୂର୍ବତନ ରାଜ୍ୟପାଳ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ସତ୍ୟପାଲ ମଲ୍ଲିକଙ୍କ ପରଲୋକ ହୋଇଛି। ସେ ଦୀର୍ଘ ଦିନ ହେଲା ଅସୁସ୍ଥ ଥିଲେ। ଦିଲ୍ଲୀର ରାମ ମନୋହର ଲୋହିଆ ହସ୍ପିଟାଲରେ ତାଙ୍କର ଚିକିତ୍ସା ଚାଲିଥିଲା। ସେ ଦୀର୍ଘ ଦିନ ହେଲା ବୃକକ ଜନିତ ରୋଗରେ ପୀଡ଼ିତ ଥିଲେ। ସ୍ୱାସ୍ଥ୍ୟାବସ୍ଥା ଜଟିଳ ହେବାରୁ ମେ' ୧୧ ତାରିଖରେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେହି ଦିନଠାରୁ ତାଙ୍କର ଚିକିତ୍ସା ଜାରି ରହିଥିଲା। ଦୀର୍ଘ ଦିନ ଧରି ମୃତ୍ୟୁ ସହ ସଂଗ୍ରାମ କରିବା ପରେ ସେ ହାରି ଯାଇଛନ୍ତି। ମଙ୍ଗଳବାର ଦ୍ୱିପହରେ ୧ଟାରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ମୃତ୍ୟୁ ବେଳକୁ ତାଙ୍କୁ ୭୯ ବର୍ଷ ବୟସ ହୋଇଥିଲା। ସେ ଜମ୍ମୁ-କଶ୍ମୀର, ବିହାର, ଗୋଆ ଏବଂ ମେଘାଳୟର ରାଜ୍ୟପାଳ ଭାବେ କାର୍ଯ୍ୟ କରିଥିଲେ। ସେ ୨୦୧୮ ମାର୍ଚ୍ଚ ୨୧ରେ ଓଡ଼ିଶାର ଅତିରିକ୍ତ ଦାୟିତ୍ୱ ସମ୍ଭାଳି ଥିଲେ। ସେ ସେହି ବର୍ଷ ମେ' ୨୮ ପର୍ଯ୍ୟନ୍ତ ଓଡ଼ିଶାର ରାଜ୍ୟପାଳ ଦାୟିତ୍ୱରେ ଥିଲେ।



୨୦୧୮ ଅଗଷ୍ଟରୁ ୨୦୧୯ ଅକ୍ଟୋବର ପର୍ଯ୍ୟନ୍ତ ସେ ଜମ୍ମୁ-କଶ୍ମୀରର ରାଜ୍ୟପାଳ ଥିବାବେଳେ ଆଜିର ଦିନରେ ହିଁ ଧାରା ୩୭୦ ଉଚ୍ଛେଦ କରାଯାଇଥିଲା। ୧୯୪୬ ଜୁଲାଇ ୨୪ରେ ଉତ୍ତରପ୍ରଦେଶ ହିସାବଦା ଗାଁର ଏକ ଜାଟ ପରିବାରରେ ଜନ୍ମିତ ଦିବଂଗତ ମଲ୍ଲିକ ୧୯୭୪-୭୭ ମଧ୍ୟରେ ଉତ୍ତରପ୍ରଦେଶ ବିଧାନସଭା ସଦସ୍ୟ ହୋଇ ରାଜନୈତିକ କ୍ୟାରିୟର ଆରମ୍ଭ କରିଥିଲେ। ତେବେ ଦୁର୍ନୀତି ମାମଲା ମଧ୍ୟ ତାଙ୍କ ପିଛା ଛାଡ଼ି ନାହିଁ। ଗତ ମେ' ୨୨ ତାରିଖରେ ଜମ୍ମୁ-କଶ୍ମୀର କିରୁ ହାଇଡ୍ରୋପାୱାର ପ୍ରୋଜେକ୍ଟ ସମ୍ବନ୍ଧିତ ଦର୍ନୀତି ମାମଲାରେ ସତ୍ୟପାଲ ମଲ୍ଲିକଙ୍କ ସମେତ ୫ ଜଣଙ୍କ ବିରୋଧରେ ଆରୋପପତ୍ର ଦାଖଲ କରିଥିଲା। ଏଥିରେ ପ୍ରାୟ ୨୨୦୦ କୋଟି ଟଙ୍କାର 'ସିଭିଲ ୱାର୍କ୍ସ କଣ୍ଟ୍ରାକ୍ଟ'ରେ ଦୁର୍ନୀତି ଅଭିଯୋଗ ହୋଇଥିଲା। ଏହି ଠିକା ଦେବା ପାଇଁ କୋଟି କୋଟି ଟଙ୍କା ଯଚା ଯାଇଥିଲା ବୋଲି ସତ୍ୟପାଲ ଅଭିଯୋଗ କରିଥିଲେ। ଏଥିରେ ଜଣେ ବଡ଼ ଉଦ୍ୟୋଗପତି, ପିଡିପି ମୁଖ୍ୟ ମେହବୁବା ମୁଫତି ଏବଂ ବିଜେପି ମେଣ୍ଟ ସରକାରରେ ମନ୍ତ୍ରୀ ଥିବା ଜଣେ ବ୍ୟକ୍ତି ସାମିଲ ଥିବା କହିଥିଲେ। ମାତ୍ର ତାଙ୍କୁ ହିଁ ମାମଲାରେ ଅଭିଯୁକ୍ତ କରିଦିଆଯାଇଥିଲା। ଏହି ମାମଲାରେ ୨୦୨୪ ଫେବୃଆରୀ ୨୨ ସିବିଆଇ ସତ୍ୟପାଲଙ୍କ ଠିକଣାରେ ଚଢ଼ଉ କରିଥିଲା। ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ତୀବ୍ର ସମାଲୋଚନା କରିଥିଲେ। ପୁଲୱାମା ଆକ୍ରମଣକୁ ନେଇ ମୋଦୀ ତାଙ୍କୁ ଚୁପ୍ କରାଇ ଦେଇଥିବା ମଲ୍ଲିକ ଅଭିଯୋଗ କରିଥିଲେ।

## ୮ରେ ଜମ୍ମୁ-କଶ୍ମୀରକୁ ରାଜ୍ୟ ମାନ୍ୟତାର ଶୁଣାଣି

ନୂଆଦିଲ୍ଲୀ, ୫।୮ (ଏଜେନ୍ସି): ଜମ୍ମୁ-କଶ୍ମୀରକୁ ପୂର୍ଣ୍ଣ ରାଜ୍ୟମାନ୍ୟତାକୁ ଫେରାଇଦେବା ପାଇଁ କେନ୍ଦ୍ର ସରକାର ବିଲ୍ ଆଣିପାରନ୍ତି ବୋଲି ରିପୋର୍ଟ ପ୍ରକାଶ ପାଇଛି। ଏହା ମଧ୍ୟରେ ସୁପ୍ରିମକୋର୍ଟ ୮ ତାରିଖରେ ଏହି ମାମଲାର ଶୁଣାଣି କରିବାକୁ ଯାଉଛନ୍ତି। ଜମ୍ମୁ-କଶ୍ମୀରର ପ୍ରଫେସର ଜହୁର ଅହମ୍ମଦ ଭଟ୍ଟ ଏବଂ ସମାଜସେବୀ ଖୁର୍ସିଦ ଅହମ୍ମଦ ମାଲିକ ଏହି ଆବେଦନ ଦାଖଲ କରିଛନ୍ତି। ଏଥିରେ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଜମ୍ମୁ-କଶ୍ମୀରକୁ ପୂର୍ଣ୍ଣ ରାଜ୍ୟ ମାନ୍ୟତା ଫେରାଇ ଆଣିବାକୁ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରାଯାଇଛି। ଆବେଦନରେ ଯୁକ୍ତି ଦିଆଯାଇଛି ଯେ ଜମ୍ମୁ-କଶ୍ମୀରରେ ପଞ୍ଚାୟତ ନିର୍ବାଚନ ଏବଂ ପୌର ନିର୍ବାଚନ ଅନୁଷ୍ଠିତ ହୋଇଛି। ବର୍ତ୍ତମାନର ସୁରକ୍ଷା ଏବଂ ପ୍ରଶାସନିକ ପରିସ୍ଥିତି ରାଜ୍ୟ ମାନ୍ୟତା ଫେରାଇ ଆଣିବା ପାଇଁ ଅନୁକୂଳ। ଦୀର୍ଘ ସମୟ ଧରି ରାଜ୍ୟ ମାନ୍ୟତା ଫେରାଇ ନ ଆଣିବା ନାଗରିକ ଅଧିକାରର ଉଲ୍ଲଂଘନ। ଧାରା ୩୭୦ ହଟାଇବା ପରେ କେନ୍ଦ୍ର ସରକାର ଏହାକୁ ଏକ କେନ୍ଦ୍ରଶାସିତ ଅଞ୍ଚଳ କରିଥିଲେ। ଏହା ପରେ କେନ୍ଦ୍ରର ନିଷ୍ପତ୍ତିକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା। ଡିସେମ୍ବର ୨୦୨୩ରେ ସୁପ୍ରିମକୋର୍ଟ ରାଜ୍ୟରୁ ଧାରା ୩୭୦ ହଟାଇବା ଏବଂ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ଉଚ୍ଛେଦକୁ ସମର୍ଥନ କରିଥିଲେ।



## ରେକର୍ଡ ଭାଙ୍ଗିଲେ ଶାହା

ନୂଆଦିଲ୍ଲୀ, ୫।୮ (ଏଜେନ୍ସି): ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ମଙ୍ଗଳବାର ନୂଆ ରେକର୍ଡ କରିଛନ୍ତି। ସେ ଦୀର୍ଘ ଦିନ ପର୍ଯ୍ୟନ୍ତ ଏହି ପଦରେ ରହି ପୂର୍ବତନ ସ୍ୱରାଷ୍ଟ୍ରମନ୍ତ୍ରୀ ତଥା ବିଜେପି ନେତା ଲାଲ୍‌କୃଷ୍ଣ ଆଡଭାନୀଙ୍କ ରେକର୍ଡ ଭାଙ୍ଗି ଦେଇଛନ୍ତି। ଶାହା ଏହି ପଦରେ ୨୨୫୮ ଦିନ ହେଲା ଅଛନ୍ତି। ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱିତୀୟ କାର୍ଯ୍ୟକାଳରେ ୨୦୧୯ ମେ' ୩୦ରେ ସ୍ୱରାଷ୍ଟ୍ରମନ୍ତ୍ରୀ ହୋଇଥିଲେ। ୨୦୨୪ ଜୁନ୍ ୯ରେ ଶାହାଙ୍କ ପ୍ରଥମ କାର୍ଯ୍ୟକାଳ ଶେଷ ହୋଇଥିଲା। ୨୦୨୪ ଜୁନ୍ ୧୦ରେ ସେ ପୁଣି ସ୍ୱରାଷ୍ଟ୍ରମନ୍ତ୍ରୀ ହୋଇଥିଲେ। ସେବେଠାରୁ ଏହି ପଦରେ ଅଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରାଳୟ ବ୍ୟତୀତ ସେ ଦେଶର ପ୍ରଥମ ସହଯୋଗ ମନ୍ତ୍ରୀ ହୋଇଥିଲେ। ଏହା ପୂର୍ବରୁ ସେ ବିଜେପିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଏବଂ ଗୁଜରାଟ ଗୃହମନ୍ତ୍ରୀ ଥିଲେ। ସଂଯୋଗବଶତଃ ଅଗଷ୍ଟ ୫ରେ ଶାହା ଦୀର୍ଘ ସମୟ ପାଇଁ ସ୍ୱରାଷ୍ଟ୍ରମନ୍ତ୍ରୀ ରହିବାର ରେକର୍ଡ ନିଜ ନାମରେ କରିଛନ୍ତି। ଏହି ଦିନ ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ଦେଉଥିବା ଧାରା-୩୭୦ ଉଚ୍ଛେଦ କରାଯାଇଥିଲା।

## ଗାଁରେ ବିବାହ କରିବା ମନା

ଅମୃତସର, ୫।୮ (ଏଜେନ୍ସି): ପଞ୍ଜାବରୁ ଆଶ୍ଚର୍ଯ୍ୟଜନକ ମାମଲା ସାମ୍ନାକୁ ଆସିଛି। ଅନେକ ଗାଁରେ ଯୁବକଯୁବତୀମାନେ ନିଜ ଗାଁରେ ବିବାହ କରୁଥିବାରୁ ଏହାକୁ ରୋକିବା ପାଇଁ ପଞ୍ଚାୟତମାନେ ପଦକ୍ଷେପ ନେଇଛନ୍ତି। ସମ୍ବିଧାନ ଦେଇଥିବା ଅଧିକାରକୁ ଉଲ୍ଲଙ୍ଘନ କରି ଏଭଳି ବିବାହ ଉପରେ କଟକଣା ଲଗାଇ ଦେଇଛି। ମାତ୍ର ସାମାଜିକ ଦୃଷ୍ଟିକୋଣରୁ ପଞ୍ଚାୟତଗୁଡ଼ିକ ଏପରି ନିଷ୍ପତ୍ତିକୁ ଉପଯୁକ୍ତ ବୋଲି ଲୋକେ କହୁଛନ୍ତି।

ସୂଚନା ଅନୁଯାୟୀ ବଠିଣ୍ଡା ଜିଲ୍ଲାର କୋଟ ଶମିର ଗ୍ରାମ, ଫରିଦକୋଟର ଗ୍ରାମ ସିରସଡ଼ି ଏବଂ ଅନୋଖପୁରା ତଥା ମାନସା ଜିଲ୍ଲାର ସୈଦେୱାଲା ଗ୍ରାମ ପଞ୍ଚାୟତ ବୈଠକରେ ଏପରି ପ୍ରସ୍ତାବ ପାରିତ ହୋଇଛି। କୌଣସି ଯୁବକ/ଯୁବତୀ ନିଜ ଗାଁରେ ବିବାହ କିମ୍ବା ପ୍ରେମ ବିବାହ କରି ପାରିବେ ନାହିଁ ବୋଲି କୁହାଯାଇଛି। ଏହି ନିୟମ ଭଙ୍ଗ କଲେ ସାମୂହିକ ଭାବରେ ବର୍ଜନ କରାଯିବ ବୋଲି ନିୟମ ରହିଛି। ଏହି ପ୍ରସ୍ତାବକୁ ସାରା ରାଜ୍ୟରେ କାର୍ଯ୍ୟକାରୀ କରିବାକୁ ପଞ୍ଜାବ ସରକାରଙ୍କ ନିକଟରେ ସରପଞ୍ଚମାନେ ଦାବି କରିଛନ୍ତି। ବିଧାନସଭାରେ ଏହି ପ୍ରସଙ୍ଗ ଉପରେ ବିଚାର କରିବାକୁ ମଧ୍ୟ ଆବେଦନ କରିଛନ୍ତି।



କୋଟକାପୁରା ବିଧାନସଭା ନିର୍ବାଚନମଣ୍ଡଳୀର ସିରସଡ଼ି ଗାଁର ସରପଞ୍ଚ ଜ୍ଞାନ କୌର ଏବଂ ଅନୋଖପୁରା ଗାଁର ସରପଞ୍ଚ ବଲଜିତ ସିଂହଙ୍କ ଅନୁଯାୟୀ ନିଜ ଗାଁରେ ବିବାହ କରିବା ଦ୍ୱାରା ସାମାଜିକ ମୂଲ୍ୟବୋଧ କ୍ଷୁର୍ଣ୍ଣ ହେଉଛି। ଏଥିପାଇଁ ଅନର କିଲିଂ ମାମଲା ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ଏହା ସହିତ ଅନେକ ଅସୁବିଧା ମଧ୍ୟ ହେଉଛି। ଏହା ବଂଶାନୁକ୍ରମିକ ସମସ୍ୟା ବୃଦ୍ଧି କରିପାରେ। ଗାଁରେ ରହିବା ଯୋଗୁଁ ପରସ୍ପରର ଘରେ ହସ୍ତକ୍ଷେପ ମଧ୍ୟ ବୃଦ୍ଧି ପାଇବ। ଏହାଦ୍ୱାରା ସମ୍ପର୍କ ତିକ୍ତ ହୋଇଯିବ। ଗୋଟିଏ ପରିବାରେ ଯେପରି ବିବାହ ହୁଏ ନାହିଁ ସେପରି ଗାଁ ମଧ୍ୟ ଏକ ବଡ଼ ପରିବାର। ପୁଅ ଏବଂ ଝିଅ ପାଇଁ ଗୋଟିଏ ଗାଁରେ ବିବାହ କରିବା ଉଚିତ ନୁହେଁ।

# ଥାନାରେ ଥାର୍ଡ ଡିଗ୍ରୀ!

## ଅଟକ ଯୁବକଙ୍କୁ ଗୁରୁତର ଅବସ୍ଥାରେ କଟକ ସ୍ଥାନାନ୍ତର

ଯାଜପୁର/ବାଲିଚନ୍ଦ୍ରପୁର, ୫।୮ (ସମିସ): ବାଲିଚନ୍ଦ୍ରପୁର ଥାନାରେ ଯୁବକଙ୍କୁ ଥାର୍ଡ ଡିଗ୍ରି। ଘରୋଇ କଳହକୁ କେନ୍ଦ୍ର କରି ଅଟକ ଥିବା ଜଣେ ଯୁବକଙ୍କୁ ପୁଲିସ ଥାନାରେ ନିର୍ଯାତନା ଦେଇଥିବା ନେଇ ଅଭିଯୋଗ ହୋଇଛି। ପୁଲିସ୍ ଅତ୍ୟାଚାରର ଶିକାର ହୋଇଥିବା ଯୁବକଜଣଙ୍କ ହେଲେ, ମହିପୁର ଗାଁର ରମେଶ ମଲ୍ଲିକଙ୍କ ପୁଅ ରବୀନ୍ଦ୍ର ମଲ୍ଲିକ ଓରଫ୍ ବାଦଲ (୪୦)। ଅବସ୍ଥା ଏପରି ଯେ ତାଙ୍କୁ ଗୁରୁତର ଅବସ୍ଥାରେ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ଥାନାରେ ନିର୍ଯାତନା ଯୋଗୁଁ ବାଦଲଙ୍କ ଅବସ୍ଥା ଗୁରୁତର ହୋଇଥିବା ପରିବାରଲୋକେ ଅଭିଯୋଗ କରିଥିବା ବେଳେ ଏ ସଂପର୍କରେ ପୁଲିସ୍ ମୁହଁ ଖୋଲୁନାହିଁ।

ସୂଚନା ମୁତାବକ, ମହିପୁର ଗ୍ରାମର ଦୁଇ ଦଳିତ ପରିବାର ମଧ୍ୟରେ ବିବାଦ ଲାଗି ରହିଥିଲା। ଗତ ୩ ତାରିଖ ଅପରାହ୍ଣରେ ବାଦଲଙ୍କ ସହ ତାଙ୍କ ଦାଦା ମହେଶ୍ୱର ମଲ୍ଲିକଙ୍କ ପାଟିତୁଣ୍ଡ ହୋଇଥିଲା। ଏଥିରେ ବାଦଲ ରାଗିଯାଇଥିଲେ ଏବଂ ମହେଶ୍ୱର ଓ ତାଙ୍କ ଘରକୁ ଆସିଥିବା ପଡ଼ୋଶୀ ମହିଳା ନମିତା ମଲ୍ଲିକଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ। ଏହି ସମୟରେ ମହେଶ୍ୱରଙ୍କ ପୁଅ ବାପାଙ୍କୁ ରକ୍ଷା କରିବା ଉଦ୍ଦେଶ୍ୟରେ ବାଦଲ ଉପରେ ଗରମ ପେଜ ଢାଳି ଦେଇଥିଲା। ପରେ ଏନେଇ ଦୁଇ ପକ୍ଷରୁ ଥାନାରେ ପୃଥକ୍ ପୃଥକ୍ ଦୁଇଟି ଅଭିଯୋଗ ହୋଇଥିଲା। ସେହିଦିନ ପୁଲିସ ବାଦଲଙ୍କୁ ଥାନାରେ ଅଟକ ରଖିଥିଲା। ପରଦିନ ଅର୍ଥାତ୍ ୪ ତାରିଖରେ ପରିବାରଲୋକ ବାଦଲଙ୍କୁ ଦେଖା କରିବାକୁ ଥାନାକୁ ଯାଇଥିବା ବେଳେ ପୁଲିସ ଦେଖା କରାଇ ଦେଇନଥିଲା। ଯେତେ ଗୁହାରି କଲେ ବି ପୁଲିସ୍ କିଛି ନ ଶୁଣି ସେମାନଙ୍କୁ ଫେରାଇ ଦେଇଥିଲା। ତେବେ ଆଜି ପରିବାରଲୋକେ ଜାଣିବାକୁ ପାଇଥିଲେ ଯେ ବାଦଲଙ୍କୁ ଗୁରୁତର ଅବସ୍ଥାରେ ପୁଲିସ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଇଛି। 'ଆମ ପୁଅର କ'ଣ ହୋଇଛି, ଆମକୁ କାହିଁକି ଜଣାଉନାହଁ' ବୋଲି ପରିବାରଲୋକେ ପଚାରିବାରୁ ପୁଲିସ୍ ତାଙ୍କୁ ଥାନା ଗାଡ଼ିରେ କଟକ ବଡ଼ ମେଡିକାଲକୁ ନେଇଥିବା ଜଣାଯାଇଛି। ଥାନାରେ ନିର୍ଯାତନା ଯୋଗୁଁ ବାଦଲଙ୍କ ଅବସ୍ଥା ଗୁରୁତର ହୋଇଥିବା ପରିବାରଲୋକେ ଅଭିଯୋଗ କରିଛନ୍ତି।

ଅନ୍ୟପକ୍ଷରେ, ବାଦଲ ଥାନାରେ ଅଟକ ଥିବା ବେଳେ ବିଷ ପାନ କରିଥିବା ନେଇ ମଧ୍ୟ ଚର୍ଚ୍ଚା ହେଉଛି। ତେବେ ବାଦଲ ଅସୁସ୍ଥ ହେବା ପଛରେ ପ୍ରକୃତରେ କ'ଣ କାରଣ ରହିଛି ସେ ସଂପର୍କରେ ପୁଲିସ କିଛି କହିବାକୁ ମନାକରି ଦେଇଛି।

# ବଦଳିବ ଶ୍ରୀମନ୍ଦିର ଆଇନ

ପୁରୀ, ୫।୮ (ସମିସ): ବାରମ୍ବାର ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାର ବିକଳ ଚିତ୍ର ପଦାରେ ପଡୁଛି। ସୁରକ୍ଷାବଳୟକୁ ଭେଦ କରି ଭିତରକୁ ଯାଉଛି ପ୍ରତିବନ୍ଧକ ଲାଗିଥିବା ସାମଗ୍ରୀ। ତେଣୁ ଏହା ଉପରେ କିପରି ରୋକ୍ ଲାଗିବ, ସେନେଇ କଠୋର ଆଭିମୁଖ୍ୟ ଗ୍ରହଣ କରିବାକୁ ଯାଉଛି ଶ୍ରୀମନ୍ଦିର ପ୍ରଶାସନ। ଏଥିପାଇଁ ପ୍ରଚଳିତ ଶ୍ରୀମନ୍ଦିର ଆଇନ ବଦଳାଯିବ। ମଙ୍ଗଳବାର ଶ୍ରୀମନ୍ଦିର ସୁରକ୍ଷାକୁ ନେଇ ମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଅନୁଷ୍ଠିତ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଶ୍ରୀମନ୍ଦିର ଭିତରକୁ ଗୁପ୍ତ କ୍ୟାମେରା, ମୋବାଇଲ ଫୋନ୍ ଓ ମନ୍ଦିର ଉପରେ ଡ୍ରୋନ୍ ଉଡ଼ାଣ କଟକଣାକୁ ନେଇ ଆହୁରି କଠୋର ହୋଇଛି ମନ୍ଦିର ପ୍ରଶାସନ। ବୈଠକର ନିଷ୍ପତ୍ତି ଆଧାରରେ ଶ୍ରୀମନ୍ଦିର ଆଇନରେ ସଂଶୋଧନ ହେବା ସହ କଟକଣା ଉଲ୍ଲଂଘନ କଲେ, କଠୋର ଦଣ୍ଡବିଧାନର ବ୍ୟବସ୍ଥା ଗ୍ରହଣ କରିବାକୁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯିବ ବୋଲି କହିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ।

ପ୍ରଚଳିତ ଶ୍ରୀମନ୍ଦିର ଆଇନରେ ସେଭଳି କିଛି କଠୋର ଦଣ୍ଡବିଧାନର ପ୍ରାବଧାନ ନ ଥିବାରୁ ବାରମ୍ବାର ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠୁଛି। ତେଣୁ ମନ୍ଦିର ଆଇନରେ ସଂଶୋଧନ ହେଲେ, କଟକଣା ଉଲ୍ଲଂଘନକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି ମୁଖ୍ୟ ପ୍ରଶାସକ। ଶ୍ରୀମନ୍ଦିର ଆଇନରେ ସଂଶୋଧନ ପାଇଁ ଚାରୋଟି ବିନ୍ଦୁ ଉପରେ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯିବ ବୋଲି ଶ୍ରୀମନ୍ଦିର



ମୁଖ୍ୟ ପ୍ରଶାସକ କହିଛନ୍ତି। ପ୍ରଥମ ବିନ୍ଦୁ ହେଉଛି, କୌଣସି ବ୍ୟକ୍ତି ମୋବାଇଲ୍ ଫୋନ୍ ଜାଣତରେ ଶ୍ରୀମନ୍ଦିର ଭିତରେ ବ୍ୟବହାର କଲେ କଠୋର ଦଣ୍ଡବିଧାନ କରାଯିବ। ଦ୍ୱିତୀୟ ବିନ୍ଦୁ ହେଉଛି, କୌଣସି ହିସାବରେ ମହାପ୍ରଭୁଙ୍କ ସଂସ୍କୃତି ଗରିମା ଜାଣତରେ କେହିବି କ୍ଷୁଣ୍ଣ କରିବେନି କିମ୍ବା ସୋସିଆଲ ମିଡିଆରେ ଭାବାବେଗକୁ ଆଘାତ ଭଳି କୌଣସି ପୋଷ୍ଟ କଲେ କଠୋର ଦଣ୍ଡବିଧାନ ହେବା ସହ ଜାମିନ ବିହୀନ ଗିରଫ ପରୱାନା ୭ ବର୍ଷ ପର୍ଯ୍ୟନ୍ତ ଲାଗିବ। ତୃତୀୟ ବିନ୍ଦୁ ହେଉଛି, ଅନଧିକୃତ ଭାବେ ଡ୍ରୋନ୍ ଶ୍ରୀମନ୍ଦିର ଉପରେ ଉଡ଼ାଇଲେ କଠୋର ଦଣ୍ଡବିଧାନ ସହ ଜାମିନ ବିହୀନ ଗିରଫ ଲାଗିବ। ଚତୁର୍ଥ ବିନ୍ଦୁ ହେଉଛି, ଶ୍ରୀମନ୍ଦିର ପରିଚାଳନା କମିଟିର ପରାମର୍ଶକ୍ରମେ ଶ୍ରୀମନ୍ଦିର ଆଇନ ୧୯୫୫ ଅନ୍ତର୍ଗତ ଦଣ୍ଡବିଧାନ

- ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦେବ ମନ୍ଦିର ପ୍ରଶାସନ
- ଗୁପ୍ତ କ୍ୟାମେରା, ମୋବାଇଲ ଓ ଡ୍ରୋନ୍ ଉଡ଼ାଇଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ

ହୋଇପାରିବ। ୩ବର୍ଷ ପର୍ଯ୍ୟନ୍ତ ଜେଲ୍‌ଦଣ୍ଡ ମଧ୍ୟ ଭୋଗିବାକୁ ହେବ। ଏହି ୪ଟି ବିନ୍ଦୁ ଉପରେ ବୈଠକରେ ବିସ୍ତୃତ ଆଲୋଚନା କରାଯାଇ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯିବ ବୋଲି କହିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ପାଢ଼ୀ। ଏହି ବୈଠକରେ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ସମେତ ନୀତି ପ୍ରଶାସକ, ସୁରକ୍ଷା ପ୍ରଶାସକ, ସ୍ୱତନ୍ତ୍ର ବାଟାଲିୟନ କମାଣ୍ଡାଣ୍ଟ ଓ ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ।

## ପୁଣି ଧରାପଡ଼ିଲା ଗୁପ୍ତ କ୍ୟାମେରାଯୁକ୍ତ ଚଷମା

ପୁରୀ, ୫।୮ (ସମିସ): ଶ୍ରୀମନ୍ଦିରକୁ ଏବେ ଗୁପ୍ତ କ୍ୟାମେରା ନିଆଯାଉଛି। ଚଷମାରେ ଏହି ଗୁପ୍ତ କ୍ୟାମେରା ରହିଥିବା ବେଳେ ଭକ୍ତ ଭିତରକୁ ପ୍ରବେଶ କରୁଛନ୍ତି। ୮ ଦିନରେ ୩ଜଣ ଭକ୍ତ ଧରାପଡ଼ିବା ଘଟଣା ଏବେ ପୁଲିସ ପ୍ରଶାସନର ଚିନ୍ତା ବଢ଼ାଇ ଦେଇଛି। ମଙ୍ଗଳବାର ପଶ୍ଚିମବଙ୍ଗର ଜଣେ ଶ୍ରଦ୍ଧାଳୁ ଏହିଭଳି ଏକ କ୍ୟାମେରା ପିନ୍ଧି ଭିତରକୁ ପ୍ରବେଶ କରୁଥିବା ବେଳେ ଧରାପଡ଼ିଛନ୍ତି। ବାରମ୍ବାର ଏଭଳି ଘଟଣା ଘଟୁଥିବାରୁ ଏହାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ଶ୍ରୀମନ୍ଦିର ସେବାୟତ ଓ ବୁଦ୍ଧିଜୀବୀ।

ସୁରକ୍ଷା ଦୃଷ୍ଟିକୋଣରୁ ଶ୍ରୀମନ୍ଦିର ଭିତରକୁ ମୋବାଇଲ, କ୍ୟାମେରା ଆଦି ନେବା ଉପରେ କଟକଣା ରହିଛି। ଏହା ସତ୍ତ୍ୱେ ବିଭିନ୍ନ ସମୟରେ ସୁରକ୍ଷାବଳୟକୁ ଭେଦ କରି ମନ୍ଦିର ଭିତରକୁ ଏସବୁ ଯାଉଛି। ଫଳରେ ବିଭିନ୍ନ ସମୟରେ ମନ୍ଦିର ଭିତରର ବହୁ ସମ୍ବେଦନଶୀଳ ଫଟୋ, ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଛି। ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାର ବିକଳ ଚିତ୍ର ଅନେକ ସମୟରେ ପଦାରେ ପଡୁଛି। ମଙ୍ଗଳବାର ସକାଳେ ପଶ୍ଚିମବଙ୍ଗର ପ୍ରୀତିଶ ପାଲ୍ ମନ୍ଦିର ଭିତରକୁ ହିଡେନ୍ କ୍ୟାମେରା ନେଇ ପ୍ରବେଶ କରିବାକୁ ଉଦ୍ୟମ କରୁଥିବା ବେଳେ ପଶ୍ଚିମଦ୍ୱାରରେ ନିୟୋଜିତ ସୁରକ୍ଷାକର୍ମୀଙ୍କ ହାତରେ ଧରାପଡ଼ିଥିଲେ। ଏହାପରେ ତାଙ୍କୁ ସିଂହଦ୍ୱାର ଥାନାକୁ ନିଆଯାଇ ପଚରାଉଚରା କରାଯାଇଥିଲା। ଶ୍ରୀମନ୍ଦିର ବାହାରେ ଓ ଭିତରେ କଡ଼ା ସୁରକ୍ଷା ସତ୍ତ୍ୱେ ଏମାନେ ମନ୍ଦିର ଭିତରକୁ କିଭଳି ହିଡେନ୍ କ୍ୟାମେରା ନେବାକୁ ସାହସ କରୁଛନ୍ତି, ତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ସେବାୟତ ଓ ବୁଦ୍ଧିଜୀବୀ। ସୂଚନାଥାଉ କି, ୮ଦିନ ଭିତରେ ଏହି ଘଟଣାରେ ୩ଜଣ ଧରା ହେଲେଣି।

# ୩ ମନ୍ତ୍ରୀଙ୍କୁ ବାଦ୍ ପ୍ରସଙ୍ଗରେ ଅସହମତି

## ଦିଲ୍ଲୀ ଗଲେ ମୋହନ- ମନମୋହନ; ଚୂଡ଼ାନ୍ତ ହେବ ନିଗମ, ମନ୍ତ୍ରିମଣ୍ଡଳ

ଭୁବନେଶ୍ୱର, ୫।୮ (ସମିସ): ଦିଲ୍ଲୀରେ ଚୂଡ଼ାନ୍ତ ହେବ ଓଡ଼ିଶାରେ କିଏ ପାଇବ ନିଗମ ଲଡ୍ଡୁ, କାହାମୁଣ୍ଡରେ ଲାଗିବ ମନ୍ତ୍ରୀ ଶିରିପା। ଏଥିପାଇଁ ମୁଖ୍ୟମନ୍ତ୍ରୀ ମୋହନ ମାଝି ଓ ରାଜ୍ୟ ସଭାପତି ମନମୋହନ ସାମଲ ଆଜି ରାତିରେ ଦିଲ୍ଲୀ ଗସ୍ତରେ ଯାଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଦୁଇ ଦିନିଆ ଦିଲ୍ଲୀଗସ୍ତ ମଧ୍ୟରେ ଏ ସବୁ ଚୂଡ଼ାନ୍ତ ହେବ । ଉଭୟ ଦିଲ୍ଲୀରୁ ଫେରିବା ପରେ ପର୍ଯ୍ୟାୟକ୍ରମେ ନିଗମ ଓ ବୋଡର୍ ନିଯୁକ୍ତି ଘୋଷଣା ହେବ । ପରବର୍ତ୍ତୀ ସମୟରେ ଦଳର ଜାତୀୟ ସଭାପତି ଘୋଷଣା ହେବା ପରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହେବ।

ଆଜି ରାଜ୍ୟ ସରକାର ମହିଳା କମିଶନ ଓ ଶିଶୁ ସୁରକ୍ଷା କମିଶନ ଅଧ୍ୟକ୍ଷାଙ୍କୁ ନିଯୁକ୍ତି ଦେଇଛନ୍ତି। ମହିଳା କମିଶନ ଅଧ୍ୟକ୍ଷା ପଦରେ ଉତ୍ତର ଓଡ଼ିଶା ଓ ଶିଶୁ ସୁରକ୍ଷା କମିଶନ ଅଧ୍ୟକ୍ଷା ପଦରେ ଦକ୍ଷିଣ ଓଡ଼ିଶାରୁ ଜଣେ ମହିଳାଙ୍କୁ ଅବସ୍ଥାପିତ କରାଯାଇଛି। ମାତ୍ର ଅନ୍ୟ କମିଶନ, ନିଗମ, ବୋଡର୍, ପରିଷଦଗୁଡ଼ିକରେ ଖାଲିଥିବା ପ୍ରାୟ ୬୦ଟି ପଦ ବର୍ଷାଧିକ କାଳ ହେଲା ପୂରଣ ହୋଇ ନାହିଁ। ସେହିପରି ରାଜ୍ୟ ବିଧାନସଭାର ମୌସୁମୀ ଅଧିବେଶନ ଆଗାମୀ ମାସରେ ବସିବା ପୂର୍ବରୁ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ କରାଯିବା ଆପାତତଃ ନିଶ୍ଚିତ କୁହାଯାଉଥିଲେ ହେଁ ସେ ସଂକ୍ରାନ୍ତରେ ଠୋସ ନିଷ୍ପତ୍ତି ହୋଇପାରି ନାହିଁ ।

ଭୁବନେଶ୍ୱରରୁ ଦିଲ୍ଲୀ ପର୍ଯ୍ୟନ୍ତ ବିଜେପି ନେତାଙ୍କ ଯାବତୀୟ କସରତ ସତ୍ତ୍ୱେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣକୁ ଚୂଡ଼ାନ୍ତ ରୂପ ଦିଆଯାଇ ପାରୁନାହିଁ। ସେହିପରି ନିଗମ, ବୋର୍ଡ, ଅକାଦେମୀ ଏବଂ କେତେକ କମିଶନରେ ଏଯାବତ୍ ନିଯୁକ୍ତି ଦିଆଯାଇପାରି ନାହିଁ। ଯାହାକୁ ନେଇ ଆଶାୟୀ ଦଳୀୟ ନେତାଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ସେହିପରି ଏହା ଉଭୟ ସରକାର ଏବଂ ସଂଗଠନର ନିଷ୍ପତ୍ତି ନେବା କ୍ଷମତା ଉପରେ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଇତିମଧ୍ୟରେ ଉଭୟେ ମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟ ସଭାପତି ଦିଲ୍ଲୀ ଗସ୍ତ କରି ମନ୍ତ୍ରୀମଣ୍ଡଳର ରୂପରେଖ ଚୂଡ଼ାନ୍ତ କରିବାକୁ ଉଦ୍ୟମ କରିଛନ୍ତି। ମାତ୍ର କୌଣସି ନା କୌଣସି କାରଣରୁ ଏହା ଶେଷ ମୂହୂର୍ତ୍ତରେ ବିଫଳ ହୋଇଛି। ବିଶେଷକରି ୨ରୁ ୩ ଜଣ ମନ୍ତ୍ରୀଙ୍କୁ ମନ୍ତ୍ରୀମଣ୍ଡଳରୁ ବାଦ୍ ଦେବାକୁ ନେଇ ସରକାର କୌଣସି ଠୋସ୍ ନିଷ୍ପତ୍ତି ନେଇପାରୁ ନ ଥିବାରୁ ଏହା ପ୍ରକ୍ରିୟାକୁ ବିଳମ୍ବ କରୁଛି। ଏପଟେ ସରକାରରେ ଜଣେ ଜଣେ ମନ୍ତ୍ରୀଙ୍କ ଉପରେ ଏକାଧିକ ବିଭାଗ ନ୍ୟସ୍ତ ଥିବାରୁ ଏହା ସେମାନଙ୍କର କାର୍ଯ୍ୟଦକ୍ଷତାକୁ ପ୍ରଭାବିତ କରୁଛି। ଅନେକ ସମୟରେ ମନ୍ତ୍ରୀମାନେ ଅନ୍ୟ ବିଭାଗରେ ମୁଣ୍ଡ ପୂରାଇ ମଧ୍ୟ ସାଧାରଣରେ ଅପଦସ୍ତ ହେଉଛନ୍ତି। ଏହାକୁ ନେଇ ମୁଖ୍ୟମନ୍ତ୍ରୀ ବେଶ୍ ଚିନ୍ତିତ ଥିବାବେଳେ ଚଳିତ ଦିଲ୍ଲୀ ଗସ୍ତରେ ଏନେଇ ଠୋସ୍ ନିଷ୍ପତ୍ତି ନିଆଯିବ ବୋଲି ଜଣାପଡ଼ିଛି। ଅପରପକ୍ଷେ ବିଜେପି ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଆସନ୍ତା ଅଗଷ୍ଟ ୧୫ ତାରିଖ ପୂର୍ବରୁ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଘଟିପାରେ। ସେହିପରି ଖୁବଶୀଘ୍ର ବୋର୍ଡ, ନିଗମରେ ମଧ୍ୟ ସରକାର ନିଯୁକ୍ତି ଦେବେ। ଏଥିପାଇଁ ତାଲିକା ପ୍ରସ୍ତୁତ ସରିଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ ଦିଲ୍ଲୀ ଗସ୍ତ ସରିବା ପରେ ଏହା ବିଜ୍ଞପ୍ତି ଆକାରରେ ପ୍ରକାଶ ପାଇବ ବୋଲି ସର୍ବାଧିକ ସମ୍ଭାବନା ରହିଛି।

## ଅଶ୍ଳୀଳ ଫଟୋ ଭାଇରାଲ ଧମକ ଦେଇ ୬ଲକ୍ଷ ଟଙ୍କା ଲୁଟ୍

ବାରିପଦା, ୫।୮ (ସମିସ): ଜଣେ ଯୁବତୀଙ୍କ ସହ ଅଶ୍ଳୀଳ ଫଟୋ ସୋସିଆଲ ମିଡିଆରେ ଭାଇରାଲ କରିବା ଧମକ ଦେଇ ସାଇବର୍ ଠକ ଜଣେ ଯୁବକଙ୍କଠାରୁ ୬ଲକ୍ଷ ୧୪ହଜାର ୫୦୦ଟଙ୍କା ଲୁଟି ନେଇଛନ୍ତି। ଠକେଇର ଶିକାର ଯୁବକ ହେଲେ, ବିଶୋଇ ଥାନା ଅନ୍ତର୍ଗତ ସାନମଣଦା ଗ୍ରାମର ନନ୍ଦିରାମ ନାଏକ। ଏ ସଂପର୍କରେ ସେ ସାଇବର୍ ଓ ଅର୍ଥନୈତିକ ଅପରାଧ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ପ୍ରଥମେ ଏକ ଅଜଣା ନମ୍ବରରୁ ତାଙ୍କୁ ଫୋନ୍ ଓ ହ୍ୱାଟ୍ସ-ଆପ୍ କଲ୍ ଆସିଥିଲା। ପରେ ବ୍ୟକ୍ତିଜଣଙ୍କ ତାଙ୍କୁ ଟଙ୍କା ମାଗିଥିଲେ। ଟଙ୍କା ନ ଦେଲେ ଜଣେ ମହିଳାଙ୍କ ସହ ତାଙ୍କର ଆପତ୍ତିଜନକ ଦୃଶ୍ୟ ସୋସିଆଲ ମିଡିଆରେ ଭାଇରାଲ କରିଦେବେ ବୋଲି ଧମକ ଦେଇଥିଲେ। ଏଥିରେ ଭୟଭୀତ ହୋଇ ନନ୍ଦିରାମ ପର୍ଯ୍ୟାୟକ୍ରମେ ଦୁଇଟି ବ୍ୟାଙ୍କ ଆକାଉଣ୍ଟରୁ ସମୁଦାୟ ୬ ଲକ୍ଷ ୧୪ ହଜାର ୫୦୦ ଟଙ୍କା ଦେଇଦେଇଥିଲେ। ପରେ ସେ ଏନେଇ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗ ଆଧାରରେ ପୁଲିସ୍ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ଶୋଭନା ମହିଳା କମିଶନ, ବବିତା ଶିଶୁ ଅଧିକାର ଆୟୋଗ ଅଧ୍ୟକ୍ଷା

### ମହିଳା କମିଶନରେ ୪ ଓ ଶିଶୁ ଅଧିକାର ଆୟୋଗରେ ୬ ସଦସ୍ୟ

ଭୁବନେଶ୍ୱର, ୫।୮ (ସମିସ): ଦୀର୍ଘ ଦିନ ଧରି ଖାଲି ପଡ଼ିବା ପରେ ରାଜ୍ୟ ସରକାର ମହିଳା କମିଶନ ଓ ଶିଶୁ ସୁରକ୍ଷା ଅଧିକାର ଆୟୋଗର ଅଧ୍ୟକ୍ଷା ପଦ ପୂରଣ କରିଛନ୍ତି।

ରାଜ୍ୟର ନୂଆ ମହିଳା କମିଶନ ଅଧ୍ୟକ୍ଷା ରୂପେ ନିଯୁକ୍ତି ପାଇଛନ୍ତି ଶୋଭନା ମହାନ୍ତି। ସେହିପରି ବବିତା ପାତ୍ରଙ୍କୁ ରାଜ୍ୟ ଶିଶୁ ଅଧିକାର ଆୟୋଗ ଅଧ୍ୟକ୍ଷା ଦାୟିତ୍ୱ ପ୍ରଦାନ କରାଯାଇଛି। ମଙ୍ଗଳବାର ମହିଳା ଓ ଶିଶୁ କଲ୍ୟାଣ ବିଭାଗ ପକ୍ଷରୁ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ମହିଳା କମିଶନ ଓ ଶିଶୁ ସୁରକ୍ଷା ଅଧିକାର ଆୟୋଗଙ୍କ କାର୍ଯ୍ୟକାଳ ୩ ବର୍ଷ ଧାର୍ଯ୍ୟ କରାଯାଇଛି।

ମହିଳା କମିଶନର ସଦସ୍ୟା ଭାବରେ ପ୍ରତିଭା ଶତପଥୀ, ଉର୍ମିଳା ମହାପାତ୍ର, କଳ୍ପନା ମଲ୍ଲିକ ଓ ମୁକ୍ତା ସାହୁଙ୍କୁ ନିଯୁକ୍ତି ଦିଆଯାଇଛି। ସେହିପରି ଶିଶୁ ସୁରକ୍ଷା ଆୟୋଗ ସଦସ୍ୟା ଭାବରେ କେନ୍ଦୁଝରର ସୁକେଶୀ ଓରାମ, ରାଉରକେଲାର କଳ୍ପନା ଲେଙ୍କା, ଭୁବନେଶ୍ୱରର ଚନ୍ଦନା ଦାସ, ଭୁବନେଶ୍ୱରର କସ୍ତୁରୀ ମିଶ୍ର, ଭଦ୍ରକର ମନସ୍ମିତା ଖୁଣ୍ଟିଆ ଓ ଭୁବନେଶ୍ୱରର ସୁଜାତା ନାୟକଙ୍କୁ ନିଯୁକ୍ତି ମିଳିଛି।

ଶୋଭନା ମହାନ୍ତିଙ୍କ ଘର ବାଲେଶ୍ୱର ଜିଲ୍ଲା ରେମୁଣା ବ୍ଲକ ଅନ୍ତର୍ଗତ କରଞ୍ଜିଆ ଗ୍ରାମରେ। ଦାୟିତ୍ୱ ନେବା ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ସେ କହିଛନ୍ତି ଯେ ଏପରି ଗୁରୁଦାୟିତ୍ୱ ମିଳିଥିବାରୁ ଖୁସି ଅନୁଭବ କରୁଛି। ରାଜ୍ୟ ସରକାର ଯେଉଁ ଦାୟିତ୍ୱ ଦେଇଛନ୍ତି, ତାକୁ ଠିକ୍ ଭାବେ ତୁଲାଇବି। ମହିଳାଙ୍କୁ ଠିକ ଭାବେ ନ୍ୟାୟ ଦେବାକୁ ଉଦ୍ୟମ କରିବି। ଆମ ସରକାରରେ ମହିଳାଙ୍କୁ ଉଚିତ ନ୍ୟାୟ ମିଳିବ। ନିଜ ଦଳ ହୁଅନ୍ତୁ ବା ଅନ୍ୟ କେଉଁ ଦଳର ହୁଅନ୍ତୁ ଦୋଷୀଙ୍କୁ ଛଡ଼ାଯିବ ନାହିଁ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ





କରିଛନ୍ତି। ଅନୁରୂପ ଭାବରେ ବବିତା ପାତ୍ର ତାଙ୍କ ନିଯୁକ୍ତି ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସେ କହିଛନ୍ତି ଯେ ରାଜ୍ୟରେ ଶିଶୁ ଅଧିକାର ଓ ସୁରକ୍ଷା ସୁନିଶ୍ଚିତ ହେବ। ଶିଶୁ ନିର୍ଯାତନା କମାଇବାକୁ ରୋଡ଼ ମ୍ୟାପ ପ୍ରସ୍ତୁତ କରିବୁ। ମହିଳା ଓ ଶିଶୁ ବିକାଶ ବିଭାଗ ସହ ମିଶି ଶିଶୁ ଚାଲାଣ ଓ ଶିଶୁ ଶ୍ରମିକ ରୋକିବୁ। ବିଜେପି ସରକାରରେ ଶିଶୁଙ୍କ କଲ୍ୟାଣ ହେବା ସହ ନାବାଳିକା ଦୁଷ୍କର୍ମ, ଶିଶୁ ନିର୍ଯାତନା ଉପରେ କଠୋର ବ୍ୟବସ୍ଥା କରାଯିବ ବୋଲି ସେ ମତବ୍ୟକ୍ତ କରିଛନ୍ତି।

## ଚାଲାଣ ବେଳେ ୧୦୭୮ କଇଁଛ ଜବତ

କାଲିମେଳା/ମୋଟୁ, ୫।୮ (ସମିସ): ମାଲକାନଗିରି ବନ ବିଭାଗ ଆଜି ଏକ କଇଁଛ ଚାଲାଣ ରାକେଟ୍‌ର ପର୍ଦ୍ଦାଫାସ୍ କରିବା ସହ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ, ଏମଭି-୭୯ ଥାନା ଅନ୍ତର୍ଗତ ଏମପିଭି ୬୫ ଗ୍ରାମର ସୁକୁମାର ତରଫଦାର ଓରଫ୍ ଖୋକନ, ଛତିଶଗଡ଼ ରାଜ୍ୟ ସୁକୁମା ଜିଲ୍ଲା ଦରନାପାଲ ଗ୍ରାମର ଡ୍ରାଇଭର ଯୁଗଳ ଚନ୍ଦ୍ର ଦେ ଓ ଏମଭି ୭୯ ଥାନା ଅନ୍ତର୍ଗତ ଏମପି ଭି ୫୬ ଗ୍ରାମର ବିଶ୍ୱନାଥ ମଣ୍ଡଳ। ସେମାନଙ୍କ ନିକଟରୁ ମୋଟ ୧୦୭ଟି କଇଁଛ ଜବତ ହୋଇଛି। ସେଥିମଧ୍ୟରୁ ୯୧୦ଟି ଜୀବନ୍ତ କଇଁଛ ଥିବା ବେଳେ ୧୬୮ଟି ମୃତ ଥିବା ଜଣାଯାଇଛି। ଏକ ବଲେରୋରେ ସେମାନେ ଏହି କଇଁଛଗୁଡ଼ିକୁ ଆନ୍ଧ୍ରପ୍ରଦେଶରୁ ଟିଗଲ ପଞ୍ଚାୟତ ଏମପିଭି ୬୫ ଗ୍ରାମକୁ ବିକ୍ରି ଏବଂ ଖାଇବା ଉଦ୍ଦେଶ୍ୟରେ ଚାଲାଣ କରୁଥିଲେ। ଅପରାହ୍ଣ ପ୍ରାୟ ୪ଟାରେ ମୋଟୁ-କୋଣ୍ଟା ବ୍ରିଜ୍ ନିକଟରେ ବନ ବିଭାଗର ଏକ ପାଟ୍ରୋଲିଂ ଗାଡ଼ି ସେମାନଙ୍କୁ ମାଡ଼ି ବସିଥିଲା। ଏହି ଚଢ଼ଉରେ ଜିଲ୍ଲା ସହାୟକ ବନଖଣ୍ଡ ଅଧିକାରୀ ମନସୁନ ଖେମୁଣ୍ଡୁ, ମୋଟୁ ଫରେଷ୍ଟର୍ ମୁରଲୀଧର ଅନୁଗୁଳିଆ ଓ ମୋଟୁ ସେକ୍ସନ୍‌ର ସମସ୍ତ ବନ କର୍ମଚାରୀ ସାମିଲ ଥିଲେ। ଏନେଇ ତଦନ୍ତ ଚାଲିଛି ବୋଲି ତଦନ୍ତକାରୀ ଅଧିକାରିଣୀ ଏସି ଏଫ ମୁନସୁନ ଖେମୁଣ୍ଡୁ କହିଛନ୍ତି।

## ମାଓବାଦୀ ମୁକାବିଲା ପାଇଁ ସ୍ୱତନ୍ତ୍ର ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ

# ନିୟୋଜିତ ହେବେ ଅଧିକ ପୁଲିସ ଓ ଏସ୍‌ଓଜି: ଏଡିଜି

ରାଉରକେଲା, ୫।୮ (ସମିସ): ସୁନ୍ଦରଗଡ଼ ଜିଲ୍ଲାର ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତବର୍ତ୍ତୀ ଇଲାକାରେ ମାଓବାଦୀଙ୍କ ହିଂସାକୁ ମୁକାବିଲା କରିବା ପାଇଁ ଏକ ସ୍ୱତନ୍ତ୍ର ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରାଯାଉଛି। ଏଥିପାଇଁ ଅଧିକ ପୁଲିସ କ୍ୟାମ୍ପ ସ୍ଥାପନ ସହ ଅଧିକ ଏସଓଜି ଯବାନ ମୁତୟନ ହେବେ ବୋଲି କହିଛନ୍ତି ରାଜ୍ୟ ଆଣ୍ଟି ନକ୍ସଲ ଅପରେସନ ତଥା ଏସଆଇଡବ୍ଲ୍ୟୁ ଏଡିଜି ସଞ୍ଜୀବ ପଣ୍ଡା।

ମାଓ ଉପଦ୍ରୁତ କେ.ବଲାଙ୍ଗ ଥାନା ଅଧୀନ ରେଞ୍ଜୋଡ଼ା ଅଞ୍ଚଳ ଗସ୍ତକରି ଫେରିବା ପରେ ମଙ୍ଗଳବାର ସାମ୍ବାଦିକମାନଙ୍କର ପ୍ରଶ୍ନର ଉତ୍ତର ଦେଇ ଏଡିଜି ଶ୍ରୀ ପଣ୍ଡା କହିଲେ, ୨୦୧୮ ପରେ ସୁନ୍ଦରଗଡ଼ ଜିଲ୍ଲାରେ ମାଓ କାର୍ଯ୍ୟକଳାପ ପ୍ରାୟ କମି ଯାଇଥିଲା। ସମ୍ପ୍ରତି ସରଣ୍ଡା ଜଙ୍ଗଲରେ ଯେଉଁ ତିନି ତିନିଟି ଆଇଇଡି ବିସ୍ଫୋରଣ ଘଟିଲା, ୨୦୧୮ ମସିହା ପରେ ଏହା ମାଓବାଦୀଙ୍କ ପ୍ରଥମ ହିଂସାତ୍ମକ କାଣ୍ଡ। ମାଓ କାର୍ଯ୍ୟକଳାପକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛନ୍ତି। ସୁନ୍ଦରଗଡ଼ ଜିଲ୍ଲାର ମାଓ ପ୍ରବଣ ସୀମାନ୍ତ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାକୁ ଆହୁରି ଉନ୍ନତ କରାଯିବ। ଏସ୍‌ଓଜି ଯବାନଙ୍କ ସଂଖ୍ୟା ବୃଦ୍ଧି କରାଯାଇ ସେଠାରେ ମୁତୟନ କରାଯିବ। ମାଓ କାର୍ଯ୍ୟକଳାପକୁ ପ୍ରଶମିତ କରିବା ପାଇଁ ଝାଡ଼ଖଣ୍ଡ ରାଜ୍ୟ ପୁଲିସ ସହ ଆଲୋଚନା ହୋଇଛି। ଏହି ପରିପ୍ରେକ୍ଷୀରେ ମାଓ



ପ୍ରବଣ ଅଞ୍ଚଳରେ ମାଓବାଦୀ ନିପାତ ପାଇଁ ଏକ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରାଯାଇଛି। ରାଜ୍ୟର ଅପରେସନ, ଗୁଇନ୍ଦା ବିଭାଗକୁ ଆହୁରି ସକ୍ରିୟ କରାଯିବ ବୋଲି ଏଡିଜି ଶ୍ରୀ ପଣ୍ଡା ସୂଚନା ଦେଇଛନ୍ତି। ଏହି ଅବସରରେ ଆଇଜି (ଅପରେସନ) ଡ. ଦୀପକ କୁମାର, ଡିଆଇଜି (ଅପରେସନ) ଅଖିଳେଶ୍ୱର ସିଂ, ପଶ୍ଚିମାଞ୍ଚଳ ପୁଲିସ ଡିଆଇଜି ବ୍ରିଜେଶ କୁମାର ରାଏ, ଏସ୍‌ପି ନିତେଶ ୱାଧୱାନୀ ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ଗତ ୨୮ ତାରିଖରୁ ଛୋଟନାଗପୁର ଡିଭିଜନାଲ କମିଟିର ପୂର୍ବୀ ରିଜିଓନାଲ ବ୍ୟୁରୋ ପକ୍ଷରୁ ମାଓବାଦୀଙ୍କ ଦ୍ୱାରା ସହିଦ ସପ୍ତାହ ପାଳନ କରାଯାଉଥିଲା। ଏଥିପାଇଁ ମାଓ ସଂଗଠନ ପକ୍ଷରୁ ସରଣ୍ଡା ଜଙ୍ଗଲର ବିଭିନ୍ନ ସ୍ଥାନରେ ମାଓ ପୋଷ୍ଟର୍ ଲଗାଯାଇ ଚେତାବନୀ ଦିଆଯାଇଥିଲା। ସୋମବାର ସହିଦ ସପ୍ତାହ ପାଳନର ଅନ୍ତିମ ଦିବସରେ ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତରେ ମାଓବାଦୀମାନେ ବିମଲାଗଡ଼-କିରିବୁରୁ ସେକ୍ସନ୍‌ର ରାଞ୍ଜଡ଼ା ରେଳଷ୍ଟେସନ୍‌ରୁ ୩ କିଲୋମିଟର ଦୂରରେ ରେଳ ଧାରଣା ଖୁଣ୍ଟ ନମ୍ବର ୪୭୧/୧ ନିକଟରେ ଏକ ଲ୍ୟାଣ୍ଡମାଇନ ଖଞ୍ଜିଥିଲେ। ତେବେ ଉକ୍ତ ଲ୍ୟାଣ୍ଡମାଇନ ଉପରେ ରେଳୱେ କର୍ମଚାରୀ ବୁଦ୍ଧୁରାମ ମୁଣ୍ଡାଙ୍କ ଗୋଡ଼ ପଡ଼ିଯିବାରୁ ୨ ତାରିଖ ରାତି ୧୧ ଟା ୩୩ ମିନିଟ ରେ ଏକ ଭୟଙ୍କର ବିସ୍ଫୋରଣ ହୋଇଥିଲା। ଫଳରେ ଏହି ବିସ୍ଫୋରଣରେ ବୁଦ୍ଧୁରାମ ଗୁରୁତର ଭାବେ ଆହତ ହୋଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ରାଉରକେଲାର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା କରାଯାଉଛି ଓ ପୁନର୍ବାର ସୋମବାର ୯ ଟା ୧୧ ମିନିଟରେ ସେହି ଟ୍ରାକ୍‌ର ଖୁଣ୍ଟ ନମ୍ବର ୪୭୭/୩୪-୩୫ ନିକଟରେ ମାଓବାଦୀମାନେ ଖଞ୍ଜିଥିବା ଆଉ ଏକ ଲ୍ୟାଣ୍ଡମାଇନ ବିସ୍ଫୋରଣ ଘଟିଥିଲା। ଏଥିରେ ଜଣେ ଗ୍ୟାଙ୍ଗ ମ୍ୟାନ୍ ଏତୁଆ ଓରାମଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା।

# ହାତୀଙ୍କ ପାଇଁ ଜଙ୍ଗଲ ଭିତରେ ହେବ ଧାନ ଚାଷ

ଭୁବନେଶ୍ୱର, ୫।୮ (ସମିସ): ରାଜ୍ୟରେ ପ୍ରତିବର୍ଷ ହାତୀ ମୁନୁଷ୍ୟ ଲଢ଼େଇ ଯୋଗୁଁ ଶତାଧିକ ଲୋକଙ୍କ ଜୀବନ ଯାଉଛି। ଅନେକ ସମୟରେ ହାତୀ-ମଣିଷ ଲଢ଼େଇରେ ଓଡ଼ିଶାର ମୃତକଙ୍କ ସଂଖ୍ୟା ସାରା ଦେଶରେ ଅଧିକ ରହୁଛି। ମୁଖ୍ୟତଃ ହାତୀମାନଙ୍କୁ ଜଙ୍ଗଲରେ ଖାଦ୍ୟ ଅଭାବ ହେଉଥିବା ଯୋଗୁଁ ସେମାନେ ବାହାରକୁ ଆସୁଛନ୍ତି ଓ ହାତୀ-ମଣିଷ ସଂଘର୍ଷ ବୃଦ୍ଧି ପାଉଛି। ତେଣୁ ଏହାକୁ ରୋକିବାକୁ ଜଙ୍ଗଲ ଭିତରେ ଧାନ ଚାଷ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟ ବନ ବିଭାଗକୁ ପରାମର୍ଶ ଦେଇଛନ୍ତି।

ମଙ୍ଗଳବାର ଲୋକସେବା ଭବନ କନ୍‌ଭେନ୍ସନ୍ ସେଣ୍ଟରରେ ଆୟୋଜିତ ରାଜ୍ୟସ୍ତରୀୟ ବନ ଅଧିକାରୀ ସମ୍ମିଳନୀରେ ଉପସ୍ଥିତ ବନଖଣ୍ଡ ଅଧିକାରୀମାନଙ୍କ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବନୀକରଣ କାର୍ଯ୍ୟକ୍ରମରେ ଜନବସତି ଅଞ୍ଚଳରେ ଏପରି ଗଛ ଲଗାଇବା ଉଚିତ, ଯାହା ଲୋକଙ୍କୁ ଫଳ, ପୁଷ୍ପ ପ୍ରଦାନ କରୁଥିବା ସହିତ ଛାୟା ପ୍ରଦାନ କରିପାରିବ। ତେବେ ଯାଇ ଲୋକମାନେ




ଏସବୁ ବୃକ୍ଷର ଉପଯୁକ୍ତ ଯତ୍ନ ନେବେ। ସେହିଭଳି ପଥପାର୍ଶ୍ୱ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଲୋକମାନଙ୍କ କାମରେ ଲାଗିଲା ଭଳି ଗଛ ରୋପଣ କରିବାକୁ ମୁଖ୍ୟମନ୍ତ୍ରୀ କହିଛନ୍ତି। ରାଜ୍ୟର ଏକ-ଚତୁର୍ଥାଂଶ ଲୋକ ହେଉଛନ୍ତି ଆଦିବାସୀ ସଂପ୍ରଦାୟର ଲୋକ। ସେମାନେ ମୁଖ୍ୟତଃ ବଣ ଜଙ୍ଗଲ ଏବଂ ଏହାର ଆଖପାଖ ଅଞ୍ଚଳରେ ବସବାସ କରନ୍ତି। ତେଣୁ ବନ ଅଧିକାରୀମାନେ ଗରିବ, ଆଦିବାସୀ, ଦଳିତ ବର୍ଗ ଲୋକଙ୍କ ସହିତ ଜଙ୍ଗଲ ସୁରକ୍ଷା ନିୟମ ପାଳନ ସମୟରେ ସମ୍ବେଦନଶୀଳତା ସହ ବ୍ୟବହାର କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ କାର୍ଯ୍ୟକ୍ରମରେ କହିଛନ୍ତି ଯେ ଓଡିଶାରେ ଜଙ୍ଗଲ ଅଭିବୃଦ୍ଧି କ୍ଷେତ୍ରରେ ଯାହା ବି ଅଭିବୃଦ୍ଧି ହୋଇଛି ଏହାର ଶ୍ରେୟଜଙ୍ଗଲ ବିଭାଗର ଅଧିକାରୀ ଓ କର୍ମଚାରୀ ମାନଙ୍କର। ତେଣୁ ସମସ୍ତ କ୍ଷେତ୍ରରେ ସ୍ୱଚ୍ଛତା ଅବଲମ୍ବନ କରି ଲୋକଙ୍କ ସହ ଯୋଡିହୋଇ କାମ କରି ବିଭାଗ ପାଇଁ ସୁନାମ ଆଣିବା ପାଇଁ ସେ ପରାମର୍ଶ ଦେଇଛନ୍ତି। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଜଙ୍ଗଲ ସମ୍ପଦର ସୁରକ୍ଷା ସହିତ ଜଙ୍ଗଲ ଭିତରେ ଏବଂ ଜଙ୍ଗଲ ନିକଟରେ ରହୁଥିବା ଲୋକଙ୍କୁ ଜଙ୍ଗଲ ସଂରକ୍ଷଣ ପ୍ରତି ସଚେତନ କରିବା ଓ ଜଙ୍ଗଲ ମଧ୍ୟରେ ରହୁଥିବା

**ବନୀକରଣ ବେଳେ ଫଳ, ଫୁଲ ଗଛ ଲଗାଇବାକୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ**

ଲୋକଙ୍କ ଜୀବନ ଜୀବିକା ବୃଦ୍ଧି ପ୍ରତି ଦୃଷ୍ଟି ଦେବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଆଞ୍ଚଳିକ ଉଦ୍ଭିଦ ଗବେଷଣା କେନ୍ଦ୍ର, ଉଦ୍ୟାନ କୃଷି ବିଭାଗ ଏବଂ ଓଡିଶା ରାଜ୍ୟ ବିହନ ନିଗମ ମଧ୍ୟରେ ଏକ ତ୍ରିପାକ୍ଷିକ ଚୁକ୍ତିପତ୍ର ସ୍ୱାକ୍ଷର ହୋଇଥିଲା। ଏହାଦ୍ୱାରା ରାଜ୍ୟର କୃଷକ ମାନଙ୍କୁ ସୁଲଭ ମୂଲ୍ୟରେ ଉନ୍ନତ ମାନର ଫଳ ଚାରା ଯୋଗାଇ ଦିଆଯିବ। କାର୍ଯ୍ୟକ୍ରମରେ ପ୍ରଧାନ ମୁଖ୍ୟ ବନସଂରକ୍ଷକ (ବନ୍ୟପ୍ରାଣୀ) ପ୍ରେମ୍ କୁମାର ଝା, ପ୍ରଧାନ ମୁଖ୍ୟ ବନସଂରକ୍ଷକ (କେନ୍ଦୁପତ୍ର) ଉମା ନନ୍ଦୁରୀ ଉପସ୍ଥିତ ଥିଲେ।

■ ଏମ୍‌କେସିଜିରେ ଗୋଟିଏ ସିଲିଣ୍ଡରରୁ ୨ ଶିଶୁଙ୍କୁ ଅକ୍ସିଜେନ୍

## ଅଧୀକ୍ଷକଙ୍କୁ ରିପୋର୍ଟ ମାଗିଲେ ଡିଏମ୍‌ଇଟି ଓ ଆର୍‌ଡିସି

ବ୍ରହ୍ମପୁର, ୫।୮ (ସମିସ): ଏମ୍‌କେସିଜି ମେଡିକାଲ ଶିଶୁବିଭାଗରେ ଚିକିତ୍ସିତ ଦୁଇ ନବଜାତ ଶିଶୁଙ୍କୁ ଗୋଟିଏ ସିଲିଣ୍ଡରରୁ ଅକ୍ସିଜେନ ଦିଆଯିବା ଘଟଣାକୁ ଉଭୟ ଡିଏମ୍‌ଇଟି ଓ ଦକ୍ଷିଣାଞ୍ଚଳ ଆର୍‌ଡ଼ିସି ଗୁରୁତର ସହ ନେଇଛନ୍ତି। ଘଟଣା ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ଓ ପ୍ରସାରଣ ପରେ ଏନେଇ ଉଭୟ ଅଧିକାରୀ ତତ୍ପରତା ପ୍ରକାଶ କରି ଏମ୍‌କେସିଜି ମେଡ଼ିକାଲ ଅଧୀକ୍ଷକ ପ୍ରଫେସର ଡ଼ା. ଦୁର୍ଗା ମାଧବ ଶତପଥୀଙ୍କୁ ରିପୋର୍ଟ ତଲବ କରିଛନ୍ତି। କାହିଁକି ଓ କେଉଁଭଳି ପରିସ୍ଥିତିରେ ଶିଶୁବିଭାଗ ପକ୍ଷରୁ ଏଭଳି ନିଷ୍ପତି ନିଆଗଲା ସେ ସମ୍ପର୍କରେ ତଦନ୍ତ କରିବା ସହ କିପ୍ରକାର ପଦକ୍ଷେପ ଗ୍ରହଣ କରାଯାଇଛି ତାହା ଜଣାଇବାକୁ ମଧ୍ୟ କୁହାଯାଇଛି।

ଅନ୍ୟପକ୍ଷରେ ଘଟଣା ସମୟର ଭିଡ଼ିଓ ଏବଂ ଫଟୋ ଭାଇରାଲ ପରେ ଘଟଣାକୁ ନେଇ ମେଡ଼ିକାଲ ଅଧୀକ୍ଷକ ମଧ୍ୟ ଶିଶୁବିଭାଗ ମୁଖ୍ୟଙ୍କ ସହ ଆଲୋଚନା କରିଥିବା ଜଣାପଡିଛି। ଯଦି ଉଭୟ ରୋଗୀଙ୍କୁ ସମାନ ପରିମାଣର ଅକ୍ସିଜେନ ଆବଶ୍ୟକ ଥାଏ ତେବେ ଏଭଳି ପରିସ୍ଥିତିରେ ଗୋଟିଏ ସିଲିଣ୍ଡରରୁ ଏକାଧିକ ରୋଗୀଙ୍କୁ ଅକ୍ସିଜେନ ପ୍ରଦାନ କରାଯାଇ ପାରିବ ବୋଲି ଶିଶୁବିଭାଗ ପକ୍ଷରୁ ଅଧୀକ୍ଷକଙ୍କୁ କୁହାଯାଇଥିବା ଜଣାପଡିଛି। ଏନେଇ ପାଠ୍ୟପୁସ୍ତକରେ ମଧ୍ୟ ଉଲ୍ଲେଖ ଥିବା ଦର୍ଶାଯାଇଛି। ଅପରପକ୍ଷରେ କେଉଁ ପାଠ୍ୟପୁସ୍ତକରେ ଏଭଳି ଉଲ୍ଲେଖ ଅଛି ତାହା ପ୍ରମାଣ ସହ ଉପସ୍ଥାପନ କରିବାକୁ ମେଡ଼ିକାଲ ଅଧୀକ୍ଷକ ପ୍ରଫେସର ଡ଼ା. ଦୁର୍ଗା ମାଧବ ଶତପଥୀ ଶିଶୁବିଭାଗୀୟ ମୁଖ୍ୟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରିପୋର୍ଟ ପାଇବା ପରେ ଦକ୍ଷିଣାଞ୍ଚଳ ଆର୍‌ଡ଼ିସିଙ୍କ ସମେତ ଡିଏମ୍‌ଇଟିଙ୍କୁ ପ୍ରଦାନ କରାଯିବ ବୋଲି ଡ଼ା. ଶତପଥୀ କହିଛନ୍ତି।

ସୂଚନାଯୋଗ୍ୟ ଯେ, ମେଡ଼ିକାଲର ଶିଶୁରୋଗ ବିଭାଗ ଏସ୍‌ଏନ୍‌ସିୟୁ (ସ୍ପେଶାଲ୍ ନ୍ୟୁବର୍ଣ୍ଣ କେୟାର ୟୁନିଟ୍)ରେ କିଛିଦିନ ଧରି ପାତ୍ରପୁର ବ୍ଲକ ପଦାଦିଗି ଗ୍ରାମର କୌଶଲ୍ୟା ସାହୁଙ୍କ ୮ଦିନର ଶିଶୁପୁତ୍ର ଓ ଗଜପତି ଜିଲ୍ଲା ନୂଆଗଡ ବ୍ଲକ ବଦପଦା ଗ୍ରାମର ପଦ୍ମାଳୟା ବେହେରାଙ୍କ ୧୪ଦିନର ଶିଶୁ କନ୍ୟା ଚିକିତ୍ସିତ ହେଉଛନ୍ତି। ଡାକ୍ତରଙ୍କ ପରାମର୍ଶ କ୍ରମେ ଉଭୟ ଶିଶୁଙ୍କୁ ମେଡ଼ିକାଲ ପରିସରରେ ଥିବା ସୁପର ସ୍ପେସିଆଲିଟି କୋଠାକୁ ଇକୋ ପରୀକ୍ଷା ପାଇଁ ନିଆଯାଇଥିଲା। ୱାର୍ଡରେ ଥିବା ଆଟେଣ୍ଡାଣ୍ଟ ଗୋଟିଏ ଅକ୍ସିଜେନ୍ ଭର୍ତ୍ତି ସିଲିଣ୍ଡରରୁ ଉଭୟ ଶିଶୁଙ୍କୁ ଅକ୍ସିଜେନ୍ ଲଗାଇ ନେଉଥିବାବେଳେ ସେମାନଙ୍କ ମାଆ ଓ ସମ୍ପର୍କୀୟମାନେ ଶିଶୁଙ୍କୁ କୋଳରେ ଧରି ଯାଉଥିବା ଦୃଶ୍ୟ ଭାଇରାଲ ହୋଇଥିଲା।

ସକାଳ THE SAKALA



www.sakalaepaper.com

## ବନ୍ୟାରେ ଉଜୁଡ଼ିଗଲା ଚାଷ, ପହଞ୍ଚିଲାନି ପ୍ରଶାସନ

# ଭାରୀଗଦା ବନ୍ୟା କ୍ଷତିଗ୍ରସ୍ତ ଚାଷୀଙ୍କ ମେଳି

**ରାଜକନିକା, ୫।୮ (ସମିସ)**



ରାଜକନିକା ବ୍ଲକ ଭାରୀଗଦା ପଞ୍ଚାୟତରେ ଚଳିତବର୍ଷ ଦୁଇଥର ବନ୍ୟା ଆସି ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗିଦେଇଛି। ଅଞ୍ଚଳର ୭ ଶହରୁ ୮ଶହ ହେକ୍ଟର ଜମିରେ ସମସ୍ତ ପ୍ରକାର ଚାଷ କରି ଏହି ପଞ୍ଚାୟତର ପାଖାପାଖି ୧ ହଜାରରୁ ଉର୍ଦ୍ଧ୍ୱ ଚାଷୀ ଚାଷ ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରିଥା'ନ୍ତି। ଦୁଇଥର ବନ୍ୟା ଆସି ସାରଦ ଧାନ, ପନିପରିବା (ପୋଟଳ, ଜହ୍ନି, ଭେଣ୍ଡି, ବାଇଗଣ), ନଳିତା, କଦଳୀ ଆଦି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଏ ପର୍ଯ୍ୟନ୍ତ ସରକାରୀ ସ୍ତରରେ କୌଣସି କ୍ଷୟକ୍ଷତିର ଆକଳନ କରାଗଲାନାହିଁ। ଯଦି କ୍ଷୟକ୍ଷତି ଆକଳନ କରା ନ ଯାଏ, ଆନ୍ଦୋଳନ କରାଯିବ ବୋଲି ଆଜି ଚାଷୀଙ୍କ ବୈଠକରେ ନିଷ୍ପତ୍ତି ନିଆଯାଇଛି।

ଅନ୍ୟପକ୍ଷରେ ଖରସ୍ରୋତା ନଦୀରେ ଜଳସ୍ତର କ୍ରମଶଃ କମିବାରେ ଲାଗିଛି। ହେଲେ ଚାଷଜମିରୁ ବନ୍ୟାଜଳ ନିଷ୍କାସନ ହେଉନାହିଁ। କାରଣ ଗଞ୍ଜା ନଦୀରେ ହୋଇଥିବା କଲଭର୍ଟ କମ୍ ଉଚ୍ଚତା ବିଶିଷ୍ଟ ହୋଇଥିବା ହେତୁ ଏପରି ସମସ୍ୟା ଉପୁଜିଛି। ଫଳରେ ଚାଷଜମି ଜଳମଗ୍ନ ହୋଇ ରହୁଛି। ପ୍ରଶାସନର ଏଭଳି ଉଦାସୀନତା ମନୋଭାବକୁ ନେଇ ମଙ୍ଗଳବାର ପଞ୍ଚାୟତର ଚାଷୀ ଅଚ୍ୟୁତପୁର ଅନ୍ଧାରଘରଣୀ ଶିବପାର୍ବତୀଙ୍କ ମଣ୍ଡପଠାରେ ଅଞ୍ଚଳର ବରିଷ୍ଠ ଚାଷୀ ନିରାକାର ରାଉତଙ୍କ ଆବାହକତ୍ୱରେ ଦୁଇ ଶହରୁ ଅଧିକ ଚାଷୀ ଏକତ୍ରିତ ହୋଇ ଏକ ବୈଠକ କରିଥିଲେ। ଉକ୍ତ ବୈଠକରେ ପଞ୍ଚାୟତରେ ଚାଷୀ ଧାରକରଜ ଓ ସମବାୟ ସମିତି ହେଉ ବା ବିଭିନ୍ନ ବ୍ୟାଙ୍କରୁ ଋଣ ନେଇ ଚାଷ କରିଥିଲେ। ବନ୍ୟାରେ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। କେମିତି ଚଳିବ ପରିବାର ଓ କେମିତି ସୁଝିବ କରଜ, ବୈଠକରେ ଆଲୋଚନାର ହୋଇଥିଲା। ଏ ପର୍ଯ୍ୟନ୍ତ ପ୍ରଶାସନିକ ଅଧିକାରୀ ଚାଷୀଙ୍କ ପାଖରେ ପହଞ୍ଚି ନ ଥିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ତୁରନ୍ତ ପ୍ରଶାସନିକ ଅଧିକାରୀ ଚାଷୀଙ୍କ ପାଖରେ ପହଞ୍ଚି କ୍ଷୟକ୍ଷତିର ସଠିକ୍ ଆକଳନ କରି ସରକାରୀ ସୁବିଧା ଯୋଗାଇଦେବା ସହ ଋଣ ଛାଡ଼ କରିବାକୁ ଚାଷୀ ଦାବି କରିଛନ୍ତି। ନଚେତ ଆଗାମୀ ଦିନରେ ପଞ୍ଚାୟତର ଚାଷୀଙ୍କ ପକ୍ଷରୁ ଆନ୍ଦୋଳନ ସହ ତହସିଲ ଘେରଉ ପୂର୍ବକ ଏକ ବଡ଼ଧରଣର ଚାଷୀ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଏହି ବୈଠକରେ ପୂର୍ବତନ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ମୁରଲୀଧର ବେହେରା, ସମିତିସଭ୍ୟ ଶରତ ରାଉତ, ପୂର୍ବତନ ସରପଞ୍ଚ ପ୍ରଦୀପ ମଲିକ, ଚାଷୀ କିଶୋର ବେହେରା, ଶୈଳେନ୍ଦ୍ର ପାତ୍ର, ହୃଷିକେଶ ଜେନା, ରାମଚନ୍ଦ୍ର

### କ୍ଷୟକ୍ଷତି ଆକଳନ କରା ନ ଗଲେ ଆନ୍ଦୋଳନ ଚେତାବନୀ

ବେହେରା, ଦୁଃଶାସନ ଜେନା, ଅରୁଣ ଦାସ, ମାଧବାନନ୍ଦ ବାରିକ, କୈଳାସ ବେହେରା, ବୁଲୁଆ ଜେନା, ବିଜୟ ସାହୁ, ହୃଷିକେଶ ବେହେରା, କୈଳାସ ବିଶ୍ୱାଳ, ବାଦଲ ବିଶ୍ୱାଳ, ଅଜୟ ଦାସ, ବିଷ୍ଣୁ ସାମଲ, ଗଗନ ମଲ୍ଲିକ, ରମାକାନ୍ତ ନାୟକ, ରମାକାନ୍ତ ଦାସ, ଗୌତମ ବେହେରା, ସୁବାସ ରାଉତ, ନକୁଳ ରାଉତ, ସୁଶାନ୍ତ ମୁଦୁଲି, ଅଞ୍ଜନ ମୁଦୁଲି, ଅମିତ ନାୟକ, ଅଧୀରାଜ ଜେନା, ରାଧାଶ୍ୟାମ ରାଉତ, ବିଜୟ ପଲ୍ଲାର, ମନୋଜ ରାଉତ, ଅମର ପରିଡ଼ା ଓ ବିଦ୍ୟାଧର ବରାଳଙ୍କ ସମେତ ଅଞ୍ଚଳର ଅନ୍ୟ ଚାଷୀ ଯୋଗ ଦେଇଥିଲେ।

## ପୋଖରୀରେ ବୁଡ଼ି ଯୁବକ ମୃତ

**ପଟ୍ଟାମୁଣ୍ଡାଇ, ୫।୮ (ସମିସ):** ପଟ୍ଟାମୁଣ୍ଡାଇ ବ୍ଲକ ବଡ଼ମୂଳବସନ୍ତ ପଞ୍ଚାୟତ ଅନ୍ତର୍ଗତ ସାନମୂଳବସନ୍ତ ଗ୍ରାମରେ ଆଜି ଏକ ଅଭାବନୀୟ ଘଟଣା ଘଟିଛି। ଏହି ଗ୍ରାମ ପୋଖରୀରେ ବୁଡ଼ି ଜଣେ ଯୁବକ ମୃତ୍ୟୁବରଣ କରିଛନ୍ତି। ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଆଳି ଡାକ୍ତରଖାନା ପଠାଇଛି।

ସାନମୂଳବସନ୍ତ ଗ୍ରାମର ଗୋପୀନାଥ ସ୍ୱାଇଁଙ୍କ ପୁଅ ବଳରାମ ସ୍ୱାଇଁ(୪୧) ଗ୍ରାମର ବଡ଼ପୋଖରୀକୁ ଗାଧେଇବାକୁ ଯାଇ ପାଣିରେ ଗୋଡ଼ ଖସିଯିବାରୁ ବୁଡି ଯାଇଥିଲେ। ଏହା ଜାଣିବା ପରେ ଉକ୍ତ ଯୁବକଙ୍କୁ ଉଦ୍ଧାର କରିବା ପାଇଁ ଗ୍ରାମବାସୀ ଦମକଳକୁ ଖବର ଦେଇଥିଲେ। ମାତ୍ର ପଟ୍ଟାମୁଣ୍ଡାଇ ଦମକଳ କେନ୍ଦ୍ରରେ ଦମକଳ ଗାଡ଼ି ନ ଥିବାରୁ ଆଳିରୁ ଦମକଳ ଆସି ପହଞ୍ଚିଥିଲା। ଏହା ପୂର୍ବରୁ ଗ୍ରାମବାସୀ ଗୋପୀନାଥଙ୍କୁ ପୋଖରୀରୁ ସଂଜ୍ଞାହୀନ ଅବସ୍ଥାରେ ଉଦ୍ଧାର କରି ଦମକଳ ବାହିନୀ ସହାୟତାରେ ତୁରନ୍ତ ପଟ୍ଟାମୁଣ୍ଡାଇ ଉପଖଣ୍ଡସ୍ତରୀୟ ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଆଳି ପଠାଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଗୋପୀନାଥଙ୍କ ବାପା କିଛିଦିନ ତଳେ କେଉଁ ଆଡେ ଚାଲିଯାଇଛନ୍ତି। ଘରେ ତାଙ୍କ ମାଆ ଓ ସ୍ତ୍ରୀ ଅଛନ୍ତି। ଗୋପୀନାଥ ଘରର ଏକମାତ୍ର ରୋଜଗାରିଆ ପୁଅ ଥିଲେ। ତାଙ୍କ ପରିବାରକୁ ସମସ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି।

## ଥାଲାସେମିଆ ଶିଶୁଙ୍କୁ ରକ୍ତ ଯୋଗାଇଲା କଳିଙ୍ଗ ଆବାସିକ ବିଦ୍ୟାଳୟ

**ଡେରାବିଶ, ୫।୮ (ସମିସ):** ଡେରାବିଶ ବ୍ଲକ କାଉପଡ଼ା ପଞ୍ଚାୟତ ଅନ୍ତର୍ଗତ ଥକେଇନେଉଳି ଗ୍ରାମର ମାନସିକ ଭିନ୍ନକ୍ଷମ ଗଗୁନି ସେଠୀଙ୍କ ଥାଲାସେମିଆରେ ପୀଡ଼ିତ ଶିଶୁପୁତ୍ର ସାଇରାମ (୧୦) ଓ ଝିଅ ରାଜନନ୍ଦିନୀ(୬)ଙ୍କ ଚିକିତ୍ସା ପାଇଁ ଆବଶ୍ୟକ ହେଉଥିବା ରକ୍ତ କଳିଙ୍ଗ ଆବାସିକ ବିଦ୍ୟାଳୟ ପକ୍ଷରୁ ସ୍ୱେଚ୍ଛାକୃତ ଭାବେ ପ୍ରଦାନ କରାଯାଇଛି। ଆର୍ଥିକ ଅନଟନରେ ଥିବା ମାନସିକ ଭିନ୍ନକ୍ଷମ ଗଗୁନି ଓ ତାଙ୍କ ପରିବାରର କରୁଣ କାହାଣୀ ସମ୍ପର୍କରେ ଚଳିତ ବର୍ଷ ଫେବୃଆରୀ ମାସରେ 'ସକାଳ' ଖବରକାଗଜରେ 'ମାନସିକ ଭିନ୍ନକ୍ଷମ ପୁଅ, ଦୁଇ ନାତୁଣୀଙ୍କ ଚିନ୍ତା' ଶୀର୍ଷକ ଖବର ପ୍ରକାଶ ପାଇବା ପରେ ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ଅନ୍ତର୍ଗତ କେଶରପୁର ଗ୍ରାମସ୍ଥ କଳିଙ୍ଗ ଆବାସିକ ବିଦ୍ୟାଳୟର ଚେୟାରମ୍ୟାନ୍ ମନୋଜ ପ୍ରଧାନ ଗଗୁନିଙ୍କ ପରିବାର ନିକଟରେ ପହଞ୍ଚି ଆର୍ଥିକ ସହାୟତା ପ୍ରଦାନ କରିବା ସହିତ ଥାଲାସେମିଆରେ ପୀଡ଼ିତ ଦୁଇ ଶିଶୁଙ୍କୁ ରକ୍ତ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ।



ଶ୍ରୀ ପ୍ରଧାନ ତାଙ୍କ ପ୍ରତିଶ୍ରୁତି ଅନୁଯାୟୀ ପ୍ରତି ମାସରେ ପୀଡ଼ିତ ଭାଇଭଉଣୀଙ୍କୁ ଆବଶ୍ୟକ ହେଉଥିବା ରକ୍ତ ଯୋଗାଇ ଆସୁଛନ୍ତି। ଆଜି କଟକ ମେଡ଼ିକାଲରେ ଉଭୟ ଭାଇଭଉଣୀ ରକ୍ତ ନେବା ପାଇଁ ଭର୍ତ୍ତି ହୋଇଥିବାବେଳେ ଶ୍ରୀ ପ୍ରଧାନଙ୍କ ନିର୍ଦ୍ଦେଶରେ ହଷ୍ଟେଲ ସୁପରଭାଇଜର ରଞ୍ଜନ ସେଠୀ କଟକ ମେଡ଼ିକାଲ ଯାଇ ଉଭୟ ସାଇରାମ ଓ ରାଜନନ୍ଦିନୀଙ୍କୁ ଆବଶ୍ୟକ ହେଉଥିବା ରକ୍ତ ପ୍ରଦାନ କରିଥିଲେ।

## କଳ୍ପନା ମଲ୍ଲିକ ମହିଳା କମିଶନ ସଦସ୍ୟା ମନୋନୀତ



**କେନ୍ଦ୍ରାପଡ଼ା, ୫।୮ (ସମିସ):** କେନ୍ଦ୍ରାପଡ଼ାର ନାରୀନେତ୍ରୀ, ସୁ-ଲେଖିକା, ସାମାଜିକ କର୍ମୀ କଳ୍ପନା ମଲ୍ଲିକଙ୍କୁ ରାଜ୍ୟ ମହିଳା କମିଶନ ସଦସ୍ୟା ଭାବେ ମନୋନୀତ କରାଯାଇଛି। ମହିଳା କମିଶନଙ୍କୁ ପୁନର୍ଗଠନ କରାଯାଇଥିବାବେଳେ ଡଃ ମଲ୍ଲିକଙ୍କୁ ଏହାର ସଦସ୍ୟା ଭାବେ ମନୋନୀତ କରିଥିବାରୁ ବିଭିନ୍ନ ମହଲରୁ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ବିଜେପି ଜିଲ୍ଲା ସଭାପତି ଶଶାଙ୍କ ସେଠୀଙ୍କ ସମେତ ଗୀତାଞ୍ଜଳି ସେଠୀ, କିଶୋର ପଣ୍ଡା, ଉପିନ ରାଉତ, ଅଭିମନ୍ୟୁ ଗୋଛାୟତ, ଅମିତାଭ ସୁଆର ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।

## ପୋଡ଼ିଗଲା ଗୁହାଳ ସହ ଦୁଇ ବଖରା

**ଡେରାବିଶ, ୫।୮ (ସମିସ):** ମୁକୁନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ମୁକୁନ୍ଦପୁର ଗ୍ରାମରେ ଗତକାଲି ରାତିରେ ଅଗ୍ନିକାଣ୍ଡ ଘଟି ଗୁହାଳ ସମେତ ଦୁଇବଖରା ଘର ପୋଡ଼ିଯାଇଛି। ମୁକୁନ୍ଦପୁର ଗ୍ରାମର ଗୋପୀନାଥ ଦାସ ଗୁହାଳ ଘରେ ଧୂଆଁ ଦେଇଥିଲେ। କୌଣସି କାରଣରୁ ଏଥିରୁ ନିଆଁ ବ୍ୟାପୀ ଗୁହାଳ ଚାଳରେ ଲାଗିଯାଇଥିଲା। ଏହି ଅଗ୍ନିକାଣ୍ଡରେ ଗୁହାଳ ଓ ଏହାକୁ ଲାଗି ରହିଥିବା ଅନ୍ୟଏକ ଶୋଇବା ଘର ପୋଡ଼ିଯାଇଥିଲା। ନିଆଁ ଲାଗିବା ସମୟରେ ଗ୍ରାମବାସୀ ଗୁହାଳରେ ଥିବା ଗାଈକୁ ଉଦ୍ଧାର କରି ବାହାର କରିଆଣିଥିଲେ। ଗ୍ରାମବାସୀ ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ତାହା ସମ୍ଭବ ହୋଇ ନ ଥିଲା। ଡେରାବିଶ ଓ ନିଶ୍ଚିନ୍ତକୋଇଲିରୁ ଦୁଇଟି ଅଗ୍ନିଶମ ଗାଡ଼ି ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

## ସାପ କାମୁଡ଼ାରେ ବୃଦ୍ଧ ଗୁରୁତର

**ଆଳି, ୫।୮ (ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ନିଆଳ ପଞ୍ଚାୟତ ଅନ୍ତର୍ଗତ ଶାଳିଅଞ୍ଚ ଗ୍ରାମର ଜଣେ ବୃଦ୍ଧ ଚାଷ କାର୍ଯ୍ୟ ନିମନ୍ତେ ଦିଗୋଛିଆ ଛକ ନିକଟ ବିଲକୁ ଯାଇଥିବାବେଳେ ସେଠାରେ ଏକ ସାପ କାମୁଡ଼ି ଦେଇଥିଲା। ଫଳରେ ସେ ଗୁରୁତର ହୋଇପଡ଼ିଛନ୍ତି। ଶାଳିଅଞ୍ଚ ଗ୍ରାମର ସୁଶାନ୍ତ ରାଉତ (୬୫) ଆଜି ଚାଷ କାର୍ଯ୍ୟ ପାଇଁ ବିଲକୁ ଯାଇଥିଲେ। କାମ ସାରି ଘାସ କାଟିବା ସମୟରେ ସାପ କାମୁଡ଼ି ଦେଇଥିଲା। ତାଙ୍କୁ ପ୍ରଥମେ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଅଧିକ ଚିକିତ୍ସା ପାଇଁ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## ଭାଉଜଙ୍କୁ ମାଡ଼ ମାରିଲା ଦିଅର

**କେନ୍ଦ୍ରାପଡ଼ା, ୫।୮ (ସମିସ):** କେନ୍ଦ୍ରାପଡ଼ା ବ୍ଲକ ନିକିରାଇ ଥାନା ଅନ୍ତର୍ଗତ ମୁଗବାଡି ଗ୍ରାମରେ ଜଣେ ମହିଳାଙ୍କୁ ତାଙ୍କ ଦିଅର ଉଲଗ୍ନ କରି ମାଡ଼ ମାରିଛି। ଏହି ମାଡ଼ର ଦୃଶ୍ୟ ଏବେ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ପ୍ରସାରିତ ହେଉଛି। ଏ ନେଇ ମହିଳା ଜଣକ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ହେବା ପରେ ପୁଲିସ ଏକ ମାମଲା ରୁଜୁ କରିଛି। ପୁଲିସ ଅଭିଯୁକ୍ତ ଦିଅରକୁ ଗିରଫ କରିନାହିଁ। ସୂଚନା ମୁତାବକ, ମୁଗବାଡ଼ି ଗ୍ରାମର ମହିଳା ଓ ତାଙ୍କ ଦିଅର ଶଶୀକାନ୍ତ ଜେନା ମଧ୍ୟରେ ଜମିବାଡିକୁ କେନ୍ଦ୍ରକରି ବିବାଦ ରହିଥିଲା। ଭାଉଜ ଘର ପାଖରେ ଛିଡ଼ା ହୋଇଥିବାବେଳେ ଦିଅର ଶଶୀକାନ୍ତ କୌଣସି କଥାକୁ ନେଇ ହଠାତ ଭାଉଜଙ୍କୁ ଉଲଗ୍ନ କରି ମାଡ଼ ମାରିଥିଲା। ଏଥିସହ ଏକ ପଥରରେ ଭାଉଜର ମୁଣ୍ଡକୁ ଛେଚି ଦେଇଥିଲା। ଫଳରେ ମହିଳାଙ୍କ ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ସ୍ଥାନୀୟ ଲୋକେ ହସ୍ତକ୍ଷେପ କରିବା ପରେ ଅଭିଯୁକ୍ତ ମହିଳାଙ୍କୁ ଛାଡିଥିଲା। ଅଭିଯୋଗ ହେବା ପରେ ପୁଲିସ ଘଟଣାସ୍ଥଳକୁ ଆସି ତଦନ୍ତ କରିଛି। ତେବେ ଅଭିଯୁକ୍ତ ଦିଅରକୁ ଗିରଫ କରିନାହିଁ। ଏହାକୁ ନେଇ ଗ୍ରାମରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ଥାନା ଅଧିକାରୀଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇ ନ ଥିଲା।

## ବଳଭଦ୍ରପୁର ପଞ୍ଚାୟତରେ ପାଣି ପାଇଁ ଗଣ୍ଡଗୋଳ

# ଥାନାରେ ୨ଟି ଏତଲା, ପୁଲିସ ତଦନ୍ତ ଆରମ୍ଭ

**ପଟ୍ଟାମୁଣ୍ଡାଇ/ମାଳିପୁର, ୫।୮ (ସମିସ):** ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ବଳଭଦ୍ରପୁର ପଞ୍ଚାୟତରେ ପିଇବା ପାଣି ଯୋଗାଣକୁ ନେଇ ଗଣ୍ଡଗୋଳ ଘଟି ପରସ୍ପର ବିରୋଧରେ ଦୁଇଟି ଏତଲା ଗ୍ରାମାଞ୍ଚଳ ଥାନାରେ କରାଯାଇଛି। ପାଣି ପାଇଁ ଗଣ୍ଡଗୋଳ ପରେ ପ୍ରଥମେ ସରପଞ୍ଚ ଏତଲା ଦେଇଥିଲେ ଓ ପରବର୍ତ୍ତୀ ସମୟରେ ବଳଭଦ୍ରପୁର ଗ୍ରାମବାସୀଙ୍କ ପକ୍ଷରୁ ଉକ୍ତ ଦିନର ଗଣ୍ଡଗୋଳକୁ ନେଇ ଗ୍ରାମାଞ୍ଚଳ ଥାନାରେ ପାଲଟା ଏତଲା ଦିଆଯାଇଛି। ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ପୁଲିସ ଦୁଇଟି ଏତଲା ଉପରେ ତଦନ୍ତ ଆରମ୍ଭ କରିଛି।

ସୂଚନା ମୁତାବକ, ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବଳଭଦ୍ରପୁର ପଞ୍ଚାୟତରେ ପିଇବା ପାଣି ଯୋଗାଣକୁ ନେଇ ଗତ ୩୧ ତାରିଖରେ ଗଣ୍ଡଗୋଳ ହୋଇଥିଲା। ଏ ସମ୍ପର୍କରେ ସରପଞ୍ଚ ପ୍ରିୟବ୍ରତ ଓଝା ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାରେ ଗତ ୧ ତାରିଖରେ ଏତଲା ଦେଇଥିଲେ। ବଳଭଦ୍ରପୁର ପଞ୍ଚାୟତ ବଳଭଦ୍ରପୁର ଗ୍ରାମରେ ଥିବା ଓଭରହେଡ଼ ଟାଙ୍କିରୁ ପାଇପ ଯୋଗେ ଖର୍ଦ୍ଦାପାଟଣା ଓ ଛତ୍ରଧାରୀପାଟଣାକୁ ପାନୀୟଜଳ ଯୋଗାଣ କରାଯାଇଥାଏ। ଗତ ୪ଦିନ ଧରି ଖର୍ଦ୍ଦାପାଟଣା ଓ ଛତ୍ରଧାରୀପାଟଣାକୁ ପାଣି ଯୋଗାଇ ଦିଆଯାଇ ନ ଥିଲା। ଏ ସମ୍ପର୍କରେ ଖର୍ଦ୍ଦାପାଟଣା ଓ ଛତ୍ରଧାରୀପାଟଣା ଲୋକେ ସରପଞ୍ଚ ପ୍ରିୟବ୍ରତ ଓଝାଙ୍କୁ ଜଣାଇଥିଲେ। ଏ ସମ୍ପର୍କରେ ସରପଞ୍ଚ ଗତ ୩୧ ତାରିଖ ରାତିରେ ପାଣି ପାଉ ନ ଥିବା ଉଭୟ ଗ୍ରାମର କିଛି ଲୋକଙ୍କ ସହିତ ପମ୍ପ ହାଉସ ନିକଟକୁ ଯାଇ ପମ୍ପ ହାଉସ ଡ୍ରାଇଭରଙ୍କୁ ପମ୍ପ ଚଳାଇବା ପାଇଁ ଖୋଜିଥିଲେ। ମାତ୍ର ପମ୍ପ ଡ୍ରାଇଭର ନ ଥିବାରୁ ତାଙ୍କ ସାନଭାଇ ପମ୍ପ ହାଉସ ଚାବି ଆଣି ପମ୍ପ ଚଳାଇବା ପାଇଁ ଉଦ୍ୟମ କରିବା ମାତ୍ରେ ବଳଭଦ୍ରପୁର ଗ୍ରାମର ଜଣେ ନିଶାଶକ୍ତ ଯୁବକ ପମ୍ପ ଚଲାଇ ଦେବେ ନାହିଁ ବୋଲି ଅଡ଼ି ବସିଥିଲେ। ଏହା ଦେଖି ସରପଞ୍ଚ ଏହା ସରକାରଙ୍କ ପମ୍ପ ହାଉସ ଓ ପଞ୍ଚାୟତ ଅଫିସ ତତ୍ତ୍ୱାବଧାନରେ ପଞ୍ଚାୟତର ସମସ୍ତ ଲୋକ ପାଣି ପାଇବା ପାଇଁ ବ୍ୟବସ୍ଥା କରାଯାଇଛି। ମାତ୍ର ସମ୍ପୃକ୍ତ ଯୁବକ ସରପଞ୍ଚଙ୍କ କଥା ନ ଶୁଣି ତାଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିଥିବା ସରପଞ୍ଚ ଶ୍ରୀ ଓଝା ଗତ ୧ ତାରିଖରେ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାରେ ଦେଇଥିବା ତାଙ୍କ ଏତଲାରେ ଦର୍ଶାଇଛନ୍ତି। ସରପଞ୍ଚ ବଳଭଦ୍ରପୁର ଗ୍ରାମରୁ ଫେରି ପାଣି ପାଇଁ ହୋଇଥିବା ଗଣ୍ଡଗୋଳ ସମ୍ପର୍କରେ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାରେ ଏତଲା ଦେଇଥିଲେ। ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ପୁଲିସ ସରପଞ୍ଚଙ୍କ ଏତଲା ଆଧାରରେ ଏକ ମୋକଦ୍ଦମା କରିଛି। ଅପରପକ୍ଷରେ ବଳଭଦ୍ରପୁର ଗ୍ରାମର କିଛି ଲୋକ ପଞ୍ଚାୟତ ଭୋଟରେ ସରପଞ୍ଚଙ୍କୁ ଭୋଟ ଦେଇ ନ ଥିବାରୁ ବଳଭଦ୍ରପୁର ଗ୍ରାମର ଲୋକମାନେ ପାଣି ପାଇବେ ନାହିଁ ବୋଲି ସରପଞ୍ଚ କହିଥିବା ଓ ବିନା କାରଣରେ ଗ୍ରାମର ଜଣେ ଯୁବକଙ୍କ ନାମରେ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାରେ ମିଥ୍ୟା ଅଭିଯୋଗ କରିଥିବା ନେଇ ବଳଭଦ୍ରପୁର ଗ୍ରାମର କିଛି ଲୋକ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାରେ ପାଲଟା ଅଭିଯୋଗ କରିଛନ୍ତି। ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ପୁଲିସ ଏହି ଅଭିଯୋଗର ତଦନ୍ତ ଆରମ୍ଭ କରିଛି। ମୋଟାମୋଟି ଭାବେ ବଳଭଦ୍ରପୁର ପଞ୍ଚାୟତରେ ପାଣି ପାଇଁ ସୃଷ୍ଟି ହୋଇଥିବା ଗଣ୍ଡଗୋଳରେ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାରେ ପୃଥକ ପୃଥକ ଦୁଇଟି ଏତଲା ଦାୟର କରାଯାଇଛି। ସ୍ଥାନୀୟ ପୁଲିସ ଏହି ଏତଲା ଦୁଇଟିରେ ହୋଇଥିବା ଅଭିଯୋଗର ତଦନ୍ତ ଚଳାଇଛି ଓ ଏ ସମ୍ପର୍କରେ କାହାରିକୁ ଗିରଫ କରାଯାଇନାହିଁ।

# ବେଲେଶ୍ୱର କାଉଡ଼ିଆ ସଂଘ ପକ୍ଷରୁ ଭଜନ ସମାରୋହ

**ପଟ୍ଟାମୁଣ୍ଡାଇ, ୫।୮ (ସମିସ):** ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ବେଲତଳ ବେଲେଶ୍ୱର କାଉଡ଼ିଆ ସଂଘ ପକ୍ଷରୁ ବେଲେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ଭଜନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଭଜନ ସମାରୋହକୁ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର ଉଦଘାଟନ କରିଥିଲେ। ଏ ଉପଲକ୍ଷେ ଆଡଭୋକେଟ ଗୋପୀନାଥ ତ୍ରିପାଠୀଙ୍କ ପୌରୋହିତ୍ୟରେ ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ କାଉନସିଲର ଗୋପୀବଲ୍ଲଭ ନାୟକ, ଯୁବନେତା ମିଟୁ ମନୋଜ ନାୟକ, ସମାଜସେବୀ




ଉମାବଲ୍ଲଭ ନାୟକ, କବି ଗୌରାଙ୍ଗ ମହାନ୍ତି, ବିଭୂତି ଭୂଷଣ ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସର୍ବପ୍ରଥମେ କାଉନସିଲର ଗୋପୀବଲ୍ଲଭ ନାୟକ ଆଇଆଇସିଙ୍କୁ ସମ୍ବର୍ଦ୍ଧିତ କରିଥିବାବେଳେ ଆଇଆଇସି ଶ୍ରୀମତୀ ପାତ୍ର ବିଶିଷ୍ଟ ସଙ୍ଗୀତଜ୍ଞ ଶ୍ରୀଚରଣ ମହାନ୍ତି, ଅନୀଲ ବାଉରା, ସୁଜାତା ରଥ, କାଉନସିଲର ଗୋପୀବଲ୍ଲଭ ନାୟକ, ଗୋପୀନାଥ ତ୍ରିପାଠୀ, ଉମାବଲ୍ଲଭ ନାୟକ, ବିଭୂତି ଭୂଷଣ ତ୍ରିପାଠୀ, ମଳୟ ପରିଡ଼ା, ସୁଧାଂଶୁ ପଲାଇ, ଗୌରାଙ୍ଗ ମହାନ୍ତି, ଏସଆର ରତିକାନ୍ତ ନାୟକ, ଏଏସଆଇ ବିଜୟ ସାହୁ, ସାମ୍ବାଦିକ ଅକ୍ଷୟ ସାହୁ, ଅନୀଲ ଚୌଧୁରୀ, କୁମାରେଶ ନାୟକ, ମିଟୁ ମନୋଜ ନାୟକ, ତୋଫାନ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଶିଷ୍ଟ ସଙ୍ଗୀତଜ୍ଞ ଶ୍ରୀଚରଣ ମହାନ୍ତି ଓ ସାଥୀ କଣ୍ଠଶିଳ୍ପୀ ଭଜନ ପରିବେଷଣ କରିଥିଲେ।

କାଉଡିଆ ସଂଘ କର୍ମକର୍ତ୍ତା ଲୋକନାଥ ତ୍ରିପାଠୀ, ରାଧାରମଣ ଦାଶ, ନିରଞ୍ଜନ ପ୍ରଧାନ, ପ୍ରମୋଦ ସାହୁ, ହିମାଂଶୁ ତ୍ରିପାଠୀ, ବ୍ରଜସୁନ୍ଦର ସାହୁ, ରାଜୀବଲୋଚନ ମାହାଳି, ଦେବପ୍ରସାଦ ମହାନ୍ତି, ରାଜୀବଲୋଚନ ମିଶ୍ର, ଅଶୋକ ନାୟକ, ବୀରେନ ପ୍ରତାପ ଜେନା, ଅଜିତ ବେହେରା, ପ୍ରଦୀପ ବେହେରା, ରତିକାନ୍ତ ବେହେରା, ପ୍ରତାପ ପ୍ରଧାନ, ନିଗମ ରାଉତ, ରିକାନ ପାତ୍ର, ମିଥୁନ ବାରିକ, ସଞ୍ଜୟ ବାରିକ, ରୁଦ୍ରପ୍ରତାପ ବେହେରା, ମନୋରଞ୍ଜନ ପଣ୍ଡା, ଦେବାଶିଷ ମିଶ୍ର ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଭଜନ ସନ୍ଧ୍ୟା ସମାରୋହରେ ବହୁ ସଂଖ୍ୟାରେ ମହିଳା ଓ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ।

## ଗରାମ-ବାରଗୋଡ଼ିଆ ରାସ୍ତା ଶୋଚନୀୟ



**ଡେରାବିଶ, ୫।୮ (ସମିସ):** ଡେରାବିଶ ବ୍ଲକ ଯଅଁରାବାରିମୂଳ ପଞ୍ଚାୟତ ଅନ୍ତର୍ଗତ ଗରାମଠାରୁ ଇନ୍ଦାଲୋ ପଞ୍ଚାୟତ ଅନ୍ତର୍ଗତ ବାରଗୋଡ଼ିଆ ପର୍ଯ୍ୟନ୍ତ କରାଣ୍ଡିଆ ମାଇନର ଦକ୍ଷିଣ ପାର୍ଶ୍ୱ ବନ୍ଧ ରାସ୍ତା ମରଣଯନ୍ତା ପାଲଟିଛି। ଏହା ଡେରାବିଶ ବ୍ଲକର ଯଅଁରାବାରିମୂଳ, ହରିଅଙ୍କ ଓ ଇନ୍ଦାଲୋ ପଞ୍ଚାୟତର ମୁଖ୍ୟ ରାସ୍ତା ହୋଇଥିବାବେଳେ ପଡ଼ୋଶୀ ମାର୍ଶାଘାଇ ଓ ଗରଦରପୁର ବ୍ଲକର ଲୋକେ କଟକ ଓ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟାଳୟକୁ ଯିବା ପାଇଁ ଏହି ରାସ୍ତା ଉପରେ ନିର୍ଭର କରନ୍ତି। ଏଥିସହିତ ଏହି ରାସ୍ତାରେ ଦୈନିକ ମୁଖ୍ୟମନ୍ତ୍ରୀ ବସ୍ ଓ କଟକକୁ ଦୁଇଟି ଯାତ୍ରୀବାହୀ ବସ୍ ସମେତ ଶହଶହ ଛୋଟ ଛୋଟ ଯାନ, ଭାରୀଯାନ ଓ ଲୁଣାନଦୀର ବିଭିନ୍ନ ଘାଟରୁ ଶହ ଶହ ହାଇୱା ବାଲି ପରିବହନ କରିଥାଏ। ଫଳରେ ଏହି ରାସ୍ତାସାରା ଏବେ ଖାଲଖମାରେ ଭର୍ତ୍ତି ହୋଇଗଲାଣି। ଏପରିକି ଏହି ରାସ୍ତାର ପାଣିଓଳାଗଡ଼ାଠାରୁ କୁଲୁସାହି ଛକ ମଧ୍ୟରେ ବହୁ ବଡ଼ ବଡ଼ ଗାଡ଼ ସୃଷ୍ଟି ହୋଇଛି। ଯେଉଁଥିପାଇଁ ସାମାନ୍ୟ ବର୍ଷାରେ ଏହି ଗାଡ଼ରେ ପାଣି ଭର୍ତ୍ତି ହୋଇ ଦୈନିକ ଛୋଟବଡ଼ ଦୁର୍ଘଟଣା ଘଟୁଛି। ତୁରନ୍ତ ଏହି ରାସ୍ତାକୁ ମରାମତି କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ବନ୍ୟା ଆସିଲେ ବେଣୀପୁରବାସୀ ଆତଙ୍କିତ

# ବେଣୀପୁର ମହାଜନସାହି ବିରୂପା ନଦୀବନ୍ଧ ମରାମତି ଦାବି

**ପଞ୍ଚୁପାଣ୍ଡବ, ୫।୮ (ସମିସ)**

ଡେରାବିଶ ବ୍ଲକ ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ବେଣୀପୁର ମହାଜନସାହି (ବଙ୍ଗାଳୀସାହି) ବିରୂପା ନଦୀବନ୍ଧକୁ ମରାମତି କରିବା ପାଇଁ ଦାବି ହୋଇଛି। ଏହି ବନ୍ଧର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ଥିବାରୁ ନଦୀରେ ବନ୍ୟା ଆସିଲେ ଅଞ୍ଚଳବାସୀ ଆତଙ୍କିତ ଅବସ୍ଥାରେ ରହୁଛନ୍ତି। ଏ ସମ୍ପର୍କରେ ପ୍ରଶାସନିକ ଅଧିକାରୀଙ୍କୁ ଅଭିଯୋଗ କରିଥିଲେ ସୁଦ୍ଧା କେହି ସମସ୍ୟାକୁ ସମାଧାନ କରୁ ନ ଥିବା ଅଭିଯୋଗ ହେଉଛି।

ବନ୍ଧର ଓସାର ଏମିତି ହୋଇଛି ଯେ ସାଇକଲ ଯିବା କଷ୍ଟକର ହେଉଛି। ଏହି ବିରୂପା ନଦୀବନ୍ଧର ଆରପାର୍ଶ୍ୱ ତଥା ଯାଜପୁର ଜିଲ୍ଲା ବରୀ ବ୍ଲକ ଅନ୍ତର୍ଗତ କମ୍ପଗଡ଼ରେ ରାସ୍ତା ଓସାର କରିବା ସହିତ ପିଚୁ ରାସ୍ତା ନିର୍ମାଣ ହୋଇଥିବାବେଳେ କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ବ୍ଲକ ବେଣୀପୁର ଘେରି ବନ୍ଧକୁ ପ୍ରଶାସନ ଅଣଦେଖା କରୁଥିବା ଅଭିଯୋଗ ହେଉଛି। କିଛିଦିନ ପୂର୍ବେ ବିରୂପା ନଦୀରେ ବନ୍ୟା ଆସିଥିବାବେଳେ ବେଣୀପୁର, ମଙ୍ଗଳପୁର ଓ ଛୋଟି ପଞ୍ଚାୟତର ନଦୀକୂଳିଆ ଗ୍ରାମ ପ୍ରଭାବିତ ହୋଇଥିବା ଦେଖିବାକୁ ମିଳିଥିଲା। ବନ୍ୟା ଆଶଙ୍କା ଥିବାରୁ ଜଳ ସମ୍ପଦ ବିଭାଗ ମୁଖ୍ୟଯନ୍ତ୍ରୀ ତଥା ମହାନଦୀ, ବ୍ରାହ୍ମଣୀ ଓ ବୈତରଣୀ ନଦୀର ଅବବାହିକା ପରିଚାଳକ ବିଘ୍ନରାଜ ପୁରୋହିତ ବେଣୀପୁରରେ ପହଞ୍ଚିଥିଲେ। ଡେରାବିଶ ବ୍ଲକର ବିଭିନ୍ନ ବନ୍ୟାଞ୍ଚଳ ପରିଦର୍ଶନ କରିଥିଲେ।

ଗତ ୨୦୨୦ ଅଗଷ୍ଟ ଶେଷ ସପ୍ତାହରେ ଡେରାବିଶ ବ୍ଲକ ଅନ୍ତର୍ଗତ ବେଣୀପୁରଠାରେ ବିରୂପା ନଦୀ ଘେରିବନ୍ଧ ଭାଙ୍ଗିଥିଲା। ବେଣୀପୁରବାସୀଙ୍କୁ ବନ୍ୟା ଆସିଲେ ସେଦିନର ଘଟଣା ମନେ ପଡ଼େ। ଏହି ପଞ୍ଚାୟତର ୫ଟି ୱାର୍ଡର ପ୍ରାୟ ୨୦୦ ପରିବାର ଓ ଯାଜପୁର ଜିଲ୍ଲା ଦେକୁଡ଼ି ଗ୍ରାମର ୩ଟି ୱାର୍ଡର ପ୍ରାୟ ୫୦ ପରିବାର ବନ୍ୟା ଜଳରେ ଜଳବନ୍ଦୀ ହୋଇଥିବା ଗ୍ରାମର ପ୍ରଦୀପ କୁମାର ସାମଲ କହିଛନ୍ତି। ପରିସ୍ଥିତି ଏମିତି ହୋଇଥିଲା ଯେ ସେହି ସମୟରେ ତତ୍କାଳୀନ ଜିଲ୍ଲାପାଳ ସମର୍ଥ ବର୍ମା ନିଜେ ଉପସ୍ଥିତ ରହି ବନ୍ୟାର ତଦାରଖ କରିଥିଲେ। ସେହି ଜଳବନ୍ଦୀରେ କେତେକ କୋଠା ଘରର ଛାତ ଉପରକୁ ପାଣି ଚଢ଼ି ଯାଇଥିଲାବେଳେ ଲକ୍ଷାଧିକ ଟଙ୍କାର ଜିନିଷ ପତ୍ର ନଷ୍ଟ ହୋଇଥିଲା। ବନ୍ୟା ପାଣି ଘେରରେ ମାସାଧିକ କାଳ ଜଳବନ୍ଦୀ ହୋଇ ରହିଥିଲେ ହଜାର ହଜାର ଲୋକ। ବନ୍ୟା ସମୟରେ ପ୍ରଶାସନିକ ଅଧିକାରୀ ଆସି ଦେଖି ଯାଆନ୍ତି। ତା'ପରେ କାହାର ଦେଖା ମିଳେନାହିଁ। ବେଣୀପୁରରେ ଥିବା କେତେକ ଦୁର୍ବଳ ନଦୀବନ୍ଧକୁ ମରାମତି କରିବା ପାଇଁ ପ୍ରଶାସନ ଅବହେଳା ଯୋଗୁଁ ସ୍ଥାନୀୟ ଅଞ୍ଚଳର ଲୋକେ ବନ୍ୟା ଆସିଲେ ଆତଙ୍କିତ ହୁଅନ୍ତି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଦୁର୍ବଳ ନଦୀବନ୍ଧକୁ ମରାମତି କରିବା ସହ ବନ୍ଧକୁ ଓସାର କରିବା ସହିତ କଂକ୍ରିଟ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।



# କପିଳାସ କଲେଜରେ ନୂତନ ଛାତ୍ରଛାତ୍ରୀଙ୍କ ପାଇଁ ଦୀକ୍ଷାରମ୍ଭ ଉତ୍ସବ



ଗଁଦିଆ, ୫।୮ (ସମିସ): ଢେଙ୍କାନାଳ ଜିଲ୍ଲାର ଗଁଦିଆ ବ୍ଲକ କପିଳାସ କଲେଜରେ ନୂତନ ଭାବରେ ନାମ ଲେଖାଇଥିବା କଳା ଓ ବିଜ୍ଞାନର ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ମୁଖ୍ୟଫାଟକ ପାଖରୁ ପିଲାମାନଙ୍କୁ ଫୁଲ, ଚନ୍ଦନ ଓ ପୁଷ୍ପଗୁଚ୍ଛ ଦେଇ କଲେଜର ଅଧ୍ୟକ୍ଷ, ଅନ୍ୟାନ୍ୟ ଅଧ୍ୟାପକ ଅଧ୍ୟାପିକାଗଣ ତଥା ଦ୍ୱିତୀୟ ବାର୍ଷିକ ଛାତ୍ରଛାତ୍ରୀ ଅଭ୍ୟର୍ଥନା କକ୍ଷକୁ ପାଛୋଟି ନେଇଥିଲେ। କଲେଜର ଅଧ୍ୟକ୍ଷ ଗୋଲକ ନାୟକଙ୍କର ଅଧ୍ୟକ୍ଷତାରେ ହୋଇଥିବା ଅଭ୍ୟର୍ଥନା ସଭାରେ ୧ମ ଦ୍ୱିତୀୟ ବାର୍ଷିକ କଳାର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ପରେ ପରେ ଅନ୍ୟାନ୍ୟ ଅଧ୍ୟାପକ ଅଧ୍ୟାପିକା ତଥା କର୍ମଚାରୀ ଗଣ ପିଲାମାନଙ୍କୁ ଆଗାମୀ ଦିନରେ କଲେଜ ତଥା ନିଜ ଜୀବନରେ କିପରି ଶିକ୍ଷା ଶୃଙ୍ଖଳା ଚରିତ୍ର ପରୋପକାରିତା ଅଧ୍ୟବସାୟ ଇତ୍ୟାଦି ଗୁଣକୁ ପ୍ରତିକ୍ଷେତ୍ରରେ ପ୍ରୟୋଗ କରିପାରିବେ ସେ କଥା ଆଲୋଚନା କରାଯାଇଥିଲା। ୭ବର୍ଷର ପରିଶ୍ରମରେ କିପରି ୭୦ବର୍ଷ ସୁଖରେ ଜୀବନ ବିତାଇହବ ସେ କଥା ପିଲାମାନଙ୍କୁ ଉଦାହରଣ ମାଧ୍ୟମରେ ବୁଝେଇଥିଲେ। ସଭାରେ ବରିଷ୍ଠ ଅଧ୍ୟାପିକା ସୈଦାମିନ ମହାନ୍ତି, ସନାତନ ଦାସ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ହରିନାରାୟଣ ସେନାପତି, ପ୍ରିୟବ୍ରତ ପାତ୍ର, ମୃତ୍ୟୁଞ୍ଜୟ ଦାଶ ତଥା ଅନ୍ୟାନ୍ୟ ସମସ୍ତ କର୍ମଚାରୀ ଉପସ୍ଥିତ ରହି ଉକ୍ତ କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

# ସାପ କାମୁଡ଼ା ଓ ବଜ୍ରାଘାତରୁ ଜୀବନ ରକ୍ଷା ନିମନ୍ତେ ସଚେତନତା ଶିବିର



ଢେଙ୍କାନାଳ, ୫।୮ (ସମିସ): ଗଁଦିଆ ବ୍ଲକର ଛୋଟତେନ୍ତୁଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ କୈଳାଶ ଚନ୍ଦ୍ର ପୃଷ୍ଟିଙ୍କ ସଭାପତିତ୍ୱରେ ଜିଲ୍ଲା ପ୍ରଶାସନ ଓ ପ୍ରିୟ ସ୍ୱେଚ୍ଛାସେବୀ ସଂଗଠନର ମିଳିତ ଆନୁକୂଲ୍ୟରେ ସାପ କାମୁଡା ଓ ବ୍ରଜାଘାତରୁ ଜୀବନ ରକ୍ଷା ନିମନ୍ତେ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସେହିପରି ବେଗା ଓ ନେହେଙ୍ଗେରା ଗ୍ରାମ ପଞ୍ଚାୟତର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୁଖ୍ୟଅତିଥି ଭାବେ ପ୍ରାଧାନଶିକ୍ଷକ ହରିହର ଦଳେଇ, ଅଙ୍ଗନବାଡି ଓ ଆଶା କର୍ମୀମାନେ ଉପସ୍ଥିତ ରହି ସଚେତନତା ବାର୍ତ୍ତା ଦେଇଥିଲେ। ପ୍ରିୟ ଅନୁଷ୍ଠାନର ନିର୍ଦ୍ଦେଶକ ଟଙ୍କଧର ବାରିକ ଫ୍ଲେକ୍ସ ଓ ପ୍ରଚାର ପତ୍ର ମାଧ୍ୟମରେ ସାପ କାମୁଡା ଓ ବ୍ରଜାଘାତରେ କଣ କରିବା ଦରକାର ଓ କଣ ନ କରିବା ଦରକାର ବୁଝାଇ କହିଥିଲେ। ୨ଟି କାର୍ଯ୍ୟକ୍ରମକୁ ଇଲନପ୍ରଭା ସେନାପତି, ଅନ୍ନପୂର୍ଣ୍ଣା ଧଳ, ସୋନାଲି ଧଳ, ସୌଭାଗ୍ୟ ଲକ୍ଷ୍ମୀ ତରାଇ, ସ୍ୱାଗତିକା ରାଉତ ଓ ଲକ୍ଷ୍ମୀପ୍ରିୟା ନାୟକ ସହଯୋଗ କରିଥିଲେ।

## ରାସ୍ତା କାମ ବନ୍ଦକୁ ନେଇ ଅସନ୍ତୋଷ

# କରମୁଳ ଗ୍ରାମବାସୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ

ଢେଙ୍କାନାଳ, ୫।୮ (ସମିସ)



ପୂର୍ତ୍ତ ବିଭାଗ ଅଧୀନରେ ମନ୍ଦାର-କରମୁଳ ରାସ୍ତାର ଗଣେଶଖୋଲା ଛକ ନିକଟବର୍ତ୍ତୀ ୪୦୦ ମିଟର ରାସ୍ତା କାର୍ଯ୍ୟ ବନ୍ଦ ହେବାକୁ ନେଇ କରମୁଳ ପଞ୍ଚାୟତର ଜନସାଧାରଣ ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମରେ ଅଭିଯୋଗ

**● ଦୌଡ଼େଶ୍ୱର ମନ୍ଦିରର ଦେବୋତ୍ତର କମିଟି ଗଠନ ହୋଇନଥିବା ଅଭିଯୋଗ**

ଜଣାଇଛନ୍ତି। କରମୁଳ ଠାରୁ ଭାଲିଆକଣ ଛକ ନିକଟବର୍ତ୍ତୀ ୪୦୦ ମିଟର ରାସ୍ତା ଅସମ୍ପୂର୍ଣ୍ଣ ଭାବେ ପଡ଼ିରହିଛି। କରମୁଳ ଗ୍ରାମର କେତେଜଣ ବ୍ୟକ୍ତି ଉକ୍ତ ଅସମ୍ପୂର୍ଣ୍ଣ ୪୦୦ ମିଟର ରାସ୍ତାକୁ ନିଜର ରେକର୍ଡଭୁକ୍ତ କହି କଣ୍ଟ୍ରାକ୍ଟରଙ୍କୁ କାର୍ଯ୍ୟବନ୍ଦ କରିଛନ୍ତି। ସେହି ରାସ୍ତା ୬୦/୭୦ ବର୍ଷ ହେବ ସରକାରୀ ଜାଗାରେ ତିଆରି ହୋଇଛି। ଉକ୍ତ ରାସ୍ତାଟିକୁ ପୂର୍ତ୍ତବିଭାଗ ତରଫରୁ ସର୍ବସାଧାରଣଙ୍କ ଉପସ୍ଥିତିରେ ଚିହ୍ନଟ କରି କାର୍ଯ୍ୟଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବିଭାଗକୁ ନିର୍ଦ୍ଦେଶ ଦେବାକୁ କରମୁଳ ପଞ୍ଚାୟତର ଜନସାଧାରଣ ଜିଲ୍ଲାପାଳଙ୍କୁ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ସେହିପରି କରମୁଳ ପଞ୍ଚାୟତରେ ପ୍ରତିଷ୍ଠିତ ଦୌଡ଼େଶ୍ୱର ମନ୍ଦିରର ଦେବୋତ୍ତର କମିଟି ଗଠନ ହୋଇନଥିବା ଅଭିଯୋଗ ଜଣାଇଛନ୍ତି। ପଞ୍ଚାୟତବାସୀ ବାରମ୍ବାର ଦେବୋତ୍ତର କାର୍ଯ୍ୟାଳୟରେ ଜଣାଇବା ସତ୍ତ୍ୱେ କମିଟି ଗଠନ ହେଲା କିନ୍ତୁ କାର୍ଯ୍ୟକାରୀ ହେଲା ନାହିଁ। ଯାହାଫଳରେ ଦୌଡ଼େଶ୍ୱର ଦେବୋତ୍ତର ସମ୍ପତି ତଥା ବିଲ ସଞ୍ଜା ଆଦାୟ ହୋଇନପାରି ଠାକୁରଙ୍କ ନୀତିକାନ୍ତିରେ ବାଧାବିଘ୍ନ ଉପୁଜୁଛି। ଉନ୍ନୟନ କାର୍ଯ୍ୟ ସଠିକ୍ ଭାବେ ହୋଇପାରୁ ନାହିଁ। ଏହାକୁ ଯଥାଶୀଘ୍ର ଦୌଡ଼େଶ୍ୱର ଦେବୋତ୍ତର କମିଟିକୁ ପୁନଃକାର୍ଯ୍ୟକାରୀ କିମ୍ବା ପୁନଃଗଠନ କରିବାକୁ ପଞ୍ଚାୟତର ଜନସାଧାରଣ ଓ ଜନପ୍ରତିନିଧିମାନେ ଜିଲ୍ଲାପାଳଙ୍କ ନିକଟରେ ଗୁହାରୀ ଜଣାଇଛନ୍ତି। ଅଭିଯୋଗ ସମୟରେ ପଞ୍ଚାୟତର ବେଣୁଧର ପାତ୍ର, ଅଶୋକ କୁମାର ପାତ୍ର, ପ୍ରଦ୍ୟୁମ୍ନ କୁମାର ପଣ୍ଡା, ବିଚିତ୍ରାନନ୍ଦ ବେହେରା, ପୂର୍ବତନ ସରପଞ୍ଚ ଦିବାକର ପାତ୍ର, ମନମୋହନ ପାତ୍ର, ପବିତ୍ର ମୋହନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଦୁଗ୍ଧ ଚାଷୀଙ୍କ ପାଇଁ ହେବ ସୋସାଇଟି



କଣିହାଁ, ୫।୮ (ସମିସ): କଣିହାଁ ବ୍ଲକ ସମଲ ବ୍ୟାରେଜ ଅତିଥି ଭବନରେ କୁଲେଇ, ସମଲ ଓ ହରିହରପୁର ପଞ୍ଚାୟତର ଗୋଚାଷୀଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି। ପାଲଲହଡା ବିଧାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ୩ଟି ପଞ୍ଚାୟତର ଦୁଗ୍ଧ ଚାଷୀମାନେ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ କିପରି ଉପକୃତ ହେବେ ସବିଶେଷ ତଥ୍ୟ ରଖିଥିଲେ। ଯୋଜନାରେ ଗୋଟିଏ ଗୁହାଳ ଗୃହ ଏବଂ ଦୁଇଟି ଗାଈ ରଖିପାରିବେ ଯାହାର ମୂଲ୍ୟ ୨ ଲକ୍ଷ ୩୦ ହଜାର ଟଙ୍କା ସରକାର ଦେଉଛନ୍ତି ଏବଂ ୭୦ ପ୍ରତିଶତ ରିହାତି ମିଳୁଛି। ଦୁଗ୍ଧ ଚାଷୀ ମାନଙ୍କର ଏକ ସୋସାଇଟି ଏଅଞ୍ଚଳ କରି ଚାଷୀଙ୍କୁ ରୋଜଗାର ସହ ଉପକୃତ ହେବା ପାଇଁ ବିଧାୟକ ଶ୍ରୀ ମହାନ୍ତି କହିଥିଲେ। ବୈଠକରେ କଣିହାଁ ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ (ବିଭିଓ) ଯୋଗଦେଇ ଗୋଚାଷୀଙ୍କ ବିଭିନ୍ନ ସ୍କିମ ଉପରେ ଆଲୋକପାତ କରିଥିଲେ। କଣିହାଁ ସହକାରୀ ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ (ଭିଏସ୍) ଧନ୍ୟବାଦ ଦେଇଥିବା ବେଳେ ଗୋଚାଷୀ ଗଣେଶ ମାଝୀ ସଭାପତିତ୍ୱ କରିଥିଲେ। ସମଲ ସରପଞ୍ଚ ଜିତେନ୍ଦ୍ର ବେହେରା, କୁଲେଇ ସରପଞ୍ଚ ଜ୍ୟୋତ୍ସ୍ନା ମୟୀ ଗଡ଼ନାୟକ, ପୂର୍ବତନ ସରପଞ୍ଚ ବିଜୟ ପ୍ରଧାନ, ପ୍ରାଣୀ ଚିକିତ୍ସା ଅଧିକାରୀ ଦୁର୍ଗାପ୍ରସାଦ ସାହୁଙ୍କ ସମେତ ଦୁଇଶହ ଚାଷୀ ଯୋଗଦେଇଥିଲେ।

# ଗବେଷକଙ୍କ ବିୟୋଗରେ ଶୋକସଭା

ତାଳଚେର, ୫।୮ (ସମିସ): ତାଳଚେରର ବିଶିଷ୍ଟ ଗବେଷକ ବିଭୂତି ଭୂଷଣ ସାହୁଙ୍କର ବିୟୋଗରେ ମା' ହିଙ୍ଗୁଳା ପାଠାଗାର ପକ୍ଷରୁ ଶୋକସଭା କଳମଛୁଇଁ ସରସ୍ୱତୀ ଶିଶୁମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ପାଠାଗାରର ସମ୍ପାଦକ ବିଭୂତି ଭୂଷଣ ସ୍ୱାଇଁଙ୍କ ଆବାହକତ୍ୱରେ ସଭାପତି ହାଡ଼ିବନ୍ଧୁ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ପାଠାଗାରର ସଦସ୍ୟମାନେ ସ୍ୱର୍ଗତ ସାହୁଙ୍କ ସଦଗତି ନିମନ୍ତେ ନୀରବ ପ୍ରାର୍ଥନା କରିଥିଲେ। ଶ୍ରୀ ସାହୁ ଗବେଷକ ଭାବେ ତାଳଚେର କୋଇଲା ଖଣିର ଇତିହାସ ସହ ନିକଟସ୍ଥ ଝାଡ଼ିଅମ୍ବା ଗ୍ରାମ ତଥା ଆଖପାଖ ଅଞ୍ଚଳରେ ଥିବା ବିଭିନ୍ନ ବୌଦ୍ଧକୀର୍ତ୍ତି ଆବିଷ୍କାର କରଥିଲେ। ତାଙ୍କୁ ତାଳଚେର କଳା, ସାହିତ୍ୟ, ସଂସ୍କୃତି ପରିଷଦ ପକ୍ଷରୁ ବିଶିଷ୍ଟ ଗବେଷକ ସମ୍ମାନ ଓ ତାଳଚେରର ପୁସ୍ତକ ମେଳା କମିଟି ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସେ ତାଳଚେରର ଗଡ଼ଜାତ ଆନ୍ଦୋଳନ ଉପରେ ଆଧାରିତ ଗବେଷଣାତ୍ମକ ପୁସ୍ତକ 'ତାଳଚେର ଗଣସଂଗ୍ରାମ' ରଚନା କରିଥିବା ବେଳେ ସନ୍ଥକବି ଭୀମଭୋଇଙ୍କ ଜୀବନୀ ଆଧାରିତ ବିଶିଷ୍ଟ ହିନ୍ଦୀ ଲେଖକ ଦୀନେଶ ମାଲିଙ୍କ ରଚିତ ପୁସ୍ତକ 'ରଶ୍ମିଲୋଚନ'ର ଓଡ଼ିଆ ଅନୁବାଦ କରିଥିଲେ ବୋଲି ଉତ୍କଳ ସମ୍ମିଳନୀ ଅନୁଗୋଳ ଶାଖା ସମ୍ପାଦକ ଇଂ.ଧନେଶ୍ୱର ସାହୁ ମତବ୍ୟକ୍ତ କରିଥିଲେ। ସେ ମା' ହିଙ୍ଗୁଳା ପାଠାଗାରର ଉପଦେଷ୍ଟା ଭାବରେ ଦାୟିତ୍ୱ ନିର୍ବାହ କରୁଥିବା ବେଳେ ଉତ୍କଳ ସମ୍ମିଳନୀ, ମା' ହିଙ୍ଗୁଳା ପୀଠ ଉନ୍ନୟନ ପରିଷଦ, ସାଉଥବଲଣ୍ଡା ସାହିତ୍ୟ ଘର, ବିବେକାନନ୍ଦ ଲୋକ ସଂସଦ, ନବୋଦୟ ସାହିତ୍ୟର ପରିଭାଷା ପରିବାର ସହ ଜଡ଼ିତ ଥିଲେ। କାର୍ଯ୍ୟକ୍ରମରେ ପାଠାଗାରର କୋଷାଧ୍ୟକ୍ଷ ଦୟାନିଧି ସାହୁ, ଉପଦେଷ୍ଟା ପ୍ରଭାକର ପ୍ରଧାନ, ବରିଷ୍ଠ ସଦସ୍ୟ ସାଗର ପ୍ରଧାନ, ପଞ୍ଚାନନ ବେହେରା, ଶିଶୁମନ୍ଦିରର ବରିଷ୍ଠ ଆଚାର୍ଯ୍ୟ ଚତୁର୍ଭୁଜ ସାହୁ, ଅନୀଲ ସାହୁ, ସଞ୍ଜୟ ସାଲିମା, ହିମାଂଶୁ ଦାସ, ଭଗବାନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ବିହନ ବଣ୍ଟନ, ଦକ୍ଷତା ବିକାଶ କାର୍ଯ୍ୟକ୍ରମ



ଢେଙ୍କାନାଳ, ୫।୮ (ସମିସ): ସଦର ବ୍ଲକ ମଧୁସାହୁପାଟଣ ପଞ୍ଚାୟତର ମୋଟରୀ ଗ୍ରାମରେ ଇକାର୍ଡା ଓ ରାଜ୍ୟ ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ସହାୟତାରେ ହରଡ଼ ବିହନ ବଣ୍ଟନ ଓ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ଇକାର୍ଡା ସହାୟତାରେ ଓସ୍ୱା ସଂସ୍ଥା ଦ୍ୱାରା ଆୟୋଜନ କରାଯାଇଥିଲା। ବିହନ ବଣ୍ଟନ କାର୍ଯ୍ୟକ୍ରମରେ ଇକାର୍ଡର ସାଉଥ୍ ଏସିଆ ଆଣ୍ଡ ଚାଇନାର ରିଜିଓନାଲ କୋର୍ଡିନେଟର ଡ. ଶିବକୁମାର ଅଗ୍ରୱାଲ, ଜିଲ୍ଲା ସହକାରୀ କୃଷି ଅଧିକାରୀ ଶିବନାରାୟଣ ସିଂ, ଇକାର୍ଡର ରାଜ୍ୟ ମୁଖ୍ୟ ଡ. କିଶୋର କୁମାର ବେହେରା, ଓସ୍ୱାର ପରାମର୍ଶଦାତା ସତ୍ୟନାରାୟଣ ମିଶ୍ର, ଶସ୍ୟ ସଂରକ୍ଷଣର ବୈଜ୍ଞାନିକ ସଂଘମିତ୍ରା ସାହୁ, ଓସ୍ୱାର ନିର୍ଦ୍ଦେଶକ ଦିଲ୍ଲୀପ କୁମାର ପଟ୍ଟନାୟକ, ଇକାର୍ଡାର ଏଫପିଓ ବାଣିଜ୍ୟ ବିକାଶ ଅଧିକାରୀ ମେଘନାଦ ନନ୍ଦ, ମଧୁସାହୁପାଟଣା ଗ୍ରାମର ସର୍ବେଶ୍ୱର ପ୍ରଧାନ, ଇକାର୍ଡାର ଜିଲ୍ଲା ସଂଯୋଜକ ଆଶିଷ କୁମାର ଜେନା ଓ ୧୦୦ରୁ ଅଧିକ ଅଗ୍ରଣୀ ଚାଷୀଭାଇ ଉପସ୍ଥିତ ଥିଲେ। ବୈଠକକୁ ଜିଟିର କ୍ଲଷ୍ଟର ପରିଚାଳକ ନାରାୟଣ ଖଟୁଆ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଡ. ବେହେରା ଇକାର୍ଡା ଓ କୃଷି ବିଭାଗ ସହାୟତାରେ ରାଜ୍ୟରେ ଢେଙ୍କାନାଳକୁ ମିଶାଇ ୧୦ଟି ଜିଲ୍ଲାରେ କିଭଳି ଭାବେ ହରଡ ଚାଷ କରି ଲାଭବାନ ହୋଇପାରିବେ ସେହି ବିଷୟରେ ଆଲୋଚନା କରିଥିଲେ। ଜିଲ୍ଲା ସହକାରୀ କୃଷି ଅଧିକାରୀ ଉକ୍ତ ସଭାରେ ଉପସ୍ଥିତ ରହି ଇକାର୍ଡା ସମ୍ବନ୍ଧରେ ଓ ହରଡ ଚାଷ ବିଷୟରେ ପରାମର୍ଶ ଦେଇଥିଲେ। ଏହି ସଭାରେ ଡ. ଅଗ୍ରୱାଲ ହରଡ ଚାଷ ସଫଳ ହେବା ପାଇଁ ଚାରୋଟି ବିଷୟ ଉପରେ ଗୁରୁତ୍ୱ ଦେଇଥିଲେ। ଶେଷରେ ଦିଲ୍ଲୀପ ପଟ୍ଟନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଅତିଥିମାନଙ୍କ କରକମଳରେ ଏଲଆରଜି ୫୨ କିସମର ହରଡ଼ ବିହନ ୬୨ଜଣ ଚାଷୀଙ୍କୁ ବଣ୍ଟନ କରିଥିଲେ। ସମସ୍ତ ଅଧିକାରୀଙ୍କ ଉପସ୍ଥିତିରେ ମୋଟରୀ ଗ୍ରାମରେ ଧାଡି ପ୍ରଣାଳୀରେ ହରଡ ବୁଣାଯାଇଥିଲା। ଇକାର୍ଡା ଓ ଓସ୍ୱାର ସମସ୍ତ ଅଧିକାରୀ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ବିଶ୍ୱନାଥ ଦାସଙ୍କ ସହିତ ହରଡ ଚାଷ ଉପରେ ଆଲୋଚନା କରିଥିଲେ। ଶେଷରେ ସମସ୍ତ ଅଧିକାରୀ ଢେଙ୍କାନାଳ ଜିଲ୍ଲାର କୃଷି ବିଜ୍ଞାନ କେନ୍ଦ୍ରକୁ ପରିଭ୍ରମଣ କରି ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ କୃଷି ବିଜ୍ଞାନ କେନ୍ଦ୍ର ଢେଙ୍କାନାଳ ଡ. ବିମଳେନ୍ଦୁ ମହାନ୍ତି ଓ ଅନ୍ୟାନ୍ୟ ବୈଜ୍ଞାନିକମାନଙ୍କ ଉପସ୍ଥିତିରେ ହରଡ ଚାଷକୁ ଆଗାମୀ ଦିନରେ କିଭଳି ଅଧିକରୁ ଅଧିକ ସଫଳ କରାଯାଇପାରିବ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ସଂଯୋଜକ ପ୍ରକାଶ କୁମାର ସାଠୁଆ, ଆଶୁତୋଷ ଘଡେଇ, ଆଶୀର୍ବାଦ ଜେନା, ଶତ୍ରୁଘ୍ନ ନାୟକ, ବିଶ୍ୱପ୍ରକାଶ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।

# ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ଚିହ୍ନଟିକରଣ ଓ ଉପକରଣ ବଣ୍ଟନ ଶିବିର

ଢେଙ୍କାନାଳ, ୫।୮ (ସମିସ): ଅଖିଳଭାରତୀୟ ଶିକ୍ଷା ସମାଗମ, ଜାତୀୟ ଶିକ୍ଷାନୀତି ୨୦୨୦ ପାଳନ ଅବସରରେ ଢେଙ୍କାନାଳ ଜିଲ୍ଲା ସମଗ୍ର ଶିକ୍ଷା ସଦର ବ୍ଲକ ଆନୁକୂଲ୍ୟରେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ଚିହ୍ନଟିକରଣ ଓ ସହାୟକ ଉପକରଣ ବଣ୍ଟନ ଶିବିର ବିବି ହାଇସ୍କୁଲରେ ଅନୁଷ୍ଠିତ ହୋଇଯାଇଛି। ବିଆର୍‌ସିସି ଦେବବ୍ରତ ନାଥଙ୍କ ଅଧ୍ୟକ୍ଷତାରେ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଡିଇଓ ବିନିତା ସେନାପତି ଏବଂ ସମ୍ମାନିତ ଅତିଥି ଭାବେ ସଦର ବିଇଓ ଦିବ୍ୟ ପ୍ରକାଶ ପ୍ରଧାନ ଓ ପ୍ରାକ୍ତନ ବିଜ୍ଞାନ ଶିକ୍ଷକ ଦେବୀ ପ୍ରସାଦ ମିଶ୍ର, ମୁଖ୍ୟବକ୍ତା ଭାବେ ଜିଲ୍ଲା ଅନ୍ତର୍ନିବେଶୀ ସଂଯୋଜକ କୃଷ୍ଣଚନ୍ଦ୍ର ବେହେରା ଯୋଗଦେଇଥିଲେ। ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଅଧୀନରେ କାର୍ଯ୍ୟରତ ଅଡିଓଲୋଜିଷ୍ଟ, ଭୌତିକ ଚିକିତ୍ସକ, ମନସ୍ତତ୍ତ୍ୱବିତ୍, ସାଇଟ ସେଭର, ଓଡ଼ିଶାର ଚକ୍ଷୁ ବିଶେଷଜ୍ଞ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ପରୀକ୍ଷା କରି ଭିନ୍ନକ୍ଷମତା ଚିହ୍ନଟ କରିଥିଲେ। ଶିବିରରେ ମୋଟ ୧୩୪ଜଣ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ଓ ସେମାନଙ୍କ ଅଭିଭାବକ ଯୋଗଦେଇଥିଲେ। ୫୦ଜଣଙ୍କ ମଧ୍ୟରୁ ୧୦ ବଧିର ଛାତ୍ରଛାତ୍ରୀଙ୍କୁ ଶ୍ରବଣ ଯନ୍ତ୍ର, ୯ଜଣଙ୍କୁ ହୁଇଲଚେୟାର, ଜଣଙ୍କୁ ଟ୍ରାଇ ସାଇକଲ୍, ୧୭ଜଣଙ୍କୁ ଶିକ୍ଷଣ ସାମଗ୍ରୀ କିଟ, ୫ଜଣଙ୍କୁ ସିପି ଚେୟାର ଓ ୨ଜଣଙ୍କୁ ଆଶାବାଡି ଏଏଲଆଇଏମସିଓ ସଂସ୍ଥା ତରଫରୁ ବିତରଣ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ବିଣାପାଣୀ ସେନାପତି, ଅନ୍ତର୍ନିବେଶୀ ଶିକ୍ଷା ସ୍ୱେଚ୍ଛାସେବୀ, ପ୍ରଣତି ମିଶ୍ର, କାଳନ୍ଦୀ ଦେବତା, ବିଷ୍ଣୁ କୁମାର ମଲ୍ଲିକ, ରମା ବେହେରା, ସଞ୍ଜୀବ ମହାପାତ୍ର, କାମଦେବ ପ୍ରଧାନ, ପ୍ରିୟବ୍ରତ ପଟ୍ଟନାୟକ, ପ୍ରଭାତୀ ବେହେରା, ପ୍ରମୋଦ ସାହୁ ପ୍ରମୁଖ ସିଆର୍‌ସିସି ବୃନ୍ଦ, ବରିଷ୍ଠ ଶିକ୍ଷୟିତ୍ରୀ ସୁନିତାବାଳା ଷଡଙ୍ଗୀ, ସଂସ୍କୃତ ଶିକ୍ଷୟିତ୍ରୀ ଡ଼ଃ ଅନୁପମା ମିଶ୍ର, ହିନ୍ଦୀ ଶିକ୍ଷକ କିଶୋର ଚନ୍ଦ୍ର ସାମଲ, ସଂସ୍କୃତ ଶିକ୍ଷକ ଦୀପ୍ତିଶ କୁମାର ଶତପଥୀ, ସ୍ୱାଗତିକା ରଥ, ସୁଜାତା ପଣ୍ଡା, ସୁଚିତ୍ରା ସାହୁ, କଲ୍ୟାଣୀ ବଡ଼ଜେନା, ଭୂପେନ୍ଦ୍ର ସିଂ ମାଝୀ, କିରଣ କଣ୍ଟା, କ୍ଷୀରାବଧିତନୟା ମହାପାତ୍ର, କ୍ରୀଡ଼ା ଶିକ୍ଷୟିତ୍ରୀ ସ୍ମିତସୁଧା ଜେନା, କାର୍ଯ୍ୟାଳୟ ସହକାରୀ ସୁଦର୍ଶନସାହୁ, ଭୋକେସନାଲ୍ ଟ୍ରେନର ଶୁଭଶ୍ରୀ ଶୁଭସ୍ମିତା ରାଉତ ଓ ଅଟୋମୋଟିଭ ଟ୍ରେନର ସୁଜିତ ବାରା, ବାସୁଦେବ ରଣା, ମମତା ବେହେରା, ରୁଦ୍ରାକ୍ଷ ଗଡ଼ନାୟକ, ସନ୍ତୋଷ ଜେନା, ନରହରି ଗୋଛାୟତ ପ୍ରମୁଖ ଶିକ୍ଷୟିତ୍ରୀ, ଶିକ୍ଷକ ଓ କର୍ମଚାରୀବୃନ୍ଦ ସହଯୋଗ କରିଥିଲେ।

# ହାତୀ ଆକ୍ରମଣରେ ମୃତ ପରିବାରକୁ ଭେଟିଲେ ମନ୍ତ୍ରୀ

ହିନ୍ଦୋଳ, ୫।୮ (ସମିସ): ହିନ୍ଦୋଳ ଉପଖଣ୍ଡର ବିଭିନ୍ନ ସ୍ଥାନରେ ହାତୀ ଆକ୍ରମଣରେ ମୃତ ପରିବାରବର୍ଗଙ୍କୁ ରାଜ୍ୟ ସରକାରଙ୍କ ଖାଦ୍ୟଯୋଗାଣ ଖାଉଟି କଲ୍ୟାଣ ଓ ବିଜ୍ଞାନ ପ୍ରଯୁକ୍ତିବିଦ୍ୟା ବିଭାଗ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଭେଟି ସମବେଦନା ଜଣାଇବା ସହ ଆର୍ଥିକ ସହଯୋଗ କରିଛନ୍ତି। ପ୍ରଥମେ ନୂଆବଗ ପଞ୍ଚାୟତ ଅଧୀନ ବାଘଧରିଆ ଗ୍ରାମକୁ ଆସି ଗତ ଗୁରୁବାର ହାତୀ ଆକ୍ରମଣରେ ମୃତ କରୁଣାକର ଦେହୁରି, ଝୁଲଣ ଦେହୁରି ଓ ଶଶି ସାହୁଙ୍କ ଘରକୁ ଯାଇଥିଲେ। ପରିବାର ଲୋକଙ୍କ ସହ ଆଲୋଚନା କରି ଏଭଳି ଦୁଃଖଦ ସମୟରେ ଧୈର୍ଯ୍ୟ ଧରିବାକୁ କହିଥିଲେ। ଏହାପରେ ମହାଲୁଣ୍ଡା ପଞ୍ଚାୟତ ଅଧୀନ ଟାଙ୍ଗିଶାଳ ଗ୍ରାମରେ ହାତୀ ଆକ୍ରମଣରେ ମୃତ ସୁଧାକର ସାମଲଙ୍କ ଘରକୁ



ଯାଇ ପରିବାର ଲୋକଙ୍କୁ ଭେଟି ସମବେଦନା ଜଣାଇ ଆର୍ଥିକ ସହଯୋଗ କରିଛନ୍ତି। ମୃତକଙ୍କ ପରିବାର ଲୋକଙ୍କୁ କିପରି ଶୀଘ୍ର ସମସ୍ତ ପ୍ରକାର ସରକାରୀ ସାହାଯ୍ୟ ମିଳିପାରିବ ସେନେଇ ଢେଙ୍କାନାଳ ବନଖଣ୍ଡ ଅଧିକାରୀ ସୁମିତ କର ଓ ହିନ୍ଦୋଳ ଉପଜିଲ୍ଲାପାଳ ପ୍ରଭାସ କୁମାର ବେହୁରାଙ୍କ ସହ ଆଲୋଚନା କରିଥିଲେ। ଏଥିସହ ଉପସ୍ଥିତ ଗ୍ରାମବାସୀଙ୍କ ସମସ୍ୟାକୁ ଶୁଣି ଏହାର ଖୁବ ଶୀଘ୍ର ସମାଧାନ କରାଇବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଗସ୍ତ ବେଳେ ହିନ୍ଦୋଳ ବ୍ଲକ ଉପାଧ୍ୟକ୍ଷ ବରୁଣ ସର, ବିଷ୍ଣୁପ୍ରସାଦ ଲେଙ୍କା, ସାଂସଦଙ୍କ ହିନ୍ଦୋଳ ପ୍ରତିନିଧି ସୁଶାନ୍ତ ପତି, ଜିଲ୍ଲାପରିଷଦ ସଦସ୍ୟ ସୁମନ୍ତ ଦେହୁରି, ସୁବ୍ରତ ଆଚାର୍ଯ୍ୟ, ସରପଞ୍ଚ ଦୁଷ୍ମନ୍ତ ନାଏକ, ବସନ୍ତ ସାହୁ, ପ୍ରତାପ ପ୍ରଧାନ, ଅଁତେ ଅମାନ୍ତ, ଗିରିଷ ସେଠି, ସୁଜିତ ନାଏକ, ଦିଲିପ ଲେଙ୍କା, ମଣ୍ଡଳ ସଭାପତି ସର୍ବଶ୍ରୀ ପ୍ରବୋଧ ପ୍ରଧାନ, ଲିଙ୍ଗରାଜ ସାହୁ, ବିଜେପି ନେତା, ଭାସ୍କର ନାୟକ, ମନୋଜ ମହାରଣା, ତପନ ମହାପାତ୍ର, ସୁଲେଖ ସ୍ୱାଇଁ, ପ୍ରକାଶ ପଣ୍ଡା, ବନୋଜ ରଥ, ପ୍ରମୋଦ କୁମାର ନାୟକ, ମନୋରଞ୍ଜନ ନାଥ, ସୋଭାଗ୍ୟ ସାହୁ, ଲଳିତ ସାହୁ, ଟିଟୁ ସାହୁ, ସୁଜିତ ବାରିକ, ସନ୍ତୋଷ ସାହୁ, ଦିପକ ନାଥ, ଗୌତମ ସାହୁ, ତରଣି ସାହୁ, ହରିହର ଗୁରୁ ପ୍ରମୁଖ ଉପସ୍ଥିତ ଥିଲେ।

# ନନ୍ଦିନୀ ଦେବୀଙ୍କ ଶ୍ରାଦ୍ଧ ଦିବସ




ଢେଙ୍କାନାଳ, ୫।୮ (ସମିସ): ସାମାଜିକ ଅନୁଷ୍ଠାନ ଆମ ପ୍ରତିଭା, ଆମ ସମ୍ମାନ ପକ୍ଷରୁ ନନ୍ଦିନୀ ଶତପଥିଙ୍କ ୧୯ତମ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ପୂର୍ବତନ ସାଂସଦ ମହେଶ ସାହୁଙ୍କ ଉପସ୍ଥିତିରେ ମୁଖ୍ୟ ଷ୍ଟାଡିୟମ ନିକଟସ୍ଥ ନନ୍ଦିନୀ ଦେବୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ଶ୍ରଦ୍ଧାଞ୍ଜଳି ସଭାରେ ଅନୁଷ୍ଠାନର ପ୍ରତିଷ୍ଠାତା ତଥା ପୂର୍ବତନ ସାଂସଦ ଶ୍ରୀ ସାହୁ ଯୋଗଦେଇ ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ, ଢେଙ୍କାନାଳ ମାଟିର ସୁକନ୍ୟା, ଲୌହମାନବୀ, ପ୍ରଚଣ୍ଡ ଜ୍ଞାନ ସମ୍ପନ୍ନ ଓ ବିଚକ୍ଷଣ ରାଷ୍ଟ୍ରନୀତିଜ୍ଞ, ନିର୍ଭୀକତା, ସାହସିକତା ଓ ଦୃଢ଼ ମାନସିକତା ସମ୍ପନ୍ନ ବ୍ୟକ୍ତିତ୍ୱ, ନାରୀ ମାନସିକତାର ଏକ ତେଜୋଦିପ୍ତ ସ୍ୱର ସ୍ୱର୍ଗତ ନନ୍ଦିନୀ ଶତପଥୀ ଥିଲେ। ନନ୍ଦିନୀ ଦେବୀ କେନ୍ଦ୍ରରେ ସୂଚନା ପ୍ରସାରଣ ବିଭାଗ ମନ୍ତ୍ରୀ ଥିବାବେଳେ ଅନେକ ସଂସ୍କାର ମୂଳକ କାର୍ଯ୍ୟ କରି ନିଜକୁ ପରିଚିତ କରିଥିଲେ। ପରବର୍ତ୍ତୀ ସମୟରେ ସ୍ୱର୍ଗତା ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ପରାମର୍ଶରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିଥିଲେ। ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ଭାବେ ପରିପକ୍ୱ ରାଜନୀତି, ଭୂସଂସ୍କାର ଆଇନ ବ୍ୟତୀତ ଢେଙ୍କାନାଳର ବିକାଶ ଓ ବେକାରୀ ସମାସ୍ୟା ଦୂରିକରଣ ପାଇଁ ଶିଳ୍ପ ବିପ୍ଳବ ଆରମ୍ଭ କରିଥିଲେ। ଓଡ଼ିଶାର ସାମଗ୍ରିକ ପ୍ରଗତି ଏବଂ ଲୋକଙ୍କ କଲ୍ୟାଣ ଦିଗରେ ନିଜ ଅବଦାନ ତଥା ଓଡ଼ିଆ ଭାଷା ଓ ସାହିତ୍ୟ ଜଗତକୁ ସମୃଦ୍ଧ କରୁଥିବା ତାଙ୍କ କାଳଜୟୀ ସୃଜନ ସୃଷ୍ଟି ପାଇଁ ନନ୍ଦିନୀ ଶତପଥୀ ସର୍ବଦା ସ୍ମରଣୀୟ ହୋଇ ରହିବେ। ସର୍ବୋପରି ଢେଙ୍କାନାଳ ଜିଲ୍ଲାରେ ପ୍ରଥମ ଥର ପାଇଁ ଶିଳ୍ପ ବିପ୍ଳବ ଆରମ୍ଭ କରି ନିଜର ଏକ ଅନନ୍ୟ ପ୍ରତିଭା ଛାଡି ଯାଇଛନ୍ତି ବୋଲି ସେ କହିଥିଲେ। ପରେ ସେଠାରେ ଉପସ୍ଥିତ ଥିବା ଓଡ଼ିଆ ସାମ୍ବାଦିକ ଦିବସରେ ବିଭିନ୍ନ ଖବରକାଗଜର ପ୍ରତିନିଧିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ସଦସ୍ୟ ସୁଧାଂଶୁ ଶେଖର ରାଉତ, ସଦାଶିବ ମହାପାତ୍ର, ବାଦଲ ପଟ୍ଟନାୟକ, ଆଇନଜୀବୀ ନବକିଶୋର ସାହୁ ଓ ଗୁପ୍ତେଶ୍ୱର ମିଶ୍ର, ଶ୍ୟାମସୁନ୍ଦର ସାହୁ, ଲକ୍ଷ୍ମୀନାରାୟଣ ତ୍ରିପାଠୀ, ରୁଦ୍ରାନ୍ତ ଦଳେଇ, ଦୁଷ୍ମନ୍ତ ମହାନ୍ତି, ବିନୋଦ ମଲ୍ଲିକ, ଶେଖର ସେଠି, ବାବୁ ସାହୁ, ଶ୍ରୀକାନ୍ତ ସାହୁ ପ୍ରମୁଖଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଶ୍ରୀ ସାହୁ ଢେଙ୍କାନାଳ ବାଇପାସ ନିକଟସ୍ଥ ନନ୍ଦିନୀ ଦେବୀ ଦୃଷ୍ଟିହୀନ ଓ ବଧିର ବିଦ୍ୟାଳୟରେ ପହଞ୍ଚି ଶ୍ରୀମତୀ ଶତପଥୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦେଇଥିଲେ।

# ଧଳାଜହର କବ୍‌ଜାରେ ଯୁବପିଢ଼ି



ତାଳଚେର, ୫।୮ (ସମିସ): ସହରରେ ଧଳାଜହର ବା ବ୍ରାଉନସୁଗର କବଳରେ ଏବେ ଶିକ୍ଷିତ, ଅଶିକ୍ଷିତ, ବେକାରୀ ଯୁବପିଢ଼ି ଏହି ନିଶାର ଶିକାର ହେଉଥିବା ଚର୍ଚ୍ଚା ହେଉଛି। ପ୍ରଭାବରେ ଯୁବ ଓ ଛାତ୍ରଗୋଷ୍ଠୀ ପଥଭ୍ରଷ୍ଟ ହେବାରେ ଲାଗିଛନ୍ତି। ପୁଲିସର ବାରମ୍ବାର

**● ଶାନ୍ତ ତାଳଚେର ଏବେ ଅଶାନ୍ତ**

ଚଢ଼ଉ ସତ୍ତ୍ୱେ ଏହି ନିଶାରେ ଲାଗିପାରୁନି ରୋକ୍। ଧଳାଜହର ସେବନକାରୀଙ୍କ ପାଇଁ ନିକାଞ୍ଚନ ସ୍ଥାନ ବେଶ ସୁହାଉଛି। ସଞ୍ଜ ହେବା ମାତ୍ରେ ବାଇକ୍ ଛିଡ଼ା କରି ୨ରୁ ୫ଜଣ ଯୁବକ ଫୋନ୍ ଦେଖିବା ଆଳରେ ବ୍ରାଉନସୁଗର ସେବନ କରୁଛନ୍ତି ବୋଲି ଅଭିଯୋଗ ହେଉଛି। ନିକାଞ୍ଚନ ସ୍ଥାନଗୁଡ଼ିକରେ ଆସର ଜମାଇ ବ୍ରାଉନସୁଗର ସେବନ କରୁଥିବା ଅଭିଯୋଗ ହେଉଛି। ତାଳଚେର ଅଞ୍ଚଳରେ ଏମିତି କୌଣସି ସ୍ଥାନ ନାହିଁ ଯେଉଁଠି କି ଏମାନେ ନିଶା ସେବନ କରୁନାହାନ୍ତି। ୧୫ରୁ ୨୦ବର୍ଷ ବୟସର ଯୁବକଙ୍କ ମଧ୍ୟରେ ଏଭଳି ନିଶା ସେବନର ଉଦାମତା ଦେଖିବାକୁ ମିଳିଛି। କୋମଳମତୀ ଛାତ୍ରଙ୍କୁ ନିଶା ଅଭ୍ୟସ୍ତ କରାଇବାକୁ ଏକ ରାକେଟ କାମ କରୁଛି ବୋଲି ଶୁଣିବାକୁ ମିଳେ। ଅବକାରୀ ବିଭାଗ ଓ ପୁଲିସ୍ ପକ୍ଷରୁ ଚଢ଼ଉ କରି କିଛିମାତ୍ରାରେ ଧରାଯାଉଛି ହେଲେ ବଡ଼ମାଛ ଖସିଯାଉଛନ୍ତି। ଧଳାଜହର ଅଞ୍ଚଳକୁ କେମିତି ଆସୁଛି ଓ ତାର ବଡ଼ ମୂରବୀ କିଏ? ତାହାର ଛାନଭିନ ପୁଲିସ୍ ଓ ଅବକାରୀ ବିଭାଗ କରନ୍ତେ ତାହା ହେଲେ ପ୍ରଶାସନ ବଡ଼ ସଫଳତା ହାସଲ କରିପାରନ୍ତା ବୋଲି ମତପ୍ରକାଶ ପାଉଛି। ଏହି ମାରାତ୍ମକ ନିଶା ସେବନ ଯୋଗୁଁ ତାଳଚେର ଅଞ୍ଚଳରେ ବିଭିନ୍ନ ପ୍ରକାର ଅପରାଧ ଘଟୁଛି ଓ ଦିନ ହେଉକି ରାତି ଲୋକ ଶାନ୍ତିରେ ନିଶ୍ୱାସ ନେଇ ପାରୁନାହାନ୍ତି। ତେଣୁ ପ୍ରଶାସନ ପକ୍ଷରୁ ଏହା ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଉପଯୁକ୍ତ ପଦକ୍ଷେପ ନେଲେ ଅପରାଧିକ କାର୍ଯ୍ୟଗୁଡ଼ିକ କେତେକାଂଶରେ କମି ଯାଇପାରନ୍ତା ବୋଲି ଅଞ୍ଚଳରେ ଆଲୋଚନ ହେଉଛି।

# ପୃଥକ ପୃଥକ ସଡ଼କ ଦୁର୍ଘଟଣା; ୨ ମୃତ, ୩ ଗୁରୁତର

ଗଁଦିଆ, ୫।୮ (ସମିସ): ଢେଙ୍କାନାଳ ଜିଲ୍ଲା ଗଁଦିଆ ଥାନା ଅଧୀନ ସାପୁଆଝରର ଓ ଷଡ଼ଙ୍ଗୀଠାରେ ପୃଥକ ପୃଥକ ଭାବରେ ଗତକାଲି ରାତି ଏବଂ ଆଜି ସକାଳେ ଦୁଇଟି ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ଦୁଇ ଜଣଙ୍କର ମୃତ୍ୟୁ ହୋଇଥିବାସ୍ଥଳେ ୩ ଜଣ ଗୁରୁତର ଭାବରେ ଆହତ ହୋଇ ଚିକିତ୍ସିତ ହେବାର ଜଣାପଡ଼ିଛି। ଭୁବନ ଥାନା ଅଧୀନ ମହୁଲପାଳ ଗ୍ରାମର ପୀତବାସ ମଲିକଙ୍କର ପୁଅ ମୁନା ମଲିକ (୨୩) ବିଳମ୍ବିତ ରାତ୍ରିରେ ବାଇକରେ ଆସୁଥିବା ବେଳେ ବିଧାରପୁର ଛକ ନିକଟରେ ପ୍ରବାହିତ ସାପୁଆଝର ନାଳ ପାଖରେ ଥିବା ବୁଲାଣି ରାସ୍ତାରେ ଭାରସାମ୍ୟ ହରାଇ ଗଛରେ ପିଟିହୋଇଯିବାରୁ ତାଙ୍କର ମୃତ୍ୟୁ ଘଟିଛି। ସେହିପରି ଆଜି ସକାଳେ ଗଁଦିଆ ଥାନା ଅଧୀନ କରମୁଳ ଗ୍ରାମର ବ୍ରଜବନ୍ଧୁ ପୋଇ ଓ ପତ୍ନୀ ଝରଣା ପୋଇଙ୍କ ସମେତ ତାଙ୍କ ଶାଶୂ ଭୁବନ ଥାନା ଅଧୀନ ମୃଦଙ୍ଗା ଗ୍ରାମର ଗୌରୀ ବେହେରାଙ୍କୁ ସାଥିରେ ନେଇ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ କଟକ ବଡ଼ ମେଡିକାଲକୁ କାରରେ ଯାଉଥିଲେ। ଷଡ଼ଙ୍ଗୀର ଝାରଦା ଛକଠାରେ କାର୍ ଭାରସାମ୍ୟ ହରାଇ ଗଁଦିଆ ପଟୁ ଆସୁଥିବା ଏକ ପିକଅପ୍ ଭ୍ୟାନକୁ ସିଧାସଳଖ ଧକ୍କା ଦେଇଥିଲା। କାରରେ ଥିବା ଡ୍ରାଇଭର ସମେତ ୪ଜଣ ଗୁରୁତର ହୋଇଥିଲେ। ସେମାନଙ୍କୁ ପ୍ରଥମେ ଶ୍ରୀରାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଗୌର ବେହେରାଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୩ ଜଣଙ୍କର ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଗଁଦିଆ ପୁଲିସ କେସ ନଂ ୨୯୧/୨୫ରେ ମାମଲା ରୁଜୁ କରି ନାଳଠାରେ ମୃତ ଯୁବକର ଶବ ବ୍ୟବଚ୍ଛେଦ ପାଇଁ ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ସେହିପରି ଷଡ଼ଙ୍ଗୀ ଠାରେ ଘଟିଥିବା ସଡ଼କ ଦୁର୍ଘଟଣାରେ କେସ ନଂ ୨୯୨/୨୫ରେ ମାମଲା ରୁଜୁ ହୋଇଛି।



କେବଳ ଅର୍ଥ ଓ କ୍ଷମତା ସୁଖ ଦେଇପାରିବ ନାହିଁ, ଏହାର ପ୍ରକୃତ ଉତ୍ସ ହେଉଛି ହୃଦୟବତ୍ତା।
-ଦଲାଇଲାମା

ସକାଳ
THE SAKALA

# ଦାଦନ ଯାତନା

ନିଜ ଭିଟାମାଟି ଓ ପରିବାରକୁ ଛାଡ଼ି ଦିନମଜୁରିଆ ଭାବେ ଖଟିବାକୁ ଅନ୍ୟ ରାଜ୍ୟକୁ ଚାଲାଣ ହେଉଥିବା ଶ୍ରମଜୀବୀଙ୍କୁ ଆମେ 'ଦାଦନ' ଭାବେ ଗ୍ରହଣ କରିଥାଉ। ଏମାନଙ୍କ ସଂଖ୍ୟା କମିବା ପରିବର୍ତ୍ତେ ଦିନକୁ ଦିନ ବଢ଼ିବାରେ ଲାଗିଛି। ସରକାରଙ୍କ ଏତେ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ ସତ୍ତ୍ୱେ ସେମାନଙ୍କ ଦୁଃଖ ଦୂର ହୋଇନି। ଆମ ରାଜ୍ୟର ଦକ୍ଷିଣ ଓ ପଶ୍ଚିମାଞ୍ଚଳରେ କିଛି ଜିଲ୍ଲାରେ ଏବେ ମଧ୍ୟ ଉତ୍କଟ ଦାରିଦ୍ର୍ୟ ରହିଛି। ଶ୍ରମଦାନ କରିବାକୁ ପ୍ରସ୍ତୁତ ଥିବା ଏହି ଦାଦନଙ୍କୁ ଯଦି ସ୍ଥାନୀୟ ଅଞ୍ଚଳରେ କାମ ଧନ୍ଦା ଯୋଗାଇ ଦିଆଯାଆନ୍ତା ତେବେ ସେମାନେ କର୍ମସଂସ୍କୃତି ବିବର୍ଜିତ ଓ ବିପଜ୍ଜନକ ପରିସ୍ଥିତିରେ କାମ କରିବାକୁ ଘରୁ ଗୋଡ଼ କାଢ଼ି ବାହାରି ଯାଆନ୍ତେ ବା କାହିଁକି? ଏକଥା ଯେ ପ୍ରଶାସନ ବୁଝିନି ଏକଥା ନୁହେଁ। ସେହିଭଳି କୃଷିଭିତ୍ତିକ କାମଧନ୍ଦା ଜଳସେଚନ ଅଭାବରୁ ଏକ ସ୍ୱଳ୍ପମିଆଦୀ ବ୍ୟବସ୍ଥାରେ ପରିଣତ ହୋଇଛି। ଅନ୍ୟପକ୍ଷରେ କୃଷି ବିଶେଷ ଲାଭଜନକ ହେଉ ନ ଥିବାରୁ ଚାଷଜମି ପଡ଼ିଆ ପଡୁଛି। ବିକଳ୍ପ ଚାଷ ଓ ଲାଭଜନକ ଫସଲ କେବଳ ସ୍ଲୋଗାନରେ ରହିଯାଇଛି। ତେଣୁ ଭୟଙ୍କର ଅଭାବବୋଧରେ ଥିବା ଏହି ବର୍ଗଙ୍କୁ ସହାୟତା ଯୋଗାଇଦେବାରେ ପଛଘୁଞ୍ଚା ଦେଇ ନ ଥା'ନ୍ତି ଶ୍ରମିକ ଠିକାଦାର। ମାଛ ଧରିବା ପାଇଁ କେଉଟ ଯେଭଳି ଜାଲ ବିଛାଇ ଜଗି ବସିଥାଏ ସେହିଭଳି ଏହି ଠିକାଦାରମାନେ ଦାଦନ ଶ୍ରମିକଙ୍କୁ ନାନା ପ୍ରଲୋଭନ ଦେଖାଇ ଯୋଗାଡ଼ କରିଥା'ନ୍ତି। ଯେଉଁଠି ବ୍ୟବସ୍ଥା ବିଫଳ ସେଠି ପୁଣି ଭୋଟ ପାଇଁ ସେମାନଙ୍କୁ ଲୋଡ଼ା ପଡ଼େ। ସେହି ଶ୍ରମିକ ଠିକାଦାର ମାନେ ହିଁ ସେମାନଙ୍କୁ କର୍ମକ୍ଷେତ୍ରରୁ ଆଣି ଭୋଟ ପରେ ପୁଣି ପଠାଇବାର ବ୍ୟବସ୍ଥା କରିଥାନ୍ତି। ବିଚିତ୍ର ବ୍ୟବସ୍ଥା।

ଏଠାରେ ଏକଥା ଉଲ୍ଲେଖକରିବାର ଉଦ୍ଦେଶ୍ୟ ହେଲା, ନିକଟରେ ଆନ୍ଧ୍ରପ୍ରଦେଶର ବାପତାଲା ଜିଲ୍ଲା ଅନ୍ତର୍ଗତ ବାଲିକୁରଭା ମଣ୍ଡଳର ଏକ ପଥର ଖାଦନରେ କାମ କରୁଥିବା ଅବସ୍ଥାରେ ଦୁର୍ଘଟଣାରେ ସମ୍ମୁଖୀନ ହୋଇ ୬ ଜଣ ଓଡ଼ିଆ ଶ୍ରମିକଙ୍କ ସମେତ ୯ ଜଣଙ୍କ ମୃତ୍ୟୁ ଘଟିଛି। ୧୫ ଜଣଙ୍କୁ ଆହତ ଅବସ୍ଥାରେ ଚିକିତ୍ସା କରାଯାଇଛି। ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି। ପଥର କ୍ୱାରୀ ଅଞ୍ଚଳରେ ପ୍ରବଳ ବର୍ଷା ହୋଇଥିବାରୁ ଉପର ଭାଗ ପଥରର ସ୍ଥିତି ଦୁର୍ବଳ ହୋଇଯାଇଥିଲା। କର୍ମରତ ଶ୍ରମିକଙ୍କ ଉପରେ ସେହି ପଥରଖଣ୍ଡ ଓଜାଡ଼ି ହୋଇପଡ଼ିଥିଲା। ପଥରଖଣି ମାଲିକ ବର୍ଷା ପରିବର୍ତ୍ତୀ ସ୍ଥିତି ଯାଞ୍ଚ କରିଥିଲେ ଏଭଳି ଏକ ଦୁର୍ଘଟଣାକୁ ଏଡ଼ାଇ ଦିଆଯାଇ ପାରିଥା'ନ୍ତା। ଏକ ପରିସଂଖ୍ୟାନରୁ ଜଣାପଡ଼ିଛି ଯେ ଗତ ୧୫ ମାସ ମଧ୍ୟରେ ଆମ ରାଜ୍ୟରୁ ଦାଦନ ଖଟିବାକୁ ଯାଇଥିବା ୧୫୦ ଉର୍ଦ୍ଧ୍ୱ ପ୍ରାଣ ହରାଇ ଲେଣି। ଆମକୁ ଏଠାରେ କହିବାକୁ ପଡୁଛି ଯେ ତାମିଲନାଡୁ ଓ ଆନ୍ଧ୍ର ପ୍ରଦେଶରେ କାର୍ଯ୍ୟରତ ଏହି ଶ୍ରମିକଙ୍କୁ କେବଳ ଶୋଷଣ କରାଯାଉନାହିଁ। ସର୍ବନିମ୍ନ ସୁବିଧା ସୁଯୋଗ ଉପଲବ୍ଧ ନଥିବା ବେଳେ ଅତି ବିପଜ୍ଜନକ ଅବସ୍ଥାରେ ସେମାନଙ୍କୁ ଦିନ ରାତି ଖଟିବାକୁ ପଡୁଛି। ସେମାନଙ୍କ ଭଲ ମନ୍ଦ ନେଇ ଉଭୟ ପକ୍ଷ ନିରବ। ଏକ୍ଷେତ୍ରରେ ଯଥେଷ୍ଟ ସଜାଗ ଓ ସତର୍କତା ଅବଲମ୍ବନ କରାଯାଇପାରନ୍ତା। ଏଠାରେ ପୁଣି ଥରେ କହିବା ଯେ ବ୍ୟବସ୍ଥା ନିରବ। ଏହା ଯେ ଏକ ମାନବୀୟ ଅପରାଧ ଏକଥା କେହି ଗ୍ରହଣ କରିବାକୁ ନାରାଜ।

ଗତ ନିର୍ବାଚନରେ ଦାଦନ ଶ୍ରମିକଙ୍କ ସମସ୍ୟାଙ୍କୁ ସର୍ବାଧିକ ପ୍ରାଧାନ୍ୟ ଦିଆଯାଇଥିଲା। ଏହାକୁ ରାଜ୍ୟର ସ୍ୱାଭିମାନ ଓ ସମ୍ମାନର ପ୍ରସଙ୍ଗ ରୂପେ ଗ୍ରହଣ କରାଯାଉଥିଲା। ଓଡ଼ିଶାରୁ ଅନ୍ୟରାଜ୍ୟକୁ କେହି ଦାଦନ ଖଟିବାକୁ ଯିବେ ନାହିଁ ବୋଲି ନିର୍ବାଚନୀ ପ୍ରତିଶ୍ରୁତି ମିଳିଥିଲା। ଏବେ ବର୍ଷକ ମଧ୍ୟରେ ଗୋଟିକ ପରେ ଗୋଟିଏ ଅଘଟଣ ଘଟିଥିବାରୁ ଆମେ ବିଜେପି ନେତାଙ୍କ ପ୍ରତିଶ୍ରୁତି ମନେ ପକାଇ ଦେବାକୁ ଚାହୁଁ। ସରକାର ଯେ କିଛି କରିନାହାନ୍ତି ଏକଥା ନୁହେଁ। ଦାଦନ ସମସ୍ୟାର ନିରାକରଣ ପାଇଁ ଟାସ୍କ ଫୋର୍ସ ଗଠନ କରାଯାଇଛି। ଯେଉଁ ଅଞ୍ଚଳରୁ ଅଧିକ ସଂଖ୍ୟାରେ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଉଛନ୍ତି, ସେଠାରୁ ପ୍ରତିନିଧିତ୍ୱ କରୁଥିବା ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଏହି କମିଟିର ଅଧ୍ୟକ୍ଷ ଅଛନ୍ତି। ଅନ୍ୟତମ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ପଞ୍ଚାୟତରାଜ ମନ୍ତ୍ରୀଙ୍କ ସମେତ ଅନ୍ୟ ମନ୍ତ୍ରୀମାନେ ମଧ୍ୟ ସଦସ୍ୟ ଅଛନ୍ତି। ଖୋଦ ମୁଖ୍ୟସଚିବଙ୍କ ସହ ବହୁ ଅଧିକାରୀଙ୍କୁ ଟାସ୍କଫୋର୍ସରେ ସାମିଲ କରାଯାଇଛି। ଦାଦନ ସମସ୍ୟାର ଆଶୁ ସମାଧାନ ସକାଶେ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବା ହେଉଛି ଟାସ୍କଫୋର୍ସର ମୁଖ୍ୟ କାର୍ଯ୍ୟ। ଏକ୍ଷେତ୍ରରେ କି ପ୍ରକାର ପଦକ୍ଷେପ ଗ୍ରହଣ କରାଯାଇଛି ବା ଆଗକୁ କ'ଣ କରାଯିବ ସେ ସଂପର୍କରେ ସମୀକ୍ଷା ସକାଶେ ପ୍ରତି ୬ ମାସ ବ୍ୟବଧାନରେ ଟାସ୍କ ଫୋର୍ସ ବୈଠକ କରିବା କଥା। କିନ୍ତୁ ତାହା ସମ୍ଭବ ହେଲା ନାହିଁ। ମାତ୍ର ଗୋଟିଏ ବୈଠକରେ ଯାହା ପ୍ରାରମ୍ଭିକ ଆଲୋଚନା ହୋଇଥିଲା ସେହିଥିରେ ହିଁ ତାହା ସୀମିତ ରହିଛି। ଆମକୁ ଏଠାରେ କହିବାକୁ ପଡୁଛି ଯେ କୌଣସି ପ୍ରସଙ୍ଗକୁ ନିର୍ବାଚନ ରାଜନୀତିରେ ଉତ୍ଥାପନ କରି ଜନମତକୁ ନିଜ ସପକ୍ଷରେ ଆଣିବା ସହଜ, କିନ୍ତୁ ତାହାର ସମାଧାନ ସକାଶେ ଯେଉଁ ଆନ୍ତରିକତା ଲୋଡ଼ା, ତାହାର ଅଭାବ ଏବେ ମଧ୍ୟ ଅନୁଭୂତ ହେଉଛି।

ଘଟଣାକ୍ରମ ନେଇ ଆମ ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭ କରି ଆନ୍ଧ୍ରମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ସମସ୍ତେ ଦୁଃଖ, କ୍ଷୋଭ ଓ ଶୋକ ପ୍ରକାଶ କରିଛନ୍ତି। କେବଳ ସେତିକି ନୁହେଁ ମୃତକଙ୍କ ପରିବାରଙ୍କ ପାଇଁ ତୁରନ୍ତ ସହାୟତା ରାଶି ମଧ୍ୟ ଘୋଷଣା କରାଯାଇଛି। ଆମ ମୁଖ୍ୟମନ୍ତ୍ରୀ ୪ ଲକ୍ଷ ଓ ଆନ୍ଧ୍ର ମୁଖ୍ୟମନ୍ତ୍ରୀ ୧୪ ଲକ୍ଷ ଟଙ୍କା ଦେବେ। ସେ ଯିଏ ବି ହେଉ ବା ଯେଉଁ ସ୍ତରର ହେଉ। ମଣିଷର ଜୀବନ ତ ଅମୂଲ ମୂଲ। ସେହି କ୍ଷତିକୁ କେହି ଭରଣା କରିପାରିବେ ନାହିଁ। ତେବେ ପାରିବାରିକ ଜଞ୍ଜାଳ ଓ ସାମାଜିକ ନିର୍ଯାତନାରୁ ମୁକ୍ତି ପାଇଁ ଉପାର୍ଜନ ଆଶାରେ ଘରବାଡ଼ି ଛାଡୁଥିବା ପରିବାରର ଆର୍ଥିକ ସ୍ଥିତିକୁ ସୁଧାରିବାରେ ଏହି ୧୮ ଲକ୍ଷ ଟଙ୍କା କେତେଦୂର ସହାୟକ ହେବ ତାହା ମଧ୍ୟ ଚିନ୍ତା କରିବାର କଥା। ହେଲେ ଜୀବନ ବିନିମୟରେ ତ ଏହା ଆଦୌ ଗ୍ରହଣୀୟ ନୁହେଁ।

# ଆମେରିକା ନିକିତିରେ ଭାରତ-ପାକିସ୍ତାନ

ଗୌରୀ ପ୍ରସାଦ ମହାପାତ୍ର

ଭାରତୀୟ ଉତ୍ପାଦ ଉପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ୨୫% ଆମଦାନୀ ଶୁଳ୍କ ଧାର୍ଯ୍ୟ ଭାରତ-ଆମେରିକା ସମ୍ପର୍କ ଉପରେ ପ୍ରଶ୍ନବାଚୀଟିଏ ଲଗାଇ ନଥା'ନ୍ତା ଯଦି ସମାନ୍ତରାଳ ଭାବେ ପାକିସ୍ତାନର ତୈଳ କୂପଗୁଡ଼ିକର ବିକାଶ ପାଇଁ ଆର୍ଥିକ ସହାୟତା ଘୋଷଣା କରାଯାଇ ନଥା'ନ୍ତା। ଟ୍ରମ୍ପଙ୍କ ଦୃଷ୍ଟିରେ ଭାରତ ପାଇଁ ରୁଷ୍ ପ୍ରୀତି ଏକ ଅପରାଧ। ଏହି ଅପରାଧ ପାଇଁ ଭାରତକୁ ବର୍ଦ୍ଧିତ ଶୁଳ୍କ ସମେତ ଅତିରିକ୍ତ ଜୋରିମାନା ମଧ୍ୟ ଦେବାକୁ ପଡ଼ିବ। ଅପରପକ୍ଷରେ ଆମେରିକାର ଶିଳ୍ପପତି ତଥା ଟ୍ରମ୍ପଙ୍କ ବିଗତ ଦିନର ବନ୍ଧୁ ଏଲନ୍ ମସ୍କ ଏବଂ ଆମେରିକୀୟ ଅର୍ଥନୀତିଜ୍ଞ ଜେଫ୍ରି ସାକ୍ସଙ୍କ ମତରେ କ୍ରମବର୍ଦ୍ଧିଷ୍ଣୁ ଅର୍ଥନୈତିକ ମହାଶକ୍ତି ରୂପେ ଭାରତ ଉଭା ହେଉଥିବାରୁ ଟ୍ରମ୍ପଙ୍କ ଭୟ ଓ ଈର୍ଷା ତାଙ୍କର ଶୁଳ୍କ ନୀତିରେ ପ୍ରତିଫଳିତ ହୋଇଛି। କାରଣ ଯାହା ବି ହେଉନା କାହିଁକି ଆମେରିକାର ଏହି ସମାନ୍ତରାଳ ଘୋଷଣା ପରେ ଭାରତ-ପାକିସ୍ତାନ ପ୍ରସଙ୍ଗରେ ଆମେରିକା ଦୃଷ୍ଟିକୋଣର ସିଂହାବଲୋକନର ଅବକାଶ ସୃଷ୍ଟି ହୋଇଛି।

ସାମଗ୍ରିକ ପୃଷ୍ଠଭୂମିରେ ଆମ ଅତି ପରିଚିତ 'ବିରାଡ଼ିଙ୍କ ପିଠାକଳି' କଥାଟିର ସାରମର୍ମ(ଦୁଇଜଣଙ୍କ ବିବାଦରେ ତୃତୀୟ ପକ୍ଷର ଲାଭ) ଅବତାରଣା ପ୍ରାସଙ୍ଗିକ ମନେ ହୁଏ, ଯେଉଁଥିରେ ଦୁଇଟି ବିରାଡ଼ି ଗଉଡ଼ ସାହିରୁ ପାଇଥିବା ଛେନାପୋଡ଼ ଖଣ୍ଡିକର ଭାଗବଣ୍ଟା ସମାଧାନ ପାଇଁ ହନୁମାଙ୍କଡ଼ ପାଖକୁ ଯା'ନ୍ତି। ହନୁମାଙ୍କଡ଼ ଜାଣିଶୁଣି ପିଠାକୁ ଛୋଟବଡ଼ ଦୁଇ ଭାଗ କରି ନିକିତିର ଦୁଇପଲାରେ ରଖେ। ଯେଉଁ ପଲା ଭାରି ହୁଏ ସେଥିରୁ ଏମିତି ପୁଳାଏ ଖାଇଦିଏ ଯେ ଆର ପଲାଟି ଭାରି ହୋଇଯାଏ। ପୁଣି ଆରପାଖରୁ ପୁଳାଏ ଖାଇ ଦେଇ ଏପାଖଟିକୁ ଓଜନିଆ କରିଦିଏ। ଏହିକ୍ରମରେ ପିଠାଟିକୁ ସମ୍ପୂର୍ଣ୍ଣ ଉଦରସ୍ଥ କରିଦିଏ। ଶେଷରେ ବିରାଡ଼ି ଦୁଇଟି ଖାଲି ହାତରେ ଘରକୁ ଫେରନ୍ତି। ୨୦୪୭ ମସିହା ପରେ ଆମେରିକା ଏଭଳି ଏକ ନିକିତି ଧରି ବସିଛି, ଯାହାର ଦୁଇପଲାରେ ଭାରତ ଓ ପାକିସ୍ତାନକୁ ରଖିଛି। ହ୍ୟାରି ଟ୍ରୁମ୍ୟାନ୍ ହୁଅନ୍ତୁ କି ରିଚାର୍ଡ ନିକ୍ସନ୍ କିମ୍ବା ରୋନାଲ୍ଡ ରେଗନ୍ ହୁଅନ୍ତି କି ବିଲ୍ କ୍ଲିଣ୍ଟନ୍ କିମ୍ବା ବର୍ତ୍ତମାନର ଡୋନାଲ୍ଡ ଟ୍ରମ୍ପ, ରାଷ୍ଟ୍ରପତି ପଦରେ ଯିଏ ବା ବସନ୍ତୁ ନା କାହିଁକି ଭାରତ ଓ ପାକିସ୍ତାନକୁ ଆମେରିକାର ସ୍ୱାର୍ଥ ଓ ସୁବିଧା ପାଇଁ ପରିସ୍ଥିତି ଅନୁଯାୟୀ ନିକିତି ତଉଲ କରି ଆସିଛନ୍ତି। ୧୯୪୭ ମସିହାରେ ଭାରତ ସମ୍ମୁଖୀନ ହୋଇଥିବା ପ୍ରଥମ ଛାୟାଯୁଦ୍ଧରୁ ସଦ୍ୟତମ ଅଘୋଷିତ ଯୁଦ୍ଧ 'ଅପରେସନ୍ ସିନ୍ଦୂର' ପର୍ଯ୍ୟନ୍ତ ଆମେରିକାର ଏହି ନିକିତି ତଉଲ କାର୍ଯ୍ୟକଳାପକୁ ତର୍ଜମା କଲେ ଟ୍ରମ୍ପଙ୍କ ସାମ୍ପ୍ରତିକ ଭାରତ ବିରୋଧୀ କିମ୍ବା ପାକିସ୍ତାନ ସପକ୍ଷବାଦୀ ଆଭିମୁଖ୍ୟ ସେଭଳି ଆଶ୍ଚର୍ଯ୍ୟଜନକ କିମ୍ବା ଅସ୍ୱାଭାବିକ ମନେ ହେବ ନାହିଁ।

ସ୍ୱାଧୀନତାର ମାତ୍ର ଦୁଇମାସ ପରେ ପାକିସ୍ତାନ ପ୍ରାୟୋଜିତ ଓ ସମର୍ଥିତ ଅନୁପ୍ରବେଶକାରୀଙ୍କ ବିରୋଧରେ ଭାରତ ସମ୍ମୁଖୀନ ହୋଇଥିବା ଯୁଦ୍ଧର ସଫଳ ମୁକାବିଲା ପରେ ତତ୍କାଳୀନ ଭାଇସରୟ ଲର୍ଡ ମାଉଣ୍ଟବ୍ୟାଟେନ୍‌ଙ୍କ ପରାମର୍ଶକ୍ରମେ ୧୯୪୮ ଜାନୁଆରୀ ୧ ତାରିଖରେ ଜାତିସଂଘରେ ଫେରାଦ ହେଲା। କିନ୍ତୁ ବ୍ରିଟିଶ୍ ସରକାର ପୁଣି ଥରେ ବିଶ୍ୱାସଘାତ କରି ଭାରତକୁ ସମର୍ଥନ ତ କଲା ନାହିଁ, ଅଧିକନ୍ତୁ ତା'ର ସୁପାରିସକ୍ରମେ ସୁରକ୍ଷା ପରିଷଦ ଚତୁରତାର ସହିତ କାଶ୍ମୀର ସମସ୍ୟାକୁ ଭାରତ-ପାକିସ୍ତାନ ବିବାଦର ରୂପ ଦେଲା। ଏ ସମ୍ପର୍କରେ ଆମେ ଅଳ୍ପେବହୁତ ଅବଗତ ଥିବାରୁ ଆଲୋଚନାର ବିଷୟବସ୍ତୁକୁ ଅଧିକ ବିଳମ୍ବିତ କରିବା ନିଷ୍ପ୍ରୟୋଜନ।

ସେହି ସମୟରେ ଆମେରିକା ଚାହୁଁଥିଲା କାଶ୍ମୀର ପ୍ରସଙ୍ଗ ଭାରତ-ପାକିସ୍ତାନ ଦ୍ୱିପାକ୍ଷିକ ଆଲୋଚନା ଜରିଆରେ ସମାଧାନ ହେଉ। ଏହି ମର୍ମରେ ଆମେରିକାର ତତ୍କାଳୀନ ପରରାଷ୍ଟ୍ର ସଚିବ ଭାରତକୁ ଏକ ସରକାରୀ ପତ୍ର ଜରିଆରେ ପ୍ରତିଶ୍ରୁତି ଦେଇଥିଲେ ଯେ ଜାତିସଂଘରେ ଏ ସମ୍ପର୍କରେ ଗୃହୀତ ସଂକଳ୍ପକୁ ଆମେରିକା ସମର୍ଥନ କରିବ। ସେତେବେଳେ ଦକ୍ଷିଣ ବିଶ୍ୱର ବିଶାଳ ସ୍ୱାଧୀନ ରାଷ୍ଟ୍ର ଭାବେ ଉଭା ହୋଇଥିବା ଭାରତ ଯେପରି ତତ୍କାଳୀନ ସୋଭିଏତ୍ ସଂଘ ପଟକୁ ଢଳି ନ ଯିବ ସେଥିପାଇଁ ଏଭଳି ସମବେଦନା ଜରିଆରେ ଭାରତକୁ ବଶମ୍ବଦ କରି ରଖିବାକୁ ଆମେରିକା ଚାହୁଁଥିଲା। କିନ୍ତୁ ସେତେବେଳେ ଭାରତ ଗୋଷ୍ଠୀ ନିରପେକ୍ଷ ନୀତି ଆପଣେଇବାରୁ ଆମେରିକାର ଉଦ୍ଦେଶ୍ୟ ଚରିତାର୍ଥ ହେଲା ନାହିଁ। ତଥାପି ଆମେରିକାର ପ୍ରୟାସ ୧୯୬୫ ତାସ୍‌କେଣ୍ଟ ଚୁକ୍ତି ପର୍ଯ୍ୟନ୍ତ ଜାରି ରହିଥିଲା। ଏପରିକି ୧୯୬୨ରେ ଚୀନ୍ ସହିତ ଯୁଦ୍ଧ ବେଳେ ଭାରତକୁ ଆମେରିକା କେତେକାଂଶରେ ଯୁଦ୍ଧାସ୍ତ୍ର ପରିବହନରେ ସହାୟତା କରିଥିଲା। ଭାରତ-ଚୀନ୍ ଯୁଦ୍ଧର ଫାଇଦା ନେଇ କାଶ୍ମୀର ଆକ୍ରମଣ ପାଇଁ ପାକିସ୍ତାନର ତତ୍କାଳୀନ ସାମରିକ ଶାସକ ଆୟୁବ୍ ଖାଁ ସଜବାଜ ହେଉଥିବା ବେଳେ ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ଜେ ଏଫ୍ କେନେଡ଼ିଙ୍କ କଡ଼ା ଚେତାବନୀ ଯୋଗୁଁ ଓହରି ଆସିବାକୁ ବାଧ୍ୟ ହୋଇଥିଲେ। କିନ୍ତୁ ଆୟୁବ୍ କୁଆଡ଼େ ଭାରତ ଉପରେ ଆକ୍ରମଣ ନ କରିବା ବାବଦ କ୍ଷତିଭରଣା ଦାବି କରିଥିଲେ। କିନ୍ତୁ କେନେଡ଼ିଙ୍କ ପୁଣି ଥରେ ତାଗିଦ୍ ପରେ ଚୁପ୍ ରହିଥିଲେ। କେନେଡ଼ିଙ୍କ ପ୍ରସ୍ତାବ ଅନୁଯାୟୀ ଭାରତ ପାକିସ୍ତାନ ସହିତ ୬ ଦଫା ଆଲୋଚନା କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନଥିଲା। କିନ୍ତୁ ୧୯୬୫ ତାସ୍‌କେଣ୍ଟ ଚୁକ୍ତିରେ ଆମେରିକା ବଡ଼ଭାଇ ପଣିଆ ସାବ୍ୟସ୍ତ କରିବାରେ କିଛିମାତ୍ରାରେ ସମର୍ଥ ହେଲା।

ଇତିମଧ୍ୟରେ ଶୀତଳଯୁଦ୍ଧ ଘନୀଭୂତ ହେଉଥିଲା। ତତ୍କାଳୀନ ଭୂରାଜନୈତିକ ସନ୍ଧିକ୍ଷଣରେ ସୋଭିଏତ୍ ସଂଘ ବିରୋଧରେ ଭାରତ ତୁଳନାରେ ପାକିସ୍ତାନକୁ ମୋହରା କରିବା ପାଇଁ ଆମେରିକା ନେତୃତ୍ୱାଧୀନ ପଶ୍ଚିମବିଶ୍ୱ ଅଧିକ ଆଗ୍ରହୀ ହେଲା। ତତ୍କାଳୀନ ପାକିସ୍ତାନର ସାମରିକ ଶାସକମାନେ ମଧ୍ୟ ଭାରତ ଉପରେ ଦାଉ ସାଧିବା ପାଇଁ ଏହି ସୁଯୋଗକୁ ହାତଛଡ଼ା କରି ନ ଥିଲେ। ଏହିକ୍ରମରେ ଆଫଗାନିସ୍ତାନର ଗୃହ ଯୁଦ୍ଧ ପାକିସ୍ତାନକୁ ଆମେରିକାର ଅଧିକ ନିକଟତର କଲା। ଶୀତଳଯୁଦ୍ଧରେ ମଧ୍ୟପ୍ରାଚ୍ୟ ପ୍ରୟୋଗଶାଳା ହୋଇଥିବାରୁ ପାକିସ୍ତାନକୁ ଆମେରିକା ପ୍ରଚ୍ଛନ୍ନ ସାମରିକ ଘାଟି ରୂପେ ବିବେଚନା କଲା ଏବଂ ଆତଙ୍କ ଦମନ ନାମରେ ଏଫ୍-୧୬ ଲଢୁଆ ବିମାନ ସମେତ ବିପୁଳ ସାମରିକ ଓ ଆର୍ଥିକ ସହାୟତା ଅଜାଡ଼ି ଦେଲା। ଏପରିକି ପରମାଣୁ ଅସ୍ତ୍ର ନିର୍ମାଣ ସୂତ୍ର ମଧ୍ୟ ଆମେରିକା ହିଁ ପାକିସ୍ତାନକୁ ଦେଇଥିବା ଚର୍ଚ୍ଚା ହୁଏ। ତେଣୁ ସ୍ୱାଭାବିକ ଭାବରେ ଆମେରିକା ନିକିତିରେ ରୁଷ୍-ବନ୍ଧୁ ଭାରତ ନ୍ୟୂନ ହୋଇପଡ଼ିଲା। ଆହୁରି ମଧ୍ୟ ଆମେରିକା-ଚୀନ୍ ସମ୍ପର୍କର ମୂଳଦୁଆ ସ୍ଥାପନାରେ ପାକିସ୍ତାନ ମଧ୍ୟସ୍ଥତା କରିଥିବାରୁ ଉପହାର ସ୍ୱରୂପ ୧୯୭୧ ଭାରତ ବିରୋଧ ଯୁଦ୍ଧରେ ପାକିସ୍ତାନକୁ ଆମେରିକା ପ୍ରତ୍ୟକ୍ଷ ସାମରିକ ସହାୟତା ଯୋଗାଇ ଦେଇଥିଲା।

ସୋଭିଏତ୍ ସଂଘର ବିଲୟ ପରେ ଆମେରିକା ନିକିତି ତଉଲ ପୁଣି ବଦଳିଗଲା। ୧୯୯୯ରେ କାରଗିଲ୍ ଯୁଦ୍ଧ ବେଳେ ତତ୍କାଳୀନ ଆମେରିକା ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନ୍ ପାକିସ୍ତାନର ସାମରିକ ସହାୟତା ଯାଚନାକୁ ପ୍ରତ୍ୟାଖ୍ୟାନ କରିଦେଇ ସୀମାପାର ଯୁଦ୍ଧ ପାଇଁ ପାକିସ୍ତାନକୁ ଭର୍ତ୍ସନା କଲେ। କୋଡ଼ିଏ ବର୍ଷର ବ୍ୟବଧାନ ପରେ ଆମେରିକାର ପ୍ରଥମ ରାଷ୍ଟ୍ରପତି ଭାବେ ବିଲ୍ କ୍ଲିଣ୍ଟନ ଭାରତ ଗସ୍ତରେ ଆସି ପାଞ୍ଚ ଦିନ ଏବଂ ପାକିସ୍ତାନରେ ମାତ୍ର କିଛି ଘଣ୍ଟା ବିତାଇ ଏକ ଭିନ୍ନ ବାର୍ତ୍ତା ଦେଲେ। ୨୦୦୧ ପରେ ପୁଣି ପଟ୍ଟ ପରିବର୍ତ୍ତନ ହେଲା। ସେପ୍ଟେମ୍ବର ୧୧ ବିଶ୍ୱବାଣିଜ୍ୟ କେନ୍ଦ୍ର ଧ୍ୱଂସ ପରେ ଆଫଗାନିସ୍ତାନରେ ତାଲିବାନୀ ଶାସନର ବିଲୋପ ପାଇଁ ଆମେରିକା ପୁଣି ଥରେ ପାକିସ୍ତାନକୁ ସହଯୋଗର ହାତ ବଢ଼ାଇଲା। ଏପରିକି ପାକିସ୍ତାନରେ ଆଣବିକ ଅସ୍ତ୍ରଶସ୍ତ୍ରର ସୁରକ୍ଷା ଦାୟିତ୍ୱ ଆମେରିକା ବହନ କରିବାକୁ ପ୍ରସ୍ତାବ ଦେଲା। ସେବେଠାରୁ ପାକିସ୍ତାନରେ ଆମେରିକା ନିଜର ଗୁପ୍ତ ଆଣବିକ ବିକାଶ କେନ୍ଦ୍ର କାର୍ଯ୍ୟକ୍ଷମ କରିଛି। ଉପରଠଉରିଆ ଭାବେ ପାକିସ୍ତାନକୁ ଆତଙ୍କବାଦ-ରପ୍ତାନିକାରୀ ରାଷ୍ଟ୍ର ଭାବେ ନିନ୍ଦା କରୁଥିଲେ ହେଁ ବିଶ୍ୱ ବ୍ୟାଙ୍କ, ଆନ୍ତର୍ଜାତିକ ମୁଦ୍ରାପାଣ୍ଠି ଓ ଆମେରିକୀୟ ରାଜକୋଷରୁ ଆର୍ଥିକ ଅନୁଦାନ ଅଜାଡ଼ି ଦେବାକୁ ସୁପାରିସ ଏବେ ମଧ୍ୟ ଜାରି ରହିଛି।

ବିଗତ ଦଶନ୍ଧିର ଶେଷାର୍ଦ୍ଧରେ ଡୋନାଲ୍ଡ ଟ୍ରମ୍ପ ପ୍ରଥମ ପାଳିରେ ଚୀନ୍‌କୁ ରଣନୈତିକ ପ୍ରତିଦ୍ୱନ୍ଦ୍ୱୀ ଘୋଷଣା କରିବା ସହିତ ଆମେରିକା ନିକିତିରେ ଭାରତ ପୁଣି ଗୁରୁତ୍ୱ ପାଇଲା। କିନ୍ତୁ ଦ୍ୱିତୀୟ ପାଳିରେ ଟ୍ରମ୍ପଙ୍କ ଲୋଲୁପ ଦୃଷ୍ଟି ମଧ୍ୟପ୍ରାଚ୍ୟ ଓ ଆଫଗାନିସ୍ତାନ ଉପରେ ପଡ଼ିବାରୁ ପାକିସ୍ତାନ ପଲା ପୁଣି ଓଜନିଆ ହୋଇଗଲା। ସମ୍ପ୍ରତି ପାକିସ୍ତାନରେ ତୈଳ କୂପ ବିକାଶ ଯୋଜନା ପଛରେ ଆମେରିକାର ମୂଳ ଉଦ୍ଦେଶ୍ୟ ହେଉଛି ପାକିସ୍ତାନ-ଆଫଗାନିସ୍ତାନ-ଇରାନ୍ ସୀମା ନିର୍ଦ୍ଧାରଣ କରୁଥିବା ବେଲୁଚିସ୍ତାନରେ ତୈଳ ପ୍ରକଳ୍ପ ପ୍ରତିଷ୍ଠା କରିବା। ଏହାପରେ ତା'ର ସୁରକ୍ଷା ଆଳରେ ପାକିସ୍ତାନରେ ସୈନ୍ୟବାହିନୀ ମୁତୟନ ଏବଂ ସାମରିକ ଘାଟି ସ୍ଥାପନା କରି ଇରାନ୍‌ର ଆଣବିକ କାର୍ଯ୍ୟକ୍ରମ ଏବଂ ଆଫଗାନିସ୍ତାନର ତାଲିବାନୀ କାର୍ଯ୍ୟକଳାପ ଉପରେ ସତର୍କ ଦୃଷ୍ଟି ରଖିବା ଏବଂ ଏପଟେ ଚୀନ୍‌ର ଆଧିପତ୍ୟକୁ ପ୍ରତିହତ କରିବା। ଏହିକ୍ରମରେ ବାଂଲାଦେଶର ଭାରତ ସପକ୍ଷବାଦୀ ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କୁ ଗାଦିଚ୍ୟୁତ କରି ସେଠାରେ ଅରାଜକତା ଓ ରାଜନୈତିକ ଅସ୍ଥିରତା ଦ୍ୱାରା ଶାନ୍ତି ବ୍ୟାହତ କରି ଆମେରିକା ପାକିସ୍ତାନକୁ ବନ୍ଧୁତା ଓ ସହଯୋଗର ପରୋକ୍ଷ ବାର୍ତ୍ତା ଦେଇଥିଲା। ଇତିମଧ୍ୟରେ କାଶ୍ମୀର ପ୍ରସଙ୍ଗରେ ମଧ୍ୟସ୍ଥତା ଜରିଆରେ ପାକିସ୍ତାନକୁ ବଶମ୍ବଦ କରି ରଖିବା ପାଇଁ ଯୋଜନା କରିଥିବା ଡୋନାଲ୍ଡ ଟ୍ରମ୍ପଙ୍କୁ 'ଅପରେସନ୍ ସିନ୍ଦୂର' ଭାବେ ଏକ ସୁଯୋଗ ମିଳିଗଲା। ରୁଷ୍‌ରୁ ଭାରତର ତୈଳ ଆମଦାନୀ ଏକ ବାହାନାମାତ୍ର। ଭାରତ-ପାକ୍ ଅସ୍ତ୍ରବିରତିର ସମ୍ପୂର୍ଣ୍ଣ ଶ୍ରେୟ ନେବାକୁ ଆତୁର ଟ୍ରମ୍ପଙ୍କୁ ଭାରତୀୟ ସଂସଦରେ ବିଧିବଦ୍ଧ ସ୍ୱୀକୃତି ନ ମିଳିବାରୁ ଭାରତ ପୁଣି ଥରେ ଆମେରିକାର ନିକିତି ତଉଲରେ ହାଲ୍‌କା ହୋଇ ଉପରକୁ ଉଠିଯାଇଛି।

ସର୍ବଶକ୍ତିମାନ ସାମରିକ ଓ ଅର୍ଥନୈତିକ ରାଷ୍ଟ୍ର ଆମେରିକାର ନିକିତି ମାପଦଣ୍ଡ ଅନେକମାତ୍ରାରେ ନିର୍ଭର କରୁଛି 'ନାଟୋ'ର ସମାନ୍ତରାଳ 'ବ୍ରିକ୍ସ'ର ଭବିଷ୍ୟତ ଉପରେ। ତେଣୁ ହୁଏତ ଆଜି ନିକିତି ତଉଲରେ ବିଶ୍ୱ ସନ୍ତୁଳନକୁ ବିଗାଡୁଥିବା ଆମେରିକାର ଦଶା 'ବଢ଼େଇ-ମର୍କଟ' କଥାର ସେହି ମର୍କଟ ତୁଲ୍ୟ ହୋଇଯିବ, ଯାହାର ଲାଞ୍ଜ ନିଜ କୃତକର୍ମରୁ କାଠଫାଙ୍କରେ ଚାପି ହୋଇଯିବ।

ଭୁବନେଶ୍ୱର, ମୋ: ୯୩୩୮୦୮୭୯୦୦

# ନିୟମରାଜାଙ୍କ ଉପାସକ

ଡାକ୍ତର ବିଚିତ୍ରାନନ୍ଦ ଆଚାର୍ଯ୍ୟ

ଓଡ଼ିଶାର ଆଦିମ ଜନଜାତି, ବିଶେଷକରି କଳାହାଣ୍ଡିର ଜନଜାତିଙ୍କ ସଂସ୍କୃତି ସ୍ୱତନ୍ତ୍ର ଓ ଅନନ୍ୟ। ଶାରିରିକ ସୁସ୍ଥତା ହେଉ ବା ସୁନେଲୀ ଫସଲ ପାଇଁ ନିୟମଗିରିର କନ୍ଧ ସମ୍ପ୍ରଦାୟ 'ନିୟମ ରାଜା'ଙ୍କୁ ଆଦିମକାଳରୁ ପୂଜା ଆରି ଆସୁଛନ୍ତି। ତେଣୁ ପ୍ରତିବର୍ଷ ନିୟମଗିରିର ପୂର୍ବଭାଗ ପର୍ବତମାଳାରେ ପୂଜାର୍ଚ୍ଚନା କରିଥା'ନ୍ତି। ଏହା ହେଉଛି ସେମାନଙ୍କ ବିଶ୍ୱାସ, ଭରସା ଓ ସୁରକ୍ଷାର ଦେବସ୍ଥଳୀ। 'ନିୟମଗିରି'ର ଗଛଲତାଠାରୁ ସ୍ରୋତସ୍ୱିନୀ ନଈ ମୁଣ୍ଡିଆ ଓ ଡଙ୍ଗର ପର୍ଯ୍ୟନ୍ତ ସବୁ ସେମାନଙ୍କ ପୂଜ୍ୟ। ପାରମ୍ପରିକ ବାଦ୍ୟନାଦ ଭିତରେ ଡଙ୍ଗରିଆ ଜନଜାତିର ଯୁବ ବର୍ଗ ପୂଜାର୍ଚ୍ଚନା ସହ ନାଚଗୀତରେ ମସଗୁଲ ହୋଇଥା'ନ୍ତି। ଢାପ ବାଜାର ଧ୍ୱନିରେ ପାଦକୁ ପାଦ ମିଶାଇ, ହାତରେ ହାତ ଛନ୍ଦି ଆଦିବାସୀ ଧାଙ୍ଗଡ଼ା ଧାଙ୍ଗିଡ଼ି ତଥାକଥିତ ସାଂପ୍ରତିକ ସମାଜର ବାହ୍ୟସ୍ଥିତି ଓ ଅସ୍ତିତ୍ୱକୁ ଭୁଲି ଏକାକାର ହୋଇଥା'ନ୍ତି।

କଳାହାଣ୍ଡି ନିୟମଗିରି ଉପରେ ବସବାସ କରିଥା'ନ୍ତି ଡଙ୍ଗରିଆ। ସେମାନେ ପୋଡୁ ଚାଷ ଓ ଉଦ୍ୟାନ କୃଷିରେ ବେଶ ଦକ୍ଷ। ହଳଦୀ, ସପୁରୀ ଓ କଦଳୀ ଚାଷ ନିମନ୍ତେ ଡଙ୍ଗରିଆ କନ୍ଧଙ୍କ ସ୍ୱତନ୍ତ୍ର ପରିଚୟ ରହିଛି। ଝରଣା କୂଳରେ ରହୁଥିବାରୁ ସେମାନେ ନିଜକୁ 'ଝରଣିଆ' ବୋଲି ମଧ୍ୟ କହିଥା'ନ୍ତି। ନିୟମଗିରି ପର୍ବତରେ କିମ୍ବଦନ୍ତୀ 'ନିୟମ ରାଜା'ଙ୍କ ବଂଶଧର ଭାବେ ଡଙ୍ଗରିଆ କନ୍ଧମାନେ ନିଜକୁ ଅଭିହିତ କରିଥା'ନ୍ତି। ଦ୍ରାବିଡ଼ ଭାଷା 'କୁଇ' ହେଉଛି ଡଙ୍ଗରିଆ କନ୍ଧମାନଙ୍କର କଥିତ ଭାଷା। ଧରିତ୍ରୀ ଦେବୀ (ଧରଣୀ ପେନୁ) ସେମାନଙ୍କର ମହାନ ଦେବୀ, ଯିଏକି ଗାଁ ରାସ୍ତା ମଧ୍ୟଭାଗରେ ଅଧିଷ୍ଠିତ ହୋଇଥା'ନ୍ତି। ଡଙ୍ଗରିଆ ଜନଜାତିର ଉଭୟ ପୁରୁଷ ଓ ମହିଳା ଲମ୍ବା କେଶ ରଖିଥା'ନ୍ତି। କାନ ଓ ନାକକୁ ବିଭିନ୍ନ ଆଭୂଷଣରେ ସଜାଇଥା'ନ୍ତି। କୁଦୃଷ୍ଟିରୁ ରକ୍ଷା ପାଇବା ପାଇଁ ମହିଳାମାନେ ମୁହଁରେ ଚିତା କୁଟାଇଥା'ନ୍ତି। ସେମାନେ ଏକପ୍ରକାର ରଙ୍ଗୀନ ଶାଲ୍ ସିଲେଇ କରିଥା'ନ୍ତି, ଯାହାକୁ 'କପଡ଼ା ଗଣ୍ଡା' କୁହାଯାଏ। 'କନିଆ ଝିକା' ହେଉଛି ଡଙ୍ଗରିଆ କନ୍ଧଙ୍କର ଏକ ପରମ୍ପରା। ପରମ୍ପରା ଅନୁଯାୟୀ ବିବାହ ବୟସ ହୋଇଗଲେ ଡଙ୍ଗରିଆ ପୁଅ ନିଜ ପସନ୍ଦର କନ୍ୟାକୁ ଜୋର କରି ନିଜ ଘରକୁ ନେଇଯାଏ। ଏହାପରେ କନ୍ୟାଘର ଲୋକ ଆସି ଝିଅକୁ ନେଇଯା'ନ୍ତି। ବରଯାତ୍ରୀଙ୍କୁ ନେଇ ବର ପହଞ୍ଚିବା ପରେ 'ଧାଙ୍ଗଡ଼ି ବସା'ରେ କନ୍ୟାକୁ ଭେଟି ବିବାହ ପ୍ରସ୍ତାବ ଦିଏ। ଉଭୟ ବର ଓ କନ୍ୟା ରାଜି ହୋଇଯିବା ପରେ ଯଥାରୀତି ବିବାହ ସଂପନ୍ନ କରିବାର ପରମ୍ପରା ଦୀର୍ଘ ବର୍ଷ ହେଲା ଚାଲି ଆସିଛି।

ନିୟମଗିରିର ତଳି ଅଞ୍ଚଳରେ ମୁଖ୍ୟତଃ କୁଟିଆ କନ୍ଧମାନେ ବାସ କରନ୍ତି। ବନଜାତ ଦ୍ରବ୍ୟରୁ ବିଭିନ୍ନ ସାମଗ୍ରୀ ପ୍ରସ୍ତୁତ ଏମାନଙ୍କର ମୁଖ୍ୟ ପେସା। ଏହି ଜନଜାତି ମୁଖ୍ୟତଃ ପରିବେଶ ଓ ଅତି ପ୍ରାକୃତିକ ଶକ୍ତି ସହିତ ସଂପୃକ୍ତ। କୁଟିଆ କନ୍ଧ ଏକ ଛୋଟ ପରିବାରରେ ସୀମିତ ରହିବାକୁ ପସନ୍ଦ କରନ୍ତି। ପରିବାରକୁ କେନ୍ଦ୍ର କରି ସେମାନଙ୍କ ସାମାଜିକ, ଅର୍ଥନୈତିକ ତଥା ଧାର୍ମିକ ଜୀବନ ଅତିବାହିତ ହୋଇଥାଏ। ସେମାନେ ପ୍ରତୀକାତ୍ମକ ବା ସାଂକେତିକ ଧାର୍ମିକ ଚିହ୍ନରେ ସିନ୍ଦୂର ବ୍ୟବହାର କରିଥା'ନ୍ତି। 'ଧରଣୀ ପେନୁ' ମଧ୍ୟ ଏହି ଜନଜାତିର ମୁଖ୍ୟ ଦେବୀ। କୋଟିଆ କନ୍ଧଙ୍କ ପୋଷାକ ସ୍ୱତନ୍ତ୍ର। ବାହୁ ଓ ମୁହଁରେ ଚିତା କୁଟାଇ ଥା'ନ୍ତି। ପ୍ରକୃତିର ସଂଗୀତକୁ ବହୁତ ଭଲ ପାଆନ୍ତି। କୁଟିଆ କନ୍ଧମାନଙ୍କର ଅବିବାହିତା ଝିଅଙ୍କ ନାମ ମଧ୍ୟ ସ୍ୱତନ୍ତ୍ର। ତାଙ୍କୁ ଅତି ଶ୍ରଦ୍ଧାରେ ସମ୍ବୋଧନ କରନ୍ତି 'ବୁଢ଼ି'। ସେମାନେ ବାପା-ମାଆଙ୍କୁ ଜୀବନ ଜୀବିକାରେ ସାହାଯ୍ୟ କରିବା ନିମିତ୍ତ ପତ୍ର ତୋଳା, ମହୁ ସଂଗ୍ରହ ହେଉ, ଜାଳେଣି କାଠ ସଂଗ୍ରହ କରିଥା'ନ୍ତି।

କରୁଣ ଜୀବନର ସରଳ ଆଦିବାସୀ ଜୀବନର ଧାରା ଦେଖିବାକୁ ମିଳେ ସେମାନଙ୍କ ଘରର ମାଟି-ଗୋବର ଲିପା କାନ୍ଥରେ। କି ଅପୂର୍ବ ଭାବତନ୍ମୟ କଳାଚାତୁର୍ଯ୍ୟ, ଯାହାକି ସାଧାରଣ ଲୋକର କଳ୍ପନାର ବାହାରେ। ସେମାନଙ୍କର ବାସନକୁସନରେ 'ଲାଉତୁମ୍ବା' ଦେଖିବାକୁ ମିଳିଥାଏ। ଓଡ଼ିଶାର ପର୍ଯ୍ୟଟନ ରାଜସ୍ୱରେ କୁଟିଆ କନ୍ଧଙ୍କ ଜନଜୀବନ ବଡ଼ ସହଯୋଗ ରଖିଥାଏ। ଆଧୁନିକତାର ଚାକଚକ୍ୟରୁ ବହୁଦୂରରେ ଏହି କୁଟିଆ କନ୍ଧ ଆଦିବାସୀଙ୍କ ଜୀବନ ଚିତ୍ର ଅତ୍ୟନ୍ତ ଭାବପୂର୍ଣ୍ଣ। ସକାଳୁ ସୂର୍ଯ୍ୟଦେବ ଉଠିବା ପୂର୍ବରୁ ହିଁ ବାସି ତୋରାଣି ପିଇ ଅଗନାଅଗନି ଜଙ୍ଗଲକୁ ଚାଲିଯାଆନ୍ତି, ଫେରନ୍ତି ସନ୍ଧ୍ୟା ପୂର୍ବରୁ। ଦିନଯାକର ଶାରୀରିକ ଶ୍ରମ ଭିତରେ ସଂଗ୍ରହ ହୋଇଥାଏ ମହୁ, ଶିଆଳି ପତ୍ର, ଝୁଣା, ମହୁଲଫୁଲ ଓ କାଠ ଆଦି। ସଂଧ୍ୟାରେ ସପରିବାର ଭାତ ହେଉ କି ମାଣ୍ଡିଆ ଜାଉ ଗଣ୍ଡାଏ ପାଟିରେ ଦେଇ ସଞ୍ଜ ଗଡ଼ିବା ପରେ ସଲପ ଗଛର ରସ କିମ୍ବା ଖଜୁରୀ ଟିକିଏ ସେମାନଙ୍କୁ ଦିନ ତମାମର ଥକାପଣକୁ ଠେଲି ଦେଇ ନାଚଗୀତର ମଉଜ ମଜଲିସ ଭିତରେ ବୁଡ଼ାଇ ଦିଏ। ମାଦଳ ଓ ଢାପ ବାଦ୍ୟର ତାଳେ ତାଳେ କୁଇ ଭାଷାରେ ଭାବପୂର୍ଣ୍ଣ ହୃଦୟ ଛୁଆଁ ଗୀତରେ ପ୍ରକମ୍ପିତ ହୋଇଥାଏ ସେମାନଙ୍କ ଜଙ୍ଗଲ ଭିତରର ନିଜ ଘର ପରିବେଶ।

ତେବେ ବର୍ତ୍ତମାନ ପିଢ଼ିର ଏହି ଜନଜାତି ପୂର୍ବପରି ଆଉ ଚିତାକୁଟା, ନାକକାନ ଫୋଡ଼ା ଓ ପିତ୍ତଳ ଅଳଙ୍କାର ଲଗାଇବାକୁ ପସନ୍ଦ କରୁନାହାନ୍ତି। ସେମାନଙ୍କ ଅଞ୍ଚଳରେ ଏବେ ବିକାଶ ପଶିଥିବାରୁ ସେମାନେ ବିସ୍ଥାପନ ହେବାକୁ ଯାଉଛନ୍ତି, ଯାହାଦ୍ୱାରା ସେମାନଙ୍କ ଚାଲିଚଳଣି, ସଂସ୍କୃତି ଓ ପରମ୍ପରା ବିପନ୍ନ ହେବାକୁ ବସିଛି।

ବାଲିଗୁଡ଼ା(କନ୍ଧମାଳ), ମୋ: ୯୪୩୭୨୪୨୩୧୭

# ବସୁଦେବଙ୍କ ପୁତ୍ରଲାଭ ବରପ୍ରାପ୍ତି

## ଲୋକକଥାରେ ଲୋକଦେବତା

ସ୍ୱପ୍ନେଶ୍ୱର

ଦ୍ୱାପର ଯୁଗର ଧର୍ମ ପରାୟଣ ରାଜକୁମାର ବସୁଦେବ(ଶ୍ରୀକୃଷ୍ଣଙ୍କ ଜନ୍ମଦାତା ପିତା) ଭାରତର ବିଭିନ୍ନ ତୀର୍ଥଦର୍ଶନ ପରେ ପୁରୁଷୋତ୍ତମ କ୍ଷେତ୍ରରେ ପହଞ୍ଚିଲେ। କ୍ଷେତ୍ରରେ ପ୍ରବେଶ କରିବା ପରେ ତୀର୍ଥରାଜ ମହୋଦଧିରେ ସ୍ନାନ କଲେ ଏବଂ ମନ୍ଦିରରେ ମହାପ୍ରଭୁଙ୍କ ଅପୂର୍ବ ଶୋଭା ଦର୍ଶନ କରି ଅଭିଭୂତ ହେଲେ। ତା' ପରେ ବିଧି ଅନୁସାରେ ପଞ୍ଚତୀର୍ଥରେ ସ୍ନାନ କରି କ୍ଷେତ୍ରରେ ବିରାଜମାନ କରୁଥିବା ସମସ୍ତ ଦେବାଦେବୀଙ୍କୁ ଦର୍ଶନ କଲେ। ବ୍ରାହ୍ମଣମାନେ ତାଙ୍କର ଦାନ ଓ ଭଦ୍ରୋଚିତ ବ୍ୟବହାରରେ ଏତେ ଖୁସି ହେଲେ ଯେ ତାଙ୍କୁ ନେଇ ଅଷ୍ଟଶମ୍ଭୁ, ଅଷ୍ଟଚଣ୍ଡୀ ଓ ମନ୍ଦିର ପରିସରରେ ବିଜେ କରିଥିବା ସମସ୍ତ ଦେବଦେବୀଙ୍କୁ ଦର୍ଶନ କରାଇ ସେମାନଙ୍କର ମହିମା ଗାନ କଲେ।

'ପ୍ରେମ ପଞ୍ଚାମୃତ'ରେ କବି ଭୂପତି ପଣ୍ଡିତ ବର୍ଣ୍ଣନା କରିଛନ୍ତି - 'କପୋତେଶ୍ୱର ଶିବ ଥଳ, ନିକଟେ ପୁଣି ନୀଳାଞ୍ଚଳ / ଉଡ଼ଇ ନୀଳଚକ୍ରେ ନେତ, ଦେଉଳ ଦେଖିଲେ ସାକ୍ଷାତ / ଆନନ୍ଦେ ଉନମତ ହୋଇ, ପଦପଦକେ ପ୍ରଣମଇ / ସୁଖ ସମୁଦ୍ର ମଧ୍ୟେ ଭାସି, ତୁଳସୀ ଚଉରା ପ୍ରବେଶି / ପ୍ରଣାମ ପ୍ରଦକ୍ଷିଣ ସାରି, ଚଳିଲେ ବେଗ ବେଗ କରି / ଅଠର ନଳା ପାଶେ ଯାଇ, କ୍ଷେତ୍ରକୁ ପ୍ରଣମିତ ହୋଇ / ସେଠାରୁ କଲେ ଶୀଘ୍ରଗତି, ଦେଖିଲେ ଚାର ଗଣପତି।'

ବସୁଦେବ ମହାପ୍ରଭୁଙ୍କ ମହିମାରେ ପ୍ରଭାବିତ ହୋଇ କ୍ଷେତ୍ରରେ ଅବସ୍ଥାନ କରି ବାରମାସର ତେରଯାତ୍ରା ଦେଖିବା ପାଇଁ ସ୍ଥିର କଲେ। ଏହାପରେ ସମୁଦ୍ର କୂଳରେ ଏକ କୁଟୀର ନିର୍ମାଣ କରି ସମ୍ମୁଖରେ ଏକ ତୁଳସୀ ଚଉରା ସ୍ଥାପନା କଲେ। ରାଜବଂଶରେ ଜନ୍ମ ଲାଭ କରି ବିଳାସ ବ୍ୟସନରେ ଜୀବନ ଅତିବାହିତ କରିଥିଲେ ମଧ୍ୟ କ୍ଷେତ୍ରବାସ ସମୟରେ ଜଣେ ସନ୍ନ୍ୟାସୀର ଜୀବନ ଜିଇବାକୁ ଲାଗିଲେ ବସୁଦେବ। ପ୍ରତ୍ୟହ ପ୍ରଭାତରେ ମହୋଦଧିରେ ସ୍ନାନ କରି ସେ ତୁଳସୀ ସେବା କରି ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରୁଥିଲେ ଏବଂ ମହାପ୍ରସାଦ ସେବା କରି କୁଟୀରକୁ ଫେରୁଥିଲେ। ପୁଣି ସନ୍ଧ୍ୟା ଆଳତିଠାରୁ ପହୁଡ଼ ପର୍ଯ୍ୟନ୍ତ ସମସ୍ତ ନୀତି ଦର୍ଶନ କରି ରାତିରେ କୁଟୀରକୁ ଫେରୁଥିଲେ। ଝଡ଼, ବର୍ଷା, ଶୀତ କିମ୍ବା ଶାରୀରିକ ଅସୁସ୍ଥତା ବସୁଦେବଙ୍କ ଦୈନିକ କାର୍ଯ୍ୟକ୍ରମରେ କୌଣସି ବ୍ୟାଘାତ ସୃଷ୍ଟି କରି ପାରୁ ନ ଥିଲେ।

ନୀଳାଚଳରେ ଏକବର୍ଷର ଅବସ୍ଥାନ ସମୟରେ ବସୁଦେବ ମହାପ୍ରଭୁଙ୍କ ଗୁଣ୍ଡିଚା ଓ ବାହୁଡ଼ା ଯାତ୍ରାରେ ପ୍ରତ୍ୟକ୍ଷ ଅଂଶଗ୍ରହଣ କରି କୃତ୍ୟକୃତ୍ୟ ହେଲେ।

'ବଡ଼ଦାଣ୍ଡରେ ଉପଗତ, ହୋଇଛି ଶ୍ରୀଗୁଣ୍ଡିଚା ଯାତ, ଦେଖିଲେ ରଥ ତାଳଧ୍ୱଜ, ଯହିଁ ବିଜୟ ତୋ ଅଗ୍ରଜ / ତାହାଙ୍କୁ କଲେ ଦରଶନ, ପ୍ରଣାମ ଆଦି ପ୍ରଦକ୍ଷିଣ / ରଥ ଦଉଡ଼ି ଓଟାରିଲେ, ଶ୍ରୀବଳଭଦ୍ର ବିଜେ କଲେ / ପୁଣି ଦେଖିଲେ ନନ୍ଦିଘୋଷ, ଯେ ରଥେ ତୋ ରୂପ ପ୍ରକାଶ / ଅମଳ କମଳ ଲୋଚନ, ଦୂରହୁଁ କଲେ ଦରଶନ / କାନ୍ତି କାଳନ୍ଦୀ ନଦୀ କି ସେ, ମୁଖ ପୋଏଲା ନାବ ଭାସେ / କି ନବ ନୀଳ ଘନ ମଧ୍ୟେ, ଅରୁଣ ବର୍ଣ୍ଣ ଚନ୍ଦ୍ର ଉଦେ / ଶ୍ରୀହସ୍ତେ ଶଙ୍ଖଚକ୍ର ଧରି, ଚୌବର୍ଗ ଦାନୀ ଅଧିକାରୀ / ଏମନ୍ତେ ରୂପ ତୋର ଦେଖି, ସନ୍ତୋଷ କଲେ ଆଲ ଆଖି / ପୁଣି ଦେବୀଙ୍କ ରଥେ ଯାଇ, ଆନନ୍ଦ କହୁ ନ ସରଇ / ସୁଭଦ୍ରା ଶ୍ରୀସୁଦରସନ, ଦୁହିଁଙ୍କି କଲେ ଦରଶନ।'(ପ୍ରେମ ପଞ୍ଚାମୃତ)

ଲକ୍ଷେ ରାଜାଙ୍କର ମଉଡ଼ମଣି ଗଜପତି ରାଜକୀୟ ପ୍ରତିଷ୍ଠା, ଗରିମା ଓ ସମ୍ମାନକୁ ପଛରେ ପକେଇ ଛେରାପହଁରା କରୁଥିବା ଦେଖି ବସୁଦେବ ଚମତ୍କୃତ ହେଲେ। ମହାପ୍ରଭୁ ଅନ୍ତର୍ଯ୍ୟାମୀ ସବୁ ଜାଣୁ ଥିଲେ। ସେ ବସୁଦେବଙ୍କ ମନରେ ତାଙ୍କ ପ୍ରତି ଥିବା ଅଚଳା ଭକ୍ତିର ପରାକାଷ୍ଠାରେ ସନ୍ତୁଷ୍ଟ ହୋଇ ତାଙ୍କୁ ଅଯାଚିତ ଭାବେ ଏକ ବର ଦେବା ପାଇଁ ସ୍ଥିର କଲେ। ମହାପ୍ରଭୁ ତାଙ୍କୁ ସ୍ୱପ୍ନରେ କହିଲେ- 'ଭକ୍ତ ବସୁଦେବ! ମୋପ୍ରତି ତୁମର ଭକ୍ତିରେ ସନ୍ତୁଷ୍ଟ ହୋଇ ମୁଁ ତୁମକୁ ଏକ ବର ଦେବା ପାଇଁ ମନସ୍ଥ କରିଛି। ତୁମେ ତୁମ ଇଚ୍ଛାରେ ଏକ ବର ମାଗି ନେଇ ପାର।' ମହାପ୍ରଭୁଙ୍କୁ ଦଣ୍ଡପ୍ରଣାମ କରି ବସୁଦେବ କହିଲେ- 'ମହାପ୍ରଭୁ ବଳିଆରଭୁଜ! ମୁଁ ମାଗିବା ଆଗରୁ ଆପଣ ମୋତେ ସର୍ବସ୍ୱ ଦାନ କରିଛନ୍ତି। ମୋର ଏତିକି ମାଗୁଣି ଯେ ଆପଣ ଦୁଇ ଭାଇ ମୋତେ ପୁତ୍ରରୂପେ ପ୍ରାପ୍ତ ହୁଅନ୍ତୁ।' ମହାପ୍ରଭୁ କହିଲେ - 'ତଥାସ୍ତୁ। ଦ୍ୱାପର ଯୁଗର ଅନ୍ତିମ ସମୟରେ ଆମେ ଦୁଇ ଭାଇ ତୁମର ପୁତ୍ରରୂପେ ଜନ୍ମ ଗ୍ରହଣ କରିବୁ।' ଆମ୍ଭର ଆମ୍ଭେ ପଟ୍ଟାନ୍ତର, ଆମ୍ଭେ ହୋଇବୁ ତୋ କୁମର / ଦ୍ୱାପର ଯୁଗ ହେବ ଶେଷ, ଆମ୍ଭେ ହୋଇବୁ ତୋର ଶିଷ।' ବସୁଦେବ ମହାପ୍ରଭୁଙ୍କଠାରୁ ବାଞ୍ଛିତ ବର ପାଇ କୃତ୍ୟ କୃତ୍ୟ ହେଲେ।

ମୋ: ୯୯୦୦୦୮୩୪୩୩

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

### ଏସ୍‌ଭିଏମ୍ କଲେଜ ଛାତ୍ରଙ୍କୁ ସଂଘବଦ୍ଧ ଆକ୍ରମଣ ଘଟଣା

# ପୁଲିସର ନିରପେକ୍ଷତା ଉପରେ ପ୍ରଶ୍ନ ଉଠାଇଲା ବିଜେଡି

**ଜଗତସିଂହପୁର,୫।୮(ସମିସ):** ଜଗତସିଂହପୁର ଜିଲ୍ଲାର ସ୍ନାମଧନ୍ୟ ଶିକ୍ଷାନୁଷ୍ଠାନ ଏସ୍‌ଭିଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟରେ +୩ ବିଜ୍ଞାନ ଛାତ୍ର ଅମନ ମହାପାତ୍ରଙ୍କ ଉପରେ ସଂଘବଦ୍ଧ ଆକ୍ରମଣ ଘଟଣାକୁ ନିନ୍ଦା କରିଛି ବିଜେଡି। ଶାସକ ଦଳର ସମର୍ଥକ ବୋଲାଉଥିବା କିଛି ଛାତ୍ର ଓ ଅଛାତ୍ର



ଗତକାଲି ଅମନଙ୍କ ଉପରେ ଆକ୍ରମଣ କରି ଲହୁଲୁହାଣ କରିଥିଲେ। ଘଟଣା ସମ୍ପର୍କରେ ଅମନ ଜଗତସିଂହପୁର ସଦର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ତେବେ ଏହି ମାମଲାର ନିରପେକ୍ଷ ତଦନ୍ତ ବଦଳରେ ଏହାକୁ ରଫାଦଫା କରିବା ପାଇଁ ଅମନ ମହାପାତ୍ରଙ୍କ ପରିବାର ଉପରେ ପୁଲିସ ଚାପ ପକାଉଥିବା ସିପି ନିକଟସ୍ଥ ଜିଲ୍ଲା ବିଜେଡି କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ବିଧାୟକ ପ୍ରଶାନ୍ତ ମୁଦୁଲି ଅଭିଯୋଗ କରିଛନ୍ତି। ସେ ନିଜେ ଏସ୍‌ଭିଏମ୍ କଲେଜର ଛାତ୍ର ଥିଲେ। ତେବେ କଲେଜ ପରିସରରେ ଏଭଳି ଘଟଣା ପୂର୍ବରୁ କେବେ ଘଟି ନ ଥିଲା ବୋଲି ଶ୍ରୀ ମୁଦୁଲି କହିଛନ୍ତି। ସେହିପରି ଅମନଙ୍କ ଏତଲା ଆଧାରରେ ଥାନାରେ ଅଟକ ଥିବା ଅନ୍ୟ ଜଣେ ଛାତ୍ରଙ୍କୁ ବିନା ତଦନ୍ତରେ ପୁଲିସ ଛାଡ଼ିଦେଇଥିବା ଶ୍ରୀ ମୁଦୁଲି ଅଭିଯୋଗ କରିବା ସହ ପୁଲିସ ପ୍ରଶାସନ ଶାସକ ଦଳର ଚାପରେ କାମ କରୁଛି ବୋଲି ମଧ୍ୟ ଅଭିଯୋଗ କରିଥିଲେ। ଏହି ସ୍ନାମଧନ୍ୟ କଲେଜରେ କିପରି ଶୈକ୍ଷିକ ବାତାବରଣରେ ସୁଧାର ଆସିବ, ସେଥିପାଇଁ କଲେଜ ଅଧ୍ୟକ୍ଷ ପଦକ୍ଷେପ ନେବା ସହିତ ଏହି ଘଟଣାର ନିରପେକ୍ଷ ତଦନ୍ତ ପାଇଁ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ଅବଗତ କରାଯାଇଥିବା ଶ୍ରୀ ମୁଦୁଲି ସୂଚନା ଦେଇଥିଲେ। ଏଥିରେ ବ୍ୟତିକ୍ରମ ହେଲେ ବିଜେଡି ଚୁପ୍ ହୋଇ ବସିବନି। ଆବଶ୍ୟକ ପଡ଼ିଲେ, ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛନ୍ତି ଜିଲ୍ଲା ବିଜେଡି ଶ୍ରୀ ମୁଦୁଲି।

ଜିଲ୍ଲା ଛାତ୍ର ବିଜେଡି ସଭାପତି ସମିତ୍ କୁମାର ଲେଙ୍କା ଏହି ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇ କଲେଜର କିଛି ଛାତ୍ର ଆମେ ଶାସକ ଦଳର ପିଲା। ଆମର କେହି କିଛି କରିପାରିବେନି କହି କଲେଜରେ ବିଶୃଙ୍ଖଳା ସୃଷ୍ଟି କରୁଥିବା ଅଭିଯୋଗ କରିଥିଲେ। ଆଗାମୀ ଦିନରେ କଲେଜ ନିର୍ବାଚନ

### ପରିସ୍ଥିତିରେ ସୁଧାର ନ ହେଲେ ଆନ୍ଦୋଳନ ଚେତାବନୀ

ଅନୁଷ୍ଠିତ ହେବାକୁ ଥିବାରୁ କିଛି କଲେଜ ଅଧ୍ୟାପକ ଓ କର୍ମଚାରୀଙ୍କୁ ହାତ କରି ଛାତ୍ରଛାତ୍ରୀଙ୍କ ଉପରେ ଚାପ ପକାଯାଉଛି ବୋଲି ଶ୍ରୀ ଲେଙ୍କା ଅଭିଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଗତସିଂହପୁର ଜିଲ୍ଲା ପରିଷଦ ସଭାପତି ମନୋଜ ଭୋଇ, ଉପସଭାପତି ସୁଜାତା ମହାନ୍ତି, ପଞ୍ଚାୟତ ସମିତି ଅଧ୍ୟକ୍ଷ କନକପ୍ରଭା ଲେଙ୍କା, ଉପାଧ୍ୟକ୍ଷ ରଚିରଞ୍ଜନ ବେହେରା, ଜିଲ୍ଲା ପରିଷଦ ସଭ୍ୟ ବିବେକାନନ୍ଦ ବେହେରା, ନଗର ବିଜେଡି ସଭାପତି ପ୍ରିୟବ୍ରତ ମହାପାତ୍ର ଓ ଯୁବନେତା ପ୍ରଶାନ୍ତ ମଲ୍ଲିକ ପ୍ରମୁଖ ଏହି ସାମ୍ବାଦିକ ସମ୍ମିଳନୀରେ ଯୋଗ ଦେଇଥିଲେ।

# ସ୍ତ୍ରୀର ଶବ ଦେଖି ଜୀବନ ହାରିଲେ ସ୍ୱାମୀ!

**ଉମରକୋଟ,୫।୮ (ସମିସ):** ସ୍ତ୍ରୀର ଝୁଲନ୍ତା ଶବ ଦେଖି ଜୀବନ ହାରିଲେ ସ୍ୱାମୀ। ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ୍ ଧୋଡ୍ରା ପଞ୍ଚାୟତ ଅନ୍ତର୍ଗତ ଭିମାଗୁଡ଼ାଠାରେ ଏପରି ଏକ ଦୁଃଖଦ ଘଟଣା ଘଟିଛି। ମୃତକଦ୍ୱୟ ହେଲେ, ଝରିଗାଁ ବ୍ଲକ୍ ଅନ୍ତର୍ଗତ ଧୋଡ୍ରା ପଞ୍ଚାୟତ ସାନଭୀମାଗୁଡ଼ା ଗ୍ରାମର ସୁତମ ଭତରା (୩୨) ଓ ଫୁଲମଣି ଭତରା (୨୭)। ସୁତମଙ୍କ ଶବ ଗଛରେ ଝୁଲୁଥିବା ବେଳେ ଫୁଲମଣିଙ୍କ ଶବ ଘର ଭିତରେ ଝୁଲୁଥିବା ଦେଖିବାକୁ ମିଳିଥିଲା। ପରିବାରଲୋକଙ୍କଠାରୁ ଖବର ପାଇ ଉମରକୋଟ ପୁଲିସ୍ ଶବଦ୍ୱୟକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

### ଦମ୍ପତିଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ପାରିବାରିକ କଳହରୁ ଦୁହେଁ ଏପରି ଚରମ ପଦକ୍ଷେପ ନେଇଥିବା ଆଲୋଚନା ହେଉଛି। ସୂଚନାନୁସାରେ, ଗତ ରାତିରେ ସୁତମ ଓ ଫୁଲମଣି ଖାଇ ପିଇ ଶୋଇବାକୁ ଯାଇଥିଲେ। ଆଜି ସକାଳେ ଘର ଭିତରେ ଏକ ଲୁହା ପାଇପରେ ଫୁଲମଣି ବେକରେ ଓଢ଼ଣୀ ବାନ୍ଧି ଆତ୍ମହତ୍ୟା କରିଥିବା ପରିବାରଲୋକେ ଦେଖିବାକୁ ପାଇଥିଲେ। ସେହିପରି ସୁତମଙ୍କ ଶବ ଘର ନିକଟରେ ଥିବା ଏକ ତେନ୍ତୁଳି ଗଛରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ତେବେ ଫୁଲମଣି ଆତ୍ମହତ୍ୟା କରିବା ଦେଖି ଏଥିରେ ମାନସିକ ଭାରସାମ୍ୟ ହରାଇ ସୁତମ ଆତ୍ମହତ୍ୟା କରିଥିବା କୁହାଯାଉଛି।

ଉଲ୍ଲେଖଯୋଗ୍ୟ, ସୁତମ ଓ ଫୁଲମଣି ୧୦ବର୍ଷ ତଳେ ରୀତିନୀତି ଅନୁସାରେ ବିବାହ କରି ଘର ସଂସାର କରି ଆସୁଥିଲେ। ସେମାନଙ୍କର କୌଣସି ସନ୍ତାନ ନଥିଲେ। ଶବ ବ୍ୟବଚ୍ଛେଦ ପରେ ପରିବାରଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ପୁଲିସ୍ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଭାସିଗଲା ଅନେକ...

ଶେଷ ହେବାପରେ କ୍ଷୟକ୍ଷତିର ପ୍ରକୃତ ପରିମାଣ ଜଣାପଡ଼ିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଘଟଣା ନେଇ ଶୋକ ପ୍ରକାଶ କରିଛନ୍ତି। କ୍ଷତିଗ୍ରସ୍ତ ଲୋକମାନଙ୍କୁ ସହାୟତା ଦେବାରେ ସବୁ ପ୍ରକାର ଉଦ୍ୟମ କରାଯାଉଥିବା ସେ କହିଛନ୍ତି। ଉତ୍ତରାଖଣ୍ଡ ବାଦଲଫଟା ବର୍ଷା ଯୋଗୁଁ ଧରାଲି ଗ୍ରାମ ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଛି। ଏଥିସହିତ ୧୨ଜଣଙ୍କର ଜୀବନ ହାନି ହେବାସହ ବ୍ୟାପକ କ୍ଷୟକ୍ଷତି ଘଟିଛି। ଅନେକ ଲୋକ ନିଖୋଜ ରହିଥିବାର ସୂଚନା ମିଳିଛି। ଏଭଳି ଘଟଣାକୁ ଦୁଃଖଦ ବୋଲି କହିବା ସହ ମୃତାହତଙ୍କ ପରିବାର ପ୍ରତି ସମବେଦନା ଜଣାଇବା ସହ ସହ ଏଭଳି ସମୟରେ ମହାପ୍ରଭୁ ଜଗନ୍ନାଥ ତାଙ୍କ ପରିବାରକୁ ସହାୟ ହୁଅନ୍ତୁ ବୋଲି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ସାମାଜିକ ଗଣମାଧ୍ୟମରେ କହିଛନ୍ତି।

### ୨୪ ଘଣ୍ଟାରେ...

ଜବାବ ଦେଇଛି। ଭାରତର ବୈଦେଶିକ ମନ୍ତ୍ରଣାଳୟ କହିଛି ଯେ ଯେଉଁ ଦେଶମାନେ ଭାରତକୁ ସମାଲୋଚନା କରୁଛନ୍ତି ସେମାନେ ହିଁ ରୁଷ ସହିତ ବ୍ୟବସାୟ କରୁଛନ୍ତି। ତଥାପି, ଏହା ସେମାନଙ୍କ ପାଇଁ ଆବଶ୍ୟକ କିମ୍ବା ବାଧ୍ୟବାଧକତା ନୁହେଁ। ଭାରତ ମଧ୍ୟ ଆମେରିକା ଏବଂ ୟୁରୋପୀୟ ସଂଘକୁ ସମାଲୋଚନା କରି କହିଛି ଯେ କେବଳ ଏହି କାରଣରୁ ଭାରତକୁ ଟାର୍ଗେଟ କରିବା ଠିକ୍ ନୁହେଁ।

### ରାଜ୍ୟସଭାରେ 'ସିଆଇଏସ୍‌ଏଫ୍'...

ନା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ? ତାଙ୍କର ଏଭଳି ମନ୍ତବ୍ୟକୁ ଶାସକ ଦଳ ବିରୋଧ କରିଥିଲେ। ହଟ୍ଟଗୋଳ ଚାଲିଥିବା ବେଳେ ବିରୋଧୀ ଦଳର ସଭ୍ୟମାନେ ବିହାର ଭୋଟର ତାଲିକା ପସଙ୍ଗରେ ଆଲୋଚନା ପାଇଁ ପୁଣି ଦାବି କରିଥିଲେ। କିନ୍ତୁ ଏସଂକ୍ରାନ୍ତ ବିରୋଧୀଙ୍କ ସମସ୍ତ ପ୍ରସ୍ତାବକୁ ସେ ଖାରଜ କରିଦେଇଥିବା ଉପାଧ୍ୟକ୍ଷ କହିଥିଲେ। ସେ କହିଥିଲେ ଯେ ଏହା ନିର୍ବାଚନ କମିସନଙ୍କ ଅଧୀନରେ ଆସୁଥିବାରୁ ଏହା ଉପରେ ଗୃହରେ ଆଲୋଚନା କରାଯାଇ ପାରିବ ନାହିଁ। ହଟ୍ଟଗୋଳ ଜାରି ରହିବାରୁ ସେ ଗୃହକୁ ପ୍ରଥମେ ୨ଟା ପର୍ଯ୍ୟନ୍ତ ଓ ପରେ ଆଜି ଦିନକ ପାଇଁ ମୁଲତବୀ କରିଦେଇଥିଲେ। ତେବେ ହଟ୍ଟଗୋଳ ମଧ୍ୟରେ ମଣିପୁରରେ ରାଷ୍ଟ୍ରପତି ଶାସନକୁ ଆହୁରି ୬ ମାସ ଲାଗି ବୃଦ୍ଧି କରିବା ସଂକ୍ରାନ୍ତ ବିଲକୁ ପାସ୍ କରାଯାଇଥିଲା। ଏହାପୂର୍ବରୁ ଏହି ବିଲକୁ ଲୋକସଭା ମଧ୍ୟ ପାସ୍ କରିଥିଲା। ଲୋକସଭାରେ ମଧ୍ୟ ବିହାର ପ୍ରସଙ୍ଗରେ ଅଶାନ୍ତ ପରିସ୍ଥିତି ସୃଷ୍ଟି ହୋଇଥିଲା। ଗୃହ ବୈଠକ ଆରମ୍ଭ ହେବାମାତ୍ରେ ବାଚସ୍ପତି ଓମ୍ ବିର୍ଲା ପ୍ରଶ୍ନକାଳ ଆରମ୍ଭ କରିବାକୁ କହିଥିଲେ। କିନ୍ତୁ ବିରୋଧୀ ଦଳ ବିହାର ପ୍ରସଙ୍ଗରେ ଆଲୋଚନା ଦାବି କରିଥିଲେ। ବାଚସ୍ପତି ଅନୁମତି ନଦେବାରୁ ସେମାନେ ଗୃହର ମଧ୍ୟଭାଗକୁ ଆସି ପାଟିତୁଣ୍ଡ କରିଥିଲେ। ବିର୍ଲା କହିଥିଲେ ଯେ ବିରୋଧୀ ଦଳଙ୍କର ଏଭଳି ଆଚରଣ ଯୋଗୁଁ ଗଣତାନ୍ତ୍ରିକ ପ୍ରକ୍ରିୟାରେ ଆଲୋଚନା ହୋଇପାରୁ ନାହିଁ। ଏଭଳି ଆଚରଣ କରି ସେମାନେ ସଂସଦୀୟ ମର୍ଯ୍ୟାଦାର କ୍ଷୁଣ୍ଣ କରୁଛନ୍ତି। ହଟ୍ଟଗୋଳ ଜାରି ରହିବାରୁ ବାଚସ୍ପତି ଗୃହକୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ। ୨ଟା ପରେ ଲୋକସଭା ଆରମ୍ଭ ହୋଇଥିଲା। ବିରୋଧୀଙ୍କ ହଟ୍ଟଗୋଳ ମଧ୍ୟ ସରକାର ଦୁଇଟି ବିଲ୍ ପାସ୍ କରାଇଥିଲେ। ଏହାପରେ ଗୃହକୁ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ କରି ଦିଆଯାଇଥିଲା।

### ଚାଷୀଙ୍କୁ ମିଳୁନି...

କଳାବଜାରୀ ହୋଇଥିବା ଅଭିଯୋଗ ହେଉଛି। ସରକାର ସାର କଳାବଜାରୀ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା କଥା କହୁଥିଲେ ହେଁ ବାସ୍ତବରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ। ସରକାରୀ ଭାବେ ୫୦ କେଜିର ଡିଏପି ବସ୍ତାର ଦାମ୍ ୧୩ଶହ ଟଙ୍କା ହୋଇଥିବାବେଳେ ଖୋଲାବଜାରରେ ତାହା ୨ହଜାରରୁ ୨୨ଶହ ଟଙ୍କାରେ ବିକ୍ରି ହେଉଛି। ସେହିଭଳି ୧୩୯୦ ଟଙ୍କାର ଗ୍ରୋମୋର ବସ୍ତା ୧୮ ଶହରୁ ୨ହଜାର ଟଙ୍କାରେ ବିକ୍ରି ହେଉଛି। ସରକାରୀ ଷ୍ଟକ୍ ସବୁ ବ୍ୟବସାୟୀମାନେ କବ୍‌ଜା କରି ନେଇ ଚାଷୀଙ୍କୁ ଚଢ଼ାଦରରେ ବିକ୍ରି କରୁଥିବା ଅଭିଯୋଗ ହେଉଛି।

ଚଳିତ ବର୍ଷ ଆଗୁଆ ମୌସୁମୀ ବର୍ଷା ହୋଇଥିବାରୁ ଫସଲ ସଅଳ ହୋଇଛି। ତେଣୁ ଜୁଲାଇ ତୃତୀୟ ସପ୍ତାହ ବେଳକୁ ସାରର ଆବଶ୍ୟକତା ବଢ଼ିଯାଇଛି। ମାସେ ଭିତରେ କ୍ଷେତରେ ସାର ପକାଇବା ପାଇଁ ଚାଷୀ ଯୋଜନା କରୁଛି। ଏହି ସମୟ ଭିତରେ ସାର ନ ପକାଇଲେ, ଆଗାମୀ ଦିନରେ ଛୋଟ ଧାନ ପିଲ ମାରିବ ଓ ବଡ଼ ଧାନ ଗଣ୍ଠି ଧରିବ। ପରେ ପକାଇବାରେ କୌଣସି କାମରେ ଆସିବ ନାହିଁ। ଏବେ ସରକାରୀ ଭାବେ ଯେତିକି ସାର ବିକ୍ରି ହେଉଛି, ତା' ସମୁଦ୍ରକୁ ଶଙ୍ଖେ ଭଳି। ବଡ଼ ଚାଷୀ ସେମାନେ ବାହାର ଦୋକାନରୁ ସାର କିଣିବାକୁ ସକ୍ଷମ ହେଉଛନ୍ତି। ହେଲେ କ୍ଷୁଦ୍ର ଓ ନାମମାତ୍ର ଚାଷୀ ସାର କିଣାରୁ ବଞ୍ଚିତ ହେଉଛନ୍ତି। ଗୋଟିଏପଟେ ସରକାର ଧାନର ଏମ୍‌ଏସପି ବୃଦ୍ଧି କରି ଅଧିକ ଚାଷ କରିବାକୁ ପ୍ରୋତ୍ସାହନ ଦେଉଥିବା କଥା କହୁଛନ୍ତି। ମାତ୍ର ପଞ୍ଜିକରଣଠାରୁ ଆରମ୍ଭ କରି ସାର ବଣ୍ଟନ ଓ ଧାନ ବିକ୍ରି ନାନା ସମସ୍ୟାକୁ ସଂପୂର୍ଣ୍ଣ ଅଣଦେଖା କରାଯାଉଛି। ତୁରନ୍ତ ଏହାର ସମାଧାନ କରିବାକୁ ଚାଷୀମାନେ ଦାବି କରିଛନ୍ତି।

### ହତ୍ୟା କରି ମଶାଣିରେ...

କରିଥିଲେ। ପରେ ପ୍ରମାଣ ନଷ୍ଟ କରିବା ପାଇଁ ତାଙ୍କ ଶବକୁ ଶ୍ମଶାନ ନିକଟରେ ଗାତ ଖୋଳି ପୋତି ଦେଇଥିଲେ। ବ୍ୟାବସାୟିକ ଶତ୍ରୁତାକୁ କେନ୍ଦ୍ର କରି ଏହି ହତ୍ୟାକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି। ଏଥିରେ ଆଉ କିଛି ଅଭିଯୁକ୍ତଙ୍କ ସଂପୃକ୍ତି ଥିବା ପୁଲିସ୍ ସନ୍ଦେହ କରୁଛି। ତେଣୁ ଘଟଣା ସଂପର୍କରେ ବିଶେଷ କିଛି ତଥ୍ୟ ଦେବାକୁ ପୁଲିସ୍ ମନା କରିଦେଇଛି। ସୂଚନାନୁଯାୟୀ, ଗତ ମେ' ୧୬ ତାରିଖ ଦିନ ପ୍ରାୟ ୧୦ଟା ବେଳେ ସୋମନାଥ ନିଜ ପୁଅର ଜୋତା କିଣିବାକୁ ନନ୍ଦପୁର ଅଭିମୁଖେ ଆସିଥିଲେ। କିନ୍ତୁ ଆଉ ଘରକୁ ଫେରିନଥିଲେ। ପରିବାରଲୋକ ବହୁ ଖୋଜାଖୋଜି କରି ନିରାଶ ହେବା ପରେ ମେ' ୧୯ ତାରିଖରେ ନନ୍ଦପୁର ଥାନାର ଦ୍ୱାରସ୍ଥ ହୋଇଥିଲେ। ପୁଲିସ ସୋମନାଥଙ୍କ ଫଟୋ ବିଭିନ୍ନ ଥାନାକୁ ପଠାଇବା ସହ ତାଙ୍କ ମୋବାଇଲ୍ ନମ୍ବର ମଧ୍ୟ ଟ୍ରାକ୍ କରିଥିଲା। କିନ୍ତୁ ତାଙ୍କ ମୋବାଇଲ୍ ସ୍ୱିଚ୍-ଅଫ୍ ହୋଇଯାଇଥିବାରୁ ତାକୁ ଟ୍ରାକ୍ କରିବା ପୁଲିସ୍ ପକ୍ଷେ ମୁସ୍କିଲ ହୋଇପଡ଼ିଥିଲା। ଧୀରେଧୀରେ ଘଟଣାଟି ଶିଥିଳ ପଡ଼ି ଯାଇଥିଲା। ତେବେ ପରିବାରଲୋକଙ୍କ ବାରମ୍ବାର ଅଭିଯୋଗ ପରେ କୋରାପୁଟ ଏସ୍‌ପି ଏଥିରେ ହସ୍ତକ୍ଷେପ କରି ଘଟଣାକୁ ଗୁରୁତ୍ୱର ସହ ନେଇଥିଲେ। ଏସ୍‌ଡିପିଓ ଦେବେନ୍ଦ୍ର କୁମାର ମଲ୍ଲିକଙ୍କ ନେତୃତ୍ୱରେ ଆଇଆଇସି ମମତା କୁମାରୀ ପଣ୍ଡା ଏହାର ତଦନ୍ତ କରିଥିଲେ। ତେବେ ତଦନ୍ତ ବେଳେ ସୋମନାଥଙ୍କୁ ହତ୍ୟା କରାଯାଇଥିବା ଜଣାପଡ଼ିଥିଲା। ଏହି ଘଟଣାରେ ପୁଲିସ୍ ସନ୍ଦେହରେ ୩ଜଣଙ୍କୁ ଉଠାଇ ଆଣି ପଚରାଉଚରା କରିବା ପରେ ସେମାନେ ସତ ଉଗାରିଥିଲେ। ହତ୍ୟା କରି ସେମାନେ ସୋମନାଥଙ୍କୁ ମଶାଣି ନିକଟରେ ପୋତି ଦେଇଥିବା କହିଥିଲେ। ଆଜି ପୁଲିସ୍ ସେମାନଙ୍କୁ ସାଥିରେ ନେଇ ଘଟଣାସ୍ଥଳରେ ପହଞ୍ଚିଥିଲା। ଅଭିଯୁକ୍ତମାନଙ୍କ କହିବାନୁଯାୟୀ, ଉକ୍ତ ସ୍ଥାନରେ ଖୋଳାଖୋଳି କରାଯିବା ପରେ ସେଠାରୁ ସୋମନାଥଙ୍କ ନରକଙ୍କାଳ ଉଦ୍ଧାର ହୋଇଥିଲା। ସ୍ଥାନୀୟ ମାଜିଷ୍ଟ୍ରେଟ୍ ଅତିରିକ୍ତ ତହସିଲଦାର ମାଧବ ପାଙ୍ଗିଙ୍କ ଉପସ୍ଥିତିରେ ଶବକୁ ଉଦ୍ଧାର କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ନନ୍ଦପୁର ଥାନା ଅଧିକାରୀ ମମତା କୁମାରୀ ପଣ୍ଡା, ଏସଆଇ ଦୀପ୍ତିମୟୀ ଧାରୁଆ, ବେଦବର ସାହୁ, ପାଡୁଆ ଥାନା ଏସ୍‌ଆଇ ଦୀପକ କୁମାର ବାରିକ, ଏଏସ୍‌ଆଇ ଗୁପ୍ତେଶ୍ୱର ଗୌଡ଼ ଏବଂ ସାଇଣ୍ଟିଫିକ୍ ଟିମ୍ ସାମିଲ ଥିଲେ।


### ହତ୍ୟା କରି ମଶାଣିରେ...

କରିଥିଲେ। ପରେ ପ୍ରମାଣ ନଷ୍ଟ କରିବା ପାଇଁ ତାଙ୍କ ଶବକୁ ଶ୍ମଶାନ ନିକଟରେ ଗାତ ଖୋଳି ପୋତି ଦେଇଥିଲେ। ବ୍ୟାବସାୟିକ ଶତ୍ରୁତାକୁ କେନ୍ଦ୍ର କରି ଏହି ହତ୍ୟାକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି। ଏଥିରେ ଆଉ କିଛି ଅଭିଯୁକ୍ତଙ୍କ ସଂପୃକ୍ତି ଥିବା ପୁଲିସ୍ ସନ୍ଦେହ କରୁଛି। ତେଣୁ ଘଟଣା ସଂପର୍କରେ ବିଶେଷ କିଛି ତଥ୍ୟ ଦେବାକୁ ପୁଲିସ୍ ମନା କରିଦେଇଛି।

ସୂଚନାନୁଯାୟୀ, ଗତ ମେ' ୧୬ ତାରିଖ ଦିନ ପ୍ରାୟ ୧୦ଟା ବେଳେ ସୋମନାଥ ନିଜ ପୁଅର ଜୋତା କିଣିବାକୁ ନନ୍ଦପୁର ଅଭିମୁଖେ ଆସିଥିଲେ। କିନ୍ତୁ ଆଉ ଘରକୁ ଫେରିନଥିଲେ। ପରିବାରଲୋକ ବହୁ ଖୋଜାଖୋଜି କରି ନିରାଶ ହେବା ପରେ ମେ' ୧୯ ତାରିଖରେ ନନ୍ଦପୁର ଥାନାର ଦ୍ୱାରସ୍ଥ ହୋଇଥିଲେ। ପୁଲିସ ସୋମନାଥଙ୍କ ଫଟୋ ବିଭିନ୍ନ ଥାନାକୁ ପଠାଇବା ସହ ତାଙ୍କ ମୋବାଇଲ୍ ନମ୍ବର ମଧ୍ୟ ଟ୍ରାକ୍ କରିଥିଲା। କିନ୍ତୁ ତାଙ୍କ ମୋବାଇଲ୍ ସ୍ୱିଚ୍-ଅଫ୍ ହୋଇଯାଇଥିବାରୁ ତାକୁ ଟ୍ରାକ୍ କରିବା ପୁଲିସ୍ ପକ୍ଷେ ମୁସ୍କିଲ ହୋଇପଡ଼ିଥିଲା। ଧୀରେଧୀରେ ଘଟଣାଟି ଶିଥିଳ ପଡ଼ି ଯାଇଥିଲା। ତେବେ ପରିବାରଲୋକଙ୍କ ବାରମ୍ବାର ଅଭିଯୋଗ ପରେ କୋରାପୁଟ ଏସ୍‌ପି ଏଥିରେ ହସ୍ତକ୍ଷେପ କରି ଘଟଣାକୁ ଗୁରୁତ୍ୱର ସହ ନେଇଥିଲେ। ଏସ୍‌ଡିପିଓ ଦେବେନ୍ଦ୍ର କୁମାର ମଲ୍ଲିକଙ୍କ ନେତୃତ୍ୱରେ ଆଇଆଇସି ମମତା କୁମାରୀ ପଣ୍ଡା ଏହାର ତଦନ୍ତ କରିଥିଲେ। ତେବେ ତଦନ୍ତ ବେଳେ ସୋମନାଥଙ୍କୁ ହତ୍ୟା କରାଯାଇଥିବା ଜଣାପଡ଼ିଥିଲା। ଏହି ଘଟଣାରେ ପୁଲିସ୍ ସନ୍ଦେହରେ ୩ଜଣଙ୍କୁ ଉଠାଇ ଆଣି ପଚରାଉଚରା କରିବା ପରେ ସେମାନେ ସତ ଉଗାରିଥିଲେ। ହତ୍ୟା କରି ସେମାନେ ସୋମନାଥଙ୍କୁ ମଶାଣି ନିକଟରେ ପୋତି ଦେଇଥିବା କହିଥିଲେ। ଆଜି ପୁଲିସ୍ ସେମାନଙ୍କୁ ସାଥିରେ ନେଇ ଘଟଣାସ୍ଥଳରେ ପହଞ୍ଚିଥିଲା। ଅଭିଯୁକ୍ତମାନଙ୍କ କହିବାନୁଯାୟୀ, ଉକ୍ତ ସ୍ଥାନରେ ଖୋଳାଖୋଳି କରାଯିବା ପରେ ସେଠାରୁ ସୋମନାଥଙ୍କ ନରକଙ୍କାଳ ଉଦ୍ଧାର ହୋଇଥିଲା। ସ୍ଥାନୀୟ ମାଜିଷ୍ଟ୍ରେଟ୍ ଅତିରିକ୍ତ ତହସିଲଦାର ମାଧବ ପାଙ୍ଗିଙ୍କ ଉପସ୍ଥିତିରେ ଶବକୁ ଉଦ୍ଧାର କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ନନ୍ଦପୁର ଥାନା ଅଧିକାରୀ ମମତା କୁମାରୀ ପଣ୍ଡା, ଏସଆଇ ଦୀପ୍ତିମୟୀ ଧାରୁଆ, ବେଦବର ସାହୁ, ପାଡୁଆ ଥାନା ଏସ୍‌ଆଇ ଦୀପକ କୁମାର ବାରିକ, ଏଏସ୍‌ଆଇ ଗୁପ୍ତେଶ୍ୱର ଗୌଡ଼ ଏବଂ ସାଇଣ୍ଟିଫିକ୍ ଟିମ୍ ସାମିଲ ଥିଲେ।


### ଘରୁ ଡାକି ଆଣି...

ଡାକିଥିଲେ। ରୁନା ବାହାରକୁ ଆସିବାରୁ ସେମାନେ ତାଙ୍କ ବେକରୁ ଏକ ହୀରା ଅଳଙ୍କାର ଲୁଟ୍ କରି ନେବା ସହ ତାଙ୍କୁ ଗୁଳିମାଡ଼ କରିଥିଲେ। ଗୋଟିଏ ଗୁଳି ରୁନାଙ୍କ ବାମପଟ କାନ୍ଧରେ ବାଜିଥିଲା। ସେ ତଳେ ପଡ଼ିଯିବା ପରେ ଦୁର୍ବୃତ୍ତମାନେ ବାଇକ୍ ଓ କାର୍‌ରେ ସେଠାରୁ ଫେରାର୍ ହୋଇଯାଇଥିଲେ।

ସୂଚନାଯୋଗ୍ୟ, ଏନ୍‌କାଉଣ୍ଟର୍ ପରେ ବି ଅପରାଧୀଙ୍କ ମନରେ ଛନକା ପଶୁନି। ପୁଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇ ଜନଗହଳିପୂର୍ଣ୍ଣ ଅଞ୍ଚଳରେ ଅପରାଧ ଘଟାଇବାକୁ ପଛାଉନାହାନ୍ତି। ୨ଦିନ ତଳେ ବ୍ରହ୍ମପୁର ପୁଲିସ ଜିଲ୍ଲାରେ କବିସୂର୍ଯ୍ୟନଗର ଦୁର୍ଦ୍ଦାନ୍ତ ଅପରାଧୀ ସୁନୀଲ ନାୟକଙ୍କୁ ପୁଲିସ ଏନ୍‌କାଉଣ୍ଟର କରିଥିଲା। ପରେ ମଧ୍ୟ ସହରର ଅପରାଧୀମାନେ ବନ୍ଧୁକ ଚାଳନା କରିବା ସହ ସାହି ମଝିରେ ଗୁଳି ଫୁଟାଇ ଫେରାର୍ ହୋଇ ପୁଲିସକୁ ଚ୍ୟାଲେଞ୍ଜ ଦେଇଛନ୍ତି।

### କୋଟିପତି ହେବେ...

ଓ ସେମାନଙ୍କ ସୂଚୀ ସାର୍ବଜନୀନ କରନ୍ତୁ । ତେବେ ଯାଇ ସରକାରଙ୍କ ଦାବି ଗ୍ରହଣଯୋଗ୍ୟ ଏବଂ ବିଶ୍ୱାସଭାଜନ ହେବ ବୋଲି ବିରୋଧୀ ଓ ବୁଦ୍ଧିଜୀବୀ ମତ ରଖିଛନ୍ତି। ମାତ୍ର ସରକାର ଏନେଇ ମୁହଁ ଖୋଲୁ ନ ଥିବା ବେଳେ ଲକ୍ଷପତି ଦିଦି କୋଟିପତି ହେବେ ବୋଲି ଉପମୁଖ୍ୟମନ୍ତ୍ରୀଙ୍କ ଟିପ୍ପଣୀ ସାଧାରଣ ସନ୍ଦେହ ସୃଷ୍ଟି କରିଛି । ଲକ୍ଷପତିରୁ କୋଟିପତି ହେବା ପାଇଁ ସରକାରଙ୍କ କୌଣସି ନିର୍ଦ୍ଦିଷ୍ଟ ରୋଡମ୍ୟାପ ଅଛି କି ? ଜଣେ ଗୋଟିଏ ବ୍ୟବସାୟରେ କେତେଟଙ୍କା ବିନିଯୋଗ କଲେ, କେତେ ମାନବସମ୍ବଳ ଉପଯୋଗ କଲେ ଲକ୍ଷପତିରୁ କୋଟିପତି ହୋଇପାରିବ ସେନେଇ ସରକାର କୌଣସି ଆକଳନ କରିଛନ୍ତି କି ? ଯଦି କରିଛନ୍ତି, ତାହେଲେ ଲକ୍ଷପତି ଦିଦିଙ୍କୁ ସହାୟତା କରିବା ପାଇଁ ସରକାର କୌଣସି ନୀତିଗତ ନିଷ୍ପତ୍ତି ନେଇଛନ୍ତି କି ବୋଲି ବୁଦ୍ଧିଜୀବି ମହଲ ପ୍ରଶ୍ନ କରିଛନ୍ତି ତେଣୁ ଉପ ମୁଖ୍ୟମନ୍ତ୍ରୀ କିମ୍ବା ସରକାର କେବଳ ଉପରଠାଉରିଆ ମନ୍ତବ୍ୟ ନଦେଇ ଲକ୍ଷପତି ଦିଦିକୁ ନେଇ ସାଧାରଣରେ ଥିବା ସଂଶୟକୁ ପ୍ରଥମେ ଦୂର କରନ୍ତୁ ବୋଲି ସେମାନେ ପରାମର୍ଶ ଦେଇଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଯେଉଁମାନେ ବର୍ତ୍ତମାନ ଲକ୍ଷପତି ଦିଦି ଅଛନ୍ତି, ସମସ୍ତେ ସଏଚଜି ସଦସ୍ୟ। ସେମାନେ ଲକ୍ଷପତି ଦିଦି କୋଟିପତି ହେବାକୁ ଟାର୍ଗେଟ ରଖିଲେ ଏହାକୁ ମାତ୍ର ଏକବର୍ଷ ମଧ୍ୟରେ ହାସଲ କରିପାରିବେ ବୋଲି ଉପମୁଖ୍ୟମନ୍ତ୍ରୀ କହିଥିଲେ। ସରକାରଙ୍କ ଦ୍ୱାରା ମିଳୁଥିବା ଆର୍ଥିକ ପ୍ରୋତ୍ସାହନ, ବିଭିନ୍ନ ଯୋଜନାରୁ ଲାଭକୁ ସଠିକ୍ ଉପାୟରେ ଉପଯୋଗ କରିପାରିଲେ ମହିଳାମାନେ ଲକ୍ଷପତିରୁ କୋଟିପତି ହୋଇପାରିବେ ବୋଲି ସେ ମତ ଦେଇଛନ୍ତି। ଏଥିପାଇଁ ସରକାର ସମସ୍ତ ସହାୟତା ଯୋଗାଇ ଦେବେ ବୋଲି ମତ ପ୍ରକାଶ କରିଥିଲେ।

# ୮ରେ ଡିଜି ଅଫିସ୍ ଘେରିବ କଂଗ୍ରେସ

**ଭୁବନେଶ୍ୱର, ୫।୮ (ସମିସ):** ବଳଙ୍ଗା ନାବାଳିକା ପୋଡ଼ି ଘଟଣାର ୩ ଦୁର୍ବୃତ୍ତଙ୍କ ଗିରଫ ଦାବିରେ ଆସନ୍ତା ୮ ତାରିଖରେ କଟକସ୍ଥିତ ପୁଲିସ ଡିଜି କାର୍ଯ୍ୟାଳୟ ଘେରଉ କରିବ ରାଜ୍ୟ କଂଗ୍ରେସ। ସକାଳ ୧୦ଟାରେ ଏହି ଘେରାଉ କାର୍ଯ୍ୟକ୍ରମ ଆରମ୍ଭ ହେବ। ସହସ୍ର ସଂଖ୍ୟାରେ କଂଗ୍ରେସ କର୍ମୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ। ମହିଳାଙ୍କ ସୁରକ୍ଷା ଦିଗରେ ସଚେତନ ମହିଳା ଓ ବ୍ୟକ୍ତି ବିଶେଷ, ଅନୁଷ୍ଠାନ ଓ ସଂଗଠନ ବହୁ ସଂଖ୍ୟାରେ ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ଯୋଗଦେବାକୁ ପିସିସି ସଭାପତି ଭକ୍ତ ଚରଣ ଦାସ ଆହ୍ୱାନ ଦେଇଛନ୍ତି।


**Notice (for Minor)**

By virtue of an affidavit sworn before Notary Public, Udala, Mayurbhanj, dated 04-08-2025 I, Hemanta Kisku, Address AT-Dhirisahi, PO- Hatisahi, PS-Udala, Dist- Mayurbhanj, PIN-757087 declare that I have changed the name of my daughter from Jamuna Kisku to Yamuna Kisku. Henceforth, she shall be known as Yamuna Kisku for all purposes.

Hemanta Kisku

**AFFIDAVIT**

By virtue of an affidavit sworn before the Executive Magistrate, Bissam Cuttack, Dist.- Rayagada, Odisha, Vide Affidavit Sl. No. 1857/2025, Dated.16/07/2025, that Sri HARI KARAKARIA of Village- BANDHAGUDA, Post-SIBAPADAR, P.S.; AMBODALA, District- RAYAGADA, ODISHA Changed the name of his minor daughter as **PRISKILA KARAKARIA** instead of PRICEKLA KARAKARIA. Hence forth the minor daughter shall be known as **PRISKILA KARAKARIA** for all purposes.

Sd/- Sri HARI KARAKARIA

**NOTICE**

By virtue of an affidavit sworn before the Executive Magistrate(K), Phulbani, dated.01/08/2025 I, Liril Maharana, D/o- Sapneswara Sathua, W/o- Biranchi Kumar Maharana, At- Amalapada, Phulbani, Po./Ps.- Phulbani, Dist.- Kandhamal, Pin- 762001, Odisha declare that I have changed my name from **Lila Maharana** to **Liril Maharana**. Henceforth, Ishall be known as **Liril Maharana** for all purposes.

Sd/- **Liril Maharana**

**AFFIDAVIT**

By virtue of an affidavit (CF No. 10, date- 05/08/2025) sworn before The Notary Public, Padampur. I, **Rinki Bhatt** (new name), permanent & current resident of At- Nilathar, Po- Mandosil, P.S. Paikmal, Dist- Bargarh, PIN- 768050, Odisha declare that I have changed my name from **Rinki Sharma** (old name) to **Rinki Bhatt** (new name). Henceforth, I shall be known as **Rinki Bhatt** (new name), W/o Arun Kumar Bhatt for all future purposes.

**Rinki Bhatt**

**AFFIDAVIT**

By virtue of an affidavit No-4954 sworn before the Executive Magistrate, Champua on dtd- 31/07/2025, I Sadia Bano, W/o- Md. Kaisar, resident of At/Po/Ps- Jhumpura, Dist- Keonjhar, Odisha I have changed my name from **Sadia Bano** (old name) to **Sadiya Khatun** (new name). That, both names **Sadiya Bano** and **Sadiya Khatun** is one & same person. Henceforth, I will be known as **Sadiya Khatun** for all future purposes.

**Sadiya Khatun**

**AFFIDAVIT**

I, Prakash Jagdish Pattnayak, aged about 56 years, S/o- Jagdish Pattnayak, resident of Flat No. F/206, 2nd Floor, Jyotsna Enclave, Jaydev Vihar, Bhubaneswar, PIN- 751013 Odisha declared by this affidavit No. CF No. 93, dtd- 23/07/2025 that now onwards I shall be known as **PRAKASH PATTNAYAK** for all future purposes.

**AFFIDAVIT**

I, Lilip Kumari Pattanaik, 46 years, D/o- Late Lalit Mohan Patnayak, Vill/Po.- Digapahandi, Ps.- Digapahandi, Dist.- Ganjam, declared by this Affidavit No.- A/1708/19.07.2025 that now onwards I shall be known as **Lilip Patnayak** for all future purposes.

**AFFIDAVIT**

By virtue of an affidavit sworn before Notary Public Bhubaneswar dtd- 01.08.2025, I **Smt. Khairun Nisha** of Plot No. 242/3117, Trilochan Vihar, Sundarpada, Ps- Airfield, Bhubaneswar, Dist- Khordha, Odisha, Pin- 751002 declare that I have changed my name from **Khairun Nisa** to **Khairun Nisha** for all purposes.

**Khairun Nisha**

**AFFIDAVIT**

I, Jyostna Kar wife of Dillip Kumar Panda, At.- Raghunathpur Ward No.22, P.O.-Kainfulia, P.S.- Baripada Town, Dist.- Mayurbhanj Pin.No.- 757107, Odisha declared by this affidavit No.11 dtd. 02-09-2022 that onwards I shall be known as Jyotsna Panda (Age 42) for all future purposes.

Jyotsna Panda

**AFFIDAVIT**

By virtue of an affidavit (CF No. 09, date- 05/08/2025) sworn before The Notary Public, Padampur. I, **Arun Kumar Bhatt** (new name), permanent & current resident of At- Nilathar, Po- Mandosil, P.S. Paikmal, Dist- Bargarh, PIN- 768050, Odisha declare that I have changed my name from **Arun Kumar Sharma** (old name) to **Arun Kumar Bhatt** (new name). Henceforth, I shall be known as **Arun Kumar Bhatt** (new name), S/o Biranchi Bhatt for all future purposes.

**Arun Kumar Bhatt**

**AFFIDAVIT**

By virtue of an affidavit sworn before the Notary Public, Bhubaneswar on Dt. 13.02.2025, **I, Bandita Senapati,** aged about 37 years, W/o.: Susanta Kumar Nayak and D/o.: Brajananda Senapati, residing at Ward No.: 8, Dipirenta, Nimapada, Dist.: Puri, PIN-752106 declare that I have changed my surname from Bandita Nayak to **Bandita Senapati**. Henceforth, I shall be known as **Bandita Senapati** for all purposes.

**Bandita Senapati**

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.ST-OT-TELE-ZONAL-PURI-485, ତା. 30.07.2025ରିଖ

**କାର୍ଯ୍ୟର ନାମ :** 01 ବର୍ଷ ନିମନ୍ତେ ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର ଦୂରସଞ୍ଚାର/ପୁରୀ ପରିସୀମା ଅଧୀନସ୍ଥ ସେକ୍ସନରେ ପ୍ରତ୍ୟେକ ଟ.5,00,000/- କିମ୍ବା ତା'ଠାରୁ କମ୍ ମୂଲ୍ୟର ଦୂରସଞ୍ଚାର ଜୋନାଲ (Zonal) କାର୍ଯ୍ୟ।

**ଟେଣ୍ଡର ମୂଲ୍ୟ(ଟଙ୍କାରେ):** 30,46,121.34, EMD (ଟଙ୍କାରେ) : 60,900/-।

ବିଡ୍ ଆରମ୍ଭ ହେବା ତାରିଖ : ତା.07.08.2025 ରିଖ, **ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.21.08.2025 ରିଖ 1100 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ(ସଂକେତ ଏବଂ ଦୂରସଂଚାର)/ ଖୋର୍ଦ୍ଧା ରୋଡ୍

PR-430/Q/25-26

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur vide no. 421/2023 dated.22/01/2025 I, Parsuram Harijan, S/o- Tanka Harijan of Vill.- Taragam, Po.- Taragam, Ps./Dist.- Nabarangpur state that, my name recorded as Parsuram Harijan in all my documents as per the surname of my father. I have changed my surname from **Parsuram Harijan** to **Parsuram Kashyap**. Henceforth, I will be known as **Parsuram Kashyap** for all purposes.

**AFFIDAVIT**

I, **Tia Rout,** aged about 19 years, resident of At- Balabhadrapur, Near Dola Mandap, Ps- Badambadi, Dist- Cuttack, PIN- 753012, Odisha declared by this affidavit No. 94, dtd- 04/08/2025 that, my father's actual name is **Pradyumna Rout** and mother's name is **Sushmita Rout,** but in my birth certificate my father's name has been wrongly recorded as **Praduymnya Rout** instead of **Pradyumna Rout** and also my mother's name has been wrongly recorded as **Susmita Rout** instead of **Sushmita Rout.** Henceforth, both the name are same and one person.

**ଅତିରିକ୍ତ ନିର୍ଦ୍ଦେଶକ ମୃତ୍ତିକା ସଂରକ୍ଷଣ ତଥା ପ୍ରକଳ୍ପ କାର୍ଯ୍ୟକାରିଣୀ ସଂସ୍ଥା, ଚିତ୍ରକୋଣ୍ଡା, ମାଲକାନଗିରି**

ଏତଦ୍ୱାରା ସମସ୍ତଙ୍କୁ ଜଣାଇ ଦିଆଯାଉଅଛି କି, ଅତିରିକ୍ତ ନିର୍ଦ୍ଦେଶକ ମୃତ୍ତିକା ସଂରକ୍ଷଣ ତଥା ପ୍ରକଳ୍ପ କାର୍ଯ୍ୟକାରିଣୀ ସଂସ୍ଥା, ଚିତ୍ରକୋଣ୍ଡା ମାଲକାନଗିରି କର୍ତ୍ତୃପକ୍ଷଙ୍କ ଅଧୀନରେ ଜଳବିଭାଜୀକା କାର୍ଯ୍ୟକ୍ରମ ଯଥା

୧) କାନ୍ଥ ଚିତ୍ରକଳା (Wall painting) ଜଳବିଭାଜୀକ ସମ୍ବନ୍ଧୀୟ
୨) ସୌରଚାଳିତ ଆଲୋକ (Solar light installation)
୩) ଜଳବିଭାଜୀକା ସମ୍ବନ୍ଧୀୟ ପୋଷ୍ଟର (Wall Poster)
୪) Travis ପ୍ରତିଷ୍ଠା (Travis Installation)
୫) ପଥପ୍ରାନ୍ତ ନାଟକ (Street Play)
୬) ପ୍ରାଙ୍ଗଣ ଛତା (Shamiyana Tent)
୭) ଜଳବିଭାଜୀକା ମାନଚିତ୍ର (Watershed Map)
୮) ଗ୍ରାମ ମାନଚିତ୍ର (Village Map)
୯) ପ୍ରକଳ୍ପର ବିସ୍ତୃତ ବିବରଣୀ ତିଆରି (DPR Preparation)
୧୦) ସ୍ୱାଗତ ଫଳକ (Welcome Board Installation)
୧୧) ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ

ଆଦି ହେବାକୁ ଯାଉଅଛି । ଏଣୁ ଆଗ୍ରହୀ ସଂସ୍ଥା ଉପରୋକ୍ତ କାର୍ଯ୍ୟ ପାଇଁ ଆଗାମୀ ୧୨ ତାରିଖ ମଧ୍ୟରେ ଉଦ୍ଧୃତ (Quotation) ମାଧ୍ୟମରେ ଆବେଦନ କରିବାକୁ ଅନୁରୋଧ ।

ଠାଠ ପ୍ରକଳ୍ପ ନିର୍ଦ୍ଦେଶକ
ଜଳବିଭାଜୀକା, ମାଲକାନଗିରି

**GOVT. INDUSTRIAL TRAINING INSTITUTE, HIRAKUD**
**SAMBALPUR, ODISHA – 768016**

Web Site: www.govtitihkd.co.in | mail- itihirakud@yahoo.com
Notice No. 1132 | Date- 01/08/2025

**Walk - In – Interview**

A walk - in - interview for engagement of Guest Instructor will be held in the institute premises on 13th Aug 2025 (Wednesday) at 11 am. Eligible candidates may appear for the interview with all original testimonials. For eligibility criteria and other details, plz visit http://www.govtitihkd.co.in/ .

No TA/DA will be provided for attending the interview.

Sd/- Principal
Industrial Training Institute
Hirakud

**CENTRAL LIBRARY**
**SHREE JAGANNATH SANSKRIT UNIVERSITY,**
**SHREE VIHAR, PURI -3**
**TENDER CALL NOTICE**

No.- 428 /LIB.2025.SJSU, Puri | Dated: 05 /08/2025

Sealed quotations are invited from **reputed firms /authorised Dealers /Suppliers / Publishers/Distributors** having valid GST, PAN, IT Return for supply of books (Text, Reference etc) for Central Library, Shree Jagannath Sanskrit University, Shree Vihar, Puri. The sealed Tenders must address to Prof. in Charge of Library, Shree Jagananth Sanskrit University, Shree Vihar, Puri-3, Odisha latest by **20.08.2025 at 3.00 P.M** . For details visit our website https://sjsv.nic.in

By order of Vice Chancellor
**Prof. in Charge of Library**
**SJSU, Puri**

## ନାହିଁ ସ୍ୱାସ୍ଥ୍ୟବୀମା କାର୍ଡ

# ଉନ୍ନତ ଚିକିତ୍ସାରୁ ବଞ୍ଚିତ ହୋଇ ଦାଦନ ଶ୍ରମିକଙ୍କ ମୃତ୍ୟୁ



କେନ୍ଦ୍ରାପଡ଼ା,୫।୮ (ସମିସ): ସରକାର ଗରିବ, ନିଷ୍ପେସିତଙ୍କୁ ରାସନ କାର୍ଡ ଓ ସ୍ୱାସ୍ଥ୍ୟବୀମା ଯୋଗାଇ ଦେଇଛନ୍ତି। ତେବେ କେତେକ ଯୋଗ୍ୟ ହିତାଧିକାରୀ ଏହି ଯୋଜନାରୁ ବଞ୍ଚିତ ହେଉଛନ୍ତି। ସ୍ୱାସ୍ଥ୍ୟ ବୀମା ନ ଥିବାରୁ ବେସରକାରୀ ଡାକ୍ତରଖାନାରେ ଅତ୍ୟାଧୁନିକ ଚିକିତ୍ସାରୁ ବଞ୍ଚିତ ହୋଇ ଜଣେ ଦାଦନ ଶ୍ରମିକ ମୃତ୍ୟୁବରଣ କରିଛନ୍ତି। ଏଭଳି ଏକ ଦୁଃଖଦ ଘଟଣା କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ବ୍ଲକ ଜଳପୋକ ପଞ୍ଚାୟତ ପକ୍ଷୋଟ ଗ୍ରାମର ପ୍ରଭାତ କୁମାର ଦାସଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଛି। ଏବେ ମୃତ ପ୍ରଭାତଙ୍କ ଶୁଦ୍ଧିକ୍ରିୟା ପାଇଁ ପରିବାର ଲୋକଙ୍କ ନିକଟରେ ଅର୍ଥ ନାହିଁ।

ସୂଚନା ମୁତାବକ, ପକ୍ଷୋଟ ଗ୍ରାମର ତ୍ରିଲୋଚନ ଦାସଙ୍କ ବଡ଼ପୁଅ ପ୍ରଭାତ କୁମାର ଦାସ। ସେ ଛତିଶଗଡରେ ଏକ ହୋଟେଲରେ କାମ କରୁଥିଲେ। ପ୍ରଭାତ ଯାହା ରୋଜଗାର କରନ୍ତି ପରିବାର ନିକଟକୁ ପଠାଇ ଦିଅନ୍ତି। ଗତମାସ ୨୪ ତାରିଖ ଦିନ ପ୍ରଭାତ ହୃଦ୍‌ଘାତର ଶିକାର ହୋଇଥିଲେ। ସହକର୍ମୀ ପ୍ରଭାତଙ୍କୁ ଛତିଶଗଡର ଏକ ବେସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତେବେ ଚିକିତ୍ସା ପାଇଁ ପ୍ରଭାତଙ୍କ ପାଖରେ ଟଙ୍କା ନ ଥିଲା। ଏମିତିକି ନିଜ ନାମରେ କୌଣସି ସ୍ୱାସ୍ଥ୍ୟବୀମା କାର୍ଡ ଡାକ୍ତରଖାନା କର୍ତ୍ତୃପକ୍ଷ ଚିକିତ୍ସା ନ କରି ପ୍ରଭାତଙ୍କୁ ଫେରାଇ ନେବାକୁ କହିଥିଲେ। ପକ୍ଷୋଟ ଗ୍ରାମବାସୀ କିଛି କିଛି ଟଙ୍କା ଆଦାୟ କରି ପ୍ରଭାତଙ୍କୁ ଭୁବନେଶ୍ୱର ଆଣି ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଭୁବନେଶ୍ୱର ଘରୋଇ ଡାକ୍ତରଖାନା ମଧ୍ୟ ଚିକିତ୍ସା ପାଇଁ ଆବଶ୍ୟକ ଅର୍ଥ ଓ ସ୍ୱାସ୍ଥ୍ୟବୀମା କାର୍ଡ ନ ଥିବାରୁ ପ୍ରଭାତଙ୍କୁ ଫେରାଇ ଦେଇଥିଲା। ଫଳରେ ୩୦ ତାରିଖରେ ଗ୍ରାମବାସୀଙ୍କ ସହଯୋଗରେ ପ୍ରଭାତଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ସେହିଦିନ ବିଳମ୍ବିତ ରାତିରେ ଚିକିତ୍ସାଧୀନ ଅବସ୍ଥାରେ ପ୍ରଭାତ ମୃତ୍ୟୁବରଣ କରିଥିଲେ। ପ୍ରଭାତଙ୍କ ସ୍ତ୍ରୀ ପ୍ରଭାତୀ ଦାସ ମାନସିକ ବିକୃତ ହୋଇଥିବାବେଳେ ଦୁଇଝିଅ ମଧ୍ୟରୁ ବଡ଼ଝିଅ ନବମ ଶ୍ରେଣୀ ଓ ସାନଝିଅ ସପ୍ତମ ଶ୍ରେଣୀରେ ପଢୁଛନ୍ତି। ଏବେ ହାତରେ ଟଙ୍କାଟିଏ ନ ଥିବାବେଳେ ପ୍ରଭାତଙ୍କ ଶୁଦ୍ଧିକ୍ରିୟା କିପରି କରିବେ, ସେନେଇ ପରିବାର ଲୋକେ ଚିନ୍ତାରେ ପଡ଼ିଛନ୍ତି। ଏବେ ପ୍ରଭାତଙ୍କ ଶୁଦ୍ଧିକ୍ରିୟା କିପରି ହେବ ଓ ଦୁଇ ବାପା ଛେଉଣ୍ଡ ଝିଅ ଆଗାମୀ ଦିନରେ କିପରି ପାଠପଢି ଭଲ ମଣିଷ ହେବେ, ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନ୍ୟପକ୍ଷରେ ରାସନ କାର୍ଡରେ କେବଳ ପ୍ରଭାତୀଙ୍କ ନାମ ଥିବାରୁ ମାତ୍ର ୫ କେଜି ରାସନ ସାମଗ୍ରୀ ମିଳୁଛି। ଦୁଇ ଝିଅଙ୍କ ରାସନ ସାମଗ୍ରୀ ମିଳୁନାହିଁ। ପକ୍ଷୋଟ ଗ୍ରାମବାସୀ ଓ ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ସରକାର ଓ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କୁ ଶୁଦ୍ଧିକ୍ରିୟା ପାଇଁ ଏହି ପରିବାରକୁ ଆର୍ଥିକ ସହଯୋଗ କରିବାକୁ ଅନୁରୋଧ କରିଛନ୍ତି। ଦୁଇ ଝିଅ କିପରି ପାଠ ପଢିପାରିବେ, ତା'ର ସ୍ଥାୟୀ ବ୍ୟବସ୍ଥା କରିବା ପାଇଁ ଗ୍ରାମବାସୀ ଅନୁରୋଧ କରିଛନ୍ତି।

## କଂସାରିପାଟଣା ଗ୍ରାମ ଶ୍ମଶାନ
# ଜଙ୍ଗଲରେ ଲୁଚିଗଲାଣି ଶବଦାହ ଘର



ପଞ୍ଚୁପାଣ୍ଡବ,୫।୮ (ସମିସ): ଡେରାବିଶ ବ୍ଲକ୍ ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ କଂସାରିପାଟଣା ଗ୍ରାମର ହାଟ ପଡ଼ିଆଠାରେ ହୋଇଥିବା ଶ୍ମଶାନ ଘର ଜଙ୍ଗଲରେ ଲୁଚିଗଲାଣି। ଏଥିସହ ଶ୍ମଶାନକୁ ଯିବାକୁ ବାଟ ନାହିଁ। ଉକ୍ତ ଶ୍ମଶାନ ପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

କଂସାରିପାଟଣା ଶ୍ମଶାନ ଘର ପ୍ରାୟ ୧୦ ବର୍ଷ ପୂର୍ବେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶାସନ କାଳରେ ନିର୍ମାଣ ହୋଇଥିଲା। ଲୋକଙ୍କ ସୁବିଧା ପାଇଁ ଶବଦାହ ଘର ନିର୍ମାଣ ହୋଇଥିବାବେଳେ ଏବେ ଏହା ଲୋକଙ୍କ କାମରେ ଲାଗୁ ନ ଥିବା ଅଭିଯୋଗ ହେଉଛି। ଏହି ଶ୍ମଶାନ ଘର ଚାରିପଟରେ ଜଙ୍ଗଲ ହୋଇଥିବାବେଳେ ଜଙ୍ଗଲରେ ବିଭିନ୍ନ ପ୍ରକାରର ଜନ୍ତୁ ବସବାସ କଲେଣି।

### ଶ୍ମଶାନକୁ ଯିବାକୁ ନାହିଁ ରାସ୍ତା

ଶବଦାହ ଘରକୁ ଯାତାୟାତ କରିବା ପାଇଁ ବାଟ ନ ଥିବା ଦେଖିବାକୁ ମିଳୁଛି। ଏହାର ରକ୍ଷଣାବେକ୍ଷଣ ନ ହେବାରୁ ଏମିତି ପରିସ୍ଥିତି ହୋଇଥିବା ଅଭିଯୋଗ ହେଉଛି। ଯେବେଠୁ ଏହି ଘରଟି ନିର୍ମାଣ ହେଲାଣି ଶବ ବାହାରେ ପୋଡ଼ା ଯାଉଥିବାବେଳେ ଏ ଘର କାମରେ ଲାଗୁନାହିଁ। ଏହାର ତଦନ୍ତ କରାଯାଇ ଚାରିପଟ ଜଙ୍ଗଲ ସଫା କରିବା, ଯାତାୟାତ ପାଇଁ ରାସ୍ତା କରିବା ସହ ନିକଟରେ ଏକ ନଳକୂପ ବସାଇବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ■ ରାତିଅଧିଆ ବାଲି ଲୁଟ୍
# ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗକଲେ ଢିଙ୍କିଆ ସରପଞ୍ଚ

ପାରାଦୀପ, ୫।୮ (ସମିସ): କଂସାରୀପାଟିଆ ମୌଜାରୁ ରାତିଅଧିଆ ମାଫିଆମାନେ ବାଲି ଲୁଟ୍ କରୁଥିବା ନେଇ ଢିଙ୍କିଆ ସରପଞ୍ଚ ଜିଲ୍ଲାପାଳଙ୍କ ନିକଟରେ ଫେରାଦ ହୋଇଛନ୍ତି। ଏଭଳି ବାଲି ଲୁଟ୍ ଘଟଣା ଆଜି ନୁହେଁ, ଦୀର୍ଘଦିନ ଧରି ଜାରି ରହିଛି। ଏ ସମ୍ପର୍କରେ ଜିଲ୍ଲା ପ୍ରଶାସନଠାରୁ ଆରମ୍ଭ କରି ଜଙ୍ଗଲ ବିଭାଗ ଓ ପୁଲିସ ପ୍ରଶାସନ ସମସ୍ତେ ଅବଗତ ଅଛନ୍ତି। ବାରମ୍ବାର ଅଭିଯୋଗ ମଧ୍ୟ କରାଯାଉଛି। କେହି ଏ ନେଇ କର୍ଣ୍ଣପାତ କରୁ ନ ଥିବା ଅଭିଯୋଗ ହେଉଛି। ଗତ ଦୁଇଦିନ ଧରି ପୁଣି ମାଫିଆଙ୍କ ଲୋଲୁପ ଦୃଷ୍ଟି ଏହି ଉପକୂଳ ଅଞ୍ଚଳ ଉପରେ ପଡ଼ିଛି। ଯାହାକି ଦୁଇ କିମ୍ବା ତିନିଦିନ ହେବ ବିଳମ୍ବିତ ରାତିରେ ମାଫିଆମାନେ ଶହ ଶହ ଟ୍ରିପ ବାଲି ଜଙ୍ଗଲ ଜମିରୁ ତାଡ଼ି ନେଉଛନ୍ତି। ଯାହାକି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଉପକୂଳ ଅଞ୍ଚଳବାସୀଙ୍କ ପାଇଁ ବଡ଼ ବିପଦ ଆସିବାକୁ ଏଡ଼ାଇ ଦିଆଯାଇ ନ ପାରେ। ସୋମବାର ଏରସମା ପଞ୍ଚାୟତ ସମିତି ଜନଅଭିଯୋଗ ଶୁଣାଣି ଶିବିରରେ ଢିଙ୍କିଆ ସରପଞ୍ଚ ପିଙ୍କି ଦାସ ମଧ୍ୟ ଉପକୂଳ ସୁରକ୍ଷା ନେଇ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ତଥାପି ଏହି କଥାକୁ ଖାତିରି ନ କରି ମାଫିଆମାନେ କର୍ତ୍ତିକନ୍ଧା ଟିକିରାରୁ କଂସାରିପାଟିଆ ମୌଜା ପର୍ଯ୍ୟନ୍ତ ଅଞ୍ଚଳରୁ ରାତିରେ ବାଲି ଉଠାଇ ନେଉଛନ୍ତି। ଏଭଳି ଲୁଟ ଉପରେ ଦୃଢ଼ ପଦକ୍ଷେପ ନେବାକୁ ସରପଞ୍ଚ ପିଙ୍କି ଦାସ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଥିବା ଜଣାଯାଇଛି।

# କଟକ ସମବାୟ ବ୍ୟାଙ୍କର ନୂତନ ଅଫିସ୍ ଉଦ୍‌ଘାଟିତ

ଆଳି, ୫।୮ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ୍‌ର କଟକ ସେଣ୍ଟ୍ରାଲ କୋଅପରେଟିଭ ବ୍ୟାଙ୍କ ଆଳି ନୂତନ ବସ୍‌ଷ୍ଟାଣ୍ଡ ସମ୍ମୁଖରେ ଦୀର୍ଘଦିନ ଧରି ଚାଲିଆସୁଥିଲା। ଏହି ଶାଖା ଆଜି ଆଳି ନୂତନ କୋର୍ଟ ସମ୍ମୁଖକୁ ସ୍ଥାନାନ୍ତର ହୋଇଯାଇଛି। ଏ ପରିପ୍ରେକ୍ଷୀରେ ଏକ ଉଦ୍‌ଘାଟନୀ ସଭା ଓ ନୂତନ ଗୃହ ପ୍ରବେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।



ଆଳି ସମବାୟ ବ୍ୟାଙ୍କ ଅଧୀନରେ ମୋଟ ୨୨ଟି ସୋସାଇଟି ରହିଛି। ଯାହା ମାଧ୍ୟମରେ ଚାଷୀଙ୍କୁ ବ୍ୟାଙ୍କ ସହାୟତାରେ ଋଣ ପ୍ରଦାନ କରାଯାଇଥାଏ। ପୂର୍ବରୁ ଥିବା ଅଫିସଟି ଦୀର୍ଘଦିନ ଧରି ଏକ ପୁରୁଣା ଗୃହରେ ଚାଲୁଥିବା ହେତୁ ବାରମ୍ବାର ସଟସର୍କିଟ ହେବା ସହ ଛାତରୁ ପାଣି ଗଡୁଥିବା ଦେଖିବାକୁ ମିଳୁଥିଲା। ଦୈନନ୍ଦିନ କାର୍ଯ୍ୟ କରିବା ପାଇଁ ଶତାଧିକ ଲୋକ ବ୍ୟାଙ୍କକୁ ଆସୁଥିବାବେଳେ ବ୍ୟାଙ୍କ ଗୃହ ସଂକୀର୍ଣ୍ଣ ଓ ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ହେତୁ ଖାତାଧାରୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏସବୁ ସମସ୍ୟାକୁ ଆଖି ଆଗରେ ରଖି ବ୍ୟାଙ୍କ ତା'ର ଶାଖାକୁ ଆଳି ନୂତନ କୋର୍ଟ ସାମ୍ନାକୁ ସ୍ଥାନାନ୍ତର କରିଛି। ଆଜି ଏହି ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ କଟକ ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ଅରୁଣ କୁମାର ସାହୁ, ସମ୍ମାନିତ ଅତିଥି ରୂପେ ସୁଜାତା ଦାସ, ଆଳି ଶାଖା ପରିଚାଳକ ନିହାରକାନ୍ତ ସ୍ୱାଇଁ, କୋଷାଧ୍ୟକ୍ଷ ବାସୁଦେବ ମହାରଣା, ସୌଭାଗ୍ୟ ରଞ୍ଜନ ଦାସଙ୍କ ସହ ପୂର୍ବତନ ଶାଖା ପରିଚାଳକ ଜଗନ୍ନାଥ ତ୍ରିପାଠୀ ଫିତା କାଟି ଉଦଘାଟନ କରିଥିଲେ। ଏ ଅବସରରେ ସମସ୍ତ ୨୨ ପ୍ୟାକ୍ସର ସମ୍ପାଦକ, ସହସମ୍ପାଦକ, ସଭାପତି ଓ ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅନେକ ଚାଷୀ ଓ ଖାତାଧାରୀ ମଧ୍ୟ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ଛାତରୁ ଖସିପଡ଼ି ଯୁବକ ଗୁରୁତର

ଆଳି, ୫।୮ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ଅନ୍ତର୍ଗତ ଅରେହିକଣା ପଞ୍ଚାୟତର ଅରେହିକଣା ଗ୍ରାମରେ ଜଣେ ଯୁବକ ଭାରସାମ୍ୟ ହରାଇ ପ୍ରଥମ ମହଲାରୁ ଖସିପଡ଼ି ଗୁରୁତର ଭାବେ ଆହତ ହୋଇଥିବା ଜଣାପଡିଛି। ଅରେହିକଣା ଗ୍ରାମର ସାଗର ମଲିକ(୧୮) ପ୍ରଥମ ମହଲାକୁ ଘରୋଇ କାର୍ଯ୍ୟ ପାଇଁ ଯାଇଥିଲେ। ବର୍ଷା ଯୋଗୁଁ ଛାତରେ ଶିଉଳି ଲାଗିଥିବା ହେତୁ ସାଗରଙ୍କ ଗୋଡ଼ ଖସିଯିବାରୁ ସେ ଉପର ମହଲାରୁ ଖସି ଗୁରୁତର ଆହତ ହୋଇଥିଲେ। ତାଙ୍କ ବାମ ହାତ, ଡାହାଣ ଗୋଡ଼, ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଗୁରୁତର ଆହତ ସାଗରଙ୍କୁ ସ୍ଥାନୀୟ ଲୋକେ ଆଳି ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରେ ତାଙ୍କର ପ୍ରାଥମିକ ଚିକିତ୍ସା କରାଇ ଅଧିକ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କେନ୍ଦ୍ରାପଡ଼ାକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି।

# ସୌମ୍ୟାଙ୍କୁ କେବେ ମିଳିବ ନ୍ୟାୟ

ପଟ୍ଟାମୁଣ୍ଡାଇ,୫।୮ (ସମିସ): ସମ୍ପ୍ରତି ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀଙ୍କ ଆତ୍ମହତ୍ୟା ଘଟଣାରେ ଦୁଇଜଣ ଛାତ୍ର ନେତାଙ୍କୁ କ୍ରାଇମବ୍ରାଞ୍ଚ୍ ଗିରଫ କରିଛି। ଏହି ଘଟଣାକୁ ନେଇ ସାରା ଓଡ଼ିଶାର ବିଭିନ୍ନ ରାଜନୈତିକ ସଂଗଠନ, ଗଣସଂଗଠନ ଓ ଛାତ୍ର ସଂଗଠନ ଆନ୍ଦୋଳନକୁ ଓହ୍ଲାଇଥିଲେ। ଏହାକୁ ନେଇ ମଧ୍ୟ ସାରା ଓଡ଼ିଶାରେ ରାଜନୀତି ଜୋର୍ ଧରିଥିଲା। କିନ୍ତୁ ବହୁଚର୍ଚ୍ଚିତ ପଟ୍ଟାମୁଣ୍ଡାଇ କଲେଜ +୨ ଛାତ୍ରୀ ସୌମ୍ୟା ଶାଶ୍ୱତୀ ନାୟକଙ୍କ ଆତ୍ମହତ୍ୟା ଘଟଣାର ପର୍ଦ୍ଦାଫାସ ଏ ପର୍ଯ୍ୟନ୍ତ ହୋଇପାରିଲାନାହିଁ କି ଦୋଷୀଙ୍କୁ ଦଣ୍ଡ ମିଳିଲାନାହିଁ। ଏ ନେଇ ପଟ୍ଟାମୁଣ୍ଡାଇ ଅଞ୍ଚଳବାସୀ ଅପେକ୍ଷା କରି ରହିଛନ୍ତି। ଇତିମଧ୍ୟରେ ଘଟଣା ଘଟିବାର ୬ ମାସ ବିତିସାରିଛି। କିନ୍ତୁ ତଦନ୍ତ ନାଳିଫିତା ତଳେ ଚାପି ହୋଇ ରହିଯାଇଛି। ଏହି ଘଟଣାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ସତେ ଯେମିତି ଅପରାଧୀଙ୍କୁ ଖସାଇ ଦେବାକୁ ସମସ୍ତେ କଳବଳ ଲଗାଇ ଦେଇଛନ୍ତି। ଛାତ୍ରୀ ସୌମ୍ୟାଙ୍କ ଆତ୍ମହତ୍ୟା ଘଟଣାର ରହସ୍ୟ ଏବେ ମଧ୍ୟ ସାର୍ବଜନୀନ ହୋଇପାରିଲାନାହିଁ। ପୁଲିସର ତଦନ୍ତ ମଧ୍ୟ ସନ୍ଦେହ ଘେରରେ ରହିଛି।

ଅନ୍ୟପକ୍ଷରେ ଉଚ୍ଚଶିକ୍ଷା ବିଭାଗ ତଦନ୍ତ ମଧ୍ୟ ଦିଶାହୀନ ହୋଇପଡ଼ିଥିବା ପଟ୍ଟାମୁଣ୍ଡାଇ କଲେଜ ଆଲମୁନି ଆସୋସିଏସନର ସମ୍ପାଦକ ଆଡଭୋକେଟ ଗୋପୀନାଥ ତ୍ରିପାଠୀ ଓ ପଟ୍ଟାମୁଣ୍ଡାଇ ବିକାଶ ପରିଷଦର ସଭାପତି ତଥା କାଉନସିଲର ଗୋପୀବଲ୍ଲଭ ନାୟକ କ୍ଷୋଭକ୍ତି ପ୍ରକାଶ କରିଛନ୍ତି। ଏ ଘଟଣାକୁ ୬ ମାସ ହୋଇସାରିଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ କାହା ଇଙ୍ଗିତରେ ତଦନ୍ତ ବାଟବଣା ହେଉଛି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କେନ୍ଦ୍ରାପଡ଼ା ଜିଲ୍ଲାର ଦ୍ୱିତୀୟ ବୃହତ୍ତମ ପଟ୍ଟାମୁଣ୍ଡାଇ କଲେଜରେ ଏଭଳି ସମ୍ବେଦନଶୀଳ ଘଟଣା କଲେଜ ଇତିହାସରେ ନୂଆ ହୋଇଥିବାରୁ ସମ୍ପ୍ରତି ଏହି ଘଟଣା ପଟ୍ଟାମୁଣ୍ଡାଇ କଲେଜର ଖ୍ୟାତି ଓ ପ୍ରତିଷ୍ଠାରେ ଆଞ୍ଚ ଆଣିଛି। ପଟ୍ଟାମୁଣ୍ଡାଇ କଲେଜ ଅଞ୍ଚଳର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ଆସୁଥିବାବେଳେ ଛାତ୍ରୀ ଆତ୍ମହତ୍ୟା ଘଟଣା କଲେଜର ନାମରେ କଳା ଦାଗ ଲଗାଇ ଦେଇଛି। ଏହି ସମ୍ବେଦନଶୀଳ ଘଟଣାର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ନିର୍ଦ୍ଦେଶ ଏବେ ମଧ୍ୟ କାର୍ଯ୍ୟକାରୀ ହୋଇ ନ ଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି।

# କଳା ସଂସ୍କୃତି ସଂଘ ପୂର୍ବତନ ଉପସଭାପତିଙ୍କ ବିରୋଧରେ ଅର୍ଥ ଆତ୍ମସାତ ଅଭିଯୋଗ

କେନ୍ଦ୍ରାପଡ଼ା,୫।୮ (ସମିସ): କେନ୍ଦ୍ରାପଡ଼ା ବ୍ଲକ୍ କଳା ସଂସ୍କୃତି ନୀଳାଚଳ ନିଖିଳ ଉତ୍କଳ ପାଲା ଗାୟକ ପରିଷଦ ଜିଲ୍ଲା ଶାଖାର ପୂର୍ବତନ ଉପସଭାପତି ସରକାରୀ ଅର୍ଥ ଆତ୍ମସାତ୍ କରିଥିବା ନେଇ କର୍ମକର୍ତ୍ତା ଆଜି କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର ଆୟାରଙ୍କ ନିକଟରେ ଅଭିଯୋଗ କରିଛନ୍ତି।ସୂଚନା ମୁତାବକ, ଜିଲ୍ଲାର ପୂର୍ବତନ ଅସ୍ଥାୟୀ ଉପସଭାପତି ଜଣକ ଜିଲ୍ଲାର ଅନେକ କଳାକାରଙ୍କଠାରୁ କେନ୍ଦ୍ର ସରକାରଙ୍କଠାରୁ ଆସୁଥିବା ଭତ୍ତା ଓ ସରକାରୀ ଭାବେ ଆସୁଥିବା ବିଭିନ୍ନ ସହାୟତା ଯୋଗାଇ ଦେବା ପ୍ରଲୋଭନ ଦେଖାଇ ଲକ୍ଷାଧିକ ଟଙ୍କା ଆତ୍ମସାତ କରିଛନ୍ତି। ଏହାର ଉପଯୁକ୍ତ ପ୍ରମାଣ ସଂଘ ପାଖରେ ଅଛି ବୋଲି ସଂଘର ସଦସ୍ୟ ରମେଶ ଚନ୍ଦ ମହାନ୍ତି ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସେ ଆହୁରି କହିଛନ୍ତି ଯେ, କଳାକାରଙ୍କଠାରୁ ଟଙ୍କା ଆତ୍ମସାତ କରିଥିବା ଭିଡିଓ ରେକର୍ଡିଂ ଓ କଳାକାରଙ୍କ ଅଭିଯୋଗ ପତ୍ର ସଂଘ ପାଖରେ ଅଛି। ଏହାର ଉଚିତ ତଦନ୍ତ କରି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲ୍ଲାପାଳଙ୍କୁ ସଂଘ ପକ୍ଷରୁ ଅନୁରୋଧ କରାଯାଇଛି। ଜିଲ୍ଲାପାଳ ଏହାର ଉଚିତ ତଦନ୍ତ କରି ପଦକ୍ଷେପ ନେବେ ବୋଲି ସଦସ୍ୟଙ୍କୁ କହିଛନ୍ତି। ଆଜି ଅଭିଯୋଗ ପତ୍ର ପ୍ରଦାନ ସମୟରେ ଜିଲ୍ଲା ସଭାପତି ବସନ୍ତ କୁମାର ବେହେରା, ସମ୍ପାଦକ ବିଶ୍ୱମ୍ବର ପ୍ରସାଦ ରଣା, ସୁରେନ୍ଦ୍ର ନାଥ ସେଠୀ, ଗୋଲଖ ବିହାରୀ ସ୍ୱାଇଁ, ଭାଗବତ ପ୍ରସାଦ ବେହେରା, ପ୍ରଶାନ୍ତ କୁମାର ଦାଶ, ବିଷ୍ଣୁ ଆଚାର୍ଯ୍ୟ, ପ୍ରଫୁଲ୍ଲ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ଗଣେଶ ପୂଜା ପାଇଁ ବାଲିପଡ଼ା ଗଣପତି ୟୁଥ କ୍ଲବ୍‌ର ମହାଆୟୋଜନ
# ସାଜସଜ୍ଜା ସାଙ୍ଗକୁ ବମ୍ବେ ଲାଲବାଗ ଡିଜାଇନ ମୂର୍ତ୍ତି



ପଟ୍ଟାମୁଣ୍ଡାଇ,୫।୮ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ବାଲିପଡ଼ା ଗ୍ରାମର ଗଣପତି ୟୁଥ କ୍ଲବ୍ ପକ୍ଷରୁ ଚଳିତବର୍ଷ ଗଣେଶ ପୂଜାକୁ ଆକର୍ଷଣୀୟ କରିବାକୁ ମହାଆୟୋଜନ କରାଯାଇଛି। ଦୀର୍ଘ ୨୬ ବର୍ଷ ଧରି ୟୁଥ କ୍ଲବ୍ ଆନୁକୂଲ୍ୟରେ ଗଣେଶ ପୂଜା ଉତ୍ସବ ବିପୁଳ ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳିତ ହୋଇଆସୁଛି। ଗଣେଶ ପୂଜା ଉତ୍ସବ ପାଇଁ ବାଲିପଡ଼ା ଗ୍ରାମ ଉତ୍ସବମୁଖର ହୋଇପଡିଥାଏ। ଗ୍ରାମର ମୁରବୀ, ଯୁବକ, ଛାତ୍ର ଓ ଝିଅବୋହୂମାନେ ଉତ୍ସବକୁ ଭକ୍ତି ଓ ଆନନ୍ଦର ସହିତ ପାଳନ କରିଥା'ନ୍ତି। ବିଭିନ୍ନ ପର୍ବପର୍ବାଣୀ ଓ ଉତ୍ସବ ସହିତ ଗଣେଶ ପୂଜା ଉତ୍ସବ ବାଲିପଡ଼ା ଗ୍ରାମବାସୀଙ୍କ ପାଇଁ ସ୍ୱତନ୍ତ୍ର ଗୁରୁତ୍ୱ ବହନ କରେ। ଦୀର୍ଘ ୨୬ ବର୍ଷ ଧରି ଗଣେଶ ପୂଜା ଉତ୍ସବ ଆୟୋଜନ କରିଆସୁଥିବା ବାଲିପଡ଼ା ଗଣପତି ୟୁଥ କ୍ଲବ ପ୍ରତିବର୍ଷ କିଛି ନୂଆ କରି ଦେଖାଇବା ପାଇଁ ପ୍ରୟାସ କରିଥାଏ। ଚଳିତ ବିଘ୍ନ ବିନାଶକ ପ୍ରଭୁ ଗଣେଶ ପୂଜା ଉତ୍ସବକୁ ନିଆରା, ଅଧିକ ଆକର୍ଷଣୀୟ ଓ ସ୍ୱତନ୍ତ୍ର କରିବା ପାଇଁ ଗଣପତି ୟୁଥ କ୍ଲବ୍ ସଭାପତି ସୌମ୍ୟରଞ୍ଜନ ଦାସ, ଉପସଭାପତି ଜ୍ଞାନରଞ୍ଜନ ମହାକୁଳ, ସମ୍ପାଦକ ଚନ୍ଦ୍ରକାନ୍ତ ସାହୁ ଓ କୋଷାଧ୍ୟକ୍ଷ ଦୀପକ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ କ୍ଲବ ସଦସ୍ୟଙ୍କ ସକ୍ରିୟ ସହଯୋଗରେ ବ୍ୟାପକ ପ୍ରସ୍ତୁତି ଓ ମହାଆୟୋଜନ କରାଯାଇଛି। ଭାରତ ପ୍ରସିଦ୍ଧ ବମ୍ବେ ନଗରୀର ଲାଲବାଗ ଡିଜାଇନ ଗଣେଶ ମୂର୍ତ୍ତି ନିର୍ମାଣ ପାଇଁ ଯୋଜନା ପ୍ରସ୍ତୁତ କରାଯାଇଛି। କଟକର ସୁନାମଧନ୍ୟ କୁଶଳୀ ମୂର୍ତ୍ତି କାରିଗର ଷ୍ଟୋନ ଓ ମୋତିମାଳରେ ପ୍ରଭୁ ଗଣେଶ ମୂର୍ତ୍ତି ତିଆରି କରି ବିରାଜମାନ କରିବା ପାଇଁ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି। ଅପୂର୍ବ ସାଜସଜ୍ଜା ଓ ଆକର୍ଷଣୀୟ ଫୁଲ ତୋରଣ କରାଯାଇ ଗଣପତି ମଣ୍ଡପ ଶୋଭାବର୍ଦ୍ଧନ ପାଇଁ ସମସ୍ତ ଯୋଜନା କରାଯାଇଛି। ଗଣେଶ ପୂଜା ଉତ୍ସବ ଦିନ ଭଜନ ସମାରୋହ ଓ ୧୫୦୦ ଭକ୍ତଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଛି। ଚଳିତବର୍ଷ ପ୍ରଭୁ ଗଣେଶଙ୍କ ଭସାଣି ଶୋଭାଯାତ୍ରା ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଗଣେଶ ଭସାଣି ଶୋଭାଯାତ୍ରାକୁ ନିଆରା ଓ ଅଧିକ ଆକର୍ଷଣୀୟ କରିବା ପାଇଁ ବ୍ରହ୍ମପୁର ସରସ୍ୱତୀ ବ୍ୟାଣ୍ଡ ପାର୍ଟି ସହିତ ସମ୍ବଲପୁର ହନୁମାନ ଘଣ୍ଟ ଭସାଣି ଉତ୍ସବର ମାହୋଲକୁ ସ୍ୱତନ୍ତ୍ର କରି ଗଢି ତୋଳିବ ବୋଲି ଗଣପତି ୟୁଥ କ୍ଲବ କର୍ମକର୍ତ୍ତା ପ୍ରକାଶ କରିବା ସହିତ ଏହି ମହାନ ଆଧାତ୍ମିକ ଉତ୍ସବରେ ବାଲିପଡ଼ା ସମେତ ପଟ୍ଟାମୁଣ୍ଡାଇ ଅଞ୍ଚଳର ଜନସାଧାରଣ, ପୁଲିସ, ପ୍ରଶାସନ ସାମିଲ ହୋଇ ପୂଜା ଓ ଭସାଣି ଉତ୍ସବକୁ ଶାନ୍ତିଶୃଙ୍ଖଳା ଓ ଆନନ୍ଦର ସହିତ ସଫଳ କରିବାକୁ ଅନୁରୋଧ କରିଛନ୍ତି।

# ବନ୍ୟା ମୃତକଙ୍କ ପରିବାରକୁ ସହାୟତା



ପଟ୍ଟାମୁଣ୍ଡାଇ,୫।୮ (ସମିସ): ଚଳିତବର୍ଷ ବ୍ରାହ୍ମଣୀ ନଦୀରେ ଦେଖାଦେଇଥିବା ଦ୍ୱିତୀୟ ପ୍ରଳୟଙ୍କରୀ ବନ୍ୟାରେ ଭାସିଯାଇ ପାଳପଟଣା ଗ୍ରାମର ଦୀନବନ୍ଧୁ ଧଳ (୬୫) ମୃତ୍ୟୁବରଣ କରିଥିଲେ। ମୃତ ପରିବାରକୁ ଶ୍ରୀରାମ ଫାଉଣ୍ଡେସନ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଫାଉଣ୍ଡେସନର ଆବାହକ ଉତ୍ତମ କୁମାର ଖୁଣ୍ଟିଆଙ୍କ ନିର୍ଦ୍ଦେଶରେ ସଂଗଠନର କର୍ମକର୍ତ୍ତା ପ୍ରେମରଞ୍ଜନ ପଣ୍ଡା, ବିପିନ ବିହାରୀ ସେଠୀ, ପ୍ରକାଶ କୁଣ୍ଡ, ସଞ୍ଜୟ ରାଉତ, ଦୁର୍ଯ୍ୟୋଧନ ପରିଡା, ଧୀରେନ ସାହୁ, ସଞ୍ଜୀବ ମାନ୍ଧାତା, ସତ୍ୟରଞ୍ଜନ ବେହେରା, ଅଜୟ ସେଠୀ, ପ୍ରଶାନ୍ତ ସାହୁ ପ୍ରମୁଖ ଦୀନବନ୍ଧୁ ଧଳଙ୍କ ଘରେ ପହଞ୍ଚି ସମବେଦନା ଜ୍ଞାପନ କରିବା ସହ ଆର୍ଥିକ ସହାୟତା ରାଶି ପ୍ରଦାନ କରିଥିଲେ। ଏଥିସହିତ ପ୍ରଶାସନିକ ସ୍ତରରେ ମୃତକଙ୍କ ପରିବାରକୁ ସମସ୍ତ ସହାୟତା ମିଳିବା ଦିଗରେ ଉଦ୍ୟମ ଜାରି ରଖିବାକୁ ଫାଉଣ୍ଡେସନ କର୍ମକର୍ତ୍ତା ପ୍ରତିଶ୍ରୁତି ଦେଇଥିଲେ।

# ଫସଲ ବୀମା ରଥ ଉଦ୍‌ଘାଟିତ



ଜଗତସିଂହପୁର,୫।୮ (ସମିସ): ଆଜି ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଜିଲ୍ଲା ଜରୁରୀ ବିଭାଗ ସମ୍ମୁଖରେ ଚାଷୀଙ୍କ ଫସଲ ସୁରକ୍ଷା ପାଇଁ ଥିବା ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର ବୀମା ରଥ ଜିଲ୍ଲାପାଳ ଜେ. ସୋନାଲଙ୍କ ଦ୍ୱାରା ଉଦଘାଟିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସମ୍ବିତ କୁମାର ରାଉତ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ବିଶ୍ୱଜିତ ପଣ୍ଡା, ଜିଲ୍ଲା ସମବାୟ ନିବନ୍ଧକ ପ୍ରଭାତ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ରଥ ଫସଲ ବୀମାର ଉପଯୋଗିତା ସମ୍ପର୍କରେ ଚାଷୀ ଭାଇମାନଙ୍କୁ ସଚେତନ କରିବା ପାଇଁ ସମସ୍ତ ବ୍ଲକ ପରିଭ୍ରମଣ କରିବ। ଅଣଋଣୀ ଚାଷୀ ଭାଇଙ୍କ ପାଇଁ ପଞ୍ଜୀକରଣ ଦିବସ ୧୪ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ପ୍ରତ୍ୟେକ ପ୍ଲଟ ପିଛା ମାତ୍ର ଏକ ଟଙ୍କା ଦେଇ ଚାଷୀ ଧାନ ଫସଲ ପାଇଁ ନିକଟସ୍ଥ ଜନସେବା କେନ୍ଦ୍ର, ବ୍ୟାଙ୍କ, ସମବାୟ ସମିତିରେ ବୀମା କରିପାରିବେ। ହେକ୍ଟର ପିଛା ଜଳସେଚିତ ଜମିର କ୍ଷୟକ୍ଷତି ପାଇଁ ୯୭୫୦୦ ଟଙ୍କା ପର୍ଯ୍ୟନ୍ତ ବୀମା ରାଶି ମିଳିବା ସୁବିଧା ଏହି ଯୋଜନାରେ ରହିଛି। ଏହି କାର୍ଯ୍ୟକ୍ରମ ପରିଚାଳନାରେ ଜିଲ୍ଲା ସଂଯୋଜକ ପ୍ରମୋଦ କୁମାର ନାୟକ ପରିଚାଳନା କରିଥିଲେ। ରିସ୍କ ଟିମ ସଂଯୋଜକ ନଜିମ, ବ୍ଲକ ସଂଯୋଜକ କବିପ୍ରସାଦ ନାୟକ, ପ୍ରଶାନ୍ତ ବାରିକ, ଚନ୍ଦନ ମହାରଣା, ସୁଭାଷ ନାୟକ ପ୍ରମୁଖ ସହଯୋଗ କରିଥିଲେ।

## ଇଚ୍ଛାଶକ୍ତିର ଅଭାବ
# ବିକାଶର ବହୁ ଦୂରରେ ପଟ୍ଟାମୁଣ୍ଡାଇ ପୌରାଞ୍ଚଳ

ପଟ୍ଟାମୁଣ୍ଡାଇ,୫।୮ (ସମିସ): ସମ୍ପ୍ରତି ପଟ୍ଟାମୁଣ୍ଡାଇ ବିକାଶ ବହୁ ପଛରେ ପଡ଼ିଯାଇଛି। ରାଜନୈତିକ ଇଚ୍ଛାଶକ୍ତି ଅଭାବ ବାସ୍ତବରେ ବିକାଶରେ ବାଧକ ସାଜିଛି। କେନ୍ଦ୍ରାପଡ଼ା ଜିଲ୍ଲାର ଦ୍ୱିତୀୟ ବୃହତମ ସହର ତଥା ଓଡ଼ିଶାର ଅନ୍ୟତମ ବାଣିଜ୍ୟିକ କେନ୍ଦ୍ର ଭାବେ ପରିଗଣିତ ହୋଇଆସୁଥିବା ପଟ୍ଟାମୁଣ୍ଡାଇର ପୂର୍ବ ଗୌରବ ବସ୍ତୁତଃ ଭୂଲୁଣ୍ଠିତ ହୋଇଛି। ସର୍ବପୁରାତନ ପଟ୍ଟାମୁଣ୍ଡାଇ ନିର୍ବାଚନମଣ୍ଡଳୀକୁ ଉଚ୍ଛେଦ କରାଯିବା ପରେ ସତେ ଯେମିତି ପଟ୍ଟାମୁଣ୍ଡାଇ ଅସ୍ତିତ୍ୱ ହରାଇଛି। ନିର୍ବାଚନମଣ୍ଡଳୀ ପୁନର୍ଗଠନ ପ୍ରକ୍ରିୟାରେ ପଟ୍ଟାମୁଣ୍ଡାଇ ନିର୍ବାଚନମଣ୍ଡଳୀକୁ ତିନି ଭାଗରେ ବିଭକ୍ତ ହୋଇଛି। ପଟ୍ଟାମୁଣ୍ଡାଇ ନିର୍ବାଚନମଣ୍ଡଳୀରେ ସାମିଲ ଥିବା ଆଳିର ୧୦ଟି ପଞ୍ଚାୟତକୁ ଆଳି ନିର୍ବାଚନମଣ୍ଡଳୀ ସହିତ ମିଶାଇ ଦିଆଯାଇଛି। ପଟ୍ଟାମୁଣ୍ଡାଇ ବ୍ଲକର ୩୧ଟି ପଞ୍ଚାୟତ ମଧ୍ୟରୁ ୧୨ଟି ପଞ୍ଚାୟତକୁ କେନ୍ଦ୍ରାପଡ଼ା (ସଂରକ୍ଷିତ) ନିର୍ବାଚନମଣ୍ଡଳୀ ସହିତ ସାମିଲ କରାଯାଇଛି। ପଟ୍ଟାମୁଣ୍ଡାଇ ବ୍ଲକର ୧୯ ଟି ପଞ୍ଚାୟତ ଓ ପୌର ପରିଷଦର ୨୦ଟି ୱାର୍ଡକୁ ନବଗଠିତ ରାଜନଗର ନିର୍ବାଚନମଣ୍ଡଳୀ ସହିତ ସାମିଲ କରିଦିଆଯିବା ପରେ ବସ୍ତୁତଃ ପଟ୍ଟାମୁଣ୍ଡାଇ ଅସ୍ତିତ୍ୱ ଓ ପୂର୍ବ ପରିଚୟ ହରାଇ ବସିଥିବା ଅଭିଯୋଗ ହେଉଛି।

ଅନ୍ୟପକ୍ଷରେ ନେତୃତ୍ୱ ନ ଥିବା କାରଣରୁ କ୍ରମବର୍ଦ୍ଧିଷ୍ଣୁ ପଟ୍ଟାମୁଣ୍ଡାଇ ସହର ଓ ସମଗ୍ର ପଟ୍ଟାମୁଣ୍ଡାଇର ବିକାଶ ଧାରାରେ ପ୍ରତିବନ୍ଧକ ସୃଷ୍ଟି ହୋଇଛି। ସାରା ରାଜ୍ୟରେ ବିକାଶର ଅବାରିତ ଧାରା ଆଗକୁ ମାଡ଼ି ଚାଲିଥିବାବେଳେ ପଟ୍ଟାମୁଣ୍ଡାଇରେ ବିକାଶ ମନ୍ଥର ଗତିରେ ଚାଲିଛି। ପଟ୍ଟାମୁଣ୍ଡାଇ ଜନସାଧାରଣ ନିର୍ବାଚନମଣ୍ଡଳୀ ଉଚ୍ଛେଦ ହୋଇଯିବା ଦୁଃଖ ଭୁଲିଯିବାକୁ ଚାହୁଁଥିବାବେଳେ ୧୦ ବର୍ଷ ମଧ୍ୟରେ ପଟ୍ଟାମୁଣ୍ଡାଇକୁ ନେତୃତ୍ୱ ମିଳିପାରିନାହିଁ। ପଟ୍ଟାମୁଣ୍ଡାଇରେ ସମସ୍ତ ଭିତ୍ତିଭୂମି ଥାଇ ଓ ଏହା କେନ୍ଦ୍ରାପଡ଼ା ଜିଲ୍ଲାର ପୁରାତନ ଦ୍ୱିତୀୟ ବୃହତ୍ତମ ସହର ହୋଇଥିବାବେଳେ ଏହା ରାଜ୍ୟର ଅନ୍ୟତମ ମୁଖ୍ୟ ବାଣିଜ୍ୟିକ କେନ୍ଦ୍ର ଭାବେ ପରିଗଣିତ ହୋଇଆସୁଥିଲେ ହେଁ ରାଜସ୍ୱ ସବଡିଭିଜନ ମାନ୍ୟତା ପ୍ରଦାନ ଦାବି ପୂରଣ ହୋଇନାହିଁ। ପଟ୍ଟାମୁଣ୍ଡାଇ ବସ୍‌ଷ୍ଟାଣ୍ଡ ସତ୍ତା ହରାଇସାରିଛି। ବିଜୁ ପଟ୍ଟନାୟକ ଛକ ପାଲଟିଛି ଅସ୍ଥାୟୀ ବସ୍‌ଷ୍ଟାଣ୍ଡ। ସେହିପରି ଜମିଦାର ଅମଳରୁ ପଟ୍ଟାମୁଣ୍ଡାଇ ସହରର କେନ୍ଦ୍ରସ୍ଥଳରେ ଥିବା କିମ୍ବଦନ୍ତୀ କଚେରୀ ପୋଖରୀ ଏବେ ପୁନରୁଦ୍ଧାର ଅପେକ୍ଷାରେ। ଦାତବ୍ୟ ଚିକିତ୍ସାଳୟ ଉପରେ ଦଣ୍ଡାୟମାନ ହୋଇଛି ପଟ୍ଟାମୁଣ୍ଡାଇ ଉପଖଣ୍ଡସ୍ତରୀୟ ଚିକିତ୍ସାଳୟ। କିନ୍ତୁ ବିଭିନ୍ନ ବିଭାଗର ଡାକ୍ତର ପଦବୀ ଖାଲି ରୋଗୀସେବାରେ ଅନ୍ତରାୟ ସୃଷ୍ଟି କରିଛି।

ପଟ୍ଟାମୁଣ୍ଡାଇ ଅଞ୍ଚଳର ୮୦ ଭାଗରୁ ଊର୍ଦ୍ଧ୍ୱ ଲୋକ କୃଷି ଉପରେ ନିର୍ଭର କରୁଥିବାବେଳେ କୃଷି କ୍ଷେତ୍ରରେ ଆଶାନୁରୂପ ସଫଳତା ମିଳିପାରିନାହିଁ। ଶହ ଶହ ଏକର ଧୋୟାଞ୍ଚଳର ଉର୍ବର ଜମିରେ ବେଣା ଜଙ୍ଗଲ ମାଡିଯିବା ଏହାର ଜ୍ୱଳନ୍ତ ଉଦାହରଣ। ପୋତା ଗୋବରୀ ନଦୀକୁ ଖନନ କରାଯାଇ ଭେଡାଞ୍ଚଳକୁ ସୁଜଳା ସୁଫଳା କରାଯିବାକୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପଟ୍ଟାମୁଣ୍ଡାଇ ଏମ୍‌ଏନ ହାଇ ସ୍କୁଲ ନିକଟରେ ଭିତ୍ତିପ୍ରସ୍ତର ସ୍ଥାପନ କରି ଦୁଇ ପର୍ଯ୍ୟାୟରେ ୧୭ କୋଟି ଟଙ୍କା ଅନୁଦାନ ଯୋଗାଇ ଦେଇଥିଲେ ହେଁ ଏହି କାର୍ଯ୍ୟ ଅଧାପନ୍ତରିଆ ଭାବେ ପଡ଼ିରହିଛି। ପଟ୍ଟାମୁଣ୍ଡାଇ ସହରର ମୁଖ୍ୟ ପାଣି ନିଷ୍କାସନ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଡ୍ରେନ ନିର୍ମାଣ ପ୍ରହସନ ପାଲଟିଛି। ଏବେବି ସହରର ବହୁ ରାସ୍ତାର ଅବସ୍ଥା ଶୋଚନୀୟ ଥିବାବେଳେ ପାନୀୟ ଜଳ ସମସ୍ୟା ଲାଗିରହିଛି। ଗ୍ରାମାଞ୍ଚଳର ଅବସ୍ଥା କହିଲେ ନ ସରେ। ଏକଦା ରାଜ୍ୟ ରାଜନୀତିକୁ ଦିଗଦର୍ଶନ ଦେଇଆସୁଥିବା ପଟ୍ଟାମୁଣ୍ଡାଇ ୨୦୧୪ଠାରୁ ନେତୃତ୍ୱ ହରାଇ ବିକାଶର ଦୁଇପାଦ ପଛରେ ରହିଛି। ପଟ୍ଟାମୁଣ୍ଡାଇ ବିକାଶକୁ ଆଗକୁ ନେବାକୁ ହେଲେ ପଟ୍ଟାମୁଣ୍ଡାଇକୁ ପୁଣିଥରେ ନେତୃତ୍ୱ ଦେବାକୁ ପଡିବ ବୋଲି ବରିଷ୍ଠ ଆଇନଜୀବୀ ତଥା ପଟ୍ଟାମୁଣ୍ଡାଇ ବିକାଶ ପରିଷଦ ସମ୍ପାଦକ ଗୋପୀନାଥ ତ୍ରିପାଠୀ, ବିଶିଷ୍ଟ ଶିକ୍ଷାବିତ ତଥା ସାହିତ୍ୟିକ ଡଃ ନୀଳମଣି ଲେଙ୍କା, କବି ଡା. ମନୋରଞ୍ଜନ ଦାଶ, ଦଳିତ ଯୁବ ନେତା ଉତ୍ତମ ମଲିକ, ବର୍ଷିୟାନ ସମାଜସେବୀ ପାରେଶ୍ୱର ବିଶ୍ୱାଳ ପ୍ରମୁଖ କହିଛନ୍ତି। ଆଗାମୀ ୨୦୨୯ ନିର୍ବାଚନ ପାଇଁ ନିର୍ବାଚନମଣ୍ଡଳୀ ପୁନର୍ଗଠନ ପ୍ରକ୍ରିୟା ଆରମ୍ଭ ହେବାକୁ ଯାଉଥିବାବେଳେ ପଟ୍ଟାମୁଣ୍ଡାଇକୁ ପୁନର୍ବାର ନିର୍ବାଚନମଣ୍ଡଳୀର ମାନ୍ୟତା ପ୍ରଦାନ କରାଯିବାକୁ ସାଧାରଣରେ ଦାବି ହୋଇଛି।

## କଂସାରିପାଟିଆ ମୌଜା ଜଙ୍ଗଲ ଜମିରୁ ବାଲି ଲୁଟ୍

# ହେଉନି କାର୍ଯ୍ୟାନୁଷ୍ଠାନ; ପ୍ରଶାସନର ଭୂମିକାକୁ ନେଇ ସନ୍ଦେହ

ପାରାଦୀପ,୫।୮ (ସମିସ)

ପାରାଦୀପ ବେଳାଭୂମି ଅଞ୍ଚଳ କଂସାରିପାଟିଆ ମୌଜା ଜଙ୍ଗଲ ଜମିରୁ ତିନିଦିନ ଧରି ରାତିରେ ଚାଲିଛି ବାଲି ଲୁଟ୍। ଏଭଳି ଲୁଟ୍ ପଛରେ କାହାର ହାତ ରହିଛି, ତାହାକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବାରମ୍ବାର ଅଭିଯୋଗ ପରେ ବି ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନ କେହି ବି କର୍ଣ୍ଣପାତ କରୁନାହାନ୍ତି। ରାଜନେତାଙ୍କ ଛତ୍ରଛାୟା ତଳେ ରହି ମାଫିଆ ଜଙ୍ଗଲ ଜମିରୁ ଏଭଳି ଲୁଟ କରୁଥିବା ଅଭିଯୋଗ ହୋଇଛି।

ସ୍ଥାନୀୟ ଲୋକେ ଏକାଧିକଥର ଧରିବା ସହିତ ପୁଲିସକୁ ଜଣାଇଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନ ହେବାରୁ ପୁନର୍ବାର ସେମାନେ ଲୁଟ କରିବାକୁ ସାହସ ଜୁଟାଉଛନ୍ତି। କୌଣସି ନା କୌଣସି ସ୍ଥାନରେ ପୋତିବା ଲାଗି ବାଲି ଆବଶ୍ୟକ ପଡୁଥିବାରୁ ଏହି ଲୁଣି ବାଲିକୁ ବହୁ କମ୍ ଖର୍ଚ୍ଚରେ ଉଠାଇ ଆବଶ୍ୟକତାକୁ ପୂରଣ କରୁଛନ୍ତି। ବିଭିନ୍ନ ଶିଳ୍ପ ସଂସ୍ଥା, ରାସ୍ତାଘାଟ, ପୋଲ ନିର୍ମାଣ, ବେସରକାରୀ ଜାଗା ପୋତିବା ଆଦି କାର୍ଯ୍ୟରେ ଏହି ବାଲି ଲାଗୁଛି। ସ୍ଥାୟିତ୍ୱ ପାଇଁ ଯେଉଁ ଜାଗା ମଧୁରୀ ବାଲିରେ ପୋତାଯିବା କଥା, ତାକୁ କମ୍ ଖର୍ଚ୍ଚରେ ଲୁଣା ବାଲି ରେ ପୋତି ଦିଆଯାଉଛି। ପାରାଦୀପ ଅଞ୍ଚଳରେ ଗଢି ଉଠିଥିବା ନୂତନ ଶିଳ୍ପ ସଂସ୍ଥା ସମେତ ବଡ ବଡ ହୋଟେଲ ନିର୍ମାଣ, ଏପରିକି ବ୍ରିଜ ଓ ରାସ୍ତା ନିର୍ମାଣରେ ମଧ୍ୟ ଏହି ଲୁଣି ବାଲି କାମରେ ଲାଗୁଛି। ତେବେ ନିର୍ମାଣ ପରେ ଏହାର ସ୍ଥାୟିତ୍ୱକୁ ନେଇ କେହି ବି ଚିନ୍ତା କରୁନାହାନ୍ତି। ଫଳରେ ଦୀର୍ଘସ୍ଥାୟୀ କାର୍ଯ୍ୟ ବହୁ କମ୍ ଦିନ ମଧ୍ୟରେ ଭୁଶୁଡ଼ି ପଡିବା କଥାକୁ ଏଡାଇ ଦିଆଯାଇ ନ ପାରେ।



ଏଭଳି କୌଣସି କାମ ନାହିଁ, ଯେଉଁଠି ଲୁଣି ବାଲି ବ୍ୟବହାର କରାଯାଇନାହିଁ। ଗୋଟିଏ ମଧୁରୀ ବାଲି ଟ୍ରିପ୍‌ର ଦାମ ବର୍ତ୍ତମାନ ମାର୍କେଟ ଦର ଅନୁସାରେ ୧୫ ହଜାର ଟଙ୍କା ଥିବାବେଳେ ଲୁଣି ବାଲି ଟ୍ରିପ୍ ପାଇଁ କେବଳ ଲୋଡିଂ ମେସିନ ଓ ଗାଡି ଭଡା ବାବଦକୁ ୨ରୁ ୩ ହଜାର ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। ତେବେ ଏଠାରେ ଟ୍ରିପ ପିଛା ମାଫିଆ ୧୦ରୁ

**ରାଜନେତାଙ୍କ ଇଙ୍ଗିତରେ ହେଉଛି ଲୁଟ୍**

୧୨ ହଜାର ଟଙ୍କା ପକେଟରେ ପୁରାଇ ମାଲାମାଲ ହେଉଛନ୍ତି। ତେଣୁ ସମୁଦ୍ର ବାଲି ଉପରେ ଆଖି ପକାଉଛନ୍ତି ଏହି ମାଫିଆ। ଯାହାକି ଗୋଟିଏ ରାତିରେ ବହୁ କମ ଖର୍ଚ୍ଚରେ ବହୁ ରୋଜଗାର ଦେଉଛି।

ଅନ୍ୟପକ୍ଷରେ ଏହି ଜଙ୍ଗଲରୁ ବାଲି ଲୁଟ ହେବା ପରିବେଶ ଓ ସ୍ଥାନୀୟ ଅଞ୍ଚଳବାସୀଙ୍କ ପାଇଁ ଘୋର ବିପଦ ସୃଷ୍ଟି ହୋଇଛି। ପ୍ରାକୃତିକ ବାଲି ଟିକିରା ଧ୍ୱଂସ ହୋଇଯାଉଥିବାବେଳେ ଝାଉଁ ଜଙ୍ଗଲ ଉଜୁଡ଼ିଯାଉଛି। ସମୁଦ୍ରରେ ଆସୁଥିବା ଜୁଆର କୂଳ ଲଘି ଜନବସତିକୁ ପଶିଯିବା ନେଇ ବିପଦ ସୃଷ୍ଟି ହୋଇଛି। ଏହି ଚୋରା ବାଲି ଚାଲାଣକୁ ନେଇ ଅଭୟଚାନ୍ଦପୁର ଥାନାରେ ଗତକାଲି ଦୁଇ ଗୋଷ୍ଠୀ ମଧ୍ୟରେ ପୃଥକ ଅଭିଯୋଗ ହୋଇଥିଲା। ଉକ୍ତ ଅଭିଯୋଗକୁ ଥାନା ଅଧିକାରୀ ହାଲକା ଭାବେ ଗ୍ରହଣ କରି ଅଭିଯୋଗ ଭିତ୍ତିହୀନ ବୋଲି ସଫେଇ ଦେଇଥିଲେ। ତେବେ ରାଜନେତାଙ୍କ ଜାଣତରେ ଏଭଳି ଲୁଟ ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଯାହାକି ପୁଲିସ ପ୍ରଶାସନ ନିକଟରେ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଏହି ଚୋରା ବାଲି ଚାଲାଣକୁ ନେଇ ସ୍ଥାନୀୟ ଅଞ୍ଚଳରେ ଏବେ ଯୁବ ଗୋଷ୍ଠୀ ମଧ୍ୟରେ ଚକାପଞ୍ଝା ଆରମ୍ଭ ହୋଇଯାଇଛି। ଏହି ଅସନ୍ତୋଷ ଧୀରେ ଧୀରେ କୁହୁଳି ମୁହାଁମୁହିଁ ପରିସ୍ଥିତି ଉପୁଜିଥିବାରେ ସମ୍ଭାବନା ଦେଖା ଦେଇଛି।

## 'ପଣ୍ଡିତ ନୀଳକଣ୍ଠ ଜଣେ ସାରସ୍ୱତ ସାଧକ ଓ ସମାଜ ସଂସ୍କାରକ ଥିଲେ'



ଜଗତସିଂହପୁର, ୫।୮ (ସମିସ): ଜଗତସିଂହପୁର ସଦର ବ୍ଲକ୍ ଅନ୍ତର୍ଗତ ପୁରୁଣାଗଡର ପ୍ରଫୁଲ୍ଲ ପାଠାଗାର ଓ ଜଗତସିଂହପୁର ସାରସ୍ୱତ ପରିଷଦ ମିଳିତ ଆନୁକୂଲ୍ୟରେ ସତ୍ୟବାଦୀ ବକୁଳ ବନର ଅନ୍ୟତମ ସାରସ୍ୱତ ସାଧକ ପଣ୍ଡିତ ନୀଳକଣ୍ଠ ଦାସଙ୍କ ୧୪୧ତମ ଜୟନ୍ତୀ ପାଠାଗାର ପରିସରରେ ପାଳିତ ହୋଇଯାଇଛି। ପାଠାଗାରର ସଭାପତି ଶିକ୍ଷାବିତ୍ ରବୀନ୍ଦ୍ରନାଥ ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାରସ୍ୱତ ପରିଷଦ ଅଧ୍ୟକ୍ଷ ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଶେଖର ଆ.ର୍ଯ୍ୟ, ଶିକ୍ଷାବିତ୍ ବଂଶୀଧର ଆଚାର୍ଯ୍ୟ ଓ ବିଜୟ କୁମାର ପତି ପ୍ରମୁଖ ଯୋଗଦେଇ ପଣ୍ଡିତ ନୀଳକଣ୍ଠ ଦାସ ଜଣେ ବାସ୍ତବବାଦର ମଣିଷ ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ଏକାଧାରାରେ ସେ ଜଣେ ନୀତିନିଷ୍ଠ ଆଚାର୍ଯ୍ୟ, ସମାଜ ସଂସ୍କାରକ, ସାହିତ୍ୟିକ ଓ ଆଦର୍ଶ ରାଜନୀତିଜ୍ଞ ଭାବେ ନିଜ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଯାଇଥିବା ଅତିଥିମାନେ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ସତ୍ୟବାଦୀ ଦାସ, ଅଜୟ ପତି, ସତ୍ୟବାଦୀ ସାହୁ ପ୍ରମୁଖ ଆଲୋଚନାରେ ଭାଗନେଇ ପଣ୍ଡିତ ନୀଳକଣ୍ଠ ଦାସଙ୍କ କୀର୍ତ୍ତି ଓ କୃତୀ ଏ ଜାତିର ଜାତୀୟ ଚିନ୍ତାଧାରାକୁ ବୃଦ୍ଧିମନ୍ତ କରିଛି ବୋଲି ମତବ୍ୟକ୍ତ କରିଥିଲେ। ପାଠାଗାରର ସମ୍ପାଦକ ସୁରେନ୍ଦ୍ର ରାୟ ଧନ୍ୟବାଦ ଦେଇଥିଲେ।

**● ବ୍ୟାଡ଼ମିଣ୍ଟନରେ ଜଗତସିଂହପୁର ଝିଅର କମାଲ୍**

## ୧୧ ବର୍ଷ ବୟସରେ ଜିତିଲେଣି ୨୧ ପଦକ

ଜଗତସିଂହପୁର,୫।୮ (ସମିସ): ବୟସ ମାତ୍ର ୧୧ ବର୍ଷ। ଭୁବନେଶ୍ୱରର ଏକ ଘରୋଇ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀରେ ପଢୁଛନ୍ତି। ପିଲାଦିନରୁ ବ୍ୟାଡ଼ମିଣ୍ଟନ ଖେଳିବା ନିଶା ଏହି ଛୋଟ ବୟସରେ ତାଙ୍କୁ ଆଣିଦେଇଛି ଅନେକ ସଫଳତା। ଏହି ବିରଳ କୃତିତ୍ୱର ଅଧିକାରିଣୀ ହୋଇପାରିଛନ୍ତି ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ୍ ଅନ୍ତର୍ଗତ କୃଷ୍ଣଚନ୍ଦ୍ରପୁର ପଞ୍ଚାୟତ ମାଣପୁର ଗ୍ରାମର ଲକ୍ଷ୍ମୀପ୍ରିୟା ଗୋଛାୟତ। ସେ ବର୍ତ୍ତମାନ ସୁଦ୍ଧା ଜିତିଲେଣି ୨୧ଟି ପଦକ। ଏଥିରେ ୧୦ଟି ସ୍ୱର୍ଣ୍ଣ, ୪ଟି ରୌପ୍ୟ ଓ ୭ଟି ବ୍ରୋଞ୍ଜ ପଦକ ରହିଛି। ଲକ୍ଷ୍ମୀଙ୍କୁ ଯେତେବେଳେ ୪ ବର୍ଷ ହୋଇଥିଲା ତାଙ୍କର ବ୍ୟାଡ଼ମିଣ୍ଟନ ଖେଳପ୍ରତି ଆଗ୍ରହ ଦେଖି ପିତା ଦିନେଶ ଗୋଛାୟତ ସହଯୋଗ କରିଥିଲେ। ଶାରୀରିକ ବ୍ୟାୟାମ ଶିକ୍ଷା ଦେବା ସହିତ ଷ୍ଟ୍ରିଟ୍‌ଲାଇଟରେ ରାତିରେ ୧୦/୧୧ ଘଣ୍ଟା ପର୍ଯ୍ୟନ୍ତ ଝିଅ ସହିତ ବ୍ୟାଡ଼ମିଣ୍ଟନ ଅଭ୍ୟାସ କରୁଥିଲେ ପିତା ଦିନେଶ। ୮ ବର୍ଷ ବୟସରେ ଝିଅ ଲକ୍ଷ୍ମୀପ୍ରିୟାଙ୍କୁ ପ୍ରଥମେ ମଞ୍ଜୁଲତା ଇଣ୍ଡୋର




ହଲ୍ ଓ ପରେ ଭୁବନେଶ୍ୱର ଲକ୍ଷ୍ମୀସାଗରସ୍ଥ ଆର. ସଟଲର ଇଣ୍ଡୋର ହଲରେ କୋଚ୍ ରୋହିତ ସାରଙ୍କଠାରୁ ପ୍ରଶିକ୍ଷଣ ପାଇଁ ପିତା ଦିନେଶ ଭର୍ତ୍ତି କରିଥିଲେ। ପରେ ଓଡ଼ିଶା ସାଇ ବ୍ୟାଡ଼ମିଣ୍ଟନ ଏକାଡେମୀରେ ଭର୍ତ୍ତି ହୋଇଥିଲେ ଲକ୍ଷ୍ମୀପ୍ରିୟା ଓ ସେଠାରେ କୋଚ୍ ଦିଲ୍ଲୀପ କୁମାରଙ୍କ ତତ୍ତ୍ୱାବଧାନରେ ପ୍ରଶିକ୍ଷଣ ଗ୍ରହଣ ଜାରି ରଖିଛନ୍ତି। ୨୦୨୨ରୁ ୨୦୨୫ ମସିହା ମଧ୍ୟରେ ସେ ୧୦ ଥର ଜାତୀୟ ସ୍ତରର ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ଭାଗନେଇ ପଦକ ହାସଲ କରିଛନ୍ତି। ନିକଟରେ ଗୋଆଠାରେ ଆୟୋଜିତ ୧୩ ବର୍ଷରୁ କମ୍ ବାଳିକା ଡବଲ୍ସ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ସାନଭି ସାହୁଙ୍କ ସହିତ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସେହିପରି ଓଡ଼ିଶାରେ ୧୧ ବର୍ଷରୁ କମ୍, ୧୩ ବର୍ଷରୁ କମ୍, ୧୫ ବର୍ଷରୁ କମ୍ ଓ ୧୭ ବର୍ଷରୁ କମ୍ ସିଙ୍ଗଲ୍ସ ଓ ଡବଲ୍ସ ବାଳିକା ବର୍ଗରେ ବିଭିନ୍ନ ରାଜ୍ୟସ୍ତରୀୟ ଟୁର୍ଣ୍ଣାମେଣ୍ଟରେ ଭାଗନେଇ ୧୦ଟି ସ୍ୱର୍ଣ୍ଣ ପଦକ, ୪ଟି ରୌପ୍ୟ ପଦକ ଓ ୭ଟି ବ୍ରୋଞ୍ଜ ପଦକ ହାସଲ କରି ଜଗତସିଂହପୁର ଜିଲ୍ଲା ଓ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଲକ୍ଷ୍ମୀପ୍ରିୟାଙ୍କ ପିତା ଦିନେଶ ଗୋଛାୟତ, ମାତା କାମିନୀ ଗୋଛାୟତ ଓ ପୂରା ପରିବାର ତାଙ୍କୁ ଉତ୍ସାହିତ କରୁଥିବା ସେ ପ୍ରକାଶ କରିଛନ୍ତି। ଆଗକୁ ଭାରତ ପାଇଁ ଖେଳି ପଦକ ଆଣିବା ଲକ୍ଷ୍ୟ ରହିଛି ବୋଲି କହିଛନ୍ତି ଏହି ବ୍ୟାଡମିଣ୍ଟନ କୁଇନ୍ ଲକ୍ଷ୍ମୀପ୍ରିୟା। ଈଶ୍ୱର ତାଙ୍କ ଇଚ୍ଛାକୁ ପୂରଣ କରନ୍ତୁ ଓ ସେ ଆଗକୁ ଅଧିକରୁ ଅଧିକ ସଫଳତା ହାସଲ କରିବାରେ ସକ୍ଷମ ହୁଅନ୍ତୁ, ଏତିକି 'ସକାଳ' ପରିବାର ପକ୍ଷରୁ କାମନା କରାଯାଇଛି।

## ଅମରେଶ୍ୱର ମନ୍ଦିରରେ ଜଳାଭିଷେକ କଲେ ଶ୍ରଦ୍ଧାଳୁ

ପାରାଦୀପ, ୫।୮ (ସମିସ): ପାରାଦୀପ ଉପକଣ୍ଠ ଗରେଇ ଅମରେଶ୍ୱର ମହାଦେବ ମନ୍ଦିରରେ ସୋମବାର ଶତାଧିକ ଶ୍ରଦ୍ଧାଳୁ ଜଳାଭିଷେକ କରିଛନ୍ତି। ତେବେ ଗରେଇ ଗ୍ରାମର ଯୁବକ କଟକସ୍ଥ ଗଡ଼ଗଡିଆ ଘାଟରୁ ଗୋଟିଏ ଭାରରେ ୧୦୮ କଳସୀ ଆଣି ଅମରେଶ୍ୱରଙ୍କୁ ଜଳାଭିଷେକ କରିଥିଲେ। ଗରେଇ ଗ୍ରାମର ପବିତ୍ର ମିଶ୍ର, ଶାରଦା ଶତପଥୀ, ପିଉସ ମିଶ୍ର, ପ୍ରଶାନ୍ତ ରାଉତ, ସରୋଜ ନାୟକ, ସୁଶାନ୍ତ ସ୍ୱାଇଁ, ନିବାରଣ ରାଉତ, ଜ୍ୟୋତିର୍ମୟ ପାଳ, ଶିବ ତାରେଣିଆ, ସତ୍ୟବ୍ରତ ପଟ୍ଟନାୟକ, ଶରତ ନାୟକ ପ୍ରମୁଖ ଏକତ୍ରିତ ହୋଇ ଅମରେଶ୍ୱର ମହାଦେବ ମନ୍ଦିରରେ ଜଳାଭିଷେକ କରିବା ସହ ଭଜନ କୀର୍ତ୍ତନ ଓ ନାମ ସଂକୀର୍ତ୍ତନ କରିଥିଲେ।

## ସିପିଆଇର କାର୍ଯ୍ୟକାରୀ କମିଟି ବୈଠକ

କୁଜଙ୍ଗ,୫।୮ (ସମିସ): ରାଜ୍ୟରେ ଶ୍ରମିକ, କୃଷକ ଓ ସାଧାରଣ ଜନତା ସରକାରଙ୍କ କାର୍ଯ୍ୟରେ ତୀବ୍ର ଅସନ୍ତୋଷ ଥିବା ସିପିଆଇ ଅଭିଯୋଗ କରି ସାଧାରଣ ଲୋକଙ୍କ ଅଭାବ ଅସୁବିଧା ପୂରଣ କରିବାରେ ସରକାର ବିଫଳ ବୋଲି କହିଛି। ଆଜି କୁଜଙ୍ଗସ୍ଥ ଲୋକନାଥ ଭବନ ପରିସରରେ ନବଗଠିତ କୁଜଙ୍ଗ-ପାରାଦୀପ ଜୋନାଲ କମିଟି କାର୍ଯ୍ୟକାରୀ କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଶିକ୍ଷାବିତ୍ କମ୍ରେଡ୍ ବସନ୍ତ କୁମାର ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ନବଗଠିତ ପନ୍ଦର ଜଣିଆ କାର୍ଯ୍ୟକାରୀ କମିଟି ବୈଠକରେ ଜୋନ୍ ସମ୍ପାଦକ ସୁବାସ ମହାପାତ୍ର, ସହସମ୍ପାଦକ ରବୀନ୍ଦ୍ର ମାଝୀ ଓ ନିମାଇଁ ମହାପାତ୍ର, ଜିନ୍ମୟୀ ସାହାଣୀ, ଶରତ ଚନ୍ଦ୍ର ବେହେରା, ଅଜୟ ବେହେରା, ଶ୍ରୀନିବାସ ଜୁଝାରସିଂହ, ଶରତ ଚନ୍ଦ୍ର ବଳିୟାରସିଂହ, ବିଷ୍ଣୁ ଚରଣ



ମୁଦୁଲୀ, ରବୀନ୍ଦ୍ର ମହାପାତ୍ର, ପ୍ରତୀମା ମଲିକ, ସଲୀଳ ସାମନ୍ତରାୟ, କଲ୍ୟାଣୀ ଦାସ, ପ୍ରଶାନ୍ତ ପ୍ରଧାନ ପ୍ରମୁଖ ସିପିଆଇ କୁଜଙ୍ଗ-ପାରାଦୀପ ଜୋନାଲ କମିଟିକୁ ଦୃଢ କରିବା ସହ ବାଲିକୁଦା ଆମ୍ବଶାଳରେ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲା ସମ୍ମିଳନୀରେ କୁଜଙ୍ଗରୁ ୪୦ ଜଣ ପ୍ରତିନିଧି ଯୋଗ ଦେବେ ବୋଲି ନିଷ୍ପତ୍ତି ହୋଇଥିଲା। ସେପ୍ଟେମ୍ବର ୪ରେ ଭୁବନେଶ୍ୱର ରାଜ୍ୟ ସମ୍ମିଳନୀରେ କୁଜଙ୍ଗରୁ ୨୦୦ ଜଣ ଯୋଗ ଦେବାକୁ ସ୍ଥିର ହୋଇଥିବାବେଳେ ପ୍ରତି ମାସରେ ଶାଖା ବୈଠକ ବସିବା ସହ ସ୍ଥାନୀୟ ସମାସ୍ୟା ସମାଧାନ, ମାଳହୁଙ୍କାରେ ନୂତନ ଡାକ୍ତର ନିଯୁକ୍ତି ନେଇ ସିପିଆଇର ଗଣ୍ଡିକିପୁର ଶାଖାର ଆନ୍ଦୋଳନ, ଆଗାମୀ ସେପ୍ଟେମ୍ବର ୭ରେ ପାନୀୟଜଳ, ବାର୍ଦ୍ଧକ୍ୟ ଭତ୍ତା ବୃଦ୍ଧି ଓ ଜଳ ନିଷ୍କାସନ ନେଇ କୁଜଙ୍ଗରେ ପ୍ରତିବାଦ ସଭା ଓ ବିକ୍ଷୋଭ ନେଇ ରଣନୀତି ସ୍ଥିର କରାଯାଇଥିବା ଜୋନ୍ ସମ୍ପାଦକ ସୁବାସ ମହାପାତ୍ର ପ୍ରକାଶ କରିଛନ୍ତି।

## ଓଷକଣା ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନବିଜ୍ଞାନ ମେଳା


ବାଲିକୁଦା,୫।୮ (ସମିସ): ବାଲିକୁଦା ବ୍ଲକ ଖାଲଗାଁ ପଞ୍ଚାୟତ ଓଷକଣା ଶୋଭା ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟି ସଭାପତି ଅପର୍ତ୍ତି ଚରଣ ମହାନ୍ତି ଏହାକୁ ଉଦ୍‌ଘାଟନ କରିଥିଲେ। ଦୁଇଟି ପର୍ଯ୍ୟାୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଚାରକ ଭାବେ ଆଚାର୍ଯ୍ୟ ଉଲ୍ଲାସ ଚନ୍ଦ୍ର ମୁଦୁଲି, ଅଲିଭା ବେହେରା, ଶିକ୍ଷକ ଧରଣୀଧର ମହାନ୍ତି, ଗୋବିନ୍ଦ ଚନ୍ଦ୍ର ସ୍ୱାଇଁ ଦାୟିତ୍ୱ ନିର୍ବାହ କରିଥିଲେ। ଉଦଯାପନୀ ଉତ୍ସବରେ ଶିକ୍ଷାବିତ୍ ଭୋଳିନାଥ ମହାନ୍ତି, ସମ୍ପାଦକ ବାସୁଦେବ ରାଉତ ପ୍ରମୁଖ ଯୋଗଦେଇ ଛାତ୍ର ଜୀବନରେ ବିଜ୍ଞାନର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ବିଚାରକ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଦର୍ଶନ କରାଯାଇଥିବା ପ୍ରକଳ୍ପର ମୂଲ୍ୟାଙ୍କନ ପୂର୍ବକ ଶିଶୁ ବାଟିକା ବିଭାଗରେ ସ୍ୱରାଂଶ ଚାନ୍ଦ, ଅର୍ଣ୍ଣବ ସ୍ୱାଇଁ, ଦିବ୍ୟଜିତ ସ୍ୱାଇଁ,



ଦୀପ୍ତିସ୍ମିତା ସ୍ୱାଇଁ ଓ କନିଷ୍ଠ ବିଭାଗରେ ବିଭାନ ସ୍ୱାଇଁ, ସିବି ସିମ୍ରନ ସ୍ୱାଇଁ ଓ ସାନଭି ସ୍ୱାଇଁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଶିଶୁ ବର୍ଗ, ବାଲ ବର୍ଗ ଓ କିଶୋର ବର୍ଗରେ ଅଭିକ ସ୍ୱାଇଁ, ପ୍ରିୟାଂଶୁ ରାଉତ, ପ୍ରିୟାଂଶୀ ଭଟ ପ୍ରମୁଖ ପୁରସ୍କୃତ ହୋଇଥିଲେ। ଏହି ଜ୍ଞାନ ବିଜ୍ଞାନ ମେଳାରେ ବିଦ୍ୟାଳୟର ୨୬୫ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରଧାନ ଆଚାର୍ଯ୍ୟା ନମିତା ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ହେମନ୍ତ କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା ଓ କର୍ମଚାରୀ ସହାୟତା କରିଥିଲେ।

## ପଙ୍କପାଳ ବଜାର ବ୍ୟବସାୟୀଙ୍କ ପରଲୋକ

କୁଜଙ୍ଗ,୫।୮ (ସମିସ): କୁଜଙ୍ଗ ବ୍ଲକ୍ ପଙ୍କପାଳସ୍ଥ ପଙ୍କପାଳ ବଜାରର ବ୍ୟବସାୟୀ ମାୟଧର ସିଂହଙ୍କ ସୋମବାର ରାତିରେ ପରଲୋକ ହୋଇଯାଇଛି। ସେ କିଛିଦିନ ପୂର୍ବେ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଅସ୍ତ୍ରୋପଚାର ପରେ



ଘରେ ରହି ଚିକିତ୍ସିତ ହେଉଥିଲେ। ତରୁଣ ଡ୍ରାମାଟିକ୍ କ୍ଲବ୍‌ରେ ଜଣେ ସଫଳ ହାସ୍ୟ ଅଭିନେତା, ଆଜାଦ ହିନ୍ଦ୍ କ୍ଲବର ପ୍ରମୁଖ ସଂଗଠକ, ବହୁ ଦୁର୍ଗାପୂଜା ଓ ରାମଚରିତ ମାନସ ସହ ବହୁ ଅନୁଷ୍ଠାନ ସହ ଜଡ଼ିତ ଥିଲେ। ପଙ୍କପାଳ ସରପଞ୍ଚ ସରୋଜ ସେଠୀ, ବଣିକ ସଂଘ ସଭାପତି ଫକୀର ଦାସ, ଅକ୍ଷୟ ସାହୁ, ଛବିନ୍ଦ୍ର ସାହୁ, ସୁରେଶ ବାରିକ, ଅମୂଲ୍ୟ ସିଂହ, କସ୍ତୁରୀ ଚରଣ ସିଂହଙ୍କ ସହ ବହୁ ମୁରବୀ, ବ୍ୟବସାୟୀ, ଜନପ୍ରତିନିଧି ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ଶୋକାକୁଳ ପରିବେଶରେ ଶେଷକୃତ୍ୟ କରାଯାଇଥିଲା।

## ଚାଷୀଙ୍କଠାରୁ ସମୃଦ୍ଧ ଜୀବନର ଠକେଇ ଅଭିଯୋଗ

କେନ୍ଦ୍ରାପଡ଼ା/ପଟ୍ଟାମୁଣ୍ଡାଇ,୫।୮ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ବ୍ଲକ୍‌ର ଚାଷୀଙ୍କଠାରୁ ସମୃଦ୍ଧ ଜୀବନ ନାମକ ଏକ ଚିଟ୍‌ଫଣ୍ଡ ସଂସ୍ଥା କୋଟି କୋଟି ଟଙ୍କା ଠକି ନେଇଛି। ଏ ନେଇ ଗରିବ ଚାଷୀ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଚାଷୀ ଅଭିଯୋଗ କରିଛନ୍ତି ଯେ ଏହି କମ୍ପାନୀ ପଟ୍ଟାମୁଣ୍ଡାଇରେ କାର୍ଯ୍ୟାଳୟ ଖୋଲିଥିଲା। କମ୍ପାନୀ ହଜାର ହଜାର ଚାଷୀଙ୍କୁ ଭରସା ଦେଇଥିଲା ଯେ ୫ ହଜାର ଟଙ୍କା ପୈଠ କଲେ କମ୍ପାନୀ ଲୋକଙ୍କୁ ଗୋଟିଏ ଗାଈ ଓ ବାଛୁରୀ ପ୍ରଦାନ କରିବ। ଗାଈଠାରୁ ଯେଉଁ କ୍ଷୀର ସଂଗ୍ରହ ହେବ, ତାହାକୁ କମ୍ପାନୀ କିଣିବ। ଏଥିସହ ଏହି ୫ ହଜାର ଟଙ୍କା ୫ ବର୍ଷ ପରେ ୧୦ ହଜାର ଟଙ୍କା ହୋଇଯିବ। ମାଗଣାରେ ଲୋକେ ଗାଈ ପାଇବେ। ଏ ନେଇ କମ୍ପାନୀ ଲୋକଙ୍କୁ ବଣ୍ଡ ମଧ୍ୟ ପ୍ରଦାନ କରିଥିଲା। ଫଳରେ କେଉଁ ଚାଷୀ ୪୦ ହଜାର ତ କେଉଁ ଚାଷୀ ୫୦ ହଜାର ବିନିଯୋଗ କରିଥିଲେ। ତେବେ କମ୍ପାନୀ କିଛିଦିନ ପରେ କାର୍ଯ୍ୟାଳୟ ବନ୍ଦ କରି କେଉଁଆଡେ ଫେରାର ହୋଇଯାଇଥିଲା। ଏହାପରେ ଚାଷୀମାନେ ଜାଣିବାକୁ ପାଇଥିଲେ ସେମାନେ ଠକାମୀର ଶିକାର ହୋଇଛନ୍ତି। ବହୁ କଷ୍ଟରେ ସଞ୍ଚିତ ଅର୍ଥକୁ କମ୍ପାନୀ ଠକିନେଲା ବୋଲି ଚାଷୀ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି। ପାଖାପାଖି ଏକ କୋଟି ଟଙ୍କା ଚାଷୀଙ୍କଠାରୁ କମ୍ପାନୀ ଠକି ନେଇଥିବା ଚାଷୀମାନେ କ୍ଷୋଭର ସହ ପ୍ରକାଶ କରିଛନ୍ତି।

## ଫ୍ୟାନ ଚୋରି ଅଭିଯୋଗରେ ୨ ଗିରଫ



ପାରାଦୀପ, ୫।୮ (ସମିସ): ପାରାଦୀପ ଲକ୍‌ଥାନା ଅଧୀନ ନିମିଡି ଗ୍ରାମର ଅନୁପ ସେନାପତିଙ୍କ ଘରୁ ଗତ ସପ୍ତାହରେ ୪ଟି ଫ୍ୟାନ ଚୋରି ହେବା ନେଇ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଅଭିଯୋଗ ଅନୁଯାୟୀ ପୁଲିସ ତଦନ୍ତ କରି ଏକ ସପ୍ତାହ ପରେ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି। ଦୁଇ ଅଭିଯୁକ୍ତ ହେଲେ କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ଥାନା ଅଧୀନ କଳାଘର ଗ୍ରାମର ରଞ୍ଜନ ରାଉତ ଓ ପାରାଦୀପ ଲକଥାନା ଅଧୀନ ନିମିଡି ଗ୍ରାମର ଜ୍ୟୋତି ପ୍ରକାଶ ସ୍ୱାଇଁ (କୁଲୁ)। ଏ ନେଇ ଥାନାରେ ୨୪୪/୨୫ ଏକ ମାମଲା ରୁଜୁ କରାଯାଇଛି।

## ପଣ୍ଡିତ ଅଭୟ ଦାଶଙ୍କୁ 'ମାନସ ମନ୍ଦାକିନୀ' ସମ୍ମାନ

ତିର୍ତ୍ତୋଲ,୫।୮ (ସମିସ): ତିର୍ତ୍ତୋଲ ବ୍ଲକ ଅନାର୍ଗତ ଗୋପାଳପୁର ଶଙ୍ଖେଶ୍ୱର ପଞ୍ଚାୟତର ଜନାର୍ଦ୍ଦନପୁର ଗ୍ରାମର ରାମାୟଣୀ ପଣ୍ଡିତ ଅଭୟ ଦାଶଙ୍କୁ




ମାନସ ମନ୍ଦାକିନୀ ପ୍ରଦାନ କରାଯାଇଛି। ଓଡ଼ିଆ ଭାଷାକୋଷର ପ୍ରଣେତା ଗୋପାଳଚନ୍ଦ୍ର ପ୍ରହରାଜଙ୍କ ଜନ୍ମମାଟି କଟକ ସଦର ଅନ୍ତର୍ଗତ କନ୍ଦରପୁର ନିକଟ ସିଦ୍ଧେଶ୍ୱରପୁରସ୍ଥ ସିଦ୍ଧେଶ୍ୱର ଶିବ ମନ୍ଦିର ପ୍ରାଙ୍ଗଣରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଓଡ଼ିଶା ସରକାର ଓ ନିଖିଳ ଉତ୍କଳ ପ୍ରବକ୍ତା ପରିଷଦ ପକ୍ଷରୁ ଅନୁଷ୍ଠିତ ରାଜ୍ୟସ୍ତରୀୟ ଗୋସ୍ୱାମୀ ତୁଳସୀ ଦାସ ଜୟନ୍ତୀ ମହୋତ୍ସବର ଉଦଯାପନ ସନ୍ଧ୍ୟାରେ ଅତିଥି ଭାବେ ପ୍ରବକ୍ତା ପରିଷଦର ସଭାପତି ପଣ୍ଡିତ ପଦ୍ମଲାଭ ତ୍ରିପାଠୀ, କାର୍ଯ୍ୟକାରୀ ଅଧ୍ୟକ୍ଷ ପଣ୍ଡିତ ବିଜୟ ଦେବତା, ସମ୍ପାଦକ ପଣ୍ଡିତ ପ୍ରମୋଦ ପଣ୍ଡା, ପଣ୍ଡିତ ଶୁକଦେବ ପଣ୍ଡା, ବ୍ରହ୍ମଚାରୀ ସନ୍ତୋଷ ଚୈତନ୍ୟ ମହାରାଜ ଓ ଦୂରଦର୍ଶନର ଆଧ୍ୟାତ୍ମିକ ବକ୍ତା ପଣ୍ଡିତ ଜିତୁ ଦାଶ, ପଣ୍ଡିତ ବିଶ୍ୱନାଥ ଶତପଥୀ, ପ୍ରବକ୍ତା ଶ୍ରୀନିବାସ ଆଚାର୍ଯ୍ୟ ପ୍ରମୁଖ ଶ୍ରୀ ଦାଶଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ମାନପତ୍ର ପ୍ରଦାନ ପୂର୍ବକ ଏହି ସମ୍ମାନରେ ସମ୍ବର୍ଦ୍ଧିତ କରିଥିଲେ।

**ପାରାଦୀପ ପୋର୍ଟ ଡିଏଲଆର ଆଣ୍ଡ କଣ୍ଟ୍ରାକ୍ଟ ୱାର୍କର୍ସ ୟୁନିଅନର ସାଧାରଣ ବୈଠକ**

## 'ଶ୍ରମିକଙ୍କ ଦାବି ନେଇ ପୋର୍ଟ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ଜାରି ରହିଛି'

ପାରାଦୀପ, ୫।୮ (ସମିସ)

ପାରାଦୀପ ପୋର୍ଟ ଡିଏଲଆର ଆଣ୍ଡ କଣ୍ଟ୍ରାକ୍ଟ ୱାର୍କର୍ସ ୟୁନିଅନର ସାଧାରଣ ବୈଠକ ସ୍ଥାନୀୟ ପୋର୍ଟ କ୍ଲବ୍‌ରେ ଅନୁଷ୍ଠିତ ହୋଇଯାଇଛି। ୟୁନିଅନର ସଭାପତି ତଥା ବିଶିଷ୍ଟ ଶ୍ରମିକ ନେତା ବାପି ସର୍ଖେଲ ଯୋଗଦେଇ ୟୁନିଅନ ପକ୍ଷରୁ ପାରାଦୀପ ପୋର୍ଟ କର୍ତ୍ତୃପକ୍ଷକୁ ଦିଆଯାଇଥିବା ଦାବିକୁ ବନ୍ଦର କର୍ତ୍ତୃପକ୍ଷ ନିଶ୍ଚୟ ମାନି ନେବା ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ୧୩ଟି ୟୁନିଅନକୁ ନେଇ ଗଠିତ କୋ-ଅଡିନେସନ କମିଟି ପକ୍ଷରୁ ମଧ୍ୟ ଡିଏଲଆର ଭାଇଭଉଣୀଙ୍କ ସ୍ୱାର୍ଥ ପାଇଁ ପାରାଦୀପ ପୋର୍ଟ ମ୍ୟାନେଜମେଣ୍ଟକୁ ଦାବିପତ୍ର ଦିଆଯାଇଛି। ସେସବୁ ଦାବି ସମ୍ପର୍କରେ ଆଜି ସଭାପତି ଶ୍ରୀ ସର୍ଖେଲ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଏବେ ମଧ୍ୟ ପାରାଦୀପ ବନ୍ଦର ମ୍ୟାନେଜମେଣ୍ଟ ସହିତ ଆଲୋଚନା ଜାରି ରହିଛି। ଆମ ଦାବି ଉପରେ ବନ୍ଦର କର୍ତ୍ତୃପକ୍ଷ ଯଦି ତୁରନ୍ତ କୌଣସି ପଦକ୍ଷେପ ନ ନିଅନ୍ତି, ତେବେ ୟୁନିଅନ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ୍ୟ ହେବ ବୋଲି ଶ୍ରୀ ସର୍ଖେଲ କହିଥିଲେ।






ଆଜି ସମସ୍ତ ଡିଏଲଆର ଭାଇଭଉଣୀଙ୍କ ସହିତ ସମସ୍ତ କାର୍ଯ୍ୟକାରିଣୀ ସଦସ୍ୟଙ୍କୁ ଡକାଯାଇ ଆଲୋଚନା କରାଯାଇଥିଲା। ବିଗତ ଦିନରେ ୟୁନିଅନରେ ଥିବା ଡିଏଲଆର ଭାଇଭଉଣୀଙ୍କ ୩ ଥର ଦରମା ବୃଦ୍ଧି ହୋଇଛି। ସମାନ କାମକୁ ସମାନ ଦରମା, ଯେଉଁମାନେ ଅବସର ନେଉଛନ୍ତି ୩୦ ବର୍ଷ କାମ କରି ଗୋଟିଏ ମାସର ଦରମା ନେଇ ଘରକୁ ଯାଉଛନ୍ତି। ସେମାନଙ୍କୁ ୧୫ ଲକ୍ଷ ଟଙ୍କା ପ୍ରଦାନ କରିବା, ଏଥିସହିତ ୬୦ ବର୍ଷରେ ଅବସର ନେଇଥିବା ବନ୍ଦରର ଜଣେ କର୍ମଚାରୀ ଯେଉଁଭଳି ଭାବେ ଦୁଇରୁ ତିନିବର୍ଷ ପୁନଃନିଯୁକ୍ତି ପାଉଛି, ସେହିଭଳି ଜଣେ ଡିଏଲଆର ଭାଇଭଉଣୀ ମଧ୍ୟ ସେ ସୁଯୋଗ ପାଇପାରିବ, ସେ ନେଇ ଆମେ ବନ୍ଦର ମ୍ୟାନେଜମେଣ୍ଟକୁ ଦାବି ଜଣାଇଛୁ। ବନ୍ଦର କର୍ମଚାରୀଙ୍କ ଭଳି ମେଡିକାଲ ସୁବିଧା ଦେବାକୁ ଦାବି ରଖିଛୁ। ୟୁନିଅନ ସହକାରୀ ସମ୍ପାଦକ ରାମକୃଷ୍ଣ ମହାପାତ୍ର ସଭା ମଞ୍ଚ ପରିଚାଳନା କରିଥିବାବେଳେ ୟୁନିୟନର ସାଧାରଣ ସମ୍ପାଦକ ସମୀର ବିଶ୍ୱାଳ, ଉପସଭାପତି ନିର୍ମଳ ମହାପାତ୍ର ଓ ଶିବପ୍ରସାଦ ବଳିଆରସିଂ, ପାରାଦୀପ-ଏରସମା ଶିଳ୍ପାଞ୍ଚଳ ଶ୍ରମିକ ସଂଘର ସାଂଗଠନିକ ସମ୍ପାଦକ ଦୀପକ ସ୍ୱାଇଁ, ଉପସଭାପତି ତପନ ପାତ୍ରଙ୍କ ସମେତ ଶତାଧିକ ଡିଏଲଆର ଭାଇଭଉଣୀ ବନ୍ଦର କାର୍ଯ୍ୟରେ ବାଧା ନ ଦେଇ ଉପସ୍ଥିତ ଥିଲେ।

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୭.୯୫ ● ପାଉଣ୍ଡ ୧୧୭.୦୧
- ୟୁରୋ ୧୦୧.୦୧ ● ୟେନ୍ ୦.୫୯

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୯୩,୭୦୦ (ନୂଆଦିଲ୍ଲୀ)
- ରୁପା : ୧,୦୨,୨୨୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୦,୭୧୦.୦୦
- ନିଫ୍ଟି ୨୪,୬୪୯.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



ଜେରା କଲା ଇଡି

### ୧୭ ହଜାର କୋଟି ଟଙ୍କାର ଋଣ ଠକେଇ ମାମଲା

# ୧୦ ଦିନ ସମୟ ମାଗିଲେ ଅନିଲ ଅମ୍ବାନୀ

ନୂଆଦିଲ୍ଲୀ,୫।୮ (ଏଜେନ୍ସି)

ମଙ୍ଗଳବାର ୧୭ ହଜାର କୋଟି ଟଙ୍କାର ଋଣ ଠକେଇ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)ରେ ହାଜର ହୋଇଛନ୍ତି ରିଲାଏନ୍ସ ଅନିଲ ଧୀରୁଭାଇ ଅମ୍ବାନୀ ଗ୍ରୁପ ଚେୟାରମ୍ୟାନ୍ ଅନିଲ ଅମ୍ବାନୀ। ଆଜି ଇଡି ଅନିଲ୍‌ଙ୍କୁ ନୂଆଦିଲ୍ଲୀ ସ୍ଥିତ ଏହାର କାର୍ଯ୍ୟାଳୟରେ ଜେରା କରିଛି। ଏହା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟକୁ ୧୦ ଦିନ ସମୟ ମାଗିଛନ୍ତି ଅନିଲ୍।



ମଙ୍ଗଳବାର ମନି ଲଣ୍ଡରିଂ ମାମଲାରେ ଇଡିରେ ହାଜର ହୋଇଥିବା ଅନୀଲ ଠକେଇ ସହ ଜଡିତ ଦସ୍ତାବିଜ ଦାଖଲ କରିବା ପାଇଁ ଇଡିକୁ ୧୦ ଦିନ ସମୟ ମାଗିଥିବା ସୂଚନା ମିଳିଛି। ସମ୍ପୃକ୍ତ ଠକେଇ ମାମଲାରେ ପଚରାଉଚରା ପାଇଁ ୬୬ ବର୍ଷୀୟ ଅନୀଲ ଅମ୍ବାନୀଙ୍କୁ ଇଡି ନୂଆଦିଲ୍ଲୀସ୍ଥିତ ମୁଖ୍ୟାଳୟକୁ ଡକାଇ ଥିଲା। ଏଠାରେ ଅଧିକାରୀମାନେ ତାଙ୍କୁ ଠକେଇ ସମ୍ପର୍କରେ ପଚରାଉଚରା କରିବା ସହିତ ମନି ଲଣ୍ଡରିଂ ନିବାରଣ ଆଇନ (ପିଏମ୍‌ଏଲ୍‌ଏ) ଅଧୀନରେ ତାଙ୍କ ବୟାନ ରେକର୍ଡ କରିଛନ୍ତି। ପଚରାଉଚରା ସମୟରେ, ଅନିଲ୍ ଇଡି ଅଧିକାରୀମାନଙ୍କୁ କହିଥିଲେ ଯେ ଠକେଇ ମାମଲା ସହିତ ଜଡିତ କାଗଜପତ୍ର ଏବଂ ତଥ୍ୟ ସଂଗ୍ରହ କରିବାକୁ ତାଙ୍କୁ ଅତି କମ୍‌ରେ ୭ରୁ ୧୦ ଦିନ ସମୟ ଲାଗିବ। ଏହାପରେ ଇଡି ତାଙ୍କୁ ସମୟ ଦେଇଛି। ୭-୧୦ ଦିନ ମଧ୍ୟରେ ଏଜେନ୍ସି ତାଙ୍କୁ ପୁଣିଥରେ ସମନ କରିପାରେ। ୧୭,୦୦୦ କୋଟି ଟଙ୍କାର ଏହି ମନି ଲଣ୍ଡରିଂ ଏବଂ ଋଣ ଠକେଇ ମାମଲାରେ କୌଣସି ସମ୍ପୃକ୍ତିକୁ ଅନିଲ୍ ଅସ୍ୱୀକାର କରିଥିଲେ। କହିଥିଲେ ଯେ ସମସ୍ତ ଆର୍ଥିକ ନିଷ୍ପତ୍ତି ତାଙ୍କ କମ୍ପାନୀଗୁଡ଼ିକର ଆଭ୍ୟନ୍ତରୀଣ ବୋର୍ଡ ଦ୍ୱାରା ନିଆଯାଇଥିଲା ଏବଂ ପରେ ସେ କେବଳ ସେଥିରେ ସ୍ୱାକ୍ଷର କରିଥିଲେ। ମାମଲାରେ ପୂର୍ବରୁ, ଇଡି ଅନିଲ ଅମ୍ବାନୀଙ୍କ ବିରୋଧରେ ଲୁକଆଉଟ୍ ନୋଟିସ୍ ଜାରି କରିଥିଲା। ରିପୋର୍ଟ ଅନୁଯାୟୀ, ତଦନ୍ତକାରୀ ଅଧିକାରୀଙ୍କ ଅନୁମୋଦନ ବିନା ଅନିଲ୍ ଭାରତ ଛାଡିପାରିବେନାହିଁ। ଯଦି ସେ ବିଦେଶ ଯିବାକୁ ଚେଷ୍ଟା କରନ୍ତି, ତେବେ ତାଙ୍କୁ ଅଟକ ରଖାଯାଇପାରେ।

ଜୁଲାଇ ୨୪ ତାରିଖରେ, ଇଡି ମୁମ୍ବାଇ ଏବଂ ଦିଲ୍ଲୀରେ ରିଲାଏନ୍ସ ଅନିଲ ଧୀରୁଭାଇ ଅମ୍ବାନୀ ଗ୍ରୁପ ସହିତ ଜଡିତ ୫୦ରୁ ଅଧିକ କମ୍ପାନୀ ଏବଂ ସ୍ଥାନରେ ଚଢାଉ କରିଥିଲା। ୨୫ ରୁ ଅଧିକ ଲୋକଙ୍କୁ ମଧ୍ୟ ପଚରାଉଚରା କରାଯାଇଥିଲା। ଏହି ଚଢାଉ ମନି ଲଣ୍ଡରିଂ ନିବାରଣ ଆଇନ (ପିଏମ୍‌ଏଲ୍‌ଏ) ର ଧାରା ୧୭ ଅନୁଯାୟୀ କରାଯାଇଥିଲା।

ଏହି ମାମଲାରେ ଇଡି ଶୁକ୍ରବାର ଓଡ଼ିଶା ଏବଂ କୋଲକାତାରେ ଚଢ଼ାଉ କରିଥିଲା। ୨୦୨୪ ନଭେମ୍ବର ୧୧ରେ ଇଡି ଦିଲ୍ଲୀ ପୋଲିସର ଅର୍ଥନୈତିକ ଅପରାଧ ଶାଖା ପକ୍ଷରୁ ଏହି ପ୍ରସଙ୍ଗରେ ଏକ ମାମଲା ରୁଜୁ କରିଥିଲା। ଇଡି ଅଭିଯୋଗ କରିଛି ଯେ ନକଲି ବ୍ୟାଙ୍କ ଗ୍ୟାରେଣ୍ଟି ଆଧାରରେ ଅନିଲଙ୍କ କମ୍ପାନୀକୁ ଚୁକ୍ତିନାମା ଦିଆଯାଇଥିଲା। ଭୁବନେଶ୍ୱରରେ ଇଡି ମେସର୍ସ ବିସୱାଲ ଟ୍ରେଡଲିଙ୍କ୍ ପ୍ରାଇଭେଟ ଲିମିଟେଡ ଉପରେ ଏହି ମାମଲାରେ ଚଢାଉ କରିଛି।

## ପିଏମ୍ ଫସଲ ବୀମାରେ ଅଧିକ ଚାଷୀଙ୍କୁ ସାମିଲ କରିବାକୁ ୧୬ରୁ ଚାଲିବ ଅଭିଯାନ



ନୂଆଦିଲ୍ଲୀ, ୫।୮: ଖରିଫ ଋତୁରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (ପିଏମ୍‌ଏଫ୍‌ବିୱାଇ) ଅଧୀନରେ ସର୍ବାଧିକ ଚାଷୀଙ୍କୁ ପଞ୍ଜୀକରଣ କରିବା ଏବଂ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ଅଧୀନରେ ଜାତୀୟ ଗ୍ରାମୀଣ ଜୀବିକା ମିଶନ ଅଧୀନରେ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କୁ ଅଧିକ ଋଣ ଦେବା ସମ୍ପର୍କରେ ସମସ୍ତ ବ୍ୟାଙ୍କ ଏବଂ ରାଜ୍ୟ ସରକାରଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ନିଷ୍ପତ୍ତି ଅନୁଯାୟୀ, ଖରିଫ ଋତୁରେ ଫସଲ ବୀମା ଅଧୀନରେ ସର୍ବାଧିକ ସଂଖ୍ୟକ ଚାଷୀଙ୍କୁ ସୁରକ୍ଷା କଭର ଯୋଗାଇବା ପାଇଁ ଅଗଷ୍ଟ ୧୬ ରୁ ୩୦ ପର୍ଯ୍ୟନ୍ତ ସାରା ଦେଶରେ ଏକ ଅଭିଯାନ ଚାଲିବ। କେନ୍ଦ୍ର କୃଷି ଏବଂ କୃଷକ କଲ୍ୟାଣ ଏବଂ ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂହ ଚୌହାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସମସ୍ତ ବ୍ୟାଙ୍କ ମହିଳାମାନଙ୍କୁ ଋଣ ଦେବା ଉପରେ ଧ୍ୟାନ ଦେଇ କଭରେଜ ବୃଦ୍ଧି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଦୂରଦୂରାନ୍ତ ଏବଂ ଗ୍ରାମୀଣ ଅଞ୍ଚଳ ଉପରେ ଧ୍ୟାନ ଦେଇ କାମ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଯାହା ଦ୍ୱାରା ଉତ୍ତମ ଫଳାଫଳ ହାସଲ କରାଯାଇପାରିବ। ଆଜି ଆମେ ବିଶ୍ୱର ଚତୁର୍ଥ ବୃହତ ଅର୍ଥନୀତି ଏବଂ ତୃତୀୟ ହେବା ଦ୍ୱାରରେ ଅଛୁ। ଏହି ସଫଳତା ପଛରେ ଆମର ଦୁଇଟି ବିଭାଗ (କୃଷି ଏବଂ କୃଷକ କଲ୍ୟାଣ ଏବଂ ଗ୍ରାମୀଣ ବିକାଶ) ବହୁତ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଯେପରି ଭାରତକୁ ଗାଁ ବିନା ଜାଣିହେବ ନାହିଁ, ସେହିପରି କୃଷି ବିନା ଆମ ଦେଶର କୌଣସି ପରିଚୟ ନାହିଁ। କୃଷି ହେଉଛି ଭାରତୀୟ ଅର୍ଥନୀତିର ମେରୁଦଣ୍ଡ ଏବଂ କୃଷକମାନେ ଏହାର ଆତ୍ମା ଏବଂ ଜୀବନ।

**ବ୍ୟାଙ୍କ ଏବଂ ରାଜ୍ୟଙ୍କ ସହ କୃଷିମନ୍ତ୍ରୀଙ୍କ ବୈଠକ**

## ଟାଟା ପାୱାର ଓଡ଼ିଶା ଡିସ୍‌କମ୍ ସ୍ଥାନୀୟ ଭେଣ୍ଡରଙ୍କୁ ଦେଲା ୧୬,୦୦୦ କୋଟିର କାର୍ଯ୍ୟବରାଦ

ଭୁବନେଶ୍ୱର,୫।୮ (ସମିସ): ଓଡ଼ିଶାର ସ୍ଥାନୀୟ ଅର୍ଥନୀତି ଓ ଶିଳ୍ପ ବ୍ୟବସ୍ଥାକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ଓଡ଼ିଶା ସରକାରଙ୍କ ସହ ଯୌଥ ଉଦ୍ୟୋଗରେ ସ୍ଥାପନ କରାଯାଇଥିବା ଟାଟା ପାୱାର ନେତୃତ୍ୱାଧୀନ ଓଡ଼ିଶାର ଡିସ୍‌କମ୍ ଗୁଡ଼ିକ ଗତ ଚାରି - ପାଞ୍ଚ ବର୍ଷରେ ସ୍ଥାନୀୟ ଭେଣ୍ଡର ଓ ଠିକାଦାରମାନଙ୍କୁ ପ୍ରାୟ ୧୫,୯୪୪ କୋଟି ଟଙ୍କାର କାର୍ଯ୍ୟବରାଦ ପ୍ରଦାନ କରିଛନ୍ତି। ଏହି ବରାଦଗୁଡ଼ିକ ଟିପି ସେଣ୍ଟ୍ରାଲ, ଟିପି ସଦର୍ଣ୍ଣ, ଟିପି ନର୍ଦନ ଓ ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍‌ର ପରିଚାଳନାର ମୂଳଦୁଆ ପାଲଟିଥିବାବେଳେ ୧୭,୬୭୨ରୁ ଅଧିକ ବରାଦ ଆଂଚଳିକ ନିଯୁକ୍ତି ଓ ଉଦ୍ୟମିତା ପ୍ରତି ଉଲ୍ଲେଖଯୋଗ୍ୟ ଯୋଗଦାନ ପ୍ରଦାନ କରିଛି। ଦିଆଯାଇଥିବା ମୋଟ୍ ବରାଦର ୫୮ ପ୍ରତିଶତ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସଏମ୍‌ଇ) ଗୁଡ଼ିକୁ ପ୍ରଦାନ କରାଯାଇଛି ଯାହା ସ୍ଥାନୀୟ ସଂସ୍ଥାଗୁଡ଼ିକୁ ସମର୍ଥନ ପାଇଁ ଡିସ୍‌କମ୍‌ଗୁଡ଼ିକର ପ୍ରତିବଦ୍ଧତାକୁ ଦର୍ଶାଉଛି। ଏହି ସମ୍ପୃକ୍ତିରେ ଉପକରଣ ପ୍ରକ୍ୟୁରମେଣ୍ଟ ଓ ସେବା ପ୍ରଦାନ ଭଳି ପରିଚାଳନା ଆବଶ୍ୟକତାର ବିଭିନ୍ନ କ୍ଷେତ୍ର ସାମିଲ ରହିଛି ଏବଂ ସାରା ରାଜ୍ୟର ଭେଣ୍ଡର ଏଥିରେ ଯୋଡ଼ି ହୋଇଛନ୍ତି।

### ଟ୍ରମ୍ପ୍ ଟାରିଫ୍‌ର ମୁକାବିଲା ପାଇଁ ଭାରତର ଯୋଜନା

## ପ୍ରସ୍ତୁତ ହେବ ୨୦ ହଜାର କୋଟିର ମିଶନ

ନୂଆଦିଲ୍ଲୀ,୫।୮ (ଏଜେନ୍ସି): ଭାରତ ଉପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଘୋଷଣା କରିଥିବା ଟାରିଫ୍ ବା ଶୁଳ୍କର ମୁକାବିଲା ପାଇଁ ଭାରତ ସମ୍ପ୍ରତି ଏକ ବଡ଼ ଯୋଜନା ଉପରେ ପ୍ରସ୍ତୁତି ଚଳାଇଛି। ଏଥିରେ ଭାରତ ଏକ ୨୦ ହଜାର କୋଟି ଟଙ୍କାର ମିଶନ ପ୍ରସ୍ତୁତ କରୁଛି। ବିଶ୍ୱ ବାଣିଜ୍ୟ ଶୁଳ୍କ ମାଡ଼ର ଅନିଶ୍ଚିତତାରୁ ରପ୍ତାନିକାରୀଙ୍କୁ ଦେବ ସୁରକ୍ଷା। ଏଥିରେ ରପ୍ତାନୀକାରୀଙ୍କୁ ଶସ୍ତା ଏବଂ ସହଜ ଋଣ ଯୋଗାଇ ଦିଆଯିବ। ବିଶ୍ୱର ପ୍ରମୁଖ ଦେଶରେ ଅଧିକ ବିକ୍ରି ହେବ ଇଣ୍ଡିଆନ୍ ବ୍ରାଣ୍ଡର ଉତ୍ପାଦ। କାରଣ ଆମେରିକାର ଶୁଳ୍କର ପ୍ରଭାବକୁ ହ୍ରାସ କରିବା ପାଇଁ ବଡ ପଦକ୍ଷେପ ନେଇଛି ଭାରତ। ଏକ ରିପୋର୍ଟ ଅନୁଯାୟୀ, ଭାରତ ସରକାର ସେପ୍ଟେମ୍ବର ସୁଦ୍ଧା ଏକ ଦୀର୍ଘକାଳୀନ ଯୋଜନା ପ୍ରସ୍ତୁତ କରୁଛନ୍ତି, ଯାହା ଅଧୀନରେ ରପ୍ତାନିକାରୀଙ୍କୁ ୨୦,୦୦୦ କୋଟି ଟଙ୍କାର ରପ୍ତାନି ପ୍ରୋତ୍ସାହନ ମିଶନ ଦ୍ୱାରା ସମର୍ଥନ କରାଯିବ।



ଏହାର ଉଦ୍ଦେଶ୍ୟ ହେଉଛି ବିଶ୍ୱ ବାଣିଜ୍ୟ ଏବଂ ଶୁଳ୍କ ଆଘାତର ଅନିଶ୍ଚିତତାରୁ ଭାରତର ରପ୍ତାନିକାରୀଙ୍କୁ ସୁରକ୍ଷା ଦେବା। ଅଗଷ୍ଟ ୭ରୁ ଆମେରିକା ଭାରତୀୟ ସାମଗ୍ରୀ ଉପରେ ୨୫% ଟାରିଫ ଲାଗୁ କରିବ।

## ୯ରୁ ଟାଇ ଭୁବନେଶ୍ୱର ଟାଇକନ୍ ୨୦୨୫

ଭୁବନେଶ୍ୱର, ୫।୮ (ସମିସସ): ଓଡିଶାରେ ୧୩ ବର୍ଷର ପ୍ରଭାବଶାଳୀ ଉପସ୍ଥିତି ପରେ ଟାଇ (ଟିଆଇଇ) ଭୁବନେଶ୍ୱର ଆସନ୍ତା ଅଗଷ୍ଟ ୯ ଓ ୧୦ ତାରିଖ, ୨୦୨୫ରେ ଭୁବନେଶ୍ୱରରେ ଆନ୍ତର୍ଜାତୀୟ ସ୍ୱୀକୃତି ସହିତ ଏକ ଜାତୀୟସ୍ତରୀୟ ଉଦ୍ୟୋଗିକତା ସମ୍ମିଳନୀ ଟାଇକନ ୨୦୨୫ର ଆୟୋଜନ କରିବା ପାଇଁ ପ୍ରସ୍ତୁତ ହୋଇଛି। ଏହି ସମ୍ମିଳନୀ ଉଦ୍ୟୋଗିକତା ଓ ଉଦ୍ଭାବନ ପାଇଁ ଏକ ବିକଶିତ କେନ୍ଦ୍ରରେ ପରିଣତ ହେବା ଦିଗରେ ଓଡିଶାର ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତାକୁ ଚିହ୍ନିତ କରୁଛି। ଟାଇକନ ୨୦୨୫ ଘୋଷଣା ଅବସରରେ ଅୟସକାନ୍ତ ମହାନ୍ତି, ଅଧ୍ୟକ୍ଷ, ଟାଇ ଭୁବନେଶ୍ୱର, ସତ୍ୟବ୍ରତ ରଥ, ଉପାଧ୍ୟକ୍ଷ, ଟାଇ ଭୁବନେଶ୍ୱର, ଶ୍ରୀଯୁକ୍ତ ଅନ୍ନଦା ପ୍ରସାଦ ପାଢୀ, ସଚିବ, ଟାଇ ଭୁବନେଶ୍ୱର ଏବଂ ରାକେଶ କୁମାର ଗୁପ୍ତା, କୋଷାଧ୍ୟକ୍ଷ, ଟାଇ ଭୁବନେଶ୍ୱର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଦୁଇ ଦିବସୀୟ ସମ୍ମିଳନୀରେ ଭାରତ ଏବଂ ଶ୍ରୀଲଙ୍କା, ସିଙ୍ଗାପୁର, ୟୁଏଇ (ଦୁବାଇ) ଓ ୟୁଏସଏ ଭଳି ଦେଶଗୁଡିକରୁ ଉଦ୍ୟୋଗୀ ଓ ବିଶିଷ୍ଟ ବ୍ୟକ୍ତିମାନଙ୍କ ଅଂଶଗ୍ରହଣ କରିବେ। ଓଡିଶାକୁ ବ୍ୟବସାୟ ଓ ଉଦ୍ଭାବନ ପାଇଁ ଏକ




ଆକର୍ଷଣୀୟ ଗନ୍ତବ୍ୟସ୍ଥଳୀ ଭାବେ ହାଇଲାଇଟ କରିବା ପାଇଁ ଡିଜାଇନ କରାଯାଇଥିବା ଟାଇକନ ୨୦୨୫କୁ ଓଡିଶା ସରକାରଙ୍କ ସହ ସହଭାଗିତାରେ ଆୟୋଜନ କରାଯିବ। ୧୦୦ରୁ ଅଧିକ ବିଦେଶୀ ଅଂଶଗ୍ରହଣକାରୀଙ୍କ ସମେତ ୫୦୦ରୁ ଅଧିକ ପ୍ରତିନିଧି ଏହି ବିଶାଳ ଉଦ୍ୟୋଗିକତା ସମ୍ମିଳନୀରେ ଯୋଗ ଦେବାର ସମ୍ଭାବନା ରହିଛି। ଏହି କାର୍ଯ୍ୟକ୍ରମ ଅନ୍ତର୍ଦୃଷ୍ଟିପୂର୍ଣ୍ଣ ଅଧିବେଶନ, ନେଟ୍‌ୱର୍କିଂ ସୁଯୋଗ ଏବଂ ୪ଟି ପ୍ରମୁଖ ପଦକ୍ଷେପର ଲଂଚ ସହ ସୁସଜ୍ଜିତ ରହିଛି ଯାହା ରାଜ୍ୟରେ ଉଦ୍ୟୋଗିକତାକୁ ପ୍ରୋତ୍ସାହିତ କରିବା ପାଇଁ ଲକ୍ଷ୍ୟ ରଖିଛି।

ଦଶନ୍ଧି ଧରି ମୁଦ୍ରା ମୂଲ୍ୟରେ ହ୍ରାସ ପରେ ନୂଆ ପଦକ୍ଷେପ

## 'ରିଆଲ୍'ରୁ ୪ ଶୂନ ହଟାଇବ ଇରାନ୍

ନୂଆଦିଲ୍ଲୀ,୫।୮ (ଏଜେନ୍ସି)

ଦଶନ୍ଧି ଧରି ମୁଦ୍ରା ମୂଲ୍ୟରେ ବୃହତ୍ ହ୍ରାସ ପରେ ଇରାନ ଏହାର ଘରୋଇ ମୁଦ୍ରା 'ରିଆଲ୍'ରୁ ୪ ଶୂନ୍ୟ କାଟିବାକୁ ପ୍ରସ୍ତାବ ଦେଇଛି। ସଂସଦର ଅର୍ଥନୈତିକ କମିଟି ନିକଟରେ ରିଆଲ୍‌ର ପୁନଃ ମୂଲ୍ୟାଙ୍କନ କରିବା ପାଇଁ ଏକ ସରକାରୀ ବିଲ୍‌ର ସାଧାରଣ ରୂପରେଖାକୁ ଅନୁମୋଦନ କରିଛି। ଏହାପରେ ଇରାନ୍ ମୁଦ୍ରାର ଏକ ୟୁନିଟ୍ ବର୍ତ୍ତମାନର ଅର୍ଥ ହିସାବରେ ୧୦ ହଜାର ରିଆଲ ସହିତ ସମାନ ରହିବ। କମିଟିର ମୁଖ୍ୟ ଶାମସୁଦ୍ଦିନ୍ ହୋସେନି କହିଛନ୍ତି ଯେ ନୂତନ ମୁଦ୍ରା ଏବେ ବି ରିଆଲ ଭାବରେ ଜଣାଶୁଣା ହେବ।

**୧ ୟୁନିଟ୍ ବର୍ତ୍ତମାନର ଅର୍ଥରେ ୧୦ ହଜାର ରିଆଲ୍**



ଅଙ୍କରେ ଏହି ପ୍ରସ୍ତାବିତ ହ୍ରାସ ଆର୍ଥିକ ଗଣନା ଏବଂ ହିସାବକୁ ସରଳ କରିବା ଏବଂ ନୋଟ୍ ମୁଦ୍ରଣ ଖର୍ଚ୍ଚକୁ ହ୍ରାସ କରିବା ପାଇଁ ଡିଜାଇନ୍ କରାଯାଇଛି। ହୋସେନି କହିଛନ୍ତି ଯେ ନୂତନ ରିଆଲ ନିଜେ ୧୦୦ ଘରାନରୁ ଗଠିତ ହେବ। ଅନ୍ତର୍ଜାତୀୟ କଟକଣା ଯୋଗୁଁ ଇରାନ ମୁଦ୍ରାର ମୂଲ୍ୟରେ ଉଲ୍ଲେଖନୀୟ ହ୍ରାସ ଘଟିଛି, ଯାହା ଦେଶକୁ ବିଶ୍ୱ ବ୍ୟାଙ୍କିଙ୍ଗ ବ୍ୟବସ୍ଥାରୁ ବିଚ୍ଛିନ୍ନ କରିଛି ଏବଂ ଏହାର ଅର୍ଥନୀତିକୁ ଦୁର୍ବଳ କରିଛି। ଜୁନ୍ ମାସରେ ଇସ୍ରାଏଲ ଏବଂ ଇରାନ ମଧ୍ୟରେ ୧୨ଦିନିଆ ଯୁଦ୍ଧ ପରେ ରାଜନୈତିକ ଅନିଶ୍ଚିତତା ଜାରି ରହିବା ମଧ୍ୟରେ ସାମ୍ପ୍ରତିକ ଦିନରେ ଡଲାର ତୁଳନାରେ ରିୟାଲ ଆହୁରି ଦୁର୍ବଳ ହୋଇଛି। ଇରାନ ୧୯୯୦ଦଶକରୁ ମୁଦ୍ରା ସଂସ୍କାର ବିଷୟରେ ଚିନ୍ତା କରୁଛି। ବିଲ୍‌କୁ ଅନୁମୋଦନ ପାଇଁ ଆନୁଷ୍ଠାନିକ ଭାବରେ ସଂସଦରେ ପ୍ରସ୍ତାବ ଦାଖଲ କରିବାକୁ ପଡିବ। ଶେଷରେ ଏହା ଆଇନରେ ପରିଣତ ହେବା ପାଇଁ ନୂତନ ଆଇନ ଯାଞ୍ଚ କରୁଥିବା ସାମ୍ବିଧାନିକ ସଂସ୍ଥା ଗାର୍ଡିଆନ୍ କାଉନସିଲର ଅନୁମୋଦନ ଆବଶ୍ୟକ ହେବ। କମିଟିର ଉପାଧ୍ୟକ୍ଷ ଜାଫର ଘଦେରୀ ଗତ ସପ୍ତାହରେ କହିଥିଲେ ଯେ ଶୂନକୁ ହଟାଇବା ଦ୍ୱାରା ମୁଦ୍ରାସ୍ଫୀତି ଉପରେ କୌଣସି ପ୍ରଭାବ ପଡ଼ିବନାହିଁ କିନ୍ତୁ କାରବାର ଖର୍ଚ୍ଚ ହ୍ରାସ ହେବ।

### ଦିଲ୍ଲୀରେ ନଡ୍ଡାଙ୍କୁ ଭେଟିଲେ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ମହାଲିଙ୍ଗ

## ଫୁଲବାଣୀ, ତାଳଚେର ମେଡିକାଲ କଲେଜ କାର୍ଯ୍ୟକ୍ଷମ ଦାବି

ଭୁବନେଶ୍ୱର, ୫।୮ (ସମିସ): ତାଳଚେରର ପବିତ୍ର ମୋହନ ପ୍ରଧାନ ମେଡିକାଲ କଲେଜ ଏବଂ ଫୁଲବାଣୀର ସରକାରୀ ମେଡିକାଲ କଲେଜର ୨୦୨୫-୨୬ ଶିକ୍ଷାବର୍ଷ ପାଇଁ ୧୦୦ଟି ଲେଖାଏଁ ସମୁଦାୟ ୨୦୦ ଏମବିବିଏସ ସିଟରେ ନାମ ଲେଖା ପାଇଁ ଅନୁରୋଧ କରିଛନ୍ତି ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ। ଦିଲ୍ଲୀରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜେପି ନଡ୍ଡାଙ୍କୁ ଭେଟି ଅନୁମତି ପତ୍ର ପ୍ରଦାନ କରିବାକୁ ଅନୁରୋଧ କରିଥିବା ଜଣାପଡ଼ିଛି।

**୨୦୨୫-୨୬ ଶିକ୍ଷାବର୍ଷରେ ଉଭୟ କଲେଜରେ ୨୦୦ ଏମ୍‌ବିବିଏସ୍ ସିଟରେ ନାମଲେଖା ପାଇଁ ଅନୁରୋଧ**



ସୂଚନା ଅନୁସାରେ ଉପରୋକ୍ତ ଦୁଇଟି ମହାବିଦ୍ୟାଳୟ ଓଡ଼ିଶାରେ ଚିକିତ୍ସା କ୍ଷେତ୍ରରେ ନୂଆଭାବେ ପ୍ରତିଷ୍ଠିତ ହୋଇଛି। ଏହି ଦୁଇ ଅନୁଷ୍ଠାନର ଡିନ ଓ ପ୍ରିନ୍ସିପାଲ ମାନେ ଅନୁମତି ପତ୍ର ପାଇବା ପାଇଁ ଆବେଦନ ଗତ ଜାନୁଆରୀ ୧୮ ତାରିଖରେ ନ୍ୟାସନାଲ ମେଡିକାଲ କମିଶନ(ଏନଏମସି)ର ପୋର୍ଟାଲ ମାଧ୍ୟମରେ ଦାଖଲ କରିଥିଲେ। ଏନ୍‌ଏମ୍‌ସିର ଟିମ ଗତ ମେ' ୨୮ ତାରିଖରେ ଫୁଲବାଣୀ ମେଡିକାଲ କଲେଜ ଓ ଜୁନ ୨୩ ତାରିଖରେ ପବିତ୍ର ମୋହନ ପ୍ରଧାନ ମେଡିକାଲ କଲେଜକୁ କ୍ଷେତ୍ରୀୟ ନିରୀକ୍ଷଣରେ ଆସିଥିଲେ। କେନ୍ଦ୍ର ସରକାରଙ୍କ ପକ୍ଷରୁ ଅନୁମତି ପତ୍ର ମିଳିବା ପରେ ରାଜ୍ୟରେ ସ୍ୱାସ୍ଥ୍ୟ ସେବାରେ ଆଉ ଦୁଇ ଗୋଟି କଲେଜ ଯୋଡି ହେବ। ୧୪ ଟି ସରକାରୀ କଲେଜରୁ ବଢି ଏହା ୧୬ରେ ପହଞ୍ଚିବା ସହ ସମୁଦାୟ ଏମବିବିଏସ ସିଟ ସଂଖ୍ୟା ୧୮୦୦ରେ ପହଞ୍ଚିବ। ଏହି ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

## ବିଜେପି ପ୍ରୋତ୍ସାହନରେ ଗଞ୍ଜାମ ଅପରାଧୀଙ୍କ ଚରାଭୂଇଁ: ବିଜେଡି

ଭୁବନେଶ୍ୱର,୫।୮ (ସମିସ): ଗଞ୍ଜାମରେ ଲଗାତାର ଭାବେ ଅପରାଧ ଉପରମୁହାଁ ହୋଇଥିଲା ବେଳେ ଶାସକ ଦଳ ଏବଂ ମନ୍ତ୍ରୀଙ୍କ ପୁତୁରାଙ୍କ ଆତଙ୍କରାଜକୁ ଦୃଢ଼ ନିନ୍ଦା କରିଛି ବିଜେଡି। ମଙ୍ଗଳବାର ଶଙ୍ଖଭବନଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର ଓ ଗଣମାଧ୍ୟମ ସଂଯୋଜକ ତଥା ମୁଖପାତ୍ର ଡ. ଲେନିନ ମହାନ୍ତି କହିଛନ୍ତି ଯେ ଖଣି ମନ୍ତ୍ରୀ ବିଭୂତି ଜେନାଙ୍କ ବଡ଼ ଭାଇଙ୍କ ପୁଅ ଦୀପକ ଜେନା ସ୍ପଷ୍ଟ ଦିବାଲୋକରେ ଜଣେ ଓକିଲ ଓ ତାଙ୍କ ପରିବାର ଉପରେ ଯେଉଁଭଳି ନୃଶଂସ ଆକ୍ରମଣ କଲେ, ତାହା ଅମାନବୀୟ। ଏହା ଜନସାଧାରଣଙ୍କ ସୁରକ୍ଷା ପାଇଁ ଶପଥ ନେଇଥିବା ଜଣେ ମନ୍ତ୍ରୀଙ୍କ ପଦ ମର୍ଯ୍ୟାଦାକୁ କ୍ଷୁଣ୍ଣ କରିଛି ବୋଲି ଉଭୟେ ଅଭିଯୋଗ କରିଛନ୍ତି।

ଶ୍ରୀ ବକ୍ସିପାତ୍ର କହିଥିଲେ ଯେ ଗତ ଜୁଲାଇ ୨୯ ତାରିଖ ଅପରାହ୍ନ ୪ଟା ବେଳେ ଗୋଳନ୍ଥରା ଚଟି ଛକରେ ଆଡଭୋକେଟ ଟି.ଭାନୁମୂର୍ତ୍ତିଙ୍କ ଗାଡ଼ି ଜଣେ ମୋଟରସାଇକେଲ ଚାଳକଙ୍କୁ ବଞ୍ଚାଇବାକୁ ଯାଇ ଗୋଟିଏ ଗ୍ରୋସରୀ ଦୋକାନ ସାମ୍ନାରେ ପଡିଥିବା ସିମେଣ୍ଟ କଂକ୍ରିଟ ପ୍ଲେଟ ଉପରେ ଚଢ଼ିଯାଇଥିଲା। ତତ୍‌କ୍ଷଣାତ ଘଟଣାସ୍ଥଳରେ ମନ୍ତ୍ରୀଙ୍କ ପୁତୁରା ନିଜ ସହଯୋଗୀଙ୍କ ସହ ପହଞ୍ଚି ଟି.ଭାନୁମୂର୍ତ୍ତି ଓ ତାଙ୍କ ପରିବାର ଉପରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରୁ



ମହିଳାମାନେ ମଧ୍ୟ ବାଦ୍ ପଡ଼ିନଥିଲେ, ଯାହାର ଭିଡିଓ ସାମାଜିକ ଗଣମାଧ୍ୟମରେ ଉପଲବ୍ଧ ଅଛି। ପ୍ରାଣ ଭୟରେ ଓକିଲଙ୍କ ଭଣଜା ରାସ୍ତାରେ ଯାଉଥିବା ଏକ ଘରୋଇ ଶିକ୍ଷାନୁଷ୍ଠାନ ବସରେ ଚଢ଼ି ପଳାଇଲା ବେଳେ ମନ୍ତ୍ରୀଙ୍କ ଘର 'ବନ୍ଦେ ମାତରଂ ଭବନ' ନିକଟରେ ବସକୁ ଅଟକାଇ ଓକିଲ ଟି.ଭାନୁମୂର୍ତ୍ତିଙ୍କ ଭଣଜାଙ୍କୁ ଗାଡି ଭିତରୁ ଘୋଷାଡ଼ି ଆଣି ମନ୍ତ୍ରୀଙ୍କ ପୁତୁରା ଓ ତାଙ୍କ ସହଯୋଗୀମାନେ ସ୍କ୍ରୁଡ୍ରାଇଭରରେ ତାଙ୍କ ପେଟକୁ ବାରମ୍ବାର ଭୁଶିଥିଲେ। ଦୁର୍ଭାଗ୍ୟର କଥା ଘଟଣାସ୍ଥଳର ଅତି ନିକଟରେ ପୁଲିସ ଷ୍ଟେସନ ଥିଲେ ମଧ୍ୟ ଖବର ପାଇ ପୁଲିସ ପହଞ୍ଚିନଥିଲେ। ଗୁରୁତର ଅବସ୍ଥାରେ ଓକିଲଙ୍କ ଭଣଜା ଏମକେସିଜିରେ ଜୀବନ ସହ ସଂଗ୍ରାମ କରୁଛନ୍ତି। ଓକିଲଙ୍କ ସ୍ତ୍ରୀ, ମନ୍ତ୍ରୀ ବିଭୂତି ଜେନାଙ୍କ ପୁତୁରାଙ୍କ ସମେତ ୯ ଜଣଙ୍କ ନାଁରେ ଗୋଳନ୍ଥରା ଥାନାରେ ଏତଲା ଦେଇଥିଲେ ମଧ୍ୟ ମୁଖ୍ୟ ଅଭିଯୁକ୍ତ ଆଜିଯାଏଁ ଗିରଫ ହୋଇନାହାନ୍ତି। ଓକିଲ ଟି.ଭାନୁମୂର୍ତ୍ତି ଲିଖିତ ଭାବେ ଏ ବିଷୟ ଗଂଜାମ ବାର୍ ଆସୋସିଏସନକୁ ଜଣାଇଲା ପରେ ବାର୍ ଆସୋସିଏସନ ପକ୍ଷରୁ କୌଣସି ଅଭିଯୁକ୍ତଙ୍କ ସପକ୍ଷରେ ନଲଢିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଓକିଲ ସମାଜର ପ୍ରତିକ୍ରିୟା ଦେଖି ଉପରଠାଉରିଆ ଭାବେ ପୁଲିସ ୪ ଜଣଙ୍କୁ ଗିରଫ କରିଥିଲେ ମଧ୍ୟ ମୁଖ୍ୟ ଅଭିଯୁକ୍ତ, ମନ୍ତ୍ରୀଙ୍କ ବଡ ଭାଇର ପୁଅ ଦୀପକ ଜେନା ଏପର୍ଯ୍ୟନ୍ତ ଗିରଫ ହୋଇନାହାନ୍ତି।

**■ ଗୋପାଳପୁରରେ ଖଣିମନ୍ତ୍ରୀଙ୍କ ପୁତୁରାର ଆତଙ୍କରାଜ**
**■ ଓକିଲଙ୍କ ପରିବାର ଉପରେ ବର୍ବୋରଚିତ ଆକ୍ରମଣ**
**■ ୮ ଦିନ ପରେ ମଧ୍ୟ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରୁନି ପୁଲିସ**

ଡ. ମହାନ୍ତି କହିଥିଲେ ଯେ ବିଜେପି କ୍ଷମତାକୁ ଆସିବା ପରେ ରାଜ୍ୟରେ ଆଇନଶୃଙ୍ଖଳାର ଦ୍ରୁତ ଅବନତି ଘଟିଛି। ବିଏମସିରେ ଅଫିସରଙ୍କୁ ଚିଲିକା ଏବଂ ପିପିଲିରେ ସାମ୍ବାଦିକଙ୍କୁ ଓ ଗୋପାଳପୁରରେ ଓକିଲଙ୍କୁ ବିଜେପି କର୍ମୀଙ୍କ ମରଣାନ୍ତକ ଆକ୍ରମଣ ରାଜ୍ୟରେ ଗୁଣ୍ଡାରାଜ ପ୍ରତିଷ୍ଠାର ଗୋଟିଏ ଗୋଟିଏ ନମୁନା। ଗଞ୍ଜାମ ଜିଲ୍ଲାରେ ଖଣି ମନ୍ତ୍ରୀଙ୍କ ପ୍ରୋତ୍ସାହନରେ ବାଲି, ମୋରମ ଆଦି ଚୋରା ଚାଲାଣ ଲାଗି ସରକାରୀ ରାଜସ୍ୱ ଅଧା କମିଯାଇଥିବା ବେଳେ ମାଫିଆଙ୍କ ଦୌରାତ୍ମ୍ୟ ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଇଛି। ନିକଟରେ ଉପବାଚସ୍ପତି ଚିଠି ଲେଖି ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇଛି ଓ ଅପରାଧ ଅହେତୁକ ବୃଦ୍ଧି ଘଟିଛି ବୋଲି କହିବା ସହିତ ୟୁପି ମଡେଲକୁ ଲାଗୁ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ପ୍ରସ୍ତାବ ଦେଇଥିଲେ। ବର୍ତ୍ତମାନ ଓଡ଼ିଶାରେ ପ୍ରଚଳିତ ଆଇନ ବ୍ୟବସ୍ଥାରେ ମନ୍ତ୍ରୀଙ୍କ ବଡ଼ଭାଇଙ୍କ ପୁଅ ଦୀପକ ଜେନା ଗିରଫ ହେବେ ନା ରାଜ୍ୟ ବିଜେପି ସରକାର ୟୁପି ମଡେଲ ଆଣିବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡିବ ବୋଲି ଡ. ମହାନ୍ତି ପ୍ରଶ୍ନ କରିଥିଲେ।



## ଆଜିର ରାଶିଫଳ

**ମେଷ:** କଳା, ବିଜ୍ଞାନ ଓ ବାଣିଜ୍ୟରେ ଆଶାନୁରୂପ ଫଳ ମିଳିବ। ପାରିବାରିକ ସୁଖଶାନ୍ତି ବୃଦ୍ଧି ପାଇବ। ମହିଳାମାନଙ୍କର ବିଳାସ ବ୍ୟସନରେ ଦିନଟି କଟିବ। ଆୟ ତୁଳନାରେ ବ୍ୟୟ ଅଧିକ ରହିବ।

**ବୃଷ:** କର୍ମକ୍ଷେତ୍ରରେ ବିଭିନ୍ନ ପ୍ରକାର ବାଧାବିଘ୍ନର ସମ୍ମୁଖୀନ ହୋଇପାରନ୍ତି। ବ୍ୟବସାୟରେ ନୂତନ ନିବେଶ କରି ଦ୍ୱନ୍ଦ୍ୱରେ ପଡ଼ିବେ। ଗୁରୁଜନଙ୍କ ସ୍ୱାସ୍ଥ୍ୟବସ୍ଥାକୁ ନେଇ ଚିନ୍ତାରେ ରହିବେ। ଅତିଥି ସତ୍କାର କରିବେ।

**ମିଥୁନ:** ଛାତ୍ରଛାତ୍ରୀମାନେ ଉଚ୍ଚ ଶିକ୍ଷା ପାଇଁ ଯୋଜନା କରିବେ। ନୂତନ ବ୍ୟବସାୟ ଆରମ୍ଭ କରିବାକୁ ଉତ୍ତମ ସମୟ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। କୌଣସି କଥାକୁ ନେଇ ମନ ଉଣା ହୋଇପାରେ।

**କର୍କଟ:** ଦୀର୍ଘ ଦିନରୁ ଅଟକିଥିବା କାର୍ଯ୍ୟ ପୂରା ହେବ। ମହିଳାଙ୍କ ଦୃଷ୍ଟିକୋଣ ସକାରାତ୍ମକ ରହିବ। ପାରିବାରିକ ସହଯୋଗ ପାଇ ମନ ପ୍ରସନ୍ନ ରହିବ। ସମାଜରେ ମାନ ସମ୍ମାନ ବଢ଼ିବ। ଅଯଥା ଯୁକ୍ତି କରନ୍ତୁନି।

**ସିଂହ:** ବ୍ୟବସାୟରେ କ୍ଷତି ସହିପାରନ୍ତି। ପୂର୍ବ କଥାକୁ ନେଇ ମନସ୍ତାପରେ ରହିବେ। ବନ୍ଧୁବାନ୍ଧବଙ୍କ ଆଗମନ ହେବ। ଧାର୍ମିକ କାର୍ଯ୍ୟରେ ସମୟ କଟିବ। ଚକ୍ଷୁ ସମସ୍ୟା ଭୋଗି ପାରନ୍ତି। ମହିଳାଙ୍କୁ ମୁଖ୍ୟ ଦାୟିତ୍ୱ ମିଳିବ।

**କନ୍ୟା :** ପାରିବାରିକ ସମସ୍ୟା ଲାଗିରହିବ। ଆଶା କରିଥିବା ଦିଗରୁ ଅର୍ଥ ମିଳିବନି। ଛାତ୍ରଛାତ୍ରୀମାନେ ଚେଷ୍ଟା ଜାରି ରଖି ସଫଳତା ପାଇବେ। ଆର୍ଥିକ ସ୍ଥିତି ସ୍ୱଚ୍ଛଳ ରହିବ। ପଡୋଶୀଙ୍କ ସହ ମନୋମାଳିନ୍ୟ ହେବ।

**ତୁଳା:** ନିଜର କ୍ୟାରିୟରକୁ ନେଇ ଚିନ୍ତିତ ରହିବେ। ପ୍ରେମୀଯୁଗଳଙ୍କ ପାଇଁ ଦିନଟି ଉତ୍ତମ ରହିବ। ଛାତ୍ରଛାତ୍ରୀମାନେ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ। ପିଲାମାନେ ଖେଳକୁଦରେ ସମୟ ବିତାଇବେ।

**ବିଛା:** ଦୀର୍ଘ ଦିନର କାମ ସଂପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କ ସାହାଯ୍ୟ ପାଇବେ। ସହକର୍ମୀଙ୍କଠାରୁ ସହଯୋଗ ପାଇବେ। ଛାତ୍ରଛାତ୍ରୀମାନେ ଲେଖାପଢ଼ାରେ ମନୋଯୋଗ ଦିଅନ୍ତୁ। ଆୟ ଅନୁସାରେ ବ୍ୟୟ ଅଧିକ ହେବ।

**ଧନୁ:** ପାରିବାରିକ ସୁଖସମୃଦ୍ଧି ବୃଦ୍ଧି ହେବ। ପଡ଼ୋଶୀଙ୍କ ସହ ମନାନ୍ତର ହୋଇପାରେ। ଅଜଣା ବ୍ୟକ୍ତି ବନ୍ଧୁତାର ହାତ ବଢ଼ାଇବେ। ଲେଖାପଢ଼ାରେ ଛାତ୍ରଛାତ୍ରୀମାନଙ୍କ ଏକାଗ୍ରତା ବଢ଼ିବ।

**ମକର:** ବିଭିନ୍ନ କ୍ଷେତ୍ରରେ ସଫଳତା ପାଇବେ। କଳା ଓ ସଂସ୍କୃତିରେ ସମ୍ମାନ ବୃଦ୍ଧି ପାଇବ। ପରିବାରରେ ଲାଗି ରହିଥିବା ସମସ୍ୟାର ସମାଧାନ ହେବ। ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ।

**କୁମ୍ଭ:** ଖର୍ଚ୍ଚ ଉପରେ ନିୟନ୍ତ୍ରଣ ରଖିବାକୁ ଚେଷ୍ଟା କରନ୍ତୁ। ଧର୍ମକାର୍ଯ୍ୟ ପ୍ରତି ଆସ୍ଥା ବଢ଼ିବ। ଆପଣଙ୍କ ବ୍ୟବହାରରେ ପ୍ରତ୍ୟେକ ବ୍ୟକ୍ତି ପ୍ରଭାବିତ ହେବେ। ପଡୋଶୀଙ୍କ ସହିତ ମନୋମାଳିନ୍ୟ ହୋଇପାରେ।

**ମୀନ:** ଆର୍ଥିକ ଲାଭ ମିଳିପାରେ। ସୁସ୍ଥ ଅନୁଭବ କରିବେ। ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ନୂଆ ପଦକ୍ଷେପ ନେବେ। ସମାଜରେ ପ୍ରସିଦ୍ଧି ବଢ଼ିବ। କୌଣସି ପ୍ରତିଯୋଗିତାମୂଳକ ପରୀକ୍ଷାରେ ଶୁଭ ଖବର ପାଇବେ।

## ଆଜିର ଇତିହାସ

- ୧୮୬୨- ମାଡ୍ରାସ ଉଚ୍ଚ ନ୍ୟାୟାଳୟର ସ୍ଥାପନା।
- ୧୯୧୪- ଅଷ୍ଟ୍ରିଆ, ରୁଷ୍ ବିରୋଧରେ ଯୁଦ୍ଧ ଘୋଷଣା କଲା।
- ୧୯୬୨- ଜାମାଇକା ସ୍ୱାଧୀନ ହେଲା।
- ୧୯୮୬- ଭାରତର ପ୍ରଥମ ଟେଷ୍ଟ ଟ୍ୟୁବ୍ ବେବି ମୁମ୍ବାଇରେ ଜନ୍ମ ନେଲା।
- ୨୦୧୦- ଜମ୍ମୁ କାଶ୍ମୀରରେ ଭୀଷଣ ବନ୍ୟା ଯୋଗୁ ୨୫୫ ଲୋକଙ୍କ ପ୍ରାଣହାନି।
- ୨୦୧୨- ନାସାର କ୍ୟୁରୋସିଟି ରୋଭର୍ ମଙ୍ଗଳ ଗ୍ରହରେ ପହଞ୍ଚିଲା।

# ଯୁବତୀ ୧୦ ଦିନରେ ଥରେ ଗାଧାନ୍ତି



ଦୈନନ୍ଦିନ ଦିନଚର୍ଯ୍ୟାର ଏକ ପ୍ରଧାନ କାମ ହେଉଛି ସ୍ନାନ। ତେଣୁ ନିତିଦିନ ସମସ୍ତେ ଗାଧାନ୍ତି। ସେହିପରି ପିଲାବେଳୁ ହିଁ ପ୍ରତିଦିନ ଗାଧୋଇବା ପାଇଁ କୁହାଯାଏ। ଏହି କ୍ରମରେ ଜଣେ ଯୁବତୀ ୧୦ ଦିନରେ ଥରୁଟିଏ ଗାଧାନ୍ତି। ଏହିପରି ଭାବେ ମାସକୁ ତିନି ଦିନ ସେ ଗାଧୋଉ ଥିବା କଥା କହିଛନ୍ତି। ତାଙ୍କର ଏହି କଥା ଏବେ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି। ୨୩ ବର୍ଷୀୟା ସୋସିଆଲ ମିଡିଆ ଇନଫ୍ଲୁଏନସର ହେଉଛନ୍ତି ଆୟଡେନ ଜେନ। ନିୟମିତ ଗାଧୋଇବାକୁ ପସନ୍ଦ କରୁ ନ ଥିବା ଯବୁତୀଙ୍କ ଉଦ୍ଦେଶ୍ୟରେ ସେ ଏକଥା ସେୟାର୍ କରିଥିବା କହିଛନ୍ତି। ସେ କହିଛନ୍ତି, ସେ ୧୦ ଦିନରେ ଥରେ ଗାଧାନ୍ତି। ଏହି ଦିନଚର୍ଯ୍ୟା କେବେ ବି ବଦଳୁ ନ ଥିବା ସେ କହିଛନ୍ତି। ସେହିପରି ସାତଦିନ ନ ଗାଧୋଇବା ଦ୍ୱାରା ସେ ସୁସ୍ଥ ଓ ସତେଜ ଅନୁଭବ କରୁଥିବା କୁହନ୍ତି। ଅବଶ୍ୟ ସେ ପିଲାଦିନେ ପ୍ରତିଦିନ ଗାଧୋଉ ଥିଲେ। ଏବେ ଗାଧୋଇବା ଅଭ୍ୟାସ ଛାଡ଼ିବା ପରେ ବି ତାଙ୍କ ଜୀବନରେ କୌଣସି ପରିବର୍ତ୍ତନ ଆସି ନ ଥିବା କହନ୍ତି। ଏହାଦ୍ୱାରା ତାଙ୍କ ଶରୀରରୁ ଦୁର୍ଗନ୍ଧ ଆସୁ ନାହିଁ କିମ୍ବା କେଶ ମଧ୍ୟ ପ୍ରଭାବିତ ହେଉ ନ ଥିବା ସ୍ପଷ୍ଟ କରିଛନ୍ତି। ପରିବେଶ ସୁରକ୍ଷା ଓ ଜଳ ସଞ୍ଚୟ ପାଇଁ ଜେନ୍ ଏଭଳି ନିଷ୍ପତ୍ତି ନେଇଥିବା କହିଛନ୍ତି। ସେହିପରି ସେ କୌଣସି ପରିଶ୍ରମ କରୁ ନ ଥିବାରୁ ତାଙ୍କ ଶରୀରରୁ ଝାଳ ବୋହୁ ନାହିଁ। ଫଳରେ ଶରୀରରୁ ଦୁର୍ଗନ୍ଧ ଆସୁ ନାହିଁ। ତେଣୁ ଗାଧୋଇବାର ଆବଶ୍ୟକତା ନ ଥିବା ସେ କହିଛନ୍ତି। ଅନ୍ୟପକ୍ଷରେ ତାଙ୍କର ଏହି ନିଷ୍ପତ୍ତିକୁ ନେଇ ଲୋକେ ତାଙ୍କୁ କଡ଼ା ସମାଲୋଚନା କରିଛନ୍ତି। ନିଜ ପାଇଁ ନହେଲେ ଅନ୍ତତଃ ଅନ୍ୟମାନଙ୍କ ପାଇଁ ସେ ନିୟମିତ ଗାଧାନ୍ତୁ ବୋଲି ଲୋକେ କହିଛନ୍ତି।

# ହିରୋସୀମା ଦିବସ




ପ୍ରତିବର୍ଷ ଅଗଷ୍ଟ ୬ ତାରିଖକୁ ହିରୋସୀମା ଦିବସ ପାଳନ କରାଯାଏ। ଏହି ଦିନ ଆମକୁ ୧୯୪୫ ମସିହାର ଜାପାନର ହିରୋସୀମା ସହର ଉପରେ ପରମାଣୁ ବୋମାର ଭୟାବହ ରୂପକୁ ମନେ ପକାଇଦିଏ। ଶାନ୍ତିର ରାଜନୀତିକୁ ପ୍ରୋତ୍ସାହିତ କରିବା ପାଇଁ ସମଗ୍ର ବିଶ୍ୱ ଆଜିର ଦିନରେ ହିରୋସୀମା ଦିବସ ପାଳନ କରେ। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଜାପାନ ଶକ୍ତିଶାଳୀ ଆମେରିକା ବିପକ୍ଷରେ ଥିଲା। ଏହି ସମୟରେ ଆମେରିକାର ନାଭାଲ୍ ଷ୍ଟେସନ ପର୍ଲ ହାର୍ବର୍ ଉପରେ ଜାପାନ ଏୟାର ଫୋର୍ସ ହଠାତ୍ ଆକ୍ରମଣ କରିଥିଲା। ଏହି ଆକ୍ରମଣରେ ବହୁସଂଖ୍ୟାରେ ଆମେରିକୀୟ ସୈନିକଙ୍କର ମୃତ୍ୟୁ ହୋଇଥିଲା। ଆମେରିକା ପର୍ଲ ହାର୍ବର୍ ଆକ୍ରମଣ ଘଟଣାର ପ୍ରତିଶୋଧ ନେବା ପାଇଁ ପଣ କରିଥିଲା। ଏଥିପାଇଁ ୧୯୪୫ ଅଗଷ୍ଟ ୬ ତାରିଖରେ ଜାପାନର ହିରୋସୀମା ଉପରେ ଆମେରିକା ତାହାର ପ୍ରଥମ ପରମାଣୁ ବୋମା ‘ଲିଟିଲ୍ ବୟ’ ପକାଇଥିଲା। ଏହାସତ୍ତ୍ୱେ ଜାପାନ ମିତ୍ରଶକ୍ତି ପାଖରେ ଆତ୍ମସମର୍ପଣ ନ କରିବାରୁ ୩ ଦିନ ପରେ ଜାପାନର ଅଗ୍ରଣୀ ଶିଳ୍ପ ସହର ନାଗାସାକି ଉପରେ ଆମେରିକା ଦ୍ୱିତୀୟ ପରମାଣୁ ବୋମା ‘ଫ୍ୟାଟ୍ ମ୍ୟାନ୍’ ପକାଇଥିଲା। ଏଥିରେ ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ଚାଲି ଯାଇଥିଲା। ଲକ୍ଷ ଲକ୍ଷ ଲୋକ ଦିବ୍ୟାଙ୍ଗ ହୋଇଯାଇଥିଲେ। ମୃତ୍ୟୁର ଉପତ୍ୟକାରେ ପରିଣତ ହୋଇଥିଲା ଜାପାନର ଏହି ଦୁଇ ସହର। ମୃତକଙ୍କ ମଧ୍ୟରେ ଥିଲେ ଅଧିକାଂଶ ସାଧାରଣ ନାଗରିକ। ସେହି ଦୁଃଖଦ ମୁହୂର୍ତ୍ତକୁ ମନେ ପକାଇବା ପାଇଁ ଏହି ଦିବସ ପାଳନ କରାଯାଏ। ଜାପାନ ଉପରେ କରିଥିବା ଏହି ବିସ୍ଫୋରଣ ପାଇଁ ଆମେରିକା ଅନେକଥର ପଶ୍ଚାତାପ କରିଛି ଏବଂ ସାରା ବିଶ୍ୱର ସମାଲୋଚନାର ପାତ୍ର ମଧ୍ୟ ହୋଇଛି। ଏହି ବୋମା ପରେ ହିଁ ଏସିଆରେ ଦ୍ୱିତୀୟ ଯୁଦ୍ଧର ସମାପ୍ତି ଔପଚାରିକତା ହୋଇ ରହିଯାଇଥିଲା। ଜାପାନ୍ ସେନା ପଛଘୁଞ୍ଚା ଦେଇଥିଲେ। ୧୯୪୫ ମସିହା ଅଗଷ୍ଟ ୬ ତାରିଖ ଦିନ ସକାଳ ୮ଟା ୧୫ ମିନିଟ୍‌ରେ ଆମେରିକା ସେନା ଲିଟିଲ୍ ବୟ ନାମକ ଏକ ପରମାଣୁ ବୋମା ପକାଇଥିଲା। ଏହି ସମୟରେ ଅନେକ ଲୋକ ନିଜ ନିଜ କର୍ମସ୍ଥଳକୁ ଯାଉଥିଲେ। କୁନି କୁନି ପିଲାମାନେ ସ୍କୁଲ ଯାଉଥିଲେ। ଏକ ରିପୋର୍ଟ ଅନୁଯାୟୀ, ଏହି ପରମାଣୁ ବମ୍ ସହରର ମଝି ସ୍ଥାନରେ ପଡ଼ିଥିଲା। ଏହା ଏତେ ଭୟଙ୍କର ଥିଲା ଯିଏ ମାତ୍ର କିଛି ସେକେଣ୍ଡ ଭିତରେ ପ୍ରାୟ ୮୦ ହଜାର ଲୋକ ପ୍ରାଣ ହରାଥିଲେ। ସେହିପରି ଲକ୍ଷାଧିକ ଲୋକ ଆହତ ହୋଇଥିଲେ। ପରବର୍ତ୍ତୀ ଅବସ୍ଥାରେ ଏହି ଆହତଙ୍କ ମଧ୍ୟରୁ ଅନେକଙ୍କର ମୃତ୍ୟୁ ହୋଇଥିଲା। ଏହା ତ କେବଳ ଜୀବନ କଥା, କେତେ ଯେ ସମ୍ପତ୍ତି ନଷ୍ଟ ହୋଇଛି, ତା’ର କଳ୍ପନା କରାଯାଇ ନ ପାରେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେ, ପରମାଣୁ ଆକ୍ରମଣରେ ଯେଉଁମାନେ କ୍ଷତିଗ୍ରସ୍ତ ହୋଇଥିଲେ ସେମାନଙ୍କୁ ଚିକିତ୍ସା କରାଇବା ପାଇଁ ସହରରେ ଡାକ୍ତର ମଧ୍ୟ ନ ଥିଲେ। କାରଣ ପରମାଣୁ ଆକ୍ରମଣରେ ସେଠାରେ ୯୦ ପ୍ରତିଶତ ଡାକ୍ତର ପ୍ରାଣ ତ୍ୟାଗ କରିଥିଲେ। ତେବେ ଏହି ଆକ୍ରମଣକୁ ସେତେବେଳେ ଭାରତ ସମେତ ଅନେକ ଦେଶ ନିନ୍ଦା କରିବା ସହ ଜାପାନକୁ ସହାୟତାର ହାତ ବଢାଇଥିଲେ। ‘ହିରୋସୀମା ଦିବସ’ ପରମାଣୁ ଯୁଦ୍ଧର ବିନାଶକାରୀ ପ୍ରଭାବକୁ ସ୍ମରଣ କରାଇବା ସହ ବିଶ୍ୱ ଶାନ୍ତି ଏବଂ ନିରସ୍ତ୍ରୀକରଣ ପାଇଁ ବିଶ୍ୱର ସବୁ ରାଷ୍ଟ୍ରକୁ ଚେତାବନୀ ଦିଏ।

# କିଶୋର କୁମାରଙ୍କ ବାୟୋପିକ୍ ଛାଡ଼ିଲେ ରଣବୀର



ବଲିଉଡ୍‌ର ଚକଲେଟ୍ ବୟ ରଣବୀର କପୁର ଏବେ ନୀତେଶ ତିୱାରୀଙ୍କ ‘ରାମାୟଣ’ ପାଇଁ ଚର୍ଚ୍ଚାରେ। ୪୦୦୦ କୋଟି ବଜେଟ୍‌ର ଏହି ଫିଲ୍ମରେ ସେ ଭଗବାନ ଶ୍ରୀରାମଙ୍କ ଭୂମିକାରେ ନଜର ଆସିବେ। ଏହି ଫିଲ୍ମର ପ୍ରଥମ ପାର୍ଟ ୨୦୨୬ ଦୀପାବଳି ଓ ଦ୍ୱିତୀୟ ପାର୍ଟ ୨୦୨୭ ଦୀପାବଳି ଅବସରରେ ଆସିବ। ‘ରାମାୟଣ’ ପୂର୍ବରୁ ରଣବୀର, ଅନୁରାଗ ବସୁଙ୍କ ନିର୍ଦ୍ଦେଶିତ କିଶୋର କୁମାରଙ୍କ ବାୟୋପିକ୍‌ରେ ନଜର ଆସିବେ ବୋଲି କୁହାଯାଉଥିଲା। ହେଲେ ରଣବୀର ଏଥିରେ ଏବେ କାମ କରିବେ ନାହିଁ ବୋଲି ଜଣାପଡ଼ିଛି। ଏବେ ଅମିର୍ ଖାନଙ୍କୁ ଏହି ଭୂମିକା ଅଫର୍ ହୋଇଥିବା କୁହାଯାଉଛି। ଏନେଇ ଅନୁରାଗ କହିଛନ୍ତି, ‘ରଣବୀରଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାର ଥିଲା। କାରଣ ତାଙ୍କୁ ‘ରାମାୟଣ’ ଓ କିଶୋର କୁମାରଙ୍କ ବାୟୋପିକ୍ ମଧ୍ୟରୁ ଗୋଟିଏ ବାଛିବାର ଥିଲା। ରଣବୀର ‘ରାମାୟଣ’କୁ ବାଛିଥିଲେ। ମୁଁ ଭାବୁଛି ସେ ଠିକ୍ ନିଷ୍ପତ୍ତି ନେଇଛନ୍ତି। ଆମେ ଦୁଇ ଜଣ ଏକାଠି କାମ କରିବାକୁ ଚାହୁଁଛୁ, କିନ୍ତୁ ତାହା ସମ୍ଭବ ହେଉ ନାହିଁ। ସେ ଏକାସାଙ୍ଗେ ବହୁତଗୁଡ଼ିଏ ଫିଲ୍ମ କରୁଛନ୍ତି।’ ଏବେ ଅନୁରାଗ କିଶୋର କୁମାରଙ୍କ ବାୟୋପିକ୍ ପାଇଁ ଅମିର୍ ଖାନ୍‌କୁ ଯୋଗାଯୋଗ କରିଥିବା ଜଣାପଡ଼ିଛି। ଅମିର୍‌ଙ୍କୁ ଏହାର କାହାଣୀ ବେଶ୍ ପସନ୍ଦ ଆସିଛି। କିନ୍ତୁ ଏନେଇ ଅନୁରାଗ କହିଛନ୍ତି, “ଯେପର୍ଯ୍ୟନ୍ତ କିଛି ଫାଇନାଲ ହୋଇ ନାହିଁ ମୁଁ କିଛି କହିପାରିବି ନାହିଁ।”

## ସମ୍ଭାବନା



# ହଷ୍ଟେଲରେ ନ ଥାଏ ଏକାକୀତ୍ୱ



**ଅନେକ ବିଦ୍ୟାର୍ଥୀ ଘରଠୁ ଦୂର ହଷ୍ଟେଲରେ ରହି ପାଠ ପଢ଼ନ୍ତି। ସେହିପରି ହଷ୍ଟେଲରେ ସାଙ୍ଗସାଥୀଙ୍କ ସହିତ ମିଶିକି ରହିବାକୁ ପଡ଼ିଥାଏ। ପ୍ରାରମ୍ଭିକ ପର୍ଯ୍ୟାୟରେ ହଷ୍ଟେଲ ରହଣି କଷ୍ଟକର ଲାଗିଲେ ବି ଏଥିରୁ ଜୀବନ ଜିଇଁବା ଲାଗି ଅନେକ କିଛି ଶିଖିବାକୁ ମିଳିଥାଏ।**


ହଷ୍ଟେଲରେ ଅନେକ ନୂଆ ସାଙ୍ଗ ମିଳିଥାନ୍ତି। ଏହା ଦ୍ୱାରା ସାମାଜିକ ସମ୍ପର୍କ ବୃଦ୍ଧି ପାଏ। ଘରଠୁ ଦୂରରେ ରହିବାକୁ ପଡ଼ିଥାଏ। ତେଣୁ ହଷ୍ଟେଲରେ ରହିବା ଦ୍ୱାରା ନିର୍ଣ୍ଣୟ ନେବା, ନିଜ ରୁମ୍‌କୁ କିଭଳି ସଫା ରଖିବା, ଖାଦ୍ୟ ମ୍ୟାନେଜ କରିବା, ଅର୍ଥ ସଞ୍ଚୟ କରିବା କଳା କୌଶଳ ଶିଖି ହୁଏ। ହଷ୍ଟେଲରେ ରହିବା ଦ୍ୱାରା ଜଣେ ଅନ୍ୟ ଉପରେ ନିର୍ଭରଶୀଳ ନ ହୋଇ, ବରଂ ଆତ୍ମନିର୍ଭର ହୋଇଥାଏ। ସେହିପରି ହଷ୍ଟେଲରେ ପାଠପଢ଼ା ଲାଗି ଏକ ଉତ୍ତମ ପରିବେଶ ମିଳିଥାଏ। ସାଙ୍ଗସାଥୀଙ୍କ ସହିତ ମିଶିକି ପଢ଼ିବାର ସୁଯୋଗ ଜୁଟେ। ବିଭିନ୍ନ ସୁବିଧା, ଅସୁବିଧାରେ ସାଙ୍ଗସାଥୀ ପାଖରେ ଛିଡ଼ା ହୁଅନ୍ତି। ସାହାଯ୍ୟର ହାତ ବଢ଼ାନ୍ତି। ଅନ୍ୟପଟେ ଅନେକ ସମୟରେ କଲେଜ କ୍ୟାମ୍ପସରୁ ହଷ୍ଟେଲ ପାଖ ହୋଇଥାଏ। ଏହା ଦ୍ୱାରା ଯିବା ଆସିବାର ସମୟ ଓ ଅର୍ଥ ସଞ୍ଚୟ ହୁଏ। ଗୋଟିଏ ସ୍ଥାନରେ ମିଳିମିଶି ସାଙ୍ଗସାଥୀଙ୍କ ସହ ରହିବାରୁ କେବେ ବି ହଷ୍ଟେଲରେ ଏକାକୀତ୍ୱ ନ ଥାଏ।

# ଜେନ୍ ଜେଡ୍‌ଙ୍କ ନୂଆ ଟ୍ରେଣ୍ଡ ରିଭର୍ସ କ୍ୟାଟ୍‌ଫିସିଂ

**ସୋସିଆଲ ମିଡିଆରେ ଜେନ୍ ଜେଡ୍ ଏକ ନୂଆ ଟ୍ରେଣ୍ଡ ଆରମ୍ଭ କରିଛନ୍ତି। ଏହାକୁ ରିଭର୍ସ କ୍ୟାଟ୍‌ଫିସିଂ କୁହାଯାଉଛି। କ୍ୟାଟ୍‌ଫିସିଂର ଅର୍ଥ ହେଉଛି ଅନଲାଇନ୍ ପ୍ଲାଟଫର୍ମରେ ନିଜର ପରିଚୟକୁ ମିଛ ଏବଂ ଆକର୍ଷଣୀୟ ତରିକାରେ ଲୋକଙ୍କୁ ଦେଖାଇବା। ହେଲେ ରିଭର୍ସ କ୍ୟାଟ୍‌ଫିସିଂ ହେଉଛି ଏହାର ସମ୍ପୂର୍ଣ୍ଣ ବିପରୀତ। ଏଥିରେ ଜାଣିଶୁଣି ଲୋକେ ଅନଲାଇନ୍‌ରେ ନିଜକୁ କମ୍ ଆକର୍ଷଣୀୟ ଦେଖାଉଛନ୍ତି। ଏନେଇ କୌଣସି ଫିଲଟର ଆଦି ବ୍ୟବହାର ନ କରି ନିଜେ ଯେମିତି, ସେମିତି ନିଜର ବ୍ୟକ୍ତିତ୍ୱକୁ ପ୍ରଦର୍ଶନ କରୁଛନ୍ତି। କାରଣ ଆଜିର ଜେନ୍ ଜେଡ୍ ଯୁବପିଢ଼ି କାହାକୁ ଆକର୍ଷିତ କରିବାକୁ ଚାହୁଁ ନାହାନ୍ତି।**

ରିଭର୍ସ କ୍ୟାଟ୍‌ଫିସିଂ କେବଳ ଏକ ମଜାଦାର ଟ୍ରେଣ୍ଡ ନୁହେଁ। ଏହା ମାଧ୍ୟମରେ ଜେନ୍ ଜେଡ୍ ଏକଥା ବୁଝାଇବାକୁ ଚେଷ୍ଟା କରୁଛନ୍ତି ଯେ, ସମ୍ପର୍କ ତିଆରି କରିବା ପାଇଁ ପରଫେକସନ ନୁହେଁ, ବରଂ ମାନବିକତା ଏବଂ ସଚ୍ଚୋଟତା ଜରୁରି। ରିଭର୍ସ କ୍ୟାଟ୍‌ଫିସିଂ ଦେଖେଇ ହେବା ଦୁନିଆରେ ବାସ୍ତବତାକୁ ଆପଣାଇବାର ଏକ ରାହା ସାଜିଛି। ଜେନ୍ ଜେଡ୍ ଏବେ ଫିଲଟର ଏବଂ ଓଭର ପ୍ରେଜେନଟେସନରୁ ବାହାରି ସଚ୍ଚୋଟତା ପ୍ରତି ଅଗ୍ରସର ହେଉଛନ୍ତି। ସେଥିପାଇଁ ସେମାନେ ନିଜର ଦୋଷ, ଦୁର୍ବଳତା, ପ୍ରକୃତ ବ୍ୟକ୍ତିତ୍ୱକୁ ସାମ୍ନାକୁ ଆଣୁଛନ୍ତି।

ଅନ୍ୟପଟେ ଏହି ଟ୍ରେଣ୍ଡ କେବଳ ଏକ ଷ୍ଟାଇଲ ନୁହେଁ, ବରଂ ଭରସା, ସରଳତା ଏବଂ ଭାବାବେଗ ସମ୍ବନ୍ଧର ଏକ ନୂଆ ପରିଭାଷା। ଆଜିର ସମୟରେ ଲୋକ ସବୁଠୁ ସୁନ୍ଦର ଦିଶିବା ଉପରେ ଗୁରୁତ୍ୱ ଦେଉଛନ୍ତି। ହେଲେ ଜେନ୍ ଜେଡ୍ ରିଭର୍ସ କ୍ୟାଟଫିସିଂ ସୂତ୍ରକୁ ଗ୍ରହଣ କରି ସମ୍ପର୍କକୁ ଅଧିକ ମଜଭୁତ କରିବାରେ ଲାଗିଛନ୍ତି। ତେବେ ଜେନ୍ ଜେଡ୍‌ଙ୍କ ଏ ପ୍ରକାର ସମ୍ପର୍କରେ କୌଣସି ମିଛ କିମ୍ବା ଫିଲଟର ନ ଥାଏ, ବରଂ ଥାଏ ଭାବପ୍ରବଣତା।




# ବାରମ୍ବାର ଚାକିରି ବଦଳାଉଥିଲେ

**କିଛି ଲୋକ ଏଭଳି ଅଛନ୍ତି, ଯେଉଁମାନେ ଗୋଟିଏ ସ୍ଥାନରେ ବେଶି ଦିନ ପର୍ଯ୍ୟନ୍ତ କାମ କରି ନ ଥାନ୍ତି। ସେମାନଙ୍କର ଏହି ବାରମ୍ବାର ଚାକିରି ବଦଳାଇବା ଅଭ୍ୟାସକୁ ‘ଜବ୍ ହପିଂ’ କୁହାଯାଏ। ତେବେ ଏହାର କିଛି ଖରାପ ଦିଗ ବି ଅଛି।**

- ବାରମ୍ବାର ଚାକିରି ବଦଳାଇବା ଦ୍ୱାରା ଅନ୍ୟ ନୂଆ କମ୍ପାନି ବି ସେଠାରେ ବେଶି ଦିନ ରହିବା କଥା ଭାବି ନ ଥାନ୍ତି।
- କୌଣସି କମ୍ପାନିରେ ପଦୋନ୍ନତି ଓ ଗୁରୁ ଦାୟିତ୍ୱ ମିଳିବାରେ ସମୟ ଲାଗେ।
- ବାରମ୍ବାର ଚାକିରି ବଦଳାଇଲେ ପର୍ଯ୍ୟାପ୍ତ ଅଭିଜ୍ଞତା ଓ ସୁଯୋଗ ମିଳେ ନାହିଁ।
- ମାସକ ମଧ୍ୟରେ ଚାକିରି ବଦଳାଇବା ଅଭ୍ୟାସ ଦ୍ୱାରା ନୂଆ ଜ୍ଞାନ କୌଶଳ ଅଧାରେ ରହେ।
- ନେଟୱର୍କ ଗଠନରେ ସମୟ ଲାଗେ।
- ଦୀର୍ଘ ଦିନ ଗୋଟିଏ ସ୍ଥାନରେ କାମ କରିବା ଦ୍ୱାରା ସହକର୍ମୀ, ବରିଷ୍ଠ କର୍ମଚାରୀ ଓ କମ୍ପାନି ମୁଖିଆଙ୍କ ସହିତ ଉତ୍ତମ ସମ୍ପର୍କ ସୃଷ୍ଟି ହୁଏ। ଯାହାକି ଲଗାତାର ଚାକିରି ପରିବର୍ତ୍ତନରେ ହୋଇ ନ ଥାଏ।



# ଇନଷ୍ଟାଗ୍ରାମ୍‌ର ‘ଅଟୋ ସ୍କ୍ରଲ୍’ ଫିଚର୍

ଆଜିକାଲି ଏମିତି କେହି ନାହାନ୍ତି, ଯେଉଁମାନେ ରିଲ୍ସକୁ ସ୍କ୍ରଲ୍ କରି ଦେଖୁ ନାହାନ୍ତି। ତେବେ ଇନଷ୍ଟାଗ୍ରାମ୍ ରିଲ୍ସର ମାନୁଆଲି ସ୍କ୍ରଲ ଫିଚର୍‌କୁ ଅଟୋ ସ୍କ୍ରଲ ଫିଚର୍‌ରେ ପରିବର୍ତ୍ତନ କରିଛି। ଏବେ ଏହି ପ୍ଲାଟ୍‌ଫର୍ମ ଏହି ଫିଚର୍‌କୁ ପରୀକ୍ଷା କରୁଛି। ଏହି ଫିଚର ଦ୍ୱାରା ବ୍ୟବହାରକାରୀଙ୍କୁ ରିଲ୍ସ ସ୍କ୍ରଲ କରି ଦେଖିବା ଲାଗି ଅଙ୍ଗୁଳିର ଉପଯୋଗ କରିବାକୁ ପଡ଼ିବ ନାହିଁ, ବରଂ ରିଲ୍ସ ଲଗାତାର ସେମିତି ଚାଲୁଥିବ। ଏହି ଫିଚର ସମସ୍ତଙ୍କ ଲାଗି ଉପଲବ୍ଧ ହୋଇ ନାହିଁ। କିଛି ସୀମିତ ସଂଖ୍ୟକ ବ୍ୟବହାରକାରୀଙ୍କ ଉପରେ ଏହାକୁ ଇନଷ୍ଟାଗ୍ରାମ୍ ପରୀକ୍ଷା କରୁଛି।

ଏହି ଫିଚର୍ ରିଲ୍ସ ଚଲାଇବା ଲାଗି ବ୍ୟବହାରକାରୀଙ୍କୁ ଅଟୋ ସ୍ୱାଇପ୍ କରିବାକୁ ରୋକିଥାଏ। ଏହାସହ ସ୍ୱତଃପ୍ରବୃତ୍ତ ଭାବେ ରିଲ୍ସକୁ ସ୍କ୍ରଲ କରିଥାଏ। ଯେଉଁ ବ୍ୟବହାରକାରୀ ରିଲ୍ସ ସ୍କ୍ରଲ କରିବାରେ ଅଧିକ ସମୟ ଅତିବାହିତ କରୁଥିଲେ, ସେମାନଙ୍କୁ ଏହା ଆଶ୍ୱସ୍ତି ପ୍ରଦାନ କରିବ। କେବଳ ସେତିକି ନୁହେଁ, ଏକଥା ବ୍ୟବହାରକାରୀ ଜାଣିପାରିବେ ନାହିଁ, କେତେ ସମୟ ସେମାନେ ରିଲ୍ସରେ ଅତିବାହିତ କରୁଛନ୍ତି। ଅବଶ୍ୟ ଏହା ମଧ୍ୟ ଏକପ୍ରକାର କ୍ଷତି। ଅନ୍ୟପଟେ ଏହା ସମସ୍ତଙ୍କ ପାଇଁ କେବେ ଉପଲବ୍ଧ ହେବ, ସେକଥା ସ୍ପଷ୍ଟ କରାଯାଇ ନାହିଁ।



## ଭାରତ-ଇଂଲଣ୍ଡ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର ରେକର୍ଡ

# ୧୮୬୦ ଓଭର, ୬,୭୩୬ ରନ୍, ୧୭୨ ୱିକେଟ



ନୂଆଦିଲ୍ଲୀ,୫।୮ (ଏଜେନ୍ସି)

ଭାରତ ଓ ଇଂଲଣ୍ଡ ମଧ୍ୟରେ ଶେଷ ହୋଇଛି ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍। ଏହି ସିରିଜ୍‌ରେ ଯେପରି ଉତ୍କଣ୍ଠା, ପ୍ରତିଦ୍ୱନ୍ଦ୍ୱିତା ଓ ରୋମାଞ୍ଚ ସୃଷ୍ଟି ହୋଇଥିଲା ତାହା ଖୁବ୍ କମ୍ ଟେଷ୍ଟ ସିରିଜ୍‌ରେ ଦେଖିବାକୁ ମିଳିଥାଏ। ଦୁଇ ପ୍ରତିଦ୍ୱନ୍ଦ୍ୱୀ ପରସ୍ପର ସହ ଜୋରଦାର ମୁକାବିଲା କରିଛନ୍ତି। ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସଙ୍କ ମତରେ ଏହି ସିରିଜ୍ ୨-୨ରେ ବରାବର ସ୍ଥିତିରେ ରହିବା ଯଥାର୍ଥ ହୋଇଛି। ଏହା ହେଉଛି ଏକବିଂଶ ଶତାବ୍ଦୀର ଚତୁର୍ଥ ଟେଷ୍ଟ ସିରିଜ୍ ଯେଉଁଥିରେ ସମସ୍ତ ଟେଷ୍ଟ ଗୁଡିକ ୫ମ ଦିନରେ ଶେଷ ହୋଇଛି। ଏହା ମଧ୍ୟରୁ ପ୍ରଥମଥର ଦୁଇଟି ଟେଷ୍ଟ ମ୍ୟାଚ୍‌ର ଫଳାଫଳ ୨୫ ରନ୍ ମଧ୍ୟରେ ନିର୍ଦ୍ଧାରିତ ହୋଇଛି। ଏହି ଟେଷ୍ଟ ସିରିଜ୍‌ର ପରିସଂଖ୍ୟାନକୁ ଦେଖିଲେ ଉଭୟ ଦଳ ପ୍ରାୟତଃ ସମାନସ୍ତରର ଖେଳ ପ୍ରଦର୍ଶନ କରିଛନ୍ତି ଓ ସମାନ ସଫଳତା ପାଇଛନ୍ତି। ବ୍ୟାଟିଂରେ ଭାରତ ୩୯.୭୭ ହାରରେ ରନ୍ ସଂଗ୍ରହ କରିଥିଲାବେଳେ ୩୮.୮୮ ହାରରେ ୮୪ଟି ୱିକେଟ ଅକ୍ତିଆର କରିଛି। ଅନ୍ୟପକ୍ଷରେ ଇଂଲଣ୍ଡ ୩୭.୫୭ ହାରରେ ରନ୍ ସଂଗ୍ରହ କରିଥିଲାବେଳେ ୪୧.୮୪ ହାରରେ ୮୮ଟି ୱିକେଟ ଅକ୍ତିଆର କରିଛି। ସେ ଯାହା ହେଉ ୨୫ ଦିନର ଘମାଘୋଟ ଟେଷ୍ଟ ଲଢ଼େଇରେ ମୋଟ ୧୮୬୦.୪ ଓଭର ବୋଲିଂ ହୋଇଥିଲାବେଳେ ୬୭୩୬ ରନ୍ ସଂଗୃହୀତ ହୋଇଛି। ଏଥିରେ ୧୭୨ଟି ୱିକେଟ ପତନ ଘଟିଥିଲାବେଳେ ୪୧ଟି କ୍ୟାଚ୍ ଡ୍ରପ୍ ହୋଇଛି। ତେବେ ତଥ୍ୟରୁ ଅନେକ କିଛି ରେକର୍ଡ ତଥା ଶ୍ରେଷ୍ଠ ପ୍ରଦର୍ଶନ ଦେଖିବାକୁ ମିଳିଛି।

### ■ ବ୍ୟାଟିଂକୁ ସୁହାଇଲା ଭଳି ପିଚ୍

ଇଂଲଣ୍ଡରେ ଖେଳାଯାଉଥିବା ପିଚ୍ ସାଧାରଣତଃ ପେସ୍ ବୋଲରଙ୍କୁ ସୁହାଇଥାଏ। ଏହି ପିଚ୍‌ରେ ସୁଇଂ ଓ ବାଉନ୍ସ ଦେଖିବାକୁ ମିଳିଥାଏ। କିନ୍ତୁ ଏହି ଟେଷ୍ଟ ସିରିଜ୍‌ରେ ଖେଳାଯାଇଥିବା ପିଚ୍ ଗୁଡିକ ପ୍ରାୟ ବ୍ୟାଟିଂକୁ ସୁହାଇଛି। ଯାହା ଫଳରେ ସିରିଜ୍‌ରେ ୬୭୩୬ ରନ୍ ସଂଗୃହୀତ ହୋଇଛି। ଉଭୟ ଦଳ ୧୭୨ଟି ୱିକେଟ ହରାଇଥିଲାବେଳେ ହାରହାରି ୩୯.୧୬ ହାରରେ ରନ୍ ସ୍କୋର ହୋଇଛି। ଏଥିରେ ଆଉ ଅଧିକ ୨୦ ରନ୍ ହୋଇଥିଲେ ୧୯୯୩ ଇଂଲଣ୍ଡ-ଅଷ୍ଟ୍ରେଲିଆ ମଧ୍ୟରେ ଅନୁଷ୍ଠିତ ଆସେସ ସିରିଜ୍‌ର ସର୍ବାଧିକ ରନ୍ ସଂଗ୍ରହର ରେକର୍ଡକୁ ଭାଙ୍ଗିଦେଇଥାନ୍ତା।

### ■ ବୋଲରଙ୍କ ଲାଗି କଠିନ ସମୟ



ଏହି ସିରିଜ୍‌ରେ ପିଚ୍ ବ୍ୟାଟରଙ୍କୁ ସୁହାଉଥିବା ଅର୍ଥ ବୋଲରଙ୍କ ଲାଗି କଠିନ ସମୟ ଥିଲା। ସିରିଜ୍‌ରେ ଏମାନେ ୧୮୬୦.୪ ଓଭର ବୋଲିଂ କରିଥିଲେ। ଏକବିଂଶ ଶତାବ୍ଦୀରେ ଇଂଲଣ୍ଡରେ ଅନୁଷ୍ଠିତ ଟେଷ୍ଟ ସିରିଜ୍‌ରେ ଏହା ଥିଲା ସର୍ବାଧିକ। ଏହି ସିରିଜ୍‌ରେ ଖେଳାଯାଇଥିବା ୧୯ଟି ମଧ୍ୟରୁ ୧୪ଥର ଗୋଟିଏ ଇନିଂସରେ ୩୫୦ କିମ୍ବା ତା'ଠାରୁ ଅଧିକ ରନ୍ ସଂଗୃହୀତ ହୋଇଛି। ସେହିପରି ୧୪ଥର ଗୋଟିଏ ଇନିଂସ ୮୦ କିମ୍ବା ତା'ଠାରୁ ଅଧିକ ଓଭର ଯାଏ ଖେଳାଯାଇଛି। ଉଭୟ ବିଭାଗରେ ଗୋଟିଏ ଟେଷ୍ଟ ସିରିଜ୍‌ରେ ଏହା ରେକର୍ଡ ରନ୍ ସଂଗ୍ରହ।

ସିରିଜ୍‌ରେ ଇଂଲଣ୍ଡ ସର୍ବାଧିକ ୧୦୫୨ ଓଭର ବୋଲିଂ କରିଛି। ୨୦୦୦ ପରେ ଏହା ଦଳ ଲାଗି ସର୍ବାଧିକ। ୨୦୧୭-୧୮ ପରେ ପ୍ରଥମଥର ଘରୋଇ ଦଳ ୧୦୦୦ରୁ ଅଧିକ ଓଭର ବୋଲିଂ କରିଛି। ଆହତ ହେବା ଓ ଗୋଟିଏ ଟେଷ୍ଟ ନ ଖେଳିବା ସତ୍ତ୍ୱେ ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସ ୧୪୦ ଓଭର ବୋଲିଂ କରିଛନ୍ତି। ଅନ୍ୟପକ୍ଷରେ ଭାରତ ୮୪ଟି ୱିକେଟ ନେବା ଲାଗି ମାତ୍ର ୮୦୮.୪ ଓଭର ବୋଲିଂ କରିଛି। ୱିକେଟ ପ୍ରତି ଷ୍ଟ୍ରାଇକ୍ ରେଟ ୫୭.୭ ରହିଛି। ଏହା ମଧ୍ୟରୁ ପେସ୍ ବୋଲରଙ୍କ ଷ୍ଟ୍ରାଇକ୍ ରେଟ୍ ୫୦.୭ ହୋଇଥିଲାବେଳେ ଏମାନେ ୭୦ଟି ୱିକେଟ ନେଇଛନ୍ତି। ପୂର୍ବରୁ କେବଳ ୨୦୨୪-୨୫ ଗାଭାସ୍କର-ବର୍ଡର ଟ୍ରଫିରେ ଭାରତୀୟ ପେସ୍ ବୋଲରଙ୍କ ଷ୍ଟ୍ରାଇକ୍ ରେଟ୍ ସବୁଠାରୁ କମ୍ ବା ୪୧.୮ ଥିଲା। ଭାରତୀୟଙ୍କ ମଧ୍ୟରେ ମହମ୍ମଦ୍ ସିରାଜ ସର୍ବାଧିକ ୧୧୧୩ଟି ବଲ ବୋଲିଂ କରି ସର୍ବାଧିକ ୨୩ଟି ୱିକେଟ ନେଇଛନ୍ତି। ଇଂଲଣ୍ଡର କ୍ରିସ୍ ଓକ୍ସ ମଧ୍ୟ ୧୦୦୦ ବଲ ପକାଇଛନ୍ତି। ଆହତ ହୋଇ ନ ଥିଲେ ଏହି ସଂଖ୍ୟା ବୃଦ୍ଧି ପାଇଥାନ୍ତି।

### ■ ଜାଡେଜାଙ୍କ ପ୍ରଦର୍ଶନ ଆଣିଛି ଫରକ



ନଂ-୬ ଓ ୭ରେ ଭାରତୀୟ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜାଙ୍କ ପ୍ରଦର୍ଶନ ଉଭୟ ଦଳ ମଧ୍ୟରେ ଫରକ ଆଣିଛି। ସିରିଜ୍‌ରେ ସେ ଗୋଟିଏ ଶତକ ଓ ୬ଟି ଅର୍ଦ୍ଧଶତକ ସହ ୫୧୬ ରନ୍ କରିଛନ୍ତି। ଏହି ପୋଜିସନରେ ବ୍ୟାଟିଂ କରି ଜାଡେଜା ବିଶ୍ୱର ଷଷ୍ଠ ବ୍ୟାଟର ଭାବେ ଗୋଟିଏ ସିରିଜ୍‌ରେ ୭ଥର ୫୦ କିମ୍ବା ତା'ଠାରୁ ଅଧିକ ରନ୍ ସଂଗ୍ରହ କରିଛନ୍ତି। ସବୁଠାରୁ ଉଲ୍ଲେଖନୀୟ କଥା ହେଲା ସେ ଦ୍ୱିତୀୟ ଇନିଂସରେ ମାତ୍ର ଥରେ ଆଉଟ ହୋଇଥିଲେ।

### ■ ୨୧ ସେଞ୍ଚୁରୀ ଓ ୧୯ ସେଞ୍ଚୁରୀ ପାର୍ଟନରସିପ୍

ଏହି ସିରିଜ୍‌ରେ ବ୍ୟାଟରମାନେ ୨୧ଟି ଶତକ ହାସଲ କରିଛନ୍ତି। ୧୯୫୫ ଅଷ୍ଟ୍ରେଲିଆ-ୱେଷ୍ଟଇଣ୍ଡିଜ୍ ଟୁର୍‌ରେ ହୋଇଥିବା ୨୧ଟି ଶତକ ସହ ସମାନ। ଲିଡ୍ସରେ ହ୍ୟାରୀ ବ୍ରୁକ୍ ୯୯ ରନ୍‌ରେ ଆଉଟ ହୋଇ ନ ଥିଲେ ଏହି ରେକର୍ଡ ଭାଙ୍ଗିଥାନ୍ତା। ଏହା ମଧ୍ୟରୁ ଭାରତୀୟ ବ୍ୟାଟରମାନେ ୧୨ଟି ଓ ଇଂଲଣ୍ଡର ୯ଟି ଶତକ ହାସଲ କରିଛନ୍ତି। ୧୯୯୮ ପରେ ଏହି ସିରିଜ୍‌ରେ ମଧ୍ୟ ସର୍ବାଧିକ ୧୯ଟି ସେଞ୍ଚୁରୀ ପାର୍ଟନରସିପ୍ ହୋଇଛି।

### ■ ଓପନିଂରେ ଇଂଲଣ୍ଡ ଆଗୁଆ

ଇଂଲଣ୍ଡର ଓପନର ଏହି ସିରିଜ୍‌ରେ ଭଲ ଖେଳିଛନ୍ତି। ଇଂଲଣ୍ଡର ଜ୍ୟାକ୍ କ୍ରାଲୀ ଓ ବେନ୍ ଡକେଟ ୬୫.୪୪ ହାରରେ ଓ ଭାରତୀୟ ଓପନର ଯଶସ୍ୱୀ ଜୟସ୍ୱାଲ ଓ ଲୋକେଶ ରାହୁଲ ମାତ୍ର ୩୪.୧୦ ହାରରେ ରନ୍ ସଂଗ୍ରହ କରିଛନ୍ତି। ପ୍ରଥମ ୧୦ ଓଭରରେ ଭାରତୀୟ ଓପନିଂ ଯୋଡି ୧୦ଟି ଇନିଂସ ମଧ୍ୟରୁ ୮ଥର ପ୍ରଥମ ୱିକେଟ ହରାଇଛି। କିନ୍ତୁ ଇଂଲଣ୍ଡ ୯ଟି ଇନିଂସରେ ୫ଥର ୱିକେଟ ହରାଇଛି। ଓପନିଂ ପାର୍ଟନରସିପ୍‌ରେ ଇଂଲଣ୍ଡ ୪.୩୪ ହାରରେ ଓ ଭାରତ ୩.୩୬ ହାରରେ ରନ୍ ସଂଗ୍ରହ କରିଥିଲା। ରାହୁଲ ଓ ଜୟସ୍ୱାଲ ମିଳିତଭାବେ ୪ଟି ଶତକ ହାସଲ କରିଥିଲେ ମଧ୍ୟ ଇଂଲଣ୍ଡ ଓପନିଂ ଯୋଡି ଏମାନଙ୍କଠାରୁ ଅଧିକ ରନ୍ ସଂଗ୍ରହ କରିଛନ୍ତି।

### ■ ମିଡିଲ୍ ଅର୍ଡରରେ ଭାରତର ସଫଳତା

ମିଡିଲ ଅର୍ଡର ବ୍ୟାଟିଂରେ ଭାରତ ଅଧିକ ସଫଳତା ପାଇଛି। ନଂ-୪ରୁ ୬ ବ୍ୟାଟର ଭାରତ ଲାଗି ୬୫.୬୬ ଓ ଇଂଲଣ୍ଡ ଲାଗି ୫୧.୨୬ ହାରରେ ରନ୍ ସଂଗ୍ରହ କରିଛନ୍ତି। ଭାରତ ବିପକ୍ଷରେ ରୁଟ୍ ତୃତୀୟଥର ସକାଶେ ୫୦୦ରୁ ଅଧିକ ରନ୍ କରିଥିଲେ ମଧ୍ୟ ଭାରତର ଶୁବମନ ଗିଲ୍ ଅଧିନାୟକ ଭାବେ ସର୍ବାଧିକ ୭୫୪ ରନ୍ ସଂଗ୍ରହ କରି ତାଙ୍କୁ ପଛରେ ପକାଇଛନ୍ତି। ନଂ-୫ରେ ହ୍ୟାରୀ ବ୍ରୁକ୍ ୫୫.୬୬ ଓ ଭାରତର ଋଷଭ ପନ୍ତ୍ ୪ଟି ଟେଷ୍ଟରେ ୬୮.୪୨ ରନ୍ ସଂଗ୍ରହ କରି ଆଗରେ ରହିଛନ୍ତି।

### ■ ୪୧ଟି କ୍ୟାଚ୍ ଡ୍ରପ୍, ୬୩ ଡିଆର୍‌ଏସ୍

ଏହି ସିରିଜ୍‌ରେ ଉଭୟ ଦଳ ପାଇଥିବା ସୁଯୋଗକୁ ହାତଛଡ଼ା କରିଛନ୍ତି। ଫଳରେ ସିରିଜ୍‌ରେ ୪୧ଟି କ୍ୟାଚ୍ ଡ୍ରପ୍ ହୋଇଛି। ୨୦୧୮ ପରେ ଏହା ସର୍ବାଧିକ। କ୍ୟାଚ୍ ଡ୍ରପ୍‌ରେ ପ୍ରଥମ ୪ଟି ମଧ୍ୟରୁ ଭାରତ-ଇଂଲଣ୍ଡ ମଧ୍ୟରେ ୩ଟି ସିରିଜ୍ ରହିଛି। ଅନ୍ୟ ଦୁଇଟି ସିରିଜ୍ ମଧ୍ୟରୁ ୨୦୨୧-୨୨ରେ ୩୭ଟି ଓ ୨୦୧୮ରେ ୩୨ଟି କ୍ୟାଚ୍ ଡ୍ରପ୍ ହୋଇଥିଲା। ଏହି ୪୧ଟି ମଧ୍ୟରୁ ଭାରତ ସର୍ବାଧିକ ୨୩ଟି କ୍ୟାଚ୍ ଡ୍ରପ୍ କରିଛି।

**ଡିଆର୍‌ଏସ୍** : ଏହି ସିରିଜ୍‌ରେ ଅମ୍ପାୟାରଙ୍କ ନିଷ୍ପତ୍ତିକୁ ୬୩ଥର ଚ୍ୟାଲେଞ୍ଜ କରାଯାଇଛି। ଏହା ମଧ୍ୟରୁ ୬୯.୮ ଶତକଡ଼ା ବା ୪୪ଟି ରିଭ୍ୟୁ କାଟ୍ ଖାଇଯାଇଥିଲା। ଏହା ଫଳରେ ଅମ୍ପାୟାରଙ୍କ ଲାଗି ଏହା ସଫଳ ସିରିଜ୍ ଭାବେ ବିବେଚିତ ହୋଇଛି। ୪୪ଟି ମଧ୍ୟରୁ ଭାରତ ନେଇଥିବା ୨୪ଟି ରିଭ୍ୟୁ ବ୍ୟର୍ଥ ହୋଇଥିଲା। ଉଭୟ ଦଳ ବୋଲିଂ କରୁଥିଲାବେଳେ ୨ଥର ଲେଖାଏଁ ଅମ୍ପାୟାର ଦେଇଥିବା ଏଲବିଡବ୍ଲ୍ୟୁ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ସଫଳ ହୋଇଥିଲେ।

## ମେସି ଓ ଆର୍ଜେଣ୍ଟିନା ଦଳର କେରଳ ଗସ୍ତ ବାତିଲ



ଥିରୁଅନନ୍ତପୁରମ, ୫।୮ (ଏଜେନ୍ସି): ବିଶ୍ୱର ଅନ୍ୟତମ ମହାନ ଫୁଟ୍‌ବଲ ଖେଳାଳି ଲିଓନେଲ୍ ମେସି ଓ ତାଙ୍କ ଆର୍ଜେଣ୍ଟିନା ଦଳ ଚଳିତ ବର୍ଷ ଅକ୍ଟୋବରରେ କେରଳ ଗସ୍ତରେ ଆସିବାର ଥିଲା। କିନ୍ତୁ ମେସିଙ୍କ ଏହି ଗସ୍ତ ଏବେ ବାତିଲ ହୋଇଯାଇଛି। କେରଳ କ୍ରୀଡ଼ାମନ୍ତ୍ରୀ ଭି. ଅବଦୁରହିମନ ଏହା ସ୍ପଷ୍ଟ କରିଛନ୍ତି। ଭାରତର ଅସଂଖ୍ୟ ଫୁଟ୍‌ବଲ୍ ପ୍ରେମୀଙ୍କ ଲାଗି ଏହା ଏକ ଦୁଃଖଦ ଖବର। ମେସି ଓ ତାଙ୍କ ଆର୍ଜେଣ୍ଟିନା ଦଳ ଚଳିତ ବର୍ଷ କେରଳ ଗସ୍ତରେ ଆସିବେ ନାହିଁ। ଆର୍ଜେଣ୍ଟିନା ଦଳ କେରଳରେ ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳିଥାନ୍ତା। ଏଥିଲାଗି ପ୍ରାୟୋଜକ ପାଉଣା ପ୍ରଦାନ କରିସାରିଥିଲେ। କିନ୍ତୁ ଅକ୍ଟୋବରରେ କାର୍ଯ୍ୟବ୍ୟସ୍ତତାକୁ ନଜରରେ ରଖି ଆର୍ଜେଣ୍ଟିନା ଦଳ କେରଳ ଆସିବାକୁ ମନା କରିଦେଇଥିବା ଜଣାପଡ଼ିଛି।

## ବିଏଫ୍‌ଆଇ ନିର୍ବାଚନ ଲଢ଼ିବେ ଅନୁରାଗ

ନୂଆଦିଲ୍ଲୀ,୫।୮ (ଏଜେନ୍ସି): ବକ୍ସିଂ ଫେଡେରେସନ ଅଫ୍ ଇଣ୍ଡିଆର (ବିଏଫ୍‌ଆଇ)ର ନିର୍ବାଚନ ଆସନ୍ତା ୨୧ ତାରିଖରେ ଅନୁଷ୍ଠିତ ହେବ। ୱାର୍ଲ୍ଡ ବକ୍ସିଂ ଦ୍ୱାରା ଅନୁମୋଦିତ ଏହି ନିର୍ବାଚନ ଲାଗି ହିମାଚଳ ପ୍ରଦେଶ ବକ୍ସିଂ ସଂଘ ପକ୍ଷରୁ ପୂର୍ବତନ କ୍ରୀଡ଼ା ମନ୍ତ୍ରୀ ଅନୁରାଗ ସିଂ ଠାକୁର ଓ ସଭାପତି ରାଜେଶ ଭଣ୍ଡାରିଙ୍କୁ ଭୋଟ ଦେବାକୁ ସ୍ୱୀକୃତି ଦେଇଛନ୍ତି। ଏହା ସହ ପୂର୍ବତନ ସଭାପତି ଅଜୟ ସିଂଙ୍କ ନେତୃତ୍ୱରେ ଗଠିତ ବିଏଫ୍‌ଆଇର ମଧ୍ୟବର୍ତ୍ତିକାଳୀନ କମିଟି ସମ୍ବିଧାନରେ ଯେଉଁ ପରିବର୍ତ୍ତନ ଆଣିଛନ୍ତି ତାହା ବିରୋଧରେ ହିମାଚଳ ସଂଘ ନ୍ୟାୟାଳୟରେ ଆଶ୍ରୟ ନେଇଛନ୍ତି।

## ଖୋର୍ଦ୍ଧା ଜିଲ୍ଲା ବରିଷ୍ଠ ଚେସ୍ ଶନିବାର

ଭୁବନେଶ୍ୱର, ୫।୮ (ସମିସ): ଖୋର୍ଦ୍ଧା ଜିଲ୍ଲା ବରିଷ୍ଠ ଚେସ୍ ପ୍ରତିଯୋଗିତା ଘାଟିକିଆସ୍ଥିତ ଏପିଜେ ପବ୍ଲିକ୍ ସ୍କୁଲ୍ ପରିସରରେ ଶନିବାର ଓ ରବିବାର ଦୁଇଦିନ ଧରି ଖେଳାଯିବ। ଏଥିରେ କେବଳ ଖୋର୍ଦ୍ଧା ଜିଲ୍ଲାର ଖେଳାଳି ଭାଗନେଇପାରିବେ ଓ କୃତୀ ପ୍ରତିଯୋଗୀମାନଙ୍କୁ ୫୦,୦୦୦ ଟଙ୍କାର ପୁରସ୍କାର ପ୍ରଦାନ କରାଯିବ। ଏଥିରେ ପ୍ରଥମ ୧୫ଟି ସ୍ଥାନରେ ଥିବା ଖେଳାଳି, ଏଜ୍ ଗ୍ରୁପ୍ ଓ ଅନ୍ୟ ବିଭାଗର ଖେଳାଳିଙ୍କୁ ମଧ୍ୟ ପୁରସ୍କାର ଦିଆଯିବ। ଏଥିରେ ଭାଗନେବାକୁ ଆଗ୍ରହୀ ଥିବା ଖେଳାଳିମାନେ ୬୦୦ ଟଙ୍କାର ଏଣ୍ଟ୍ରି ଫି ସହ ଖୋର୍ଦ୍ଧା ଜିଲ୍ଲା ଚେସ ସଂଘର ସଦସ୍ୟ ସ୍ୱୟଂଶୁ ସତ୍ୟକାମ, ଡଃ ସୁଶାନ୍ତ ଷଡଙ୍ଗୀ କିମ୍ବା ଦୀପକ ପାତ୍ରଙ୍କୁ ୭ ତାରିଖ ସୁଦ୍ଧା ଯୋଗାଯୋଗ କରିବାକୁ ଜିଲ୍ଲା ଚେସ ସଂଘ ସମ୍ପାଦକ ଶୁଭାଶିଷ ପଟ୍ଟନାୟକ ଅନୁରୋଧ କରିଛନ୍ତି।

## ଜାତୀୟ ସବ୍‌ଜୁନିଅର ବାଳକ ହକି | କ୍ୱାର୍ଟରରେ ଅଟକିଗଲା ଓଡ଼ିଶା



ଭୁବନେଶ୍ୱର, ୫।୮ (ସମିସ): ଚେନ୍ନଇରେ ଚାଲିଥିବା ଜାତୀୟ ସବ୍‌ଜୁନିଅର ବାଳକ ହକି ଚାମ୍ପିଅନସିପ୍ (ଡିଭିଜନ-ଏ)ରେ ଓଡ଼ିଶା କ୍ୱାର୍ଟର ଫାଇନାଲରେ ଅଟକିଯାଇଛି। ମଙ୍ଗଳବାର ଅନୁଷ୍ଠିତ ୨ୟ କ୍ୱାର୍ଟର ଫାଇନାଲରେ ଓଡ଼ିଶା ୩-୪ ଗୋଲ୍‌ରେ ପଞ୍ଜାବ ନିକଟରୁ ପରାସ୍ତ ହୋଇଛି। ଓଡ଼ିଶା ପକ୍ଷରୁ ମନଦୀପ୍ କେରକେଟ୍ଟା ହ୍ୟାଟ୍ରିକ ଗୋଲ୍ ଦେଇଥିଲେ ମଧ୍ୟ ଦଳକୁ ସେମିଫାଇନାଲରେ ପହଞ୍ଚାଇ ପାରି ନ ଥିଲେ। ମ୍ୟାଚ୍ ଶେଷ ହେବାକୁ ୨ ମିନିଟ୍ ଥିବାବେଳେ ପଞ୍ଜାବର ସୁଖଦେବ ସିଂହ ନିର୍ଣ୍ଣାୟକ ୪ର୍ଥ ଗୋଲ୍ ଦେଇ ଦଳକୁ ରୋମାଞ୍ଚକ ବିଜୟ ଭେଟି ଦେଇଥିଲେ। ଅନ୍ୟ ୩ଟି କ୍ୱାର୍ଟର ଫାଇନାଲରେ ଉତ୍ତରପ୍ରଦେଶ, ଝାଡ଼ଖଣ୍ଡ ଓ ମଧ୍ୟପ୍ରଦେଶ ବିଜୟୀ ହୋଇ ସେମିଫାଇନାଲକୁ ଉଠିଛନ୍ତି।

## ଜୁନିଅର ମହିଳା ହକିରେ ଓଡ଼ିଶାର ବିଜୟ ଅଭିଯାନ




ଭୁବନେଶ୍ୱର, ୫।୮ (ସମିସ): ଆନ୍ଧ୍ର ପ୍ରଦେଶର କାକିନାଡ଼ାଠାରେ ଚାଲିଥିବା ୧୫ତମ ଜାତୀୟ ଜୁନିଅର ମହିଳା ହକିର ଏ' ଡିଭିଜନ ମ୍ୟାଚ୍ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ଏଥିରେ ପୁଲ୍-ଡି'ରେ ସ୍ଥାନ ପାଇଥିବା ଓଡ଼ିଶା ମହିଳା ଦଳ ସହଜ ବିଜୟରୁ ଅଭିଯାନ ଆରମ୍ଭ କରିଛି। ପ୍ରଥମ ମ୍ୟାଚରେ ଓଡ଼ିଶା ୩-୧ ଗୋଲ୍‌ରେ ଘରୋଇ ଆନ୍ଧ୍ର ପ୍ରଦେଶକୁ ପରାସ୍ତ କରିଛି। ସୁରେଖା ବହଲ, କରୁଣା ମିଞ୍ଜ ଓ ଦ୍ରୁପତି ନାୟକ ଓଡ଼ିଶା ପାଇଁ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ପ୍ରଭାବୀ ପ୍ରଦର୍ଶନ ଲାଗି ଓଡ଼ିଶାର ସୁରେଖାଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ଏହାର ଶେଷ ପୁଲ୍ ମ୍ୟାଚରେ ବୁଧବାର ମହାରାଷ୍ଟ୍ରକୁ ଭେଟିବ। ଏହି ମ୍ୟାଚରେ ଓଡ଼ିଶା ବିଜୟୀ ହେଲେ କ୍ୱାର୍ଟର ଫାଇନାଲକୁ ଯୋଗ୍ୟତା ଅର୍ଜନ କରିବ।

## ଛେତ୍ରୀଙ୍କ ସମେତ ସମସ୍ତ ବେଙ୍ଗାଲୁରୁ ଏଫ୍‌ସି ଖେଳାଳିଙ୍କ ଦରମା ବନ୍ଦ




ବେଙ୍ଗାଲୁରୁ, ୫।୮ (ଏଜେନ୍ସି): ଭାରତୀୟ ଘରୋଇ ଫୁଟ୍‌ବଲର ସର୍ବଶ୍ରେଷ୍ଠ ପ୍ରତିଯୋଗିତା ଇଣ୍ଡିଆନ୍ ସୁପର୍ ଲିଗ୍ (ଆଇଏସ୍‌ଏଲ୍)ର ଆଗାମୀ ୨୦୨୫-୨୬ ସିଜନକୁ ନେଇ ଅନିଶ୍ଚିତତା ଜାରି ରହିଛି। ଏହାରି ମଧ୍ୟରେ ଆଇଏସ୍‌ଏଲ୍ ଫ୍ରାଞ୍ଚାଇଜ ବେଙ୍ଗାଲୁରୁ ଏଫ୍‌ସି ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛି। କିମ୍ବଦନ୍ତୀ ଖେଳାଳି ସୁନିଲ ଛେତ୍ରୀଙ୍କ ସମେତ ବେଙ୍ଗାଲୁରୁ ଏଫ୍‌ସିର ସମସ୍ତ ଖେଳାଳିଙ୍କ ଦରମାକୁ ସ୍ଥଗିତ ରଖାଯାଇଛି। ବେଙ୍ଗାଲୁରୁ ଏଫ୍‌ସି ପକ୍ଷରୁ ଜାରି ବିବୃତିରେ କୁହାଯାଇଛି, 'ଆଇଏସ୍‌ଏଲ୍‌ର ଭବିଷ୍ୟତକୁ ନେଇ ଅନିଶ୍ଚିତତା ଦେଖାଦେଇଛି। ଯେଉଁଥି ପାଇଁ ଫ୍ରାଞ୍ଚାଇଜ ଏହାର ସମସ୍ତ ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ଙ୍କ ଦରମାକୁ ସ୍ଥଗିତ ରଖିବା ଭଳି କଷ୍ଟସାଧ୍ୟ ନିଷ୍ପତ୍ତି ନେଇଛି। ଏହି ନିଷ୍ପତ୍ତି କେବଳ ବେଙ୍ଗାଲୁରୁର ପ୍ରଥମ ଦଳର ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ଙ୍କ ପାଇଁ ଲାଗୁ ହୋଇଛି। ଭାରତରେ ଏକ ଫୁଟ୍‌ବଲ କ୍ଲବ ଚଳାଇବା ଓ ଏହାକୁ ବଜାୟ ରଖିବା ସର୍ବଦା କଷ୍ଟକର ହୋଇଥାଏ। ତଥାପି ଆମେ ସିଜନ ପରେ ସିଜନ ଆଗେଇ ଚାଲିଥିଲୁ। କିନ୍ତୁ ଆଇଏସ୍‌ଏଲ୍‌ର ଭବିଷ୍ୟତ ସମ୍ପର୍କରେ ସ୍ପଷ୍ଟତାର ଅଭାବ ଯୋଗୁ ଆମ ପାଖରେ ଏହି ପଦକ୍ଷେପ ନେବା ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ନ ଥିଲା। ଆମେ ଆଶା କରୁଛୁ ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ ଓ ଆଇଏସ୍‌ଏଲ୍ ଆୟୋଜକ ଏଫ୍‌ଏସ୍‌ଡିଏଲ୍ ମଧ୍ୟରେ ଖୁବଶୀଘ୍ର ସମାଧାନ ବାହାରିଯାଉ' ବୋଲି ବେଙ୍ଗାଲୁରୁ ଫ୍ରାଞ୍ଚାଇଜ ପକ୍ଷରୁ ଜାରି ହୋଇଥିବା ବିବୃତିରେ ଏହା କୁହାଯାଇଛି। ଉଲ୍ଲେଖଯୋଗ୍ୟ, ଦୁଇ ଦିନ ତଳେ ଭୁବନେଶ୍ୱରଭିତ୍ତିକ ଦଳ ଓଡ଼ିଶା ଏଫ୍‌ସି ମଧ୍ୟ ସମାନ କାରଣ ଲାଗି ଏହାର ସମସ୍ତ ଖେଳାଳିଙ୍କ ସହ ଚୁକ୍ତି ବାତିଲ କରିଥିଲା।

## ଜାତୀୟ ମାଷ୍ଟର ଶକ୍ତିଉତ୍ତୋଳନରେ ଓଡ଼ିଶାକୁ ୫ ପଦକ

ଭୁବନେଶ୍ୱର, ୫।୮ (ସମିସ)



କେରଳର କୋଜିକୋଡ଼ରେ ଅନୁଷ୍ଠିତ ଜାତୀୟ ମାଷ୍ଟର ଶକ୍ତିଉତ୍ତୋଳନ ପ୍ରତିଯୋଗିତାରେ ଓଡ଼ିଶା ୫ ପଦକ ଜିତିବାରେ ସଫଳ ହୋଇଛି। ଯେଉଁଥିରେ ଗୋଟିଏ ସ୍ୱର୍ଣ୍ଣ ଓ ୪ଟି ରୌପ୍ୟ ପଦକ ରହିଛି। ମାଷ୍ଟର-୨'ର ୯୩ କିଗ୍ରା ବିଭାଗରେ ବାବୁଲା ସାମଲ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ସେହିଭଳି ୬୬ କିଗ୍ରାରେ ଗୋପାଳ ଚନ୍ଦ୍ର ଦାସ, ମାଷ୍ଟର-୩'ର ୭୪ କିଗ୍ରାରେ ବଇବ କୁମାର ତାଣ୍ଡି, ମହିଳା ମାଷ୍ଟର-୨'ର ୭୪ କିଗ୍ରାରେ ଶର୍ମିଷ୍ଠା ସେନାପତି ଓ ମାଷ୍ଟର-୧'ର ୮୪ କିଗ୍ରାରୁ ଉର୍ଦ୍ଧ୍ୱ ବିଭାଗରେ ଭାରତୀ ମହାପାତ୍ର ରୌପ୍ୟ ପଦକ ଜିତିଥିଲେ। ଏହି ପ୍ରତିଯୋଗିତାରେ ଓଡ଼ିଶାରୁ ୧୮ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ରାକେଶ ଶତପଥୀ ଦଳର ପ୍ରଶିକ୍ଷକ ଓ ମ୍ୟାନେଜର ଭାବେ କାର୍ଯ୍ୟ ତୁଲାଇଥିଲେ। ଏହି ସଫଳତା ଲାଗି ଓଡ଼ିଶା ଶକ୍ତିଉତ୍ତୋଳକ ସଂଘର ସମ୍ପାଦକ ହରିପ୍ରସାଦ ପଟ୍ଟନାୟକଙ୍କ ସମେତ ସମସ୍ତ କର୍ମକର୍ତ୍ତା କୃତୀ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS